

ହାଇକୋର୍ଟର ଦ୍ୱାରସ୍ଥ ହେଲେ ସିସୋଦିଆ | ୧୦

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar

GET IT ON Google Play | Download on the App Store



ପ୍ରଶଂସକଙ୍କୁ ଠେଲିଦେଲେ କିଙ୍ଗ ଖାନ୍ | ୧୨

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ବିଂଶତମ ବର୍ଷ ସଂଖ୍ୟା-୪୨ Vol. 20 No-42 04 MAY 2023 THURSDAY BHUBANESWAR ଗୁରୁବାର, ୦୪ ମଇ ୨୦୨୩ ପୃଷ୍ଠା-୧୨ ମୂଲ୍ୟ: ୭.୦୦

## ସଂକ୍ଷେପରେ...

### ୩ ବରିଷ୍ଠ ଆଇପିଏସ୍‌ଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୩।୫(ଭାସ୍କର ନ୍ୟୁଜ): ବୁଧବାର ରାଜ୍ୟ ସରକାର ୩ ବରିଷ୍ଠ ଆଇପିଏସ୍‌ଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି । ସେମାନେ ହେଲେ ଆଇପିଏସ୍ ସୁଧାଂଶୁ ଷଡ଼ଙ୍ଗୀ, ଅରୁଣ ଷଡ଼ଙ୍ଗୀ ଓ କେନ୍ଦ୍ରୀୟ ଡେପୁଟେସନରେ ଥିବା ୱାଇ.ବି.ଖୁରାନିଆ ।

### ସମୁଦ୍ରରେ ବୁଡ଼ି ୨ ପର୍ଯ୍ୟଟକ ମୃତ

ପୁରୀ,୩।୫(ଭାସ୍କର ନ୍ୟୁଜ): ପୁରୀ ସମୁଦ୍ରରେ ଗାଧୋଇବାବେଳେ ବୁଧବାର ଏକ ବଡ଼ ଧରଣର ଅଘଟଣ ଘଟିଛି । ସମୁଦ୍ର ଲହରୀରେ ଭାସିଯାଇ ଦୁଇଜଣ ପର୍ଯ୍ୟଟକ ମୃତ୍ୟୁବରଣ କରିଥିବାବେଳେ ଅନ୍ୟଜଣେ ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସମସ୍ତେ ପଶ୍ଚିମବଙ୍ଗର ବୋଲି ସୂଚନା ମିଳିଛି ।

### ଏନକାଉଣ୍ଟରରେ ୨ ଆତଙ୍କୀ ନିହତ

ଶ୍ରୀନଗର,୩।୫: ବୁଧବାର ଜାମ୍ମୁକାଶ୍ମୀରର କୁପ୍‌ୱାଡ଼ା ପିଚନାଡ ମଛିଲ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୨ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି । ସୁରକ୍ଷାକର୍ମୀ ସର୍ଚ୍ଚ ଅପରେସନ ଚାଲୁ ରଖିଥିବାବେଳେ ଏହି ଆତଙ୍କବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ । ସୁରକ୍ଷା କର୍ମୀ ଏହାର ପାଲଟା ଜବାବ ଦେଇଥିଲେ ।

### ଭୁଶୁଡ଼ିଲା ବ୍ରିଟିଶ ଅମଳର ବ୍ରିଜ୍

ଇଛାପୁରମ୍,୩।୫: ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଇଛାପୁରମରେ ୧୯୨୯ ମସିହାରେ ବ୍ରିଟିଶ ସରକାର ବାହୁଦା ନଦୀ ଉପରେ ନିର୍ମାଣ କରିଥିବା ବ୍ରିଜ୍‌ଟି ବୁଧବାର ଭୁଶୁଡ଼ି ପଡ଼ିଛି । ଏକ ଗ୍ରାନାଇଟ୍ ବୋଝେଇ ଟ୍ରକ୍ ଯିବାବେଳେ ଏହି ବ୍ରିଜ୍‌ଟି ଭୁଶୁଡ଼ି ପଡ଼ିଥିଲା । ଏଥିରେ ଡ୍ରାଇଭର ଆହତ ହୋଇଥିବା ସୂଚନା ମିଳିଛି ।

ସେନ୍‌ସେକ୍ସ: ୬୧,୧୯୩.୩୦
ତାପମାତ୍ରା: ଭୁବନେଶ୍ୱର
ସର୍ବାଧିକ: ୩୩ଡିଗ୍ରୀ
ସର୍ବନିମ୍ନ: ୨୫ ଡିଗ୍ରୀ

**୩।୫ର ମତାମତ**

ନାକ୍ ମାନ୍ୟତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ତଳକୁ ଖସିବା କାରଣ ଖୋଜିବା ଜରୁରି ନୁହେଁ କି?




**ଆଜିର ପ୍ରସଙ୍ଗ**

ସମଲିଙ୍ଗୀ ବିବାହ ପ୍ରସଙ୍ଗରେ କେନ୍ଦ୍ର ସରକାର କମିଟି ଗଠନ କରିବା ଠିକ୍ କି?

ମତାମତ ଦେବା ପାଇଁ ଲଗ୍‌ଇନ୍ କରନ୍ତୁ
www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଏବେଠୁ ନେତାଏ ପାଗ ଭିଡ଼ିଲେଣି
ମାଡ଼ି ଆସୁଅଛି ଚବିଶି
କେମିତି ଭୋଅଟ ଆଦାୟ କରିବେ
ମାରନ୍ତି ଚାରିଶ ବିଇଶି
ଭୋଟର ବଜାଏ ବଂଇଶୀ
ପାଣିପାଗ ଦେଖି ତାନ ଛାଡୁଥିବି
ନେତାଙ୍କ ଉଡ଼ିବ ଫକାଶୀ

## କ୍ରେମ୍‌ଲିନ ଉପରେ ଡ୍ରୋନ୍ ଆକ୍ରମଣ

# ପୁଟିନଙ୍କୁ ହତ୍ୟା ଉଦ୍ୟମ !



ମସ୍କୋ,୩।୫: ଘମାଘୋଟ ହେବକି ରୁଷ-ୟୁକ୍ରେନ ଯୁଦ୍ଧ! ନିର୍ଣ୍ଣାୟକ ଆକ୍ରମଣ କରିବ କି ରୁଷ ସେନା। ରୁଷ-ୟୁକ୍ରେନ ଯୁଦ୍ଧ ଭିତରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ହତ୍ୟା ଉଦ୍ୟମ । ରାଷ୍ଟ୍ରପତି ଭବନ କ୍ରେମଲିନ ଉପରେ ଡ୍ରୋନ ଆକ୍ରମଣ । ରାଷ୍ଟ୍ରପତି ପୁଟିନଙ୍କୁ ୟୁକ୍ରେନ ହତ୍ୟା ଉଦ୍ୟମ କରିଥିବା ନେଇ ସାଂଘାତିକ ଅଭିଯୋଗ ଆଣିଛି ରୁଷ । ୟୁକ୍ରେନ ପକ୍ଷରୁ

- ରାଷ୍ଟ୍ରପତି ପୁଟିନ ସଂପୂର୍ଣ୍ଣ ସୁରକ୍ଷିତ
- ଡ୍ରୋନ ଉଡାଣ ଉପରେ ରୋକ୍
- ୟୁକ୍ରେନ ପକ୍ଷରୁ ଆକ୍ରମଣ ଅଭିଯୋଗ
- ଆମର କୌଣସି ହାତ ନାହିଁ: ୟୁକ୍ରେନ
- କାହାକୁ ବି ଛଡ଼ାଯିବ ନାହିଁ: ପୁଟିନ

ପୁଟିନଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଡ୍ରୋନ ଯୋଗେ ଆକ୍ରମଣ କରାଯାଇଥିବା ରୁଷ ପକ୍ଷରୁ ଅଭିଯୋଗ କରାଯାଇଛି । ଏହି ଡ୍ରୋନ ଆକ୍ରମଣର ଭିଜୁଆଲ ମଧ୍ୟ ସିସିଟିଭିରେ କଏଦ ହୋଇଛି । ଆକ୍ରମଣ କରିଥିବା ଦୁଇଟି ଡ୍ରୋନକୁ ରୁଷ ସେନା ଗୁଳିକରି ଖସାଇ ଦେଇଥିବା ରୁଷ ପକ୍ଷରୁ କୁହାଯାଇଛି । ଅନ୍ୟପକ୍ଷରେ ରୁଷର ଅଭିଯୋଗକୁ ୟୁକ୍ରେନ ପକ୍ଷରୁ ଖଣ୍ଡନ କରାଯାଇ କୁହାଯାଇଛି ଯେ ଏହି ଆକ୍ରମଣ ପଛରେ ଆମର କୌଣସି ହାତ ନାହିଁ । ରୁଷ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଷ୍ଟ୍ରପତି ପୁଟିନଙ୍କୁ ହତ୍ୟା କରିବା ପାଇଁ ୟୁକ୍ରେନ ପକ୍ଷରୁ ଯୋଜନା କରାଯାଇ ଦୁଇଟି ଡ୍ରୋନ ପଠାଯାଇଥିଲା । ଏହି ଦୁଇଟି ଡ୍ରୋନ ରାଷ୍ଟ୍ରପତି ଭବନ କ୍ରେମଲିନ ଉପରେ ଲକ୍ଷ୍ୟଭେଦ କରିବାକୁ ଚେଷ୍ଟା କରିଥିଲେ । ତେବେ କୌଣସି ଅଘଟଣ ଘଟିବା ପୂର୍ବରୁ ରୁଷ ସେନା ପକ୍ଷରୁ ଦୁଇଟିଯାକ ଡ୍ରୋନକୁ ଗୁଳିକରି ଧ୍ୱଂସ କରିଦିଆଯାଇଛି । ଡ୍ରୋନ ଧ୍ୱଂସ ଓ କ୍ରେମଲିନ ପାଖରେ ଧୂଆଁ ବାହାରୁଥିବା ଭିଡିଓ ଜାରି କରି ରୁଷ ପକ୍ଷରୁ ଏପରି ଦାବି କରାଯାଇଛି । ରୁଷ ପକ୍ଷରୁ କୁହାଯାଇଛି ଯେ ଏହି ଆକ୍ରମଣ ଘଟଣାରେ ଯିଏ • ପୃଷ୍ଠା ୮ ଦେଖନ୍ତୁ

## ଆଇଏମ୍‌ଡି ଡିଜିଙ୍କ ସୂଚନା

# ୯ରେ ବାତ୍ୟା ସମ୍ଭାବନା





- ୬ରେ ଘୂର୍ଣ୍ଣିବଳୟ, ୭ରେ ଲଘୁଚାପ କ୍ଷେତ୍ର
- ସ୍ପଷ୍ଟ ହୋଇନି ବାତ୍ୟାର ଗତିପଥ, ତୀବ୍ରତା
- ୭ରୁ ସମୁଦ୍ର ଅଶାନ୍ତ, ମତ୍ସ୍ୟଜୀବୀଙ୍କୁ ଯିବା ମନା
- ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ନାହିଁ
- ମୁକାବିଲା ପାଇଁ ସରକାର ପ୍ରସ୍ତୁତ: ରାଜସ୍ୱ ମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୩।୫ (ବ୍ୟୁରୋ): ୬ ତାରିଖ ବେଳକୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ୭ ତାରିଖରେ ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବା ପରେ କ୍ରମଶଃ ଘନୀଭୂତ ହୋଇ ୮ ତାରିଖ ବେଳକୁ ଅବପାତର ରୂପ ନେବା ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚନା ଦେଇଛନ୍ତି । ସେ କହିଛନ୍ତି ଲଘୁଚାପଟି କ୍ରମେ ଘନୀଭୂତ ହୋଇ ୮ ତାରିଖରେ ଅବପାତର ରୂପ ନେବା ପରେ ଉତ୍ତର ଦିଗକୁ ଗତି କରିବ । ପରେ ଏହା ଅଧିକରୁ ଅଧିକ ଘନୀଭୂତ ହୋଇ ୯ ତାରିଖ ବେଳକୁ ବାତ୍ୟାର ରୂପ ନେବାର ସମ୍ଭାବନା ରହିଥିବା ଶ୍ରୀ ମହାପାତ୍ର କହିଛନ୍ତି । ତେବେ ବାତ୍ୟାର ଗତିପଥ କେଉଁ ଆଡ଼କୁ ରହିବ ଓ ଏହାର ତୀବ୍ରତା କେତେ ରହିବ ସେନେଇ କିଛି ସ୍ପଷ୍ଟ ହୋଇନାହିଁ । ତେବେ ୭ ତାରିଖରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ପରେ ଏନେଇ ସ୍ପଷ୍ଟ ସୂଚନା ଦିଆଯାଇ ପାରିବ ବୋଲି ସେ କହିଥିଲେ । ବର୍ତ୍ତମାନ ଓଡ଼ିଶା ପାଇଁ କୌଣସି ସତର୍କ ସୂଚନା ନଥିବା ସେ ସ୍ପଷ୍ଟ କରିଥିଲେ । ତେଣୁ ଓଡ଼ିଶାବାସୀ ଭୟଭୀତ ନ ହେବା ପାଇଁ ସେ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷରେ ବାତ୍ୟା ସମ୍ଭାବନା ରହିଥିବାରୁ ୭ ତାରିଖ ଠାରୁ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ନ ଯିବା ପାଇଁ ବାରଣ କରାଯାଇଛି । ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି ଓ ସ୍ଥଳ ବିଶେଷରେ ୬୦ କି.ମି ରହିବ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି ରାଜ୍ୟରେ ଆହୁରି ୪ ଦିନ କାଳବୈଶାଖୀ ବର୍ଷା ଜାରି ରହିବ । ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବ । ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି । • ପୃଷ୍ଠା ୮ ଦେଖନ୍ତୁ

## ଆଜି ଜନ୍ମମାଟିକୁ ଆସୁଛନ୍ତି ମହାମହିମ

# ପ୍ରସ୍ତୁତି ଚୂଡ଼ାନ୍ତ, ସୁରକ୍ଷା କଡ଼ାକଡ଼ି



ବାରିପଦା/ରାଇରଙ୍ଗପୁର,୩।୫(ଭାସ୍କର ନ୍ୟୁଜ): ରାଷ୍ଟ୍ରପତି ହେବା ପରେ ନିଜ ଜନ୍ମମାଟିକୁ ପ୍ରଥମ ଥର ପାଇଁ ଆସୁଛନ୍ତି ମହାମହିମ ଦ୍ରୌପଦୀ ମୁର୍ମୁ। ଆସନ୍ତା ୪ ତାରିଖ ଗୁରୁବାର ପୂର୍ବାହ୍ନ ୧୦.୧୫ରେ ଶ୍ରୀମତୀ ମୁର୍ମୁ ମୟୂରଭଞ୍ଜର ବାଦାମପାହାଡ଼ରେ ପହଞ୍ଚିବେ। ୧୦.୪୦ରେ ସେ ନିଜ ଜନ୍ମମାଟି ପାହାଡ଼ପୁରରେ ପହଞ୍ଚିବାର କର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହାପରେ ସ୍ୱର୍ଗତ ସ୍ୱାମୀ ଶ୍ୟାମଚରଣ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଶ୍ରୀମତୀ ମୁର୍ମୁ ଗୋଷାଣୀ ଯାଇ ସେଠାରେ କମ୍ୟୁନିଟି ସେଣ୍ଟରର ଲୋକାର୍ପଣ କରିବା ସହ ଦକ୍ଷତା ବିକାଶ କେନ୍ଦ୍ରର ମଧ ଲୋକାର୍ପଣ କରିବେ। ଏଥିସହ ସ୍କୁଲ ଛାତ୍ରଛାତ୍ରୀ ଓ ଗାଁ ଲୋକଙ୍କ ସହ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୧୨.୪୫ରେ ରାଷ୍ଟ୍ରପତି ବ୍ରହ୍ମକୁମାରୀ ସେଣ୍ଟର ଯିବେ। ଏହାପରେ ନିଶାମୁକ୍ତ ଓଡ଼ିଶା କ୍ୟାମ୍ପେନର ଶୁଭାରମ୍ଭ କରିବେ। ୪.୨୫ରେ ମହୁଲଡିହା ବଡବନ୍ଧରେ ୧୦୦ ଫୁଟର ପତାକା ଉତ୍ତୋଳନ କରିବେ। ସନ୍ଧ୍ୟା ୫.୨୦ରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କୁ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ସେ ମହୁଲଡିହାରେ ରାତ୍ରୀଯାପନ କରିବେ। ସେଠାରେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ମୟୂରଭଞ୍ଜ ଗସ୍ତକୁ ଆଉମାତ୍ର କିଛି ଘଣ୍ଟା ବାକି ଥିବାବେଳେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପାହାଡ଼ପୁର, ରାଇରଙ୍ଗପୁର ଓ ଶିମିଳିପାଳ ଗସ୍ତକୁ ନେଇ ସୁରକ୍ଷା ବ୍ୟବସ୍ଥାର ଚୂଡ଼ାନ୍ତ ସମୀକ୍ଷା କରାଯାଇଛି। ରାଇରଙ୍ଗପୁର ଷ୍ଟାଡିୟମରେ ପୂର୍ବାଞ୍ଚଳ ଆଇଜି ହିଂମାଂଶୁ ଲାଲ ଓ ମୟୂରଭଞ୍ଜ ଏସ୍‌ପି ରିଷିକେଶ ଧାନଦେଓ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ୫୦ ପ୍ଲାଟୁନରୁ ଅଧିକ ପୋଲିସ ଫୋର୍ସ ଓ ୪୦୦ରୁ ଅଧିକ ଅଫିସର ମୁତୟନ ହୋଇଛନ୍ତି। ଏଥିସହ ୫ ଓ ୬ରେ ରାଷ୍ଟ୍ରପତିଙ୍କ ଶିମିଳିପାଳ ଗସ୍ତ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ ରହିଛି।

## ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷ

# ମୃତାହତଙ୍କ ପାଇଁ ଅନୁକମ୍ପା ରାଶି ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୩।୫(ଭାସ୍କର ନ୍ୟୁଜ): ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷରେ ବହୁ ସମୟରେ ଲୋକେ ମୃତାହତ ହେଉଛନ୍ତି । ଏନେଇ ଥିବା ଅନୁକମ୍ପା ରାଶିରେ ବୃଦ୍ଧି ଘଟାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୂର୍ବରୁ ଏହି ଅନୁକମ୍ପା ରାଶି ୪ ଲକ୍ଷ ରହିଥିବା ବେଳେ ଏବେ ଏହାକୁ ୬ ଲକ୍ଷକୁ ବୃଦ୍ଧି କରାଯାଇଛି । ୬୦ ପ୍ରତିଶତରୁ କମ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୧ ଲକ୍ଷ ଟଙ୍କାରୁ ୧.୫ ଲକ୍ଷ ଟଙ୍କା ଏବଂ ୬୦ ପ୍ରତିଶତରୁ ଅଧିକ ଅକ୍ଷମତା କ୍ଷେତ୍ରରେ ସହାୟତା ପରିମାଣ ୨.୫୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ସେହିପରି ସାମାନ୍ୟ ଆହତଙ୍କ କ୍ଷେତ୍ରରେ ପୂର୍ବରୁ ସହାୟତା ରାଶି ୫ ହଜାର ଟଙ୍କା ରହିଥିବା ବେଳେ ବର୍ତ୍ତମାନ ୧ ସପ୍ତାହରୁ ଅଧିକ ସମୟ ଧରି ଚିକିତ୍ସାର ଆବଶ୍ୟକତା ରହିଥିଲେ ସେ କ୍ଷେତ୍ରରେ ସରକାରୀ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସହିତ ୧୦ ହଜାର ଟଙ୍କା ସହାୟତା ଦିଆଯିବ । ସେହିପରି ଚିକିତ୍ସା ସମୟ ଏକ ସପ୍ତାହରୁ କମ ରହିଲେ ସରକାରୀ ହସ୍ପିଟାଲରେ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସହିତ ୫ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ । ଅନ୍ୟପକ୍ଷରେ ଗୋ-ମହିଷାଦି ପ୍ରାଣୀଙ୍କ ମୃତ୍ୟୁ କ୍ଷେତ୍ରରେ ମଧ ସହାୟତା ରାଶିରେ ବୃଦ୍ଧି ଘଟିଛି । ଗାଈ ବା ମଇଁଷିଙ୍କ ମୃତ୍ୟୁ କ୍ଷେତ୍ରରେ ସହାୟତା ରାଶି ୩୭,୫୦୦ ଟଙ୍କା ଏବଂ ବଳଦ ମୃତ୍ୟୁ କ୍ଷେତ୍ରରେ ୩୨ ହଜାର ଟଙ୍କାକୁ ବୃଦ୍ଧି ଘଟାଯାଇଛି । ପୂର୍ବରୁ ଏହା ୫ ହଜାର ଟଙ୍କା ରହିଥିଲା । ବାଛୁରୀ ମୃତ୍ୟୁ ପାଇଁ ସହାୟତା ପରିମାଣ ୨୫୦୦ ଟଙ୍କାରୁ ୫ ହଜାର ଟଙ୍କା, ଛେଳି, ମେଣ୍ଢାଙ୍କ ମୃତ୍ୟୁ କ୍ଷେତ୍ରରେ ୨ ହଜାରରୁ ୪ ହଜାର ଟଙ୍କା ଓ ମେଣ୍ଢା ଛୁଆ ମୃତ୍ୟୁ କ୍ଷେତ୍ରରେ ୭୫୦ ଟଙ୍କାରୁ ୧୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଫସଲ କ୍ଷୟକ୍ଷତି କ୍ଷେତ୍ରରେ ମଧ ସହାୟତା ରାଶି ବୃଦ୍ଧି କରାଯାଇଛି । ଧାନ ଓ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ ଫସଲ କ୍ଷତିରେ ସହାୟତା ପରିମାଣ ଏକର ପିଛା ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଅର୍ଥକାରୀ ଫସଲ କ୍ଷତି କ୍ଷେତ୍ରରେ ସହାୟତା ପରିମାଣ ୧୨ ହଜାର ଟଙ୍କାରୁ ୨୫ ହଜାର ଟଙ୍କାକୁ ବୃଦ୍ଧି ହୋଇଛି । ସେହିପରି ଘରଗୁଡ଼ିକର ଆଂଶିକ କ୍ଷତି କ୍ଷେତ୍ରରେ ସହାୟତା ରାଶି ୨ ହଜାର ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଘର ସମ୍ପୂର୍ଣ୍ଣ ଭାଙ୍ଗି ଥିଲେ ବିଜୁ ପକ୍କା ଘର କିମ୍ବା ସେହି ମୂଲ୍ୟର ଅର୍ଥ ସହିତ ଅଧିକ ୨୦ ହଜାର ଟଙ୍କା ସହାୟତା ଆକାରରେ ପ୍ରଦାନ କରାଯିବ । ପୂର୍ବରୁ ଏହି ରାଶି ୧୦ ହଜାର ଟଙ୍କାରେ ସୀମିତ ରହିଥିଲା ।

## ଅସରାଏ ବର୍ଷାରେ ରାଜଧାନୀ ବେହାଲ

# ଇସ୍କନ ସାମ୍ନାରେ ଭାସିଲା କାର୍



ଭୁବନେଶ୍ୱର,୩।୫(ଭାସ୍କର ନ୍ୟୁଜ): କାଳବୈଶାଖୀ ପ୍ରଭାବରେ ବୁଧବାର ଅପରାହ୍ନରେ ରାଜଧାନୀ ଭୁବନେଶ୍ୱର ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ । ଚାହୁଁଚାହୁଁ ପ୍ରବଳ ବେଗରେ ବର୍ଷିଗଲା । ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ବର୍ଷା ରଚିଥିଲା ତାଣ୍ଡବ । ଅଧଘଣ୍ଟାଏ ବର୍ଷାରେ ବେହାଲ ହୋଇପଡ଼ିଥିଲା ରାଜଧାନୀ ଭୁବନେଶ୍ୱର । ରାଜପଥ ପାର୍ଶ୍ୱ ଇସ୍କନ ସମ୍ମୁଖରେ ଆଣ୍ଠୁଏ ଉଚ୍ଚରେ ପାଣି ଜମି ରହିଥିଲା । ବର୍ଷାପାଣିରେ ମନ୍ଦିର ସମ୍ମୁଖରେ ଛିଡ଼ା ହୋଇଥିବା ବାଇକ୍ ସବୁ ଭାସି ଯାଇଥିବାବେଳେ କାର୍ ଓ ଅଟୋଗୁଡ଼ିକ ପାଣିରେ ବୁଡ଼ି ଯାଇଥିଲା । ଏପରିକି କାର୍ • ପୃଷ୍ଠା ୮ ଦେଖନ୍ତୁ

## ଫନି ବାତ୍ୟାକୁ ପୂରିଲା ୪ ବର୍ଷ

# ଏବେ ବି ମନରୁ ଲିଭିନି ବିଭୀଷିକାର ଦୃଶ୍ୟ



ଭୁବନେଶ୍ୱର,୩।୫(ଭାସ୍କର ନ୍ୟୁଜ): ୨୦୧୯ ମସିହା ମେ ୩ ତାରିଖରେ ବାତ୍ୟା ଫନି ଓଡ଼ିଶାକୁ ଛାରଖାର କରିଥିଲା। ଏହି ବାତ୍ୟାକୁ ବୁଧବାର ପୂରିଛି ୪ ବର୍ଷ। ଓଡ଼ିଶା, ପଶ୍ଚିମବଙ୍ଗ ଓ ଆନ୍ଧ୍ରର ପ୍ରାୟ ୨୪ଟି ଜିଲ୍ଲାରେ ଏହା ରଚିଥିଲା ପ୍ରଳୟର ତାଣ୍ଡବ। ଓଡ଼ିଶାର ୧୪ଟି ଜିଲ୍ଲା ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ବାତ୍ୟା ଫନି ପୁରୀରେ ଲ୍ୟାଣ୍ଡଫଲ୍ କରିଥିଲା। ଫଳରେ ଏହାର ପ୍ରଭାବ ପୁରୀ, ଖୋର୍ଦ୍ଧା, କଟକ, ନୟାଗଡ଼ ଓ ଜଗତସିଂହପୁରରେ ବିଶେଷ ଭାବେ ଅନୁଭୂତ ହୋଇଥିଲା। ପ୍ରାୟ ୧ କୋଟି ୬ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ବାତ୍ୟା ଦ୍ୱାରା ସାଙ୍ଘାତିକ ପ୍ରଭାବିତ ହୋଇଥିଲେ। ପୁରୀରେ ପ୍ରାୟ ଲକ୍ଷେରୁ ଅଧିକ ଘର ଭାଙ୍ଗିରୁଜି ମାଟିରେ ମିଶି ଯାଇଥିଲା। ସେହିପରି ମନ୍ଦିରମାଳିନୀ ଓ ସବୁଜିମା ଭରା ରାଜଧାନୀ ଭୁବନେଶ୍ୱରକୁ ଖିନ୍‌ଭିନ୍ କରି ପକାଇଥିଲା ଫନି। ବାତ୍ୟା ପରେ ସ୍ମାର୍ଟସିଟି ଭୁବନେଶ୍ୱରରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାକୁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିଥିଲା। ସହରରେ ଦୀର୍ଘଦିନ ଧରି ବିଦ୍ୟୁତ ସେବା ଠପ୍ ହୋଇ ପଡ଼ିଥିଲା। ଇଣ୍ଟରନେଟ୍ ସେବା ମଧ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ବିଦ୍ୟୁତ ବିଭାଗର ଅଣ୍ଟା ଏକରକମ ଭାଙ୍ଗି ଯାଇଥିଲା। ତେବେ ଏହି ବାତ୍ୟାରେ କାହାର ମୃତ୍ୟୁ ଘଟିନଥିଲା। ତଳି ଅଞ୍ଚଳ ଲୋକଙ୍କୁ ସୁରକ୍ଷିତ • ପୃଷ୍ଠା ୮ ଦେଖନ୍ତୁ

## ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ

# କମିଟି ଗଠନ କରିବେ ସରକାର

ନୂଆଦିଲ୍ଲୀ,୩।୫: ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବାନେଇ ମୂଳରୁ ବିରୋଧ କରି ଆସୁଥିବା କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଗୁରୁବାର ଏକ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି। ସମଲିଙ୍ଗୀ ଦମ୍ପତିଙ୍କୁ ଆଇନଗତ ମାନ୍ୟତା ନ ଦେଇ ମଧ ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ କେନ୍ଦ୍ର ସରକାର ଏକ କମିଟି ଗଠନ କରିବାକୁ ଚାହୁଁଛନ୍ତି ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। କେନ୍ଦ୍ର କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ। ଏହି କମିଟି ସମଲିଙ୍ଗୀ ଦମ୍ପତିଙ୍କ ସମସ୍ୟା ସମାଧାନ ସହ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବ ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା ପ୍ରଧାନ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ କହିଛନ୍ତି ଯେ, ଏହି ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ସକରାତ୍ମକ ଆଭିମୁଖ୍ୟ ରଖିଛନ୍ତି। ଏହି ପ୍ରଶାସନିକ ପଦକ୍ଷେପ ପାଇଁ ଏକାଧିକ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ତେଣୁ ସରକାର ଏନେଇ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଥିବା ସଲିସିଟର ଜେନେରାଲ କହିଥିଲେ।

**ସମଲିଙ୍ଗୀ ବିବାହ ବିବାଦ**

ସୂଚନାଯୋଗ୍ୟ ଯେ ସମଲିଙ୍ଗୀ ବିବାହକୁ ଆଇନଗତ ମାନ୍ୟତା ଦେବା ପାଇଁ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି। ଗୁରୁବାର ଏହାର ଶୁଣାଣି ସପ୍ତମ ଦିନରେ ପହଞ୍ଚିଛି। ଶୁଣାଣି ବେଳେ ସଲିସିଟର ଜେନେରାଲ କହିଥିଲେ ଯେ ଆବେଦନକାରୀ • ପୃଷ୍ଠା ୮ ଦେଖନ୍ତୁ



କରଞ୍ଜିଆ (ଭାସ୍କର ନ୍ୟୁଜ୍): ଗତ ଅପରାହ୍ନରେ କରଞ୍ଜିଆ ଅଞ୍ଚଳରେ କାଳବୈଶାଖୀ ଯୋଗୁଁ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ କରଞ୍ଜିଆ ବ୍ଲକ କାଦଡିହା ଠାରେ ଥିବା ଜଙ୍ଗଲ ବିଭାଗ ବିଟ୍ ମଧ୍ୟରେ ଥିବା ଏକ ଗଛ ଉପୁଡ଼ି ପଡ଼ିଥିଲା। ଗଛଟି ଉପୁଡ଼ି ପଡ଼ିବାରୁ ନିକଟରେ ଥିବା ବଂଶିଧର କରଙ୍କ ଘର ଉପରେ ପଡ଼ି ଯାଇଥିଲା। ଗଛଟି ପଡିଯିବାରୁ ଘରର ଆଜବେଷ୍ଟସ ଭାଙ୍ଗି ଯାଇଥିଲା ଏବଂ ଅଳ୍ପକେ ପରିବାର ଲୋକେ ବର୍ତ୍ତି ଯାଇଥିଲେ। ତେବେ ଗଛଟି ଅଧା ଅଧି ଶୁଖି ଯାଇଥିବାରୁ ଓଲଟି ପଡିଥିଲା ବୋଲି ଲୋକମାନେ କହୁଛନ୍ତି। ତେବେ ଏହିପରି ବହୁ ଶୁଖିଲା ଗଛ କାଦଡିହା -କେନ୍ଦୁମୁଣ୍ଡି ମଝିରେ କରଞ୍ଜିଆ-ଠାକୁରମୁଣ୍ଡା ରାଜ୍ୟ ରାଜପଥ କଡ଼ରେ ଏବଂ କରଞ୍ଜିଆ ନୂତନ ବସଷ୍ଟାଣ୍ଡ ନିକଟରେ ଥିବା ଦେଖିବାକୁ ମିଳୁଛି। କେଉଁଦିନ କୌଣସି ଅଘଟଣ ନହେବ ବୋଲି କହି ହେବନାହିଁ। ତେଣୁ ବନ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ପଦକ୍ଷେପ ନେଇ ଗଛ ଗୁଡ଼ିକୁ କାଟିବାର ବ୍ୟବସ୍ଥା କରିବାକୁ ଜନସାଧାରଣ ନିବେଦନ କରିଛନ୍ତି ଏବଂ ଭବିଷ୍ୟତ ଅଘଟଣରୁ ରକ୍ଷା କରିବା ପାଇଁ ଅନୁରୋଧ କରୁଛନ୍ତି।

# ଦାଦାବଟି ମାଗିବା ଅପରାଧରେ ଦୁଇଭାଇ ଗିରଫ







ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ଡେଲାଙ୍ଗ ହାଟ ବଜାର ସନ୍ନିକଟ ରାମଚନ୍ଦ୍ରପୁର ହନୁମାନ ମନ୍ଦିର ଓ ସୁରିଆ ଢ଼ିବା ମଧ୍ୟବର୍ତ୍ତୀ ଅଞ୍ଚଳ ରାସ୍ତା ମଧ୍ୟରେ ଏକ ସ୍ଥାନରେ ପଥଚାରୀଙ୍କୁ ଭୟଭୀତ କରି ଦୁଇଭାଇ ଦାଦାବଟି ଆଦାୟ କରୁଥିଲେ। ଡେଲାଙ୍ଗ ଥାନା ପକ୍ଷରୁ ପାଟ୍ରୋଲିଙ୍ଗ କରୁଥିବା ଏଏସଆଇ ରବୀନ୍ଦ୍ର ନାଥ ବେହେରା, ସିପାହୀ ଜିତେନ୍ଦ୍ର ସ୍ୱାଇଁ, ହୋମଗାର୍ଡ ପ୍ରମୋଦ ସେଠୀ, ଡ୍ରାଇଭର ପବିତ୍ର ବେହେରା ପ୍ରମୁଖ ବିଶେଷ ସୂତ୍ରରୁ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ କାବୁ କରିଥିବା ସୂଚନା ମିଳିଛି। ଏହି ଅଭିଯୁକ୍ତମାନଙ୍କ ଠାରୁ ଏକ ଛୁରୀ, ନଗଦ ୬ ଶହ ଟଙ୍କା, ଏକ ଲୁହା ରଡ୍, ସାମସଙ୍ଗ୍ କମ୍ପାନୀ କିପ୍ୟାଡ଼ ମୋବାଇଲ ଫୋନ୍ ଓ ହୋଣ୍ଡା କମ୍ପାନୀ ମୋଟର ସାଇକଲକୁ ପୋଲିସ୍ ଜବତ କରିଛି। ତେବେ ଅଭିଯୁକ୍ତ ଦ୍ୱୟ ରାମଚନ୍ଦ୍ରପୁର ଗ୍ରାମର ଦୁଇ ଭାଇ ଶକ୍ତିପ୍ରସାଦ ସିଂହ ଓରଫ କାବୁ (୪୦) ଏବଂ ତ୍ରିଶୂଳ କୁମାର ସିଂହ ଓରଫ ବାବୁନ (୪୧)ବୋଲି ସ୍ୱୀକାର କରିଛନ୍ତି।ଏହି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଡେଲାଙ୍ଗ ଥାନା ଆଇଆଇସି ଅନିଲ କୁମାର ମହାନ୍ତି ସୂଚନା ଦେଇଛନ୍ତି । ଏ ସଂକ୍ରାନ୍ତରେ ଥାନାରେ ୧୨୬/୨୩ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# କୁଣ୍ଡା ବୋଝେଇ ଟ୍ରକ ଦୁର୍ଘଟଣା ଗସ୍ତ

ଜୟପୁର (ଭାସ୍କର ନ୍ୟୁଜ୍): ଜୟପୁର ଗାନ୍ଧୀଛକ ଦେଇ ଟ୍ରକଟି ଯାଉଥିବା ବେଳେ ୟୋଲ ବ୍ରିଜ ହାତିଶାଳ ନିକଟରେ ଦୁର୍ଘଟଣା ଘଟିଛି । କୁଣ୍ଡା ବୋଝେଇ ହୋଇ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଟ୍ରକଟି ଭାରସ୍ୟାମ ହରାଇ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ଓଲଟି ପଡିଥିଲା। ଟ୍ରକର ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ବେଳେ ଜୟପୁର ଟାଉନ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି ।

## ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ରାଜସ୍ୱ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧିନ ଈଶ୍ୱରପୁର ଶ୍ରୀଜଗନ୍ନାଥ ମନ୍ଦିର ଉନ୍ନୟନ କମିଟି ପକ୍ଷରୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଈଶ୍ୱରପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଦପାନାୟକାଣୀ ପ୍ରାୟ ୪ଶହ ବର୍ଷ ହେବ ପୂଜା ପାଇ ଆସୁଛନ୍ତି। ଏହି ପୀଠ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ଅଧୀନରେ ରହିଛି। ତେବେ ମା'ଙ୍କ ବେଢ଼ା ପରିସର ମଧ୍ୟରେ ରହିଥିବା ଜଗନ୍ନାଥ ମନ୍ଦିର, ମହାଦେବ ମନ୍ଦିର, ଶ୍ରୀସତ୍ୟସାଇ ମନ୍ଦିର ଓ ଶ୍ରୀଗେଶ ମନ୍ଦିରର କୌଣସି ଉନ୍ନତି ହୋଇପାରୁନାହିଁ। ଏହି ଦପା ନାୟକାଣୀଙ୍କ ପୀଠକୁ ପଞ୍ଚତୀର୍ଥ କ୍ଷେତ୍ର କୁହାଯାଉଥିଲେ ମଧ୍ୟ ମନ୍ଦିର ଗୁଡ଼ିକ ଅବହେଳିତ ହୋଇ ପଡ଼ି ରହିଛି। ତେବେ ଏହିସବୁ ମନ୍ଦିରର ପୂର୍ଣ୍ଣାଙ୍ଗ ନିର୍ମାଣ ଓ ବିକାଶ ପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯିବାକୁ ଉନ୍ନୟନ କମିଟିର ସମ୍ପାଦକ ଭୀମସେନ ବାରିକ, ସଭାପତି ସୋମନାଥ ପାଢ଼ୀ, ସରପଞ୍ଚ ପବିତ୍ର ମୋହନ ମଳିକ, ଶରତ ଚନ୍ଦ୍ର ଦାସ, ମୂରଲୀଧର ମଳିକ, ଦେବେନ୍ଦ୍ର ମଳିକ, ସଞ୍ଜୟ ନାୟକ, ତନ୍ମୟ ବେହେରା, ନିତ୍ୟାନନ୍ଦ ମଲ୍ଲିକ ପ୍ରମୁଖ ଦାବି କରିଛନ୍ତି।

# ଭଙ୍ଗାଘରେ ବିତୁଛି ଚାରିପ୍ରାଣୀଙ୍କ ଜୀବନ



ବାଲିପାଟଣା (ଭାସ୍କର ନ୍ୟୁଜ୍): ଦିର୍ଘଦିନ ଧରି ଭଙ୍ଗା ଘରେ ବିତୁଛି ଚାରି ପ୍ରାଣୀ ଙ୍କ ଜିବନ । ଭଙ୍ଗା ଚାଳ ଘର ଛପର କରିବାକୁ ଭି ନାହିଁ ଆର୍ଥିକ ସମ୍ବଳ । ଏ ଦୃଶ୍ୟ ବାଲିପାଟଣା ବ୍ଲକ୍ ଅନ୍ତର୍ଗତ ତୁରିନ୍ତିରା ଗ୍ରାମର ସନ୍ତୋଷ କୁମାର ପାତ୍ର (୪୨)ଙ୍କ ପରିବାରର । ନିଜର ସ୍ତ୍ରୀ, ପିଲା ଓ ଶାଶୂଙ୍କୁ ମିଶାଇ ମୋଟ ଚାରି ପ୍ରାଣୀ ଗୋଟେ ଭଙ୍ଗା କୁଡ଼ିଆରେ ଜୀବନ ବିତାଉଛନ୍ତି। ସନ୍ତୋଷ ପେସାରେ ଜଣେ ଦିନ ମଜୁରୀଆ ଅଟନ୍ତି। କରୋନା ମହାମାରୀ ଯୋଗୁଁ ତାଙ୍କୁ ସବୁଦିନ କାମଧନ୍ଦା ମିଳିନଥାଏ, ଫଳରେ ପେଟ ପାଇଁ ଦିନକୁ ଦୁଇବେଳା ଦାନା ଯୋଗାଡ଼ କରିବା ତାଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଛି। କିଛି ସହୃଦୟ ବ୍ୟକ୍ତିମାନେ ଚାନ୍ଦା କରି ଦୁଇବର୍ଷ ତଳେ ତାଙ୍କର କୁଡ଼ିଆଟିକୁ ଛପର କରିଥିଲେ। ତା'ପର ଠାରୁ ସେହି କୁଡ଼ିଆଟି ଛପର ମଧ୍ୟ ହୋଇପାରିନାହିଁ। ବାରମ୍ବାର ଆସନ୍ନ ବାତ୍ୟାର ଖବର ଶୁଣିବା ପରେ ତାଙ୍କୁ ପର ଘରେ ମୁଣ୍ଡ ଗୁଞ୍ଜିବାକୁ ପଡୁଛି। ତାଙ୍କର ଭଙ୍ଗା ଘରଟିକୁ ଦେଖିଲେ ଯେ କେହି ତାଙ୍କ ଅବସ୍ଥାକୁ ବୁଝିପାରିବ। ଗରିବ ଲୋକଙ୍କ ପାଇଁ ସରକାରଙ୍କ ମାଳ ମାଳ ଯୋଜନା ରହିଛି, ମାତ୍ର ସେସବୁ ସନ୍ତୋଷଙ୍କ ପାଇଁ ସାତ ସପନ ହୋଇରହିଛି। ରାଜଧାନୀ ଭୁବନେଶ୍ୱର ଠାରୁ ମାତ୍ର କୋଡ଼ିଏ କିଲୋମିଟର ଦୂରରେ ଏବଂ ପଞ୍ଚାୟତ କାର୍ଯ୍ୟାଳୟର ନିକଟରେ ଅବସ୍ଥିତ ହୋଇ ମଧ୍ୟ ଗୋଟେ ବାସଗୃହ କିମ୍ବା ପାଇଖାନା ଟିଏ ତାଙ୍କୁ ସରକାରୀ ଯୋଜନାରେ ମିଳିପାରିନାହିଁ। ସନ୍ତୋଷଙ୍କ ମତ ଅନୁସାରେ ସରକାରୀ ବାବୁମାନେ ତାଙ୍କ ଘର ଦେଖିବାକୁ ଆସିଥିଲେ, କିନ୍ତୁ କୌଣସି ପଦକ୍ଷେପ ବ୍ଲକ୍ ପ୍ରଶାସନ ତରଫରୁ ଗ୍ରହଣ କରାଯାଇନାହିଁ। ଆବଶ୍ୟକୀୟ ତଦନ୍ତ କରି ସନ୍ତୋଷଙ୍କୁ ଗୋଟେ ବାସଗୃହ ଏବଂ ପାଇଖାନା ଯୋଗାଇଦେବାକୁ ଏହି ଅଞ୍ଚଳର ଜନସାଧାରଣମାନେ ବିଭାଗୀୟ ଅଧିକାରୀ ମାନଙ୍କୁ ଅନୁରୋଧ କରିଛନ୍ତି।

# କୁସୁମପୁଟରେ ଅବକାରୀ ଚଢ଼ାଉ



ଜୟପୁର (ଭାସ୍କର ନ୍ୟୁଜ୍):ଜୟପୁର ସଦର ଥାନା ଅନ୍ତର୍ଗତ କୁସୁମପୁଟରେ ଅବକାରୀ ଚଢ଼ାଉ ହୋଇଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୁଚନା ପାଇ ସୁଚନା ପାଇ ଜୟପୁର ଅବକାରି ବିଭାଗ ଚଢ଼ାଉ କରିଛି । ଚଢ଼ାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଘଟଣା ସ୍ଥଳରୁ ବହୁ ମଦ ଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୭୦ ଲିଟର ଦେଶି ମଦକୁ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ରାଜନଗର ପଞ୍ଚାୟତ ଓ ଜାମଯୋଡ଼ି ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ରବିନ୍ଦ୍ର ଦାସଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ରାଜନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସର ମଧ୍ୟରେ ସରପଞ୍ଚ ଗୌରୀମଣି ପାଣିଗ୍ରାହୀଙ୍କ ସଭାପତିତ୍ୱ ଓ ପୂର୍ବତନ ସମିତିସଭ୍ୟ ଶ୍ରୀଧର ନାୟକଙ୍କ ସଂଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ରବିନାରାୟଣ ନାୟକ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ଅମୂଲ୍ୟ ମାଝୀ, ରାଜନଗର ସମିତିସଭ୍ୟ ଦେବେନ୍ଦ୍ର ବାରିକ, ସ୍ତମ୍ଭକାର ମୁକ୍ତିକାନ୍ତ ନାୟକ, ପୂର୍ବତନ ସରପଞ୍ଚ ସନାତନ ବାରିକ, ସୁଦର୍ଶନ ବିଶ୍ୱାଳ ଓ ସୁବାସ ସେଠୀ, ସମିତିସଭ୍ୟ ପ୍ରତିନିଧି ଅଜୟ ରାଉତ ପ୍ରମୁଖ ଯୋଗଦେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦାସ ଜଣେ ସଚ୍ଚୋଟ, କର୍ତ୍ତବ୍ୟନିଷ୍ଠ, ପରୋପକାରୀ ବ୍ୟକ୍ତି ଭାବେ ଲୋକମାନଙ୍କୁ ସେବା ଯୋଗାଇ ଦେଇ ସାଧାରଣରେ ପ୍ରଶଂସା ପାଇଥିବା ବେଳେ ଅନ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚଙ୍କ ପ୍ରତିନିଧି ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, କେଦାର ବଳ, ନାଏବ ସରପଞ୍ଚ ଅରବିନ୍ଦ ମହାକୁଡ଼, ଜିଆରଏସ ଉଜ୍ଜ୍ୱଳ କୁମାର ନାୟକ, ଶୁଶ୍ରୀସଂଗୀତା ଦାସ, ବିଦ୍ୟୁତଲତା ନାୟକ, ବିଜେଡି ନେତା ପ୍ରଫୁଲ୍ଲ ଦାସ, ଯୁବନେତା ଭଞ୍ଜକିଶୋର ବଳ, ରବିନ୍ଦ୍ର ମାହୁନ୍ତ, ସତ୍ୟାନନ୍ଦ ଧଳ, ସୁବାସ ସ୍ୱାଇଁ, ବାମଦେବ ବେହେରା, ପ୍ରଫୁଲ୍ଲ ତ୍ରିପାଠୀ, ନବଘନ ପଣ୍ଡା, ବିକ୍ରମାଦିତ୍ୟ ବାରିକ, ବିଭୂଦତ୍ତ ନାୟକ, ଆଲୋକ ପଲେଇ, ଶ୍ରୀକାନ୍ତ ତ୍ରିପାଠୀ, ସୁଧାଂଶୁ ନାୟକ, ଦୀପକ ରାଉତ ପ୍ରମୁଖ ଯୋଗ ଦେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦାସଙ୍କ ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କହିଥିଲେ। ଏହି ସଭାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦାସ ବରିଷ୍ଠ ମହିଳାମାନଙ୍କୁ ବସ୍ତ୍ର ବଣ୍ଟନ କରିଥିଲେ। ଏହି ସଭାରେ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

# ଜରୁରୀକାଳୀନ ପାଣ୍ଠି ବ୍ୟବସ୍ଥା କରିବାକୁ ଦାବି

ଜୟପୁର (ଭାସ୍କର ନ୍ୟୁଜ୍): କାଳ ବୈଶାଖି କିମ୍ବା ଝଡ ତୋଫାନ ସମୟରେ ଅତି ଗିରବ ଓ ନିମ୍ନ ଶ୍ରେଣି ଲୋକଙ୍କ ନିମନ୍ତେ ଅତି ଜରୁରି ଆବଷ୍ୟକତା ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାଯ୍ୟକାରିତା ହେବା ନିମନ୍ତେ ଏକ ଜରୁରୀକାଳୀନ ପାଣ୍ଠି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଏନେଇ ସମାଜ ସେବି ବି ହରି ରାଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଅତି ଗରବ ଭାବେ ଜୀବନ ଜାପନ କରୁଥିବା ଲୋକମାନେ ଦୈବି ଦୁର୍ବିପାକ କାଳ ବୈଶାଖି, ଝଡ ତୋଫାନ ସମୟରେ ଦୁର୍ଘଟଣା ଗସ୍ତ ଯେପରି ଗଛ ପତ୍ର ପଡି ଘର ଭାଙ୍ଗିଯିବା ଘର ଭୁଷୁଡି ପଡିବା ସମୟରେ ସେମାନେ ବହୁ କଷ୍ଟର ସମ୍ମୁଖିନ ହୋଉଛନ୍ତି । ଏଣୁ ସରକାର ଏବଂ ଦାୟିତ୍ୱ ବୋଧ ଅଧିନସ୍ଥ କର୍ମଚାରୀଙ୍କ ଦ୍ୱାରା ଗୋଟିଏ ଜରୁରୀ କାଳିନ ପାଣ୍ଠିର ବ୍ୟବସ୍ଥା କରାଗଲେ ଗରିବ ଲୋକ ମାନେ ତୁରନ୍ତ ସାହାଯ୍ୟ ପାଇପାରିବେ । ସରକାରଙ୍କ ତରଫରୁ ଏହାର ସୁବିଧା ରହିଛି । କିନ୍ତୁ ଏହାର କ୍ଷତି ପୁରଣ ପାଇବା ପାଇଁ କୈଣସି ଘଟଣା ଘଟିଲେ ଦୀର୍ଘ ୯ମାସରୁ ୧୩ ମାସ ଲାଗିଯାଉଛି । ଯଦି ଜିଲାପାଳ ଓ ଉପ ଜିଲାପାଳ ଏଥି ପ୍ରତି ଦୃଷ୍ଟି ଦେଲେ ଗିରବ ଲୋକେ ଉପକୃତ ହେବେ ।

# ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ରଘୁନାଥପୁର (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧିନସ୍ଥ କଟକ ପାରାଦ୍ୱୀପ ରାସ୍ତାର କୃତାଙ୍ଗ ଠାରେ ୧୯୯୧ ମସିହାରେ ସ୍ଥାପନ ହୋଇଥିବା ସ୍ୱାମୀ ଅରୂପାନନ୍ଦ ଡିଗ୍ରୀ ମହାବିଦ୍ୟାଳୟର ବୁଧବାର ବାର୍ଷିକ ଉତ୍ସବ ସମାରୋହ ଏବଂ ବାର୍ଷିକ ମୁଖପତ୍ର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଦୟାନିଧି ରାଉତରାୟ ସଭାପତିତ୍ୱ କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ଼ା ଜଗମୋହନ ସାହୁ ଯୋଗଦେଇ ମୁଖପତ୍ର ଉନ୍ମୋଚନ କରିବାସହ ଆଜିର ଶିକ୍ଷ୍ୟା ଓ ଛାତ୍ର ଛାତ୍ରୀ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏରସମା ମହାବିଦ୍ୟାଳୟର ଅଧ୍ୟାପକ ଡ଼ା ଶରତ ପରିଡା ଯୋଗଦେଇ ଶିକ୍ଷାର ମାନଦଣ୍ଡ ସମ୍ପର୍କରେ ସୂଚନା ଦେଇଥିଲେ।। ଅନ୍ୟତମ ସମ୍ମାନିତ ଅତିଥି ଭାବେ ମୋ କଲେଜ ଅଭିଯାନ ସଦସ୍ୟ ପୂର୍ବତନ ସରପଞ୍ଚ ଜାନକୀ ବଲବ ସ୍ୱାଇଁ, ଅମ୍ବିକା ଦାସ ଓ ପ୍ରମୋଦ ବାରିକ ଯୋଗଦେଇ ପିଲାମାନଙ୍କ ଶୃଙ୍ଖଳା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ସମସ୍ତ ଛାତ୍ର ଛାତ୍ରୀ ସମେତ କଲେଜର କର୍ମଚାରୀ ରଞ୍ଜିତା ମହାନ୍ତି,ରଶ୍ମି ସାହୁ, ଜାଗେଶ୍ୱନି ମହାନ୍ତି, ସ୍ମିତା ମହାନ୍ତି, ଦୈତାରି ଜେନା ଓ ରବୀନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷି କ୍ରୀଡାରେ ୪୨ଜଣ ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ସାଟିଫିକେଟ ଓ କପ ପ୍ରଦାନ କରିଥିଲେ। ଶେଷରେ ରଞ୍ଜିତ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନାବାଳିକା ଫେରାର, ଥାନାରେ ମାମଲା

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ଗ୍ରାମପଞ୍ଚାୟତ ସୁନାଇଲୋ ଗ୍ରାମର ଜଣେ ନା ବାଳିକା ଫେରାର ହୋଇଯାଇଥିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା ରୁଜୁ ହୋଇଥିବାର ଜଣାଯାଇଛି। ସୁନାଇଲୋ ଗ୍ରାମର ଜଣେ ନା ବାଳିକା ଗତ ୧ ତାରିଖ ଦିନ ଘରୁ ରହସ୍ୟ ଜନକ ଭାବେ ନିଖୋଜ ହୋଇଯାଇଥିଲା। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ତେବେ ସମ୍ପୃକ୍ତା ନା ବାଳିକା ଜଣକ ତାଙ୍କର ଜଣେ ପ୍ରେମିକ ସହ ଫେରାର ହୋଇଯାଇଥିବାର ସାଧାରଣରେ ଚର୍ଚ୍ଚା ହେଉଛି । ଏସମ୍ପର୍କରେ ତାଙ୍କର ପିତା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ପୋଲିସ ଏହି ଅଭିଯୋଗର ତଦନ୍ତ କରି ଥାନା କେଶ ନଂ ୮୫/୨୦୨୩ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଚଳାଇଥିବାର ଆଇଆଇସି ଚିନ୍ମୟୀ ସାହୁଙ୍କ ସୂତ୍ରରୁ ପ୍ରକାଶ।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଅଭିଯୋଗ ଶୁଣାଣି ଶିବିର



କରଞ୍ଜିଆ (ଭାସ୍କର ନ୍ୟୁଜ୍): କରଞ୍ଜିଆରେ ବ୍ଲକ ସ୍ତରୀୟ ସାମାଜିକବସମୀକ୍ଷାର ଜନ ଅଭିଯୋଗ ଶୁଣାଣି ମଙ୍ଗଳବାର ଦିନ ପାଞ୍ଚପୀଢ ଉପଜିଲ୍ଲାପାଳଙ୍କ ସମ୍ମିଳନି କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ତରଫରୁ ବ୍ଲକ ର ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ଯୋଗାଣ ଓ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାର ଚଳିତ ଆର୍ଥିକ ବର୍ଷର ହୋଇଥିବା ଅଡିଟର ସାମାଜିକ ସମୀକ୍ଷା କରାଯାଇଥିଲା । ବି. ଡି. ଓ ହୃଦାନନ୍ଦ ଅଡ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସାମାଜିକ ସମୀକ୍ଷା ଶିବିରକୁ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଦୌଲତ କୁମାର ଚନ୍ଦ୍ରକାର ସଭାପତିତ୍ୱ କରିବା ସହିତ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି ଯୋଗ ଦେଇଥିଲେ । ସମୀକ୍ଷକବଭାବେ ପ୍ରଦୀପ କୁମାର ଚକରବର୍ତ୍ତୀ ବ୍ଲକର ୧୫ ଟି ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ରିପୋର୍ଟ ଉପସ୍ଥାପନ କରିଥିଲେ। ଏହାକୁ ସର୍ବସାଧାରଣରେ ସମୀକ୍ଷା କରାଯାଇଥିଲା। ସମୀକ୍ଷା ସମୟରେ ମାତ୍ର ଅଳ୍ପ କେତଟି କାଯ୍ୟର କେସ ରେକର୍ଡ ଠିକ ସମୟରେ ହୋଇନଥିବା, କିଛି କାର୍ଯ୍ୟରେ ସମୟ ସୀମା ମଧ୍ୟରେ ଶେଷ ହୋଇ ନଥିବା ନଜରକୁ ଆସିଥିଲା । ପି. ଡି. ଚନ୍ଦ୍ରକାର ପ୍ରକାଶ କରିଥିଲେଯେ, ଅର୍ଦ୍ଧ ନିର୍ମିତ ଆବାସ ଗୃହଗୁଡିକ ତୁରନ୍ତ ଶେଷ କରିବାକୁ ଓ ଆଗାମୀ ଦିନରେ ଯୋଗ୍ୟ ହିତାଧିକାରୀ ଙ୍କୁ ଚୟନ କରିବା ଲାଗି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଯେଉଁଠି କିଛି ଅନିୟମିତତା ଦେଖାଦେଉଛି ସେଠୀ କାଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଜବ କାର୍ଡ ସହିତ ଆଧାର କାର୍ଡ ସଂଯୋଗୀକରଣ କରିବାକୁ ପରାମର୍ଶ ମଧ୍ୟ ଦେଇଥିଲେ। କାଯ୍ୟକ୍ରମକୁ ଏ. ପି. ଓ. ତୁଷାରକାନ୍ତ ମହାନ୍ତ, ପଙ୍କଜ ମହାନ୍ତ ପରିଚାଳନା କରିଥିବା ବେଳେ ସହକାରୀ ଇଂଜିନିୟର ସୟଦ ଅମଜାଦ ଅଲ୍ଲୀ , ସମସ୍ତ କନିଷ୍ଠ ଯନ୍ତ୍ରୀ, କାଯ୍ୟାଳୟର ସମସ୍ତ କର୍ମଚାରୀ ଏହାକୁ ସହଯୋଗ କରିଥିଲେ । ଏହି ସମୀକ୍ଷା ବୈଠକଙ୍କୁ ସମସ୍ତ ନିର୍ବାଚିତ ସରପଞ୍ଚ. ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟା, ଜବକାର୍ଡ ଧାରୀ, ଅଭିଯୋଗକାରୀ ଯୋଗ ଦେଇଥିଲେ। ତେବେ ବ୍ଲକରେ କାଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ମଧ୍ୟରେ ବଡ ବଡ଼ ପୁଷ୍କରଣୀ ଖନନ, ଚେକ୍ ଡ୍ୟାମ ନିର୍ମାଣ ଉପରେ ସଭ୍ୟ ଉମାଶଙ୍କର ଦାସ ଗୁରୁତ୍ୱ ଦେଇଥିଲେ। ସେହିପରି ଚନ୍ଦ୍ର କୁମାର ଶ୍ୟାମଳେନ୍ଦୁ ଦାସ ମନେରେଗାରେ ସ୍ୱଚ୍ଛତା ଓ୍ ଉତ୍ତର ଦାଇତ୍ୱ ସମ୍ପର୍କରେ କହିଥିଲେ। ଶେଷରେ ବି. ଡି. ଓ. ହୃଦାନନ୍ଦ ଅଡ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭାଇଚାରା ଓ ଅସ୍ମିତାର ପର୍ବ ପଞ୍ଚମ ଜାତୀୟ ଗ୍ରାମୀଣ ଉତ୍ସବ ଉଦ୍‌ଘାଟିତ




ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ବିଶ୍ୱମୁକ୍ତି,କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ ଓ ପୁରାତନ ଛାତ୍ର ପରିଷଦ ମିଳିତ ଆନୁକୁଲ୍ୟରେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଭାଇଚାରା ଓ ଅସ୍ମିତାର ପର୍ବ ୫ମ ଜାତୀୟ ଗ୍ରାମୀଣ ଉତ୍ସବ-୨୦୨୩ ମଙ୍ଗଳବାର ସନ୍ଧ୍ୟାରେ କେପିପି ହାଇସ୍କୁଲ୍, ମୁନିନ୍ଦା ପରିସରରେ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପ୍ରାକ୍ତନ ଅଧ୍ୟକ୍ଷା ତଥା କେପିପି ହାଇସ୍କୁଲର ପରିଚାଳନା କମିଟି ସଭାନେତ୍ରୀ ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମନୋଜ୍ଞ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶ୍ୱମୁକ୍ତିର ପ୍ରତିଷ୍ଠାତା ସମ୍ପାଦକ ବିଶିଷ୍ଟ କବି, ପ୍ରାକ୍ତନ ସାଂସଦ ଓ ମାନ୍ୟବର ଯୋଜନା ବୋର୍ଡ ସଦସ୍ୟ ଡ଼ଃ ପ୍ରସନ୍ନ ପାଟଶାଣୀ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ଜାଳି ଉତ୍ସବକୁ ଉଦ୍ ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ସ୍ଥପତି ଅଦ୍ୱୈତ ପ୍ରସାଦ ଗଡନାୟକ,ଭୁବନେଶ୍ୱର ଆରଏମ୍ଆରସି ନିର୍ଦ୍ଦେଶିକା ଡ଼ଃ ସଂଘମିତ୍ରା ପତି, କଟକ ଏମ୍ଏସଏମଇ ବିକାଶ ସଂସ୍ଥାର ଉପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଦାସ, କଣ୍ଠଶିଳ୍ପୀ ଓ ଗାଳ୍ପିକ ଇଂ ବିଚିତ୍ରାନନ୍ଦ ଦେଓ, ସିନେ ତାରକା ବବି ମିଶ୍ର, ଅଭିନେତ୍ରୀ ପୁନମ୍ ମିଶ୍ର ଓ ଗାୟିକା ରୋଜାଲିନ୍ ସେନାପତି ପ୍ରମୁଖ ଯୋଗଦେଇ ଗ୍ରାମାଞ୍ଚଳରେ ଆୟୋଜିତ ଏହି ଭାଇଚାରା ଓ ଅସ୍ମିତାର ପର୍ବରେ ପ୍ରକୃତ ଗ୍ରାମ୍ୟ ଜୀବନର ବାସ୍ତବ ପ୍ରତିଛବି ପରିଲକ୍ଷିତ ହେଉଛି ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱମୁକ୍ତିର ସମ୍ପାଦକ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣି ଅତିଥି ପରିଚୟ ଓ ସ୍ୱାଗତ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରଦର୍ଶିତ ଜିଲ୍ଲାସ୍ତରୀୟ ଗାନ୍ଧୀଚିତ୍ର ପ୍ରଦର୍ଶନୀକୁ ଫିତା କାଟି ଉଦ୍‌ଘାଟନ କରିଥିଲେ। କ୍ରୀଡା ଶିକ୍ଷକ ସୂର୍ଯ୍ୟ ନାରାୟଣ ଜେନା ଏବଂ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ବଳିୟାରସିଂହ ଯଥାକ୍ରମେ ମଞ୍ଚ ପରିଚାଳନା ଓ କାର୍ଯ୍ୟକ୍ରମ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। କବି ଡ଼ଃ ପ୍ରସନ୍ନ ପାଟଶାଣୀଙ୍କ ଦ୍ୱାରା ଲିଖିତ 'ତତେ ଭଲପାଏ' ଏବଂ କଣ୍ଠଶିଳ୍ପୀ ରୋଜାଲିନ୍ ସେନାପତିଙ୍କ କୃତ 'ନିରବତା' ପୁସ୍ତକଦ୍ୱୟ ଅତିଥିମାନଙ୍କ କରକମଳରେ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଆରଏମ୍ଆରସି ନିର୍ଦ୍ଦେଶିକା ଡ଼ଃ ସଂଘମିତ୍ରା ପତିଙ୍କୁ ବିଶ୍ୱମୁକ୍ତି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟସେବା ସମ୍ମାନ,ଗାୟକ ଓ ଗାଳ୍ପିକ ଇଂ ବିଚିତ୍ରାନନ୍ଦ ଦେଓଙ୍କୁ ବିଶ୍ୱମୁକ୍ତି ରାଷ୍ଟ୍ରୀୟ ସଙ୍ଗୀତ ସମ୍ମାନ, ସ୍ଥପତି ଅଦ୍ୱୈତ ପ୍ରସାଦ ଗଡନାୟକଙ୍କୁ ବିଶ୍ୱମୁକ୍ତି ରାଷ୍ଟ୍ରୀୟ ସ୍ଥପତି ସମ୍ମାନ ଓ ପ୍ରଖ୍ୟାତ ସିନେ ଅଭିନେତା ବବି ମିଶ୍ରଙ୍କୁ ବିଶ୍ୱମୁକ୍ତି ରାଷ୍ଟ୍ରୀୟ କଳାକାର ସମ୍ମାନରେ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଖ୍ୟାତ ସ୍ଥପତି ଅଦ୍ୱୈତ ପ୍ରସାଦ ଗଡନାୟକ ତାଙ୍କ ଅଭିଭାଷଣରେ ଗାନ୍ଧୀଙ୍କ ନିରବତା ଓ ଅହିଂସା ଆପଣେଇବାକୁ ଆହ୍ୱାନ ଦେବା ସହ ଗାଁ ମାଟିରେ ସମ୍ବର୍ଦ୍ଧିତ ହେବା ଏକ ନିଆରା ଅନୁଭୂତି ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱମୁକ୍ତିର ପ୍ରତିଷ୍ଠାତା ସମ୍ପାଦକ କବି ପ୍ରସନ୍ନ ପାଟଶାଣୀ ଏହି ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଅଧ୍ୟାପକ ଶଶାଙ୍କ ଚୂଡ଼ାମଣିଙ୍କ ନିରବଚ୍ଛିନ୍ନ ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିବା ସହ ଖୁବ୍ କମ୍ ଦିନରେ ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ ଏକ ମହାବିଦ୍ୟାଳୟରେ ପରିଣତ ହେବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ସିନେ ତାରକା ବବି ମିଶ୍ର, ଅଭିନେତ୍ରୀ ପୁନମ୍ ମିଶ୍ର ଓ କଣ୍ଠଶିଳ୍ପୀ ରୋଜାଲିନ୍ ସେନାପତିଙ୍କ କଳାଚାତୁର୍ଯ୍ୟ,ନୃତ୍ୟ ଓ ସଙ୍ଗୀତ ଉପସ୍ଥିତ ଦର୍ଶକଙ୍କୁ ବିମୋହିତ କରିଥିଲା। କ୍ରୀଡା, ଅଧ୍ୟୟନ, ନୃତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଆୟୋଜକଙ୍କ ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ନୃତ୍ୟଗୁରୁ ଟୁକୁ ବେହେରାଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା କେପିପି ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି ତଥା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉତ୍ସବରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ,ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିବାବେଳେ ଡେଲାଙ୍ଗ ଥାନା ମହିଳା ଏସଆଇ ଲିଜା ମଲ୍ଲିକ ଓ ଏଏସଆଇ ସୁଦାମ ଚରଣ ନାୟକ ସଦଳବଳ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱ ନିର୍ବାହ କରିଥିଲେ। ବିଶ୍ୱମୁକ୍ତିର କାର୍ଯ୍ୟକାରୀ ନିର୍ଦ୍ଦେଶିକା ସବିତା ଦାସ, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା ସୁଶ୍ରୀ ସନ୍ଧ୍ୟାବତୀ ପ୍ରଧାନ, ଭରପ୍ରାପ୍ତ ପ୍ରଧାନଶିକ୍ଷକ ହୃଷୀକେଶ ବଳିୟାରସିଂହ, ପୁରାତନ ଛାତ୍ର ପରିଷଦ ସଭାପତି ଅଧ୍ୟାପକ ତ୍ରିନାଥ ପରିଡା, ସରପଞ୍ଚ ଶେଷଦେବ ବାରିକ,ସମିତି ସଭ୍ୟା ସ୍ୱର୍ଣ୍ଣଲତା ନାୟକ,ଶିକ୍ଷକ ମିହିର କୁମାର ପରିଡ଼ା, ପ୍ରବୀର ମହାପାତ୍ର, ବୈଜୟନ୍ତୀ ମାଳା ହରିଚନ୍ଦନ, ରମେଶ ଚନ୍ଦ୍ର ପରିଡା, ସୁଶିଲ ମୁକୁଟମଣି, କର୍ମଚାରୀ ଭ୍ରମରବର ପ୍ରଧାନ, ସୁକାନ୍ତ କୁମାର ବିଶ୍ୱାଳ ଓ ବିଚିତ୍ରାନନ୍ଦ ଦଳାଇ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ ପାଇଁ ପ୍ରାଧ୍ୟାପକ ଶଶାଙ୍କ ଚୂଡ଼ାମଣି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସଭାପତିଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭା



କୁକୁଡାଖଣ୍ଡି,(ଭାସ୍କର ନ୍ୟୁଜ୍): କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଆଙ୍କୁଶପୁର ଗ୍ରାମର ଗ୍ରାମ୍ୟ କମିଟିର ପୂର୍ବତନ ସଭାପତି ଦିବଙ୍ଗତ କେ. ଅମୃତା ଆଚାରୀଙ୍କର ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଗ୍ରାମ୍ୟ କମିଟି ତଥା ବୁଦ୍ଧିଜୀବିଙ୍କ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଆଚାରୀ ଜଣେ ଅତି ମିଷ୍ଟଭାସି ମେଳାପୀ ଓ ପରୋପକାରୀ ବ୍ୟକ୍ତି ଥିଲେ। ତାଙ୍କର ଜୀବନ କାଳ ଭିତରେ ସେ ସମାଜ ଓ ଗ୍ରାମ ସମର୍ପିତ ଭାବରେ ଅନେକ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରି ବେଶ ଲୋକପ୍ରିୟ ଥିଲେ। ତେବେ ବିଗତ ବର୍ଷ ଆଜିର ତିଥିରେ ସ୍ୱର୍ଗତ ଶ୍ରୀ ଆଚାରୀ ଦୀର୍ଘ ଦିନ ହେବ ସ୍ୱାସ୍ଥ୍ୟ ଖରାପ ହୋଇ ଚିକିତ୍ସିତ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ସ୍ୱର୍ଗତ ଶ୍ରୀ ଆଚାରୀ ଗ୍ରାମର ଜଣେ ଆଦର୍ଶ ବ୍ୟକ୍ତି ତଥା ଜଣେ ଦାୟିତ୍ୱବାନ ନାଗରିକ ଭାବେ ଆଜି ତାଙ୍କର ସ୍ୱର୍ଗାରୋହଣର ଏକ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ସେ ସଦ୍ୱେ ସତେଜ ଓ ସ୍ମରଣୀୟ ହୋଇ ରହିବେ। ତେବେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ଗ୍ରାମର ଅନେକ ବୁଦ୍ଧିଜୀବି ବୟୋଜ୍ୟେଷ୍ଠ ନାଗରିକ ତଥା ଯୁବକ ମାନେ ଏକତ୍ରିତ ହୋଇ ଗ୍ରାମର ଅଶୋକ ପାଠାଗାର ଠାରେ ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

# ମହାନଗର




କଟକ(ଭାସ୍କର ନ୍ୟୁଜ): ଓଡିଶା ନାରୀ ସେବା ସଂଘ ପକ୍ଷରୁ ଜଳଛତ୍ର ସଂଘର ସଭାପତି ଡ଼ଃ ପ୍ରତିମା ମହାପାତ୍ର ଓ ସମ୍ପାଦିକା ଆଭା କାନୁନଗୋଙ୍କ ନେତୃତ୍ୱ ରେ କଟକ ବକ୍ସି ବଜାର ସ୍ଥିତ ନାରୀ ସେବା ସଦନରେ ଅନୁଷ୍ଠିତ ହୋଇଯାଇଛି । ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏହି ଜଳଛତ୍ର କାର୍ଯକ୍ରମ ଆୟୋଜନ ହୋଇଥିଲା । ରାସ୍ତାରେ ଯାଉଥିବା ବାଟୋଇ ଯାତ୍ରୀ ମାନଙ୍କୁ ସଙ୍ଘ ପକ୍ଷରୁ ଦହି ସର୍ବତ ଓ ଲସି ପ୍ରଦାନ କରାଯାଇଥିଲା । ଏହି କାର୍ଯକ୍ରମକୁ ସହସଂପାଦିକା ଇନ୍ଦିରା ଅରୋରା, ସଂଗଠନ ସମ୍ପାଦିକା ମୀରା ବେଉରା, ହଲ୍ ସମ୍ପାଦିକା ମଞ୍ଜୁ ସିଂହ, ମୀନାକ୍ଷୀ ମିଶ୍ର, ସୁପ୍ରିତି ଦାସ, ପଦ୍ମଜା ତ୍ରିପାଠୀ, କଲ୍ୟାଣୀ ସାହୁ, ଗିତାଶ୍ରୀ ଦାସ, ଅର୍ଚ୍ଚନା ଦାସ କାନୁନଗୋ, ପୁଷ୍ପ ନାୟକ ବୈଜୟନ୍ତୀ ଖଟୁଆ, ନମିତା ପଣ୍ଡା, ନଳିନୀ ମହାପାତ୍ର, ମମତା ଦାଶ, କୋଷାଧ୍ୟକ୍ଷା ନୟନତାରା ନନ୍ଦ ଓ ମଞ୍ଜୁଲତା ଜେନା ପ୍ରମୁଖ ପରିଚାଳନା କରିଥିଲେ ।



## ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକକୁ ବିମାନ ଟିକେଟ୍ ବିକ୍ରିର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ






ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକକୁ ସିଧାସଳଖ ବିମାନର ଟିକେଟ ବିକ୍ରିର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହାଦ୍ୱାରା ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରକୁ ଯୋଗାଯୋଗ ସହଜ ଓ ସୁଲଭ ହେବ । ଲୋକଙ୍କ ସ୍ୱାର୍ଥ ରକ୍ଷା କରି ଆନ୍ତର୍ଜାତିକ ବିମାନ ଚଳାଇବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ । ଜୁନ ୩ ତାରିଖରୁ ବ୍ୟାଙ୍କକ୍ ଓ ସିଙ୍ଗାପୁରକୁ ଇଣ୍ଡିଗୋ ବିମାନ ଚାଲିବ। ଏହା ପୂର୍ବରୁ ମେ ୧୫ ତାରିଖରୁ ଦୁବାଇକୁ ସିଧାସଳଖ ବିମାନ ଚାଲିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟର ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧିରେ ସହାୟକ ହେବ । ଏଥିସହିତ ଆଇଟି କ୍ଷେତ୍ରର ବିକାଶ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଦୁବାଇ, ସିଙ୍ଗାପୁର ଓ ବ୍ୟାଙ୍କକକୁ ସିଧାସଳଖ ବିମାନ ସେବା ଦ୍ୱାରା ଏସିଆ ମହାଦେଶର କସମୋପଲିଟାନ ସହର ସହ ଓଡ଼ିଶା ଯୋଡ଼ିହେବ । ଭୁବନେଶ୍ୱରରୁ ଦୁବାଇକୁ ସୋମବାର, ବୁଧବାର ଓ ଶୁକ୍ରବାର ବିମାନ ଉଡିବ। ଏକପାଖିଆ ବିମାନ ଯାତ୍ରା ପାଇଁ ଟିକେଟ୍ ଦର ୧୦ ହଜାର ଟଙ୍କା ଥିବା ବେଳେ ଉଭୟ ପକ୍ଷର ଯାତ୍ରା ପାଇଁ ୨୦ ହଜାର ଟଙ୍କା ରହିଛି । ଏହି ବିମାନ ଦୁବାଇରୁ ସଂଧ୍ୟା ୬ଟା ୩୦ରେ ବାହାରି ଭୁବନେଶ୍ୱରରେ ଭୋର ୪ ଟା ୪୫ରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରୁ ୧୧ଟା ୨୫ରେ ବାହାରି ଦୁବାଇରେ ଅପରାହ୍ନ ୪ ଟା ୨୫ରେ ପହଞ୍ଚିବ। ସେହିଭଳି ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍ଗକକକୁ ଫେୟାର ସାଢେ ୭ ହଜାର ଓ ୧୫ ହଜାର ଟଙ୍କା ରଖାଯାଇଛି। ସପ୍ତାହର ପ୍ରତି ମଙ୍ଗଳବାର ଓ ଶନିବାର ସିଙ୍ଗାପୁର ଓ ବ୍ୟାଙ୍କକକୁ ବିମାନ ଉଡ଼ିବ ।

### ୧୫ରୁ ଭୁବନେଶ୍ୱରରୁ ଦୁବାଇ ବିମାନ ଉଡାଣ ଆରମ୍ଭ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରୁ ଖୁବ ଶୀଘ୍ର ଅନ୍ତର୍ଜାତୀୟ ବିମାନ ଉଡାଣ ଆରମ୍ଭ ହେବ। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଆଗାମୀ ମେ' ୧୫ରୁ ଭୁବନେଶ୍ୱରରୁ ଦୁବାଇକୁ ସିଧା ବିମାନ ଉଡାଣ ଆରମ୍ଭ ହେବ । ସେହିପରି ଆଗାମୀ ଜୁନ୍ ୩ରୁ ଭୁବନେଶ୍ୱରରୁ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ଉଡ଼ିବ ।

## ନର୍ସିଂହୋମ୍, ଡାଇଗ୍ନୋଷ୍ଟିକ୍ କେନ୍ଦ୍ର ଉପରେ ଚଢଉ



### ୭୦ ହଜାର ଜରିମାନା

### ଉର୍ମିଳା ନର୍ସିଂହୋମ୍‌କୁ ସିଲ୍ କଲା ସିଏମ୍‌ସି

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ(ସିଏମସି) ଏନ୍‌ଫୋର୍ସମେଣ୍ଟ ବିଭାଗ ପକ୍ଷରୁ ବୁଧବାର ମଙ୍ଗଳାବାଗସ୍ଥିତ ୨ଟି ନର୍ସିଂହୋମ୍ ଓ ଗୋଟିଏ ଡାଇଗ୍ନୋଷ୍ଟିକ୍ କେନ୍ଦ୍ର ଉପରେ ଚଢାଉ କରାଯାଇଛି । ନିୟମ ଉଲ୍ଲଙ୍ଘନ କରି ବ୍ୟବସାୟ ଚଳାଉଥିବା, ନଥିପତ୍ର ନଥିବା ଏବଂ ପାର୍କିଂ ସ୍ଥାନ ନଥିବାରୁ ଉର୍ମିଳା ନର୍ସିଂହୋମକୁ ସିଲ କରିଦିଆଯାଇଛି । ସେହିପରି ସାଇ ଜୀବନ ନାମକ ଅନ୍ୟ ଏକ ନର୍ସିଂହୋମଠାରୁ ଜୋରିମାନା ବାବଦକୁ ୪୦ ହଜାର ଟଙ୍କା ଆଦାୟ କରାଯାଇଛି । ଏତଦ୍ ବ୍ୟତୀତ ନ୍ୟୁ ଲାଇଫ୍ କେୟାର ପଲି କ୍ଲିନିକ ଓ ଡାଇଗ୍ନୋଷ୍ଟିକ୍ କେନ୍ଦ୍ରଠାରୁ ୩୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଉପରୋକ୍ତ ବ୍ୟବସାୟିକ ସଂସ୍ଥାଗୁଡିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହ ୭ ଦିନ ମଧ୍ୟରେ ସମସ୍ତ କାଗଜପତ୍ର ଦାଖଲ କରିବାକୁ କର୍ତ୍ତୃପକ୍ଷ ଆଦେଶ ଦେଇଛନ୍ତି । ସହରରେ କିଛି ନର୍ସିଂହୋମ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର ବେଆଇନ ଭାବେ ବ୍ୟବସାୟ ଚଳାଉଥିବା ସଂକ୍ରାନ୍ତରେ ଖବର ମିଳିବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ(ସିଡିଏମଓ) ସତ୍ୟବ୍ରତ ଛୋଟରାୟ ଏ ସଂପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଆଜି ପୂର୍ବାହ୍ନରେ ଉପରୋକ୍ତ ସଂସ୍ଥାଗୁଡିକ ଉପରେ ଚଢାଉ କରାଯିବା ସମୟରେ ସେମାନଙ୍କ ନିକଟରେ ଏନଓସି, ରେଜିଷ୍ଟ୍ରେସନ ସାର୍ଟିଫିକେଟ୍, ଲ୍ୟାଣ୍ଡ ଏଗ୍ରିମେଣ୍ଟ , ଟ୍ରେଡ୍ ଲାଇସେନ୍ସ, ହୋଲ୍ଡିଂ ଟିକସ ରସିଦ୍ ଆଦି ନଥିବା ଜଣାପଡିଥିଲା । ସେହିପରି ଉକ୍ତ ବ୍ୟବସାୟିକ ସଂସ୍ଥାଗୁଡିକର ପାର୍କିଂ ସ୍ଥଳ ନଥିବା ସହ ସୁରକ୍ଷା ସଂକ୍ରାନ୍ତ ଆଇନ ଉଲ୍ଲଙ୍ଘନ କରୁଥିବା ଯାଞ୍ଚ ସମୟରେ ଜଣାପଡିଥିଲା । ଏହି ଚଢାଉରେ ସିଏମସି ଏନ୍‌ଫୋର୍ସମେଣ୍ଟ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଅଜୟ ମହାନ୍ତି, ରାଜସ୍ୱ ବିଭାଗ ଡେପୁଟି କମିଶନର ଅମୀୟ କୁମାର ପଣ୍ଡା, ସିଟି ହେଲ୍‌ଥ ଅଫିସର ଡାକ୍ତର ସତ୍ୟବ୍ରତ ମହାପାତ୍ର ନେତୃତ୍ୱ ନେଇଥିଲା ବେଳେ ଏନଫୋର୍ସମେଣ୍ଟ ସ୍କ୍ୱାଡର ଇନ୍‌ଚାର୍ଜ ପଞ୍ଚାନନ ପାଲ, ପ୍ରଫୁଲ୍ଲ ମଙ୍ଗଲ, ହୋଲ୍ଡିଂ ଟ୍ୟାକ୍ସ ଟିମ୍, ଲାଇସେନ୍ସ ବିଭାଗ ଟିମ୍ ଓ ସିଡିଇଏଫର ୨ଟି ଟିମ୍ ସାମିଲ ଥିଲେ ।

### ବୃଦ୍ଧି ପାଇଲା ସିଡିଏ ପରିସୀମା

## ୧୪୫ ରାଜସ୍ୱ ଗ୍ରାମ ସାମିଲ

କଟକ(ଭାସ୍କର ନ୍ୟୁଜ୍): କଟକ ସହରର ଉନ୍ନୟନ ପାଇଁ କାର୍ଯ୍ୟ କରୁଥିବା 'କଟକ ଉନ୍ନୟନ କର୍ତ୍ତୃପକ୍ଷ'ର ପରିସୀମା ଏବେ ବୃଦ୍ଧି ପାଇଛି । ରାଜ୍ୟ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତକାଲି ଏ ସଂକ୍ରାନ୍ତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । କଟକ ସହରର ଆଖପାଖରେ ଥିବା ୧୪୫ଟି ରାଜସ୍ୱ ଗ୍ରାମକୁ ସିଡିଏରେ ସାମିଲ କରାଗଲା ବୋଲି ବିଜ୍ଞପ୍ତିରେ ବିଧିବଦ୍ଧ ଭାବେ କୁହାଯାଇଛି । ଯାହା ଫଳରେ ସହରର ପରିସୀମା ଯଥେଷ୍ଟ ବୃଦ୍ଧି ପାଇଛି । ସାମିଲ ହୋଇଥିବା ଉକ୍ତ ଅଞ୍ଚଳଗୁଡିକ ଆଜିଠାରୁ ସିଡିଏ ଅଧୀନକୁ ଯିବା ପରେ ସେଠାର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ଯଥା-ରାସ୍ତାଘାଟ, ଭିତିଭୂମି, ପାର୍କ, ଗୋଷ୍ଠୀ କେନ୍ଦ୍ର, ଜମି ଆବଣ୍ଟନ, ଗୃହ ନିର୍ମାଣ ଆଦି କାର୍ଯ୍ୟ ସିଡିଏ ଦ୍ୱାରା କରାଯିବ । ଏତଦ୍ ବ୍ୟତୀତ ଏହିସବୁ ଅଞ୍ଚଳରୁ ସିଡିଏ ଜମିଜମା ରେଜିଷ୍ଟ୍ରେସନ ବାବଦ ଷ୍ଟାମ୍ପ ଡ୍ୟୁଟି, ପ୍ଲାନ୍ ଆପ୍ରୁଭାଲ, ପ୍ଲଟ ଡେଭଲପମେଣ୍ଟ ସ୍କିମ୍, ହାଉସିଂ କଲୋନି ଆଦିରୁ ରାଜସ୍ୱ ପାଇବ । ଉକ୍ତ ୧୪୫ଟି ରାଜସ୍ୱ ଗ୍ରାମ କଟକ ସଦର ତହସିଲ, ବାରଙ୍ଗ, କଂଟାପଡା, ନିଶ୍ଚିନ୍ତକୋଇଲି, ଟାଙ୍ଗି-ଚୌଦ୍ୱାର, ଆଠଗଡ, ଡମପଡା ଓ ସାଲେପୁର ଆଦି ତହସିଲ ଅଞ୍ଚଳର ବୋଲି ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି । ୨୦୨୨ରେ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଉପରୋକ୍ତ ଅଞ୍ଚଳଗୁଡିକୁ ସାମିଲ କରିବା ସକାଶେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସର୍ବସାଧାରଣଙ୍କ ଗୋଚରାର୍ଥେ ଅବଗତ କରାଯିବା ସହ ଏହାକୁ ନେଇ ଅଭିଯୋଗ/ ପରାମର୍ଶ ଦାଖଲ କରିବା ପାଇଁ ଏକ ମାସ ସମୟ ଦିଆଯାଇଥିଲା । ପରେ ସେସବୁ ଗ୍ରହଣ କରାଯାଇ ପଦକ୍ଷେପ ନିଆଯାଇଛି ବୋଲି ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ।

## ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ନେଲେ ଦିଲ୍ଲୀପ ରାଉତରାଏ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦିଲ୍ଲୀପ ରାଉତରାଏ ବୁଧବାର ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନୂତନ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଭାଗର ବରିଷ୍ଠ ଅଧିକାରୀମାନେ ନୂତନ ନିର୍ଦ୍ଦେଶକଙ୍କୁ ସ୍ୱାଗତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟପନ୍ଥା ସଂପର୍କରେ ଅବଗତ କରାଇଥିଲେ । ପୂର୍ବରୁ ନିର୍ଦ୍ଦେଶକ ଥିବା ରଞ୍ଜନ କୁମାର ଦାସ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଭାବେ ବଦଳି ହେବା ପରେ ଶ୍ରୀ ରାଉତରାଏ ତାଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ବିଭାଗ ପକ୍ଷରୁ ଅନୁଷ୍ଠିତ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥା ସଂପର୍କିତ ଦୁଇଦିନିଆ କର୍ମଶାଳାରେ ଯୋଗଦେଇ ଶ୍ରୀ ରାଉତରାଏ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମକୁ ଜିଲ୍ଲାସ୍ତରରେ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । '୫-ଟି' ଆଧାରରେ ଜନସାଧାରଣଙ୍କୁ ତ୍ୱରିତ ସେବା ଯୋଗାଇଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଥି ସହ ଲୋକମାନଙ୍କ ଆଶା-ଆକାଂକ୍ଷା ଏବଂ ସରକାରଙ୍କ ସଫଳତା ମଧ୍ୟରେ ସେତୁ ଭାବେ କାର୍ଯ୍ୟ କରିବାକୁ ସେ କର୍ମଚାରୀ ଓ ଅଧିକାରୀମାନଙ୍କୁ କହିଥିଲେ । ଏହି ଅବସରରେ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ, ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଆଚାର୍ଯ୍ୟ, ଯୁଗ୍ମ ସଚିବ ଅତଶୀ ଦାଶ, ଅର୍ଥ ପରାମର୍ଶଦାତା ପଦ୍ମଜ୍ୟୋତି ସାହୁ, ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ନିଯୁକ୍ତି ପ୍ରସଙ୍ଗରେ ସରକାରଙ୍କୁ ଘେରିଲା ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାପ୍ରଦେଶରେ ନିଯୁକ୍ତିର ଅବସ୍ଥା କଣ ଅଛି ଇପିଏଫଓ ସଂସ୍ଥା ଅପ୍ରେଲ ୨୦ରେ ଏକ ସବିଶେଷ ରିପୋର୍ଟ ପ୍ରଦାନ କରିଛନ୍ତି । ଫେବ୍ରୟାରୀ ୨୦୨୩ରେ ମହାରାଷ୍ଟ୍ରରେ ୨,୯୧,୮୧୮, ତାମିଲନାଡୁରେ ୧,୬୬,୪୯୧, ଗୁଜରାଟରେ ୧,୧୪,୨୭୦, ହରିଆନାରେ ୧, ୧୨,୬୦୦, କର୍ଣ୍ଣାଟକରେ ୧,୩୨,୧୫୨, ତେଲେଙ୍ଗାନାରେ ୭୯,୭୦୦ ନିଯୁକ୍ତି ସୃଷ୍ଟି ହୋଇ ବେକାର ଯୁବକଯୁବତୀମାନେ ଚାକିରି ପାଇଛନ୍ତି । ବଡ ଦୁଃଖରେ କହିବାକୁ ପଡୁଛି ଫେବୃୟାରୀରେ ଓଡିଶାରେ ପାଇଛନ୍ତି ମାତ୍ର ୧୭,୪୫୯ଜଣ । ରାଜ୍ୟ ସରକାରଙ୍କ କେଉଁ ନିଯୁକ୍ତି ନୀତି ଫଳରେ ଓଡ଼ିଶାରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ତାହା ରାଜ୍ୟ ସରକାର ସ୍ପଷ୍ଟୀକରଣ ରଖନ୍ତୁ ବୋଲି ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ଜାନୁୟାରୀ ତୁଳନାରେ ଫେବୃୟାରୀ ମାସରେ ସାରା ଭାରତରେ ନିଯୁକ୍ତି ୬.୯୪ ପ୍ରତିଶତ ବୃଦ୍ଧି ପାଇଛି ସେତେବେଳେ ଓଡ଼ିଶାରେ ୧୩.୬୫ ପ୍ରତିଶତ ହ୍ରାସ ପାଇବା ଦୁର୍ଭାଗ୍ୟଜନକ । ଏହି ରିପୋର୍ଟରେ ବୟସର ତଥ୍ୟ ମଧ୍ୟ ପ୍ରକାଶ ପାଇଛି । ଏହି ତଥ୍ୟରେ ଓଡ଼ିଶାର ନିଯୁକ୍ତଙ୍କ ସଂଖ୍ୟା ୧୮-୨୧ବର୍ଷ ବୟସ ବନ୍ଧନିରେ ୦.୧୭ପ୍ରତିଶତ, ୨୨-୨୫ବର୍ଷରେ ୦.୫ପ୍ରତିଶତ, ୨୬-୨୮ବର୍ଷରେ ୧୦.୪୨ପ୍ରତିଶତ, ୨୯-୩୫ବର୍ଷରେ ୧୭.୫୧ପ୍ରତିଶତ ଓ ୩୫ବର୍ଷରୁ ଉର୍ଦ୍ଧ୍ୱ ବୟସରେ ୨୬.୦୧ପ୍ରତିଶତ ହ୍ରାସ ପାଇଛି । ପ୍ରାୟତଃ ୧୮ରୁ ୨୮ବୟସ ପର୍ଯ୍ୟନ୍ତ ଯୁବକମାନଙ୍କ ନିଯୁକ୍ତିର ଢାଂଚା ଗଢ଼ି ଉଠିଥାଏ । ଯଦି ଏହି ସମୟରେ ସଂଗଠିତ କ୍ଷେତ୍ରରେ ଯୁବକ/ଯୁବତୀ ନିଯୁକ୍ତି ନପାଆନ୍ତି ତାହାଲେ ତାଙ୍କ ଭବିଷ୍ୟତ ଅନ୍ଧାର ହୋଇଯାଏ ଓ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରିବାକୁ ବାଧ୍ୟ ହୋଇଥାନ୍ତି । ନବୀନ ବାବୁଙ୍କ ୨୩ବର୍ଷ ନେତୃତ୍ୱରେ ଓଡ଼ିଶାର ଯୁବକଙ୍କ ଭବିଷ୍ୟତ ଅନ୍ଧାର ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

### ପଟ୍ଟାପୋଲ-ବଜ୍ରକବାଟି ବକ୍ସ ଡ୍ରେନ୍ କାର୍ଯ୍ୟ ସମୀକ୍ଷା କଲେ ମେୟର

## ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ



କଟକ(ଭାସ୍କର ନ୍ୟୁଜ୍): କଟକ ସହରରେ ଜାଇକା ମାଧ୍ୟମରେ ଚାଲିଥିବା ବକ୍ସ ଡ୍ରେନ କାର୍ଯ୍ୟକୁ ବୁଧବାର କଟକ ମହାନଗର ନିଗମ(ସିଏମସି) ମେୟର ସୁବାସ ସିଂହ ଓ କମିଶନର ନିଖିଲ ପଓ୍ୱନ କଲ୍ୟାଣ ତଦାରଖ କରିଛନ୍ତି । ସ୍ଥାନୀୟ ପଟ୍ଟାପୋଲ ଓ ବାରପଥର ନିକଟରେ ଉଭୟେ ବକ୍ସ ଡ୍ରେନ୍ କାର୍ଯ୍ୟ ବୁଲି ଦେଖିବା ସହ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡିସେମ୍ବର ସୁଦ୍ଧା ଏହି କାର୍ଯ୍ୟ ଶେଷ ପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ବର୍ଷା ଦିନରେ ଡ୍ରେନ୍ କାର୍ଯ୍ୟକୁ ନେଇ ଯେପରି ଜନସାଧାରଣଙ୍କ କୌଣସି ଅସୁବିଧା ନ ହେବ ସେଥିପ୍ରତି ଧ୍ୟାନ ଦେବାକୁ ଉଭୟେ ଯନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହାପରେ ସେମାନେ ମେରିଆବଜାର ଅଂଚଳ ପରିଦର୍ଶନ କରି ବଜ୍ରକବାଟି ରୋଡରେ ପହଂଚି ବକ୍ସ ଡ୍ରେନ୍ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ଯେପରି ବର୍ଷା ଦିନରେ ମୁଖ୍ୟ ଡ୍ରେନ୍‌ର ସ୍ରୋତ ବାଧାପ୍ରାପ୍ତ ନ ହେବ ସେଥିନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଆଦେଶ ଦେଇଥିଲେ । କଟକ ସହରରେ ବର୍ଷା ଜଳ ନିଷ୍କାସନରେ ଆଉ ସମସ୍ୟା ରହିବ ନାହିଁ ବୋଲି ମେୟର ଶ୍ରୀ ସିଂହ କହିଥିଲେ । ଆଗାମୀ ଦିନରେ ବକ୍ସ ଡ୍ରେନ୍‌ଟି ଯାତାୟତର ମୁଖ୍ୟ ମାଧ୍ୟମ ସାଜିବ ବୋଲି ସେ ସୂଚନା ଦେଇ ୪୫୦ କୋଟି ଟଙ୍କା ଏଥିପାଇଁ ବ୍ୟୟ ବରାଦ କରାଯାଇଛି ବୋଲି କହିଥିଲେ । ଲଘୁଚାପଜନିତ ଲଗାଣ ବର୍ଷା, ପବନ ଆଦି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ପ୍ରଶାସନ ଯଥେଷ୍ଟ ସଚେତନ ରହିଛି ବୋଲି କମିଶନର ଶ୍ରୀ କଲ୍ୟାଣ କହିବା ସହ ସିଏମସି, ଓ୍ୱାଟ୍‌କୋ, ଜାଇକା ସମେତ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ସମସ୍ୟାଗୁଡିକର ତୁରନ୍ତ ସମାଧାନ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

## ବାଲିଯାତ୍ରା ପଡ଼ିଆରେ ଆଦିବାସୀ ମେଳା

କଟକ(ଭାସ୍କର ନ୍ୟୁଜ୍): ବାଲିଯାତ୍ରା ଉପର ପଡ଼ିଆରେ 'ସା-ପରିଚୟ ଫାଉଣ୍ଡେସନ' ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଆଦିବାସୀ ମେଳାର ଟ୍ରଷ୍ଟର ଉପଦେଷ୍ଟା ତଥା ମେୟର ସୁବାସ ସିଂଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ସମ୍ମାନୀତ ବକ୍ତା, କଟକ ମହାନଗର ନାଗରିକ ମହାସଭାର ସଭାପତି ତଥା ଦନ୍ତ ଚିକିତ୍ସକ ଡ଼ାକ୍ତର ରବି ରନ ସାହୁ , ଟ୍ରଷ୍ଟର ଉପସଭାପତି ରାଜୀବ ମହାନ୍ତି, ବିଜେଡ଼ି ସଂପାଦକ ପ୍ରଫୁଲ୍ଲ ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ମୋନାଲିସା ଦାସ ଓ ଦୀପ୍ତିମୟୀ ମୂଳିଆ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଆଦିବାସୀ ଜନଜାତିର ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ବିଜେଡିରେ ଯୋଗଦେଲେ ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ଉପନିର୍ବାଚନକୁ ଆଉ ମାତ୍ର ଗୋଟିଏ ସପ୍ତାହ ବାକି ଥିବାବେଳେ ଭାରତୀୟ ଜନତା ପାର୍ଟିକୁ ଶକ୍ତ ଝଟକା ଲାଗିଛି । ଦୀର୍ଘ ୨୫ ବର୍ଷ ଧରି ବିଜେପିର ବିଭିନ୍ନ ପଦ ପଦବୀରେ ଥିବା ଝାରସୁଗୁଡ଼ା ଜିଲ୍ଲା ବିଜେପି ସଭାପତି ମଙ୍ଗଳ ସାହୁ ବୁଧବାର ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଛନ୍ତି । ବିଜେଡିରେ ଯୋଗ ଦେବା ପରେ ଶ୍ରୀ ସାହୁ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ବୁଧବାର ମଧ୍ୟାହ୍ନରେ ଶଙ୍ଖ ଭବନରେ ଆୟୋଜିତ ଏକ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ତଥା ବିଜେଡିର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଦଳୀୟ ଉତ୍ତରୀୟ ପିନ୍ଧାଇ ମଙ୍ଗଳଙ୍କୁ ସ୍ୱାଗତ କରିଥିଲେ ଏବଂ ଶ୍ରୀ ସାହୁଙ୍କ ଯୋଗଦାନ ଫଳରେ ଝାରସୁଗୁଡ଼ାରେ ବିଜେଡି ସଂଗଠନ ଆହୁରି ସୁଦୃଢ଼ ହେବ ବୋଲି କହିଥିଲେ । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ସାହୁ କହିଥିଲେ ଯେ ଝାରସୁଗୁଡ଼ା ଜିଲ୍ଲାରେ ବିଜେପିର ସଂଗଠନ କେମିତି ବୃଦ୍ଧି ହେବ, ସେଥିପାଇଁ କଠିନ ପରିଶ୍ରମ କରିଥିଲି । ଦିନରାତି ଏକ କରି ପାର୍ଟି ପାଇଁ ପ୍ରଚାର କରିଥିଲି । ତେବେ ପାର୍ଟିର କିଛି ନେତା ନୀତି, ଆଦର୍ଶ ଭୁଲି ମିଥ୍ୟାର ରାଜନୀତି କରୁଥିବାରୁ ଆଜି ମୁଁ ଅତ୍ୟନ୍ତ କ୍ଷୋଭର ସହ ପାର୍ଟି ଛାଡ଼ିବାକୁ ନିଷ୍ପତି ନେଇଛି । ଶ୍ରୀ ସାହୁ ଆହୁରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ନିରନ୍ତର ବିକାଶ ହେଉଛି । ମୁଁ ଏଥିରେ ଗଭୀର ଭାବେ ପ୍ରଭାବିତ ହୋଇଛି । ତେଣୁ ଆଜି ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଲି । ଆଜିଠାରୁ ମୁଁ ମୋର ସମସ୍ତ ଶକ୍ତି ଖଟାଇ ବିଜେଡି ପାଇଁ କାମ କରିବି । ଝାରସୁଗୁଡ଼ା ଜିଲ୍ଲାରେ ରାଜ୍ୟ ସରକାରଙ୍କ ବିକାଶର ଧାରାକୁ ଆଗେଇ ନେବା ଲାଗି ଦଳ ମୋତେ ଯେଉଁ ଦାୟିତ୍ୱ ଦେବ ତାହା ନିଷ୍ଠାର ସହ ନିର୍ବାହ କରିବି ବୋଲି ସେ କହିଥିଲେ । ଏହି ମିଶ୍ରଣ ସଭାରେ ବିଜେଡି ମୁଖପାତ୍ର ଗୌତମବୁଦ୍ଧ ଦାସ, ମୌସମ ମିଶ୍ର ଉପସ୍ଥିତ ଥିଲେ ।

### ନୟାପଲ୍ଲୀ ଜମି ଜବରଦଖଲ ଘଟଣା

## ରାଘବକୁ ବାନ୍ଧିଲା ସ୍ପେଶାଲ ସ୍କ୍ୱାର୍ଡ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ନୟାପଲ୍ଲୀ ଜମି ଜବର ଦଖଲ ଘଟଣାରେ ମୁଖ୍ୟ ଅଭିଯୁକ୍ତ ରାଘବ ଜେନାକୁ ଗିରଫ କରିଛି ସ୍ପେଶାଲ ସ୍କ୍ୱାଡ । ଅଭିଯୁକ୍ତ ପୋଲିସକୁ ଦେଖି ପୋଲିସ ଉପରକୁ ବନ୍ଧୁକ ଉଠାଇଥିଲା ।ରାଘବର ସମସ୍ତ ସହଯୋଗୀଙ୍କ ଟେଲିଫୋନକୁ ଟ୍ରାକ କରିଥିଲା ପୋଲିସ । ମୋବାଇଲ ଟ୍ରାକିଂରୁ ରାଘବର ସୂଚନା ପାଇଥିଲା ପୋଲିସ । ଦୀର୍ଘଦିନ ଧରି ରାଘବ ମୋବାଇଲ ସୁଇଚ୍ ଅଫ୍ କରି ରଖିଥିଲା । ନୟାପଲ୍ଲୀରେ ଗତ ମାର୍ଚ୍ଚ ୨୪ ତାରିଖରେ ଏକ ପ୍ଲଟ ଦଖଲକୁ ନେବା ପାଇଁ ୧୦୦ରୁ ଅଧିକ ବାଉନସର ଓ ଲେଡ଼ି ବାଉନସରକୁ ନିୟୋଜିତ କରିଥିଲା । ପୂର୍ବରୁ ଏହି ଘଟଣାରେ ୨ ମହିଳାଙ୍କ ସମେତ ୧୯ ଜଣଙ୍କୁ ଗିରଫ କରିଛି ପୋଲିସ । ଏବେ ରାଘବ ବିରୁଦ୍ଧରେ ପୋଲିସ ସିଆର୍‌ପିସି ଧାରା ୧୧୦ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡିଛି ।

## ସ୍ୱତନ୍ତ୍ର ହସ୍ତତନ୍ତ ମେଳା ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏ ବର୍ଷ ସମ୍ବଲପୁରୀ ବସ୍ତ୍ରାଳୟ ଦ୍ୱାରା ପବିତ୍ର ସାବିତ୍ରୀ ବ୍ରତ ଉପଲକ୍ଷେ ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୩ ଭୁବନେଶ୍ୱର ସ୍ଥିତ ଏକାମ୍ର ହାଟ ଠାରେ ଆୟୋଜନ କରାଯାଇଛି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ତନ୍ତବାୟ ସମିତି/ ଏସ୍‌ଏଚ୍‌ଜି ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି କରି ବୁଣାକାରଙ୍କୁ ନିୟମିତ କାମ ଯୋଗାଇଦେବା ପାଇଁ ରାଜ୍ୟ ସରକାରଙ୍କ ପୋହି-୨୦୨୩-୨୪ ଯୋଜନାରେ ଏହା ଅନୁଷ୍ଠିତ ହୋଇଛି । ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କ୍ରୀଷ୍ଣା ସାହୁଙ୍କ ଦ୍ୱାରା ବୁଧବାର ସନ୍ଧ୍ୟାରେ ଏହି ମେଳା ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ସଂବିତ କୁମାର ଆଚାର୍ଯ୍ୟ, ସଭାପତି, ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼,ଶିଶିର କୁମାର ନାଗ, ପରିଚାଳନା ନିର୍ଦ୍ଦେଶକ, ସମ୍ବଲପୁରୀ ବସ୍ତ୍ରାଳୟ, ସରୋଜ କୁମାର ପଟେଲ, ପରିଚାଳନା ନିର୍ଦ୍ଦେଶକ, ସେରିଫେଡ, ଦେବଜୀତ ନନ୍ଦି, ଯୁଗ୍ମ ନିର୍ଦ୍ଦେଶକ ବୟନଶିଳ୍ପ, ଭୁବନେଶ୍ୱର ଓହେମନ୍ତ କୁମାର ମିଶ୍ର, ବାଣିଜ୍ୟ ଅଧିକାରୀ, ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ ଉପସ୍ଥିତ ଥିଲେ । ଏହି ମେଳାରେ ସମ୍ବଲପୁରୀ ବସ୍ତ୍ରାଳୟ ସହ ରାଜ୍ୟର ବରଗଡ, କଟକ, ସୋନପୁର, ଆଠଗଡ, ବାରିପଦା, ବାଲେଶ୍ୱର, ପାଟଣାଗଡ, ନୟାଗଡ, ଖୋର୍ଦ୍ଧା ଓ ବୌଦ୍ଧ ବୟନ ମଣ୍ଡଳମାନଙ୍କରୁ ୩୪ଗୋଟି ତନ୍ତବାୟ ସମିତି/ ଏସ୍‌ଏଚ୍‌ଜି /ପୋହିର ବୁଣାକାର ସେମାନଙ୍କର ଉତ୍ପାଦିତ ଲୁଗାର ପ୍ରଦର୍ଶନ ଓ ବିକ୍ରୟ କରିବାପାଇଁ ଯୋଗଦାନ କରିଛନ୍ତି । ଏଥି ସକାଶେ ସେମାନଙ୍କୁ ୩୪ଗୋଟି ଦେୟମୁକ୍ତ ଷ୍ଟଲ ପ୍ରଦାନ କରାଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗଙ୍କ ପ୍ରଚେଷ୍ଟାରେ ଚଳିତ ବର୍ଷ ଏପ୍ରିଲ ମାସରେ ରାଜ୍ୟର ହସ୍ତତନ୍ତ ବୁଣାକାର/ସଂସ୍ଥା ଓ ହସ୍ତଶିଳ୍ପ କାରିଗର ଭାଗ ନେଇ ମୋଟ ଟ.୧୩.୮୪ଲକ୍ଷର କାରବାର କରିପାରିଛନ୍ତି । ଉକ୍ତ ଅବଧି ମଧ୍ୟରେ ଏକାମ୍ର ହାଟ ମଧ୍ୟକୁ ୨୬ ଲକ୍ଷ ଲୋକ ଆଗମନ କରିଛନ୍ତି । ମଇ ୨ ତାରିଖରୁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ହସ୍ତତନ୍ତ ମେଳାରେ ଗ୍ରାହକମାନେ ରାଜ୍ୟର ବିଭିନ୍ନ ପ୍ରାନ୍ତର ଉତ୍ପାଦିତ ହସ୍ତତନ୍ତ ଲୁଗା ସୁଲଭ ମୂଲ୍ୟରେ ୧୦% ସରକାରୀ ରିହାତିରେ କିଣିପାରିବେ ।



କୋରାପୁଟ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ସୁନାବେଡା ଥାନା ଅଧୀନ ଟିମ୍ବର ନିକଟ କୋଲାବ ଜଳଭଣ୍ଡାର ପୁରୁଣା ବ୍ରିଜ୍ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ଯୁବକ ଜଣକ ହେଲେ ସୁନାବେଡା ଡିପି କ୍ୟାମ୍ପର ଅମିତ ବିକ୍ରମ (୨୧) ସେ ଜୟପୁର ବିକ୍ରମଦେବ କଲେଜର +୩ର ତୃତୀୟ ବର୍ଷର ଛାତ୍ର ବୋଲି ଜଣାପଡିଛି। ଅମିତ ଏପ୍ରିଲ ୨୯ରୁ ଘର ଛାଡି କୁଆଡେ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ନପାଇ ୩୦ରେ ସୁନାବେଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସମ୍ପର୍କରେ ସୁନାବେଡା ପୋଲିସ ତଦନ୍ତ ଜାରି ରଖିଥିବା ବେଳେ କୋଲବା ଜଳଭଣ୍ଡାର ଜଣକର ମୃତଦେହ ଭାସୁଥିବା ସୁନାବେଡା ପୋଲିସ ଖବର ପାଇଥିଲା। ଏଏସ୍ଆଇ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଜଳଭଣ୍ଡାରରୁ ମୃତଦେହକୁ ଉଦ୍ଧାର କରିଥିଲା। ପରେ ଖବରପାଇ ଅମିତଙ୍କ ପରିବାର ଲୋକେ ପହଞ୍ଚି ତାଙ୍କୁ ଚିହ୍ନଟ କରିଥିଲେ। ଏନେଇ ସୁନାବେଡା ଥାନାରେ କେସ୍ ନଂ ୧୬/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ଅଣାଯାଇଛି। ତେବେ ଅମିତଙ୍କ ମୃତ୍ୟୁର କାରଣ ଜଣାପଡିନଥିବା ଏଏସ୍ଆଇ ପାଣିଗ୍ରାହି କହିଛନ୍ତି।

# ପରିବହନ ଆରମ୍ଭ କରିବା ନେଇ ଟିପର୍ ମାଲିକସଂଘର ଦାବି



କୋରାପୁଟ, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବ୍ଲକ୍ କୋଡିଙ୍ଗାମାଳି ଖଣିରୁ ପୁଣି ବକ୍ସାଇଟ ପରିବହନ କରିବା ଦାବିରେ ଟିପର ମାଲିକ ଏବଂ କର୍ମଚାରୀ ସଂଘ ଜିଲ୍ଲାପାଳଙ୍କୁ ଭେଟିଛି। ଏଥିପାଇଁ ଲକ୍ଷ୍ମୀପୁର ମା' ମୁତ୍ୟାଲୁମାଁ ଟ୍ରକ୍ ଆଣ୍ଡ ଟିପର ମାଲିକ ସଂଘ ସଭାପତି ସୁଧାଂଶୁ ସଗରିଆ, ସମ୍ପାଦକ କାର୍ତିକେଶ୍ୱର ସାହୁ, ଟିପର ମାଲିକ, ଡ୍ରାଇଭର ଓ ହେଲପର କୋରାପୁଟ ପହଞ୍ଚିଥିଲେ। ଜିଲ୍ଲାପାଳ ଅବଦଲ ଏମ୍ ଅତରଙ୍କୁ ଭେଟି ବକ୍ସାଇଟ ପରିବହନ ନିୟମିତ କରିବାକୁ ଦାବି ପ୍ରଦାନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ୧୮୦ରୁ ଉର୍ଦ୍ଧ୍ୱ ଶିକ୍ଷିତ ଯୁବକ ନିଯୁକ୍ତି ନପାଇ ପୈତୃକ ଜମି ଓ ସୁନା ଗହଣା ବନ୍ଧକ ରଖି ଫାଇନାନ୍ସ କରି ପ୍ରାୟ ୪୦୦ ଟିପର କିଣି ଖଣି କାର୍ଯ୍ୟରେ ଲଗାଇଥିଲେ। ଟିପର ନିୟମିତ ଚାଲିବା ଫଳରେ ମାଲିକଙ୍କ ସହ ୭୦୦ ଡ୍ରାଇଭର ଓ ୪୦୦ ହେଲପର ରୋଜଗାର କରୁଥିଲେ। ତେବେ ପରିବହନ ପରମିଟ୍ ଶେଷ ହୋଇଯିବାରୁ ଚଳତ ବର୍ଷ ଏପ୍ରିଲ ପହିଲାରୁ ବକ୍ସାଇଟ ପରିବହନ ବନ୍ଦ ରହିଛି। ଯାହାଫଳରେ ଗାଡି ମାଲିକଙ୍କ ସମେତ ଡ୍ରାଇଭର ଓ ହେଲପର ସିଧାସଳଖ ପ୍ରଭାବିତ ହୋଇଛନ୍ତି। ଗାଡ଼ି ନଚାଲିବା କାରଣରୁ ଋଣ ପରିଶୋଧ କରିପାରୁନଥିବା ବେଳେ ଫାଇନାନ୍ସ କମ୍ପାନୀ ଗାଡ଼ି ନେଇଯିବାକୁ ଧମକ ଦେଉଥିବା ମାଲିକ ସଂଘ ସଭାପତି ଓ ସମ୍ପାଦକ ଅଭିଯୋଗ କରିଛନ୍ତି। ଏମିତି ସ୍ଥିତିରେ ଗାଡି ମାଲିକ ମାନସିକ ଅଶାନ୍ତିରେ ରହୁଥିବା ବେଳେ ଡ୍ରାଇଭର ଏବଂ ହେଲପରଙ୍କୁ ଦରମା ଦେବାର ଅସୁବିଧା ସୃଷ୍ଟି ହେଉଥିବା ପ୍ରକାଶ କରିଛନ୍ତି। ତେଣୁ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଟିପର ମାଲିକମାନେ ଦାବି କରିଛନ୍ତି।

## ୧୦ କ୍ୱିଣ୍ଟାଲ୍ ଗଞ୍ଜେଇ ଜବତ

# ପୋଲିସକୁ ଦେଖି ମାଫିଆ ଫେରାର



କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ମନମୁଣ୍ଡା ଥାନା ୧୦ କ୍ୱିଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରିଥିବା ସୂଚନା ମିଳିଛି। ସୂଚନା ଅନୁସାରେ ମନମୁଣ୍ଡା ଥାନା ଅନ୍ତର୍ଗତ ତିଲପଙ୍ଗା ଗ୍ରାମ ନିକଟ ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚଳାଉଥିବା ଖବର ପାଇ ବୌଦ୍ଧ ଏସପି ରାଜ ପ୍ରସାଦଙ୍କ ନିର୍ଦ୍ଦେଶ କ୍ରମେ ମନମୁଣ୍ଡା ଥାନାଧିକାରୀ ଅଶ୍ୱିନୀ ଭିତିରିଆଙ୍କ ନେତୃତ୍ୱରେ ମନମୁଣ୍ଡା ପୋଲିସ ଓ ଶଗଡା ଫାଣ୍ଡିର ପୋଲିସ କର୍ମଚାରୀମାନେ ମିଳିତ ଭାବେ ଚଢ଼ଉ କରିଥିଲେ। ପୋଲିସକୁ ଦେଖି ଚାଲାଣକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ସେଠାରୁ ଚାଲାଣ ପାଇଁ ରଖାଯାଇଥିବା ଗଞ୍ଜେଇ ଜବତ କରିଥିଲା। ଜବତ ଗଞ୍ଜେଇକୁ ଥାନାକୁ ଅଣାଯାଇ ମାଜିଷ୍ଟ୍ରେଟ୍ଙ୍କ ଉପସ୍ଥିତିରେ ଓଜନ କରିବାରୁ ତାହା ୧୦ କ୍ୱିଣ୍ଟାଲ ୨୫ କେଜି ଥିବା ଜଣାପଡିଥିଲା। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଥାନାଧିକାରୀ ଅଶ୍ୱିନୀ ଭିତିରିଆ ସୂଚନା ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଜାମଦା ବ୍ଲକ୍ ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଡ଼ିଓଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ନଅ ଦଫା ଦାବି ଗୁଡ଼ିକ ଯଥା ପେନସନଧାରୀଙ୍କୁ ଚିକିତ୍ସା ଭତ୍ତା ଓ ଚିକିତ୍ସା ସୁବିଧାନପ୍ରଦାନ, ଉଚ୍ଛେଦ ହୋଇଥିବା ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗକୁ ପୂର୍ବ ଅବସ୍ଥାପିତ କରିବା, ରେଳଯାତ୍ରାରେ ବରିଷ୍ଠ ନାଗରିକମାନଙ୍କୁ ରିହାତି, ବ୍ୟାଙ୍କ ସୁଧରେ ପେନ୍ସନଧାରୀଙ୍କୁ ରିହାତି ପ୍ରଦାନ, ସର୍ବନିମ୍ନ ୯୦୦୦ ଟଙ୍କା କେନ୍ଦ୍ର ଅନୁରୂପ ପେନସନ୍ ପ୍ରଦାନ, କ୍ୱାଲିଫାଇ ସର୍ଭିସ ୨୦ ବର୍ଷକୁ ହ୍ରାସ କରିବା, ଇପିଏଫ୍ ପେନସନଧାରୀଙ୍କୁ ସର୍ବନିମ୍ନ ପେନସନ୍ ୯୦୦୦ ଟଙ୍କା ପ୍ରଦାନ, ଅତିରିକ୍ତ ପେନସନ୍ ୬୫ ବର୍ଷରପ ଲାଗୁ କରିବା ଏବଂ ନୂତନ ପେନସନ୍ ସ୍କିମ୍ ବାତିଲ୍ କରି ପୁରୁଣା ସ୍ଥିରକୃତ ପେନସନ୍ ଲାଗୁ କରିବା। ସଂଘର ସଭାପତି ସେକ୍ ମୁସ୍ତଫା ଅଲ୍ଲୀ, ସମ୍ପାଦକ ସନ୍ତୋଷ କୁମାର ନନ୍ଦଙ୍କ ନେତୃତ୍ୱରେ ସ୍ମାରକପତ୍ର ଜାମଦା ବିଡିଓଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉପଦେଷ୍ଟା ମଣ୍ଡଳୀର ଭାଗିରଥି ମହାକୁଡ଼, ବାଇଧର ସୋରେନ୍, ବିରେନ୍ଦ୍ର ନାରାୟଣ ନାୟକ, ରାମଚନ୍ଦ୍ର ଟୁଡୁ, ଶରତ ଚନ୍ଦ୍ର ପାତ୍ର, ଘାସିନାଥ ମହାନ୍ତି, ବିଶ୍ୱନାଥ ମାର୍ଣ୍ଡି, ଲକ୍ଷ୍ମଣ ଟୁଡୁ, ରତ୍ନାକର ଦାସ, ଭରତ ଦେଓଗାମ ପ୍ରମୁଖ ଉପସ୍ଥିତ ଥିଲେ।

# ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ୨.୦୫.୨୦୨୩ ରିଖରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ-୧ରେ ଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶ୍ରୀ ପଣ୍ଡା ଡିସେମ୍ବର ୨୦୨୦ ମସିହାରୁ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ରହି ଅନେକ କାର୍ଯ୍ୟ କରିଆସୁଥିଲେ। ବର୍ତ୍ତମାନ ସେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ରେଜିଷ୍ଟ୍ରାର୍ ଭାବରେ ଯୋଗ ଦେଇଛନ୍ତି। ଗତ ଛଅ ବର୍ଷ ମଧ୍ୟରେ ସେ ଗୁରୁତ୍ୱପୂର୍ଣ୍ଣ ପଦବୀ ଯଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୋଷାଣୀ, ଉପଜିଲ୍ଲାପାଳ, ପାରଳାଖେମୁଣ୍ଡି ଓ ଅତିରିକ୍ତ ଜିଲ୍ଲାପାଳ ଭାବରେ କାର୍ଯ୍ୟରତ ଥିଲେ। ଜିଲ୍ଲାରେ ହୋଇଥିବା ତିତ୍‌ଲି ଭଳି ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟ କେତେଗୁଡିଏ ବିପର୍ଯ୍ୟୟକୁ ମୁକାବିଲା କରିବା ସହ କରୋନା ଭଳି ମହାମାରୀକୁ ଗତ ପ୍ରାୟ ତିନିବର୍ଷ ହେଲା ସାମ୍ନା କରି ଜିଲ୍ଲାବାସୀଙ୍କର ଅମୂଲ୍ୟ ଜୀବନକୁ ବହୁମାତ୍ରାରେ ସୁରକ୍ଷିତ ରଖି ପାରିଥିଲେ। ଶ୍ରୀ ପଣ୍ଡା କୋଭିଡ ହସ୍ପିଟାଲ୍‌ର ଦାୟିତ୍ୱରେ ରହି ବହୁ ଜୀବନ ବଞ୍ଚାଇବାରେ ତାଙ୍କର ଭୂମିକା ଗୁରୁତ୍ୱ ଥିଲା। ନିର୍ଦ୍ଦିଷ୍ଟ ଭାବରେ ତିତ୍‌ଲି ସମୟରେ ରିଲିଫ ସାମଗ୍ରୀ ବଣ୍ଟନ କରିବା, ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇବା, ଗୃହ ଭାଙ୍ଗିଥିବା ପରିବାରକୁ କ୍ଷତିପୂରଣ ଯୋଗାଇବା ଏଥିରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଜଣେ ମିଷ୍ଟଭାଷୀ, ଭଲ ପ୍ରଶାସକ, ପରିଶ୍ରମୀ ଏବଂ ଜିଲ୍ଲାପାଳଙ୍କର ସହଯୋଗୀ ହିସାବରେ ଜିଲ୍ଲାରେ ଏବଂ ଜିଲ୍ଲାର ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟରେ ବେଶ ଜଣାଶୁଣା ଥିଲେ। ଏହି କାର୍ଯ୍ୟକ୍ରମରେ ଅବସର ନେଇଥିବା ସିଡିଭିଓ ଶ୍ରୀ ଗିରିଶ କୁମାର ମହାନ୍ତିଙ୍କୁ ମଧ୍ୟ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟପଟେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ୍ କୁମାର, ଡିଏଫ୍‌ଓ ଏସ୍ ଆନନ୍ଦ, ଅତିରିକ୍ତ ଜିଲ୍ଲାପାଳ (ରେଭିନ୍ୟୁ) ବିରେନ୍ଦ୍ର କୁମାର ଦାସ, ଉପଜିଲ୍ଲାପାଳ ଆଲୋକ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ରୋମାଞ୍ଚଳ ଖମାରୀ ଏବଂ ଜିଲ୍ଲାର ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ପ୍ରତ୍ୟେକ ବ୍ଲକ୍‌ର ଗୋଷ୍ଠୀ ଉନ୍ନନୟ ଅଧିକାରୀ ଏବଂ ତହସିଲଦାର ପ୍ରମୁଖ ଯୋଗଦେଇଥିଲେ।

# ପଥର କ୍ୱାରୀରେ ମାଓ ପୋଷ୍ଟର



ଜୟପୁର, (ଭାସ୍କର ନ୍ୟୁଜ୍): ବୈପାରୀଗୁଡା ଥାନା ଅନ୍ତର୍ଗତ ମାଝୀଗୁଡା ପଞ୍ଚାୟତର କଟ୍ରାଗୁଡ଼ା ସ୍ଥିତ ଖେମାବେଡା ପଥର କୁଆରିରେ ଲାଗିଛି ମାଓ ପୋଷ୍ଟର। ଧଳା ରଙ୍ଗର କାଗଜରେ ଲେଖା ଯାଇଥିବା ପୋଷ୍ଟର କ୍ୱାରୀର ବିଭିନ୍ନ ସ୍ଥାନରେ ଲାଗିଛି। କ୍ୱାରୀ ନିକଟରେ ଥିବା ଗଛ, ଗାଡି ଏବଂ କ୍ୱାରୀ ଘର କାନ୍ଥରେ ଏଭଳି ଲାଗିଛି। ସିପିଆଇ ମାଓବାଦୀ ପକ୍ଷରୁ ବ୍ୟାନର ଲଗାଯାଇଥିବା ନେଇ ଉଲ୍ଲେଖ ଅଛି। ପୁଣି ଏହି ପୋଷ୍ଟରରେ ଉଲ୍ଲେଖ ଅଛି ଯେ, ପଥର କ୍ୱାରୀର ମ୍ୟାନେଜର ସମତ ଷ୍ଟାଫ ନିଜ ନିଜ ଘରକୁ ଚାଲିଯାଆନ୍ତୁ। ନହେଲେ ସମସ୍ତଙ୍କୁ ମାରିଦିଆଯିବ। ୧୫ ତାରିଖ ସୁଦ୍ଧା ୧୨ ଲକ୍ଷ ଟଙ୍କା ନଦେଲେ ସମସ୍ତ ମେସିନ ଏବଂ ଗାଡ଼ି ପୋଡ଼ି ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ବିଦ୍ୟୁତ ବିଭାଗ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ




କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆଠାରେ ପାୱାର ଏମ୍ପ୍ଲୋୟିଜ ୟୁନିଅନ ବାଲେଶ୍ୱର, କରଞ୍ଜିଆ ଶାଖା ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ସ୍ଥାନୀୟ ସାଇ ସାଗର କନକ୍ଲେଭ ପରିସରରେ ପାଳିତ ହୋଇଯାଇଛି। ଓଡ଼ିଶା ବିଦ୍ୟୁତ ବିଭାଗ କର୍ମଚାରୀ ଫେଡେରେସନ ଭୁବନେଶ୍ୱରର ସମ୍ପାଦକ ଶମ୍ଭୁ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦୁଝର ସାଂସଦ ଇ ଚନ୍ଦ୍ରାଣୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ଶିକ୍ଷାବିତ ଡ଼ ଭାଗବତ ଲେଙ୍କା ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ କରଞ୍ଜିଆ ଏନ୍‌ଏସି ଅଧ୍ୟକ୍ଷା ପପି ପୃଷ୍ଟି, ଉପାଧ୍ୟକ୍ଷ ସରୂପ କୁମାର ପରିଜା, ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଚୌଧୁରୀ, ସମାଜସେବୀ ବିଷ୍ଣୁ କୁମାର ଅଗ୍ରୱାଲ, କରଞ୍ଜିଆ ବ୍ଲକ୍ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ବିଦ୍ୟୁତ ବିଭାଗ କର୍ମଚାରୀ ଫେଡେରେଁସନର ଉପସଭାପତି ଶ୍ରୀକୃଷ୍ଣ ପଟ୍ଟନାୟକ, ପାୱାର ଏମଲ୍‌ୟୋଇଜ ଇଉନିୟୋନ ବାଲେଶ୍ୱରର ଉପସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ, କରଞ୍ଜିଆ ସେକ୍ସନର ସହକାରୀ ପରିଚାଳକ ଇ ଅମୀୟ କୁମାର ସାହୁ, ସେରକଲ ସେକ୍ରେଟାରୀ ଅଶ୍ୱିନୀ କୁମାର ପଣ୍ଡା, ରାଇରଙ୍ଗପୁର ଶାଖାର କୋଷାଧ୍ୟକ୍ଷ ବିଜୟ କ୍ରୀଷ୍ଣା ମାଇତି ପ୍ରମୁଖ ଯୋଗ ଦେଇ ବିଦୂତ କର୍ମଚାରୀଙ୍କ ନିମନ୍ତେ ଶ୍ରମିକ ସୁରକ୍ଷା, ଦାବି କରିବା ସହିତ ଶ୍ରମିକ ସୁରକ୍ଷା ପାଇଁ ମଧ ଦାବି କରିଥିଲେ। କାର୍ଯ୍ୟକ୍ରମରେ ପାୱାର ଏମ୍ପ୍ଲୋୟିଜ ୟୁନିଅନର ଜ୍ୟୋତି ପ୍ରକାଶ ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ଭବାନି ଶଙ୍କର ଚୌଧୁରୀ, ସମୀର ପଟ୍ଟନାୟକ, ଲାଲ ମୋହନ ମହାନ୍ତ, ସଂଜୟ ସାହୁ, ଭଗବାନ ରାଉଳ ଜଗନ୍ନାଥ ମହାକୁଡ଼ ପରିଚାଳନାରେ ସହଯୋଗ କରିଥିଲେ ତେବେ ୟୁନିଅନ କାର୍ଯ୍ୟାଳୟ ପରିସରରେ ସକାଳୁ ସଦସ୍ୟ ଗଣ ଶ୍ରମିକ ପତାକା ଉତ୍ତୋଳନ କରିବା ପରେ ସ୍ଲୋଗାନମାନ ଦେଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ବିଶ୍ୱ ଶ୍ରମିକ ଦିବସ ସମାରୋହ ପାଳିତ ହୋଇଥିଲା। ପରିଶେଷରେ ଆର୍ତ୍ତବନ୍ଧୁ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ମୋ କଲେଜ ଅଭିଯାନ ଓ ପୁରାତନ ଛାତ୍ର ସଂସଦ ବୈଠକ

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ଗୋପାଳପୁର କଲେଜରେ ଆଜି ମୋ କଲେଜ୍ ଅଭିଯାନ ଓ ପୁରାତନ ଛାତ୍ର ସଂସଦର ବୈଠକ କଲେଜର ଅଧ୍ୟକ୍ଷ ଡ଼ଃ ରାମ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ଉପନିର୍ଦ୍ଦେଶକ ଡଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିବା ସହ ମୋ କଲେଜ୍ ଅଭିଯାନ ଯୋଜନା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି କଲେଜର ପୂର୍ବତନ ଅଧ୍ୟକ୍ଷ ଏସ୍. ରାମା ରାଓ, ପୂର୍ବତନ ଅଧ୍ୟକ୍ଷ ରମା କାନ୍ତ ଚୌଧୁରୀ, ପୁରାତନ ଛାତ୍ର ସଂସଦର ସଭାପତି ଏ.ଜାନକୀ ରାମ, ସମ୍ପାଦକ ରାଜୀବ ଲୋଚନ ମିଶ୍ର, ସଦସ୍ୟ ଏମ୍.କାମେଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ରହି କଲେଜର ଉନ୍ନତି କ୍ଷେତ୍ରରେ ପୁରାତନ ବିଦ୍ୟାର୍ଥୀମାନେ ଆଗକୁ ଆସି ସହଯୋଗ କରିବାକୁ ମତବ୍ୟକ୍ତ ଦେଇଥିଲେ। ଅଧ୍ୟାପକ ଡ଼ଃ ରାମ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଆଶୁତୋଷ ଷଡ଼ଙ୍ଗୀ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସଂସଦର ସହ ସମ୍ପାଦିକା ରମିଳା କୁମରୀ ଦାସ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଡ଼ଃ ପ୍ରଦୀପ୍ତ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ନିଜ ନିଜ ମତବ୍ୟକ୍ତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜାମଦା ମାଟିରୁ 'ମେଘାଚ୍ଛନ୍ନ' ସାପ୍ତାହିକ ପତ୍ରିକା ଉନ୍ମୋଚିତ




ରାଇରଙ୍ଗପୁର, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଜାମଦା ଅଞ୍ଚଳରୁ ମେଘାଚ୍ଛନ୍ନ ନାମରେ ଏକ ସାପ୍ତାହିକ ଇ-ପତ୍ରିକା ମଇ ୧ ତାରିଖରେ ଆକାଶ ମେଘାଚ୍ଛନ୍ନ ରହିଥିଲାବେଳେ ଉନ୍ମୋଚିତ ହୋଇଯାଇଛି। ଝାଡଖଣ୍ଡର ରୂପଶ୍ରୀ ପ୍ରଧାନ, ବହଳଦାର ମିନାକ୍ଷୀ ମହାପାତ୍ର, ରାଇରଙ୍ଗପୁରର ପ୍ରଶ୍ନ କୁମାର ଶତପଥୀ (ସମାଜସେବୀ ତଥା ଯୁବ କବି, ଲେଖକ, ସାମ୍ବାଦିକ)ଙ୍କ ଉତ୍ସାହ ଓ ସହଯୋଗ ବଳରେ ମେଘାଚ୍ଛନ୍ନ ପତ୍ରିକାର ମୁଖ୍ୟ ସମ୍ପାଦକ ଭାବେ ଜାମଦା ଅଞ୍ଚଳର ଯୁବ ଲେଖକ ବିକାଶ ନାୟକ, ସହ ସମ୍ପାଦିକା ଭାବେ ମୁକୁନ୍ଦପାତ୍ର ମହାବିଦ୍ୟାଳୟ ଯାଜପୁରର ଅଧ୍ୟାପିକା ତଥା କବୟିତ୍ରୀ ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ ଏବଂ ଉପଦେଷ୍ଟା ଭାବେ ସଞ୍ଜିବନୀ ସାହିତ୍ୟ ସଂସଦ, ଚମ୍ପୁଆର ସମ୍ପାଦକ ତଥା ବରିଷ୍ଠ ଲେଖକ ଓ ସାମ୍ବାଦିକ ଡମ୍ବରୁ ମହାନ୍ତ ପ୍ରମୁଖ ଦାୟିତ୍ୱ ନେଇ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପୂର୍ଣ୍ଣ କରିଛନ୍ତି। ଚିହ୍ନା ମୁହଁ ନୁହେଁ ବରଂ ଭଲ ଲେଖାଟିଏ ପତ୍ରିକାର କୋଳମଣ୍ଡନ କରିବା ହେଉଛି ପତ୍ରିକାର ମୂଳ ମନ୍ତ୍ର ବୋଲି ମୁଖ୍ୟ ସମ୍ପାଦକ ବିକାଶ ନାୟକ ଏବଂ ସମ୍ପାଦିକା ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ କହିଛନ୍ତି। ପତ୍ରିକାର ପ୍ରଥମ ସଂସ୍କରଣରେ ୨୬ ଜଣ କବି ଏବଂ କବୟିତ୍ରୀଙ୍କ କବିତା ପ୍ରକାଶିତ ହୋଇଛି। ଏହା ଅନେକ ପାଠକ ଗହଣରେ ମଧ ଆଦୃତି ଲାଭ କଲାଣି। ଆଗାମୀ ଦିନରେ ଗଳ୍ପ, ସମାଲୋଚନା ସାହିତ୍ୟ, ଗବେଷଣାତ୍ମକ ପ୍ରବନ୍ଧ, ଲୋକମାନଙ୍କ ଜୀବନୀ କଥା, ପରିବେଶ ଉପରେ ଆଧାରିତ ଉପରେ ପ୍ରବନ୍ଧ ପ୍ରକାଶ କରାଯିବ ବୋଲି ମୁଖ୍ୟ ସମ୍ପାଦକ ମତ ଦେଇଛନ୍ତି। ଏହି ପତ୍ରିକାଟିର ସୃଷ୍ଟିର ବିଚାର ଧାରାଠାରୁ ଆରମ୍ଭ କରି ପତ୍ରିକା ଉନ୍ମୋଚନ ପର୍ଯ୍ୟନ୍ତ ସମ୍ପାଦକଙ୍କ ଘନିଷ୍ଠ ସାଥି ଅନେକ ସହଯୋଗ କରିଛନ୍ତି ବୋଲି ମୁଖ୍ୟ ସମ୍ପାଦକ କହିଛନ୍ତି।

# ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ

ଛତ୍ରପୁର, (ଭାସ୍କର ନ୍ୟୁଜ୍): ଗଞ୍ଜାମ ଜିଲ୍ଲା ବିଜୁ ଶ୍ରମିକ ସାମୁଖ୍ୟ ପକ୍ଷରୁ ସୋମବାର ଗୋପାଳପୁର ବନ୍ଦର ନିକଟ ଆର୍ଯ୍ୟପଲି କମ୍ୟୁନିଟ ହଲ୍‌ଠାରେ ବିଶ୍ୱ ଶ୍ରମିକ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଗଞ୍ଜାମ ଜିଲ୍ଲା ବିଜୁ ଶ୍ରମିକ ସାମୁଖ୍ୟର ଜିଲ୍ଲା ଉପସଭାପତି ଶଙ୍କର ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ଉପବାଚସ୍ପତି ତଥା ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣର ଉପଦେଷ୍ଟା ରାମଚନ୍ଦ୍ର ପଣ୍ଡା ଯୋଗଦେଇ ଶ୍ରମିକମାନଙ୍କ ଉଦ୍ଦିଷ୍ଟ ବିଭିନ୍ନ ଆଇନ ଉପରେ ଆଲୋଚନା କରିବା ସହ ସରକାର ତାର ସୁବିଧା, ସୁଯୋଗ ଯୋଗାଇଦେବା ଆବଶ୍ୟକ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ଶ୍ରମିକ ନେତାମାନେ ତୀବ୍ର ସମାଲୋଚନା କରିଥିଲେ। ସମସ୍ତେ ଏକଜୁଟ ହେଲେ ଶ୍ରମିକଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ହୋଇପାରିବ ବୋଲି ଉପସଭପତି ଶ୍ରୀ ଦାଶ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଶ୍ରୀ କେମିକାଲ ୱାର୍କର୍ସ ୟୁନିଅନ ସମ୍ପାଦକ ଜି. ସନ୍ତୋଷ ରେଡ୍ଡୀ, ଜି.ଡିଲେଶ୍ୱର ରେଡି, ଦୁର୍ଯ୍ୟୋଧନ ବେହେରା, ଅର୍ଯ୍ୟପଲ୍ଲୀ ସରପଞ୍ଚ ତ୍ରିଲୋଚନ ବେହେରା, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ ଏସ୍. ସଂଜୀବ ରେଡ୍ଡୀ, ତ୍ରିନାଥ ରେଡ୍ଡୀ, କେ. କେଦାର, ଆର. ଗୋବିନ୍ଦା, ବି. ଭୀମସେନ ବେହେରା ପ୍ରମୁଖ ଶ୍ରମିକମାନଙ୍କର ସ୍ୱାର୍ଥ ଓ କଲ୍ୟାଣକୁ ନେଇ ସଂଗଠିତ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଗୋପାଳପୁର ପୋର୍ଟ କର୍ମଚାରୀ ସଂଘ, ଗୋପାଳପୁର ପୋର୍ଟ ଲୋଡିଂ, ଅନଲୋଡିଂ ସୁପରଭାଇଜର ୟୁନିଅନ, ଭାରତୀୟ ବିରଳ ମୃତ୍ତିକା ଠିକା କର୍ମଚାରୀ ସଂଘର ଶ୍ରମିକ ୟୁନିଅନ, ଜୟଶ୍ରୀ କେମିକାଲ ୱାର୍କର୍ସ ୟୁନିଅନ, ବ୍ଲାଷ୍ଟ ଏମ୍ପଲୋୟୀମାନଙ୍କ କର୍ମକର୍ତ୍ତା, ସଭ୍ୟ, ଶ୍ରମିକମାନେ ଉପସ୍ଥିତ ଥିଲେ।

# ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଖଇରପୁଟ, (ଭାସ୍କର ନ୍ୟୁଜ୍): ମାଲକାନଗିରି ମହାବିଦ୍ୟାଳୟର ନୂତନ ଭାବେ କାର୍ଯ୍ୟଭାର ନେଇଥିବା ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କୁ ମାଲକାନଗିରି ମହାବିଦ୍ୟାଳୟ ତରଫରୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ଏହି ସଭାରେ ଅଧ୍ୟକ୍ଷ ଭାବରେ ଦୀର୍ଘ ୫ବର୍ଷ ଧରି କାର୍ଯ୍ୟକୁ ଅତି ସୂଚାରୁରୂପେ ତୁଲାଇଥିବା ଅଶୋକ କୁମାର ଷଡଙ୍ଗୀଙ୍କ ସଭାପତିତ୍ୱରେ।

ଶ୍ରୀ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା।

ଜିଲ୍ଲାର ସର୍ବପ୍ରାଚୀନ ମହାବିଦ୍ୟାଳୟକୁ ପ୍ରଗତି ପଥରେ ଆଗେଇ ନେବା ନିମନ୍ତେ, ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ କାମନା କରିଛନ୍ତି।

ଏହି ସଭାକୁ ଛାତ୍ର ସଂସଦର ଉପଦେଷ୍ଟା ଡଃ ରଞ୍ଜନ କୁମାର ସ୍ୱାଇଁ ଆୟୋଜନ କରିଥିବା ବେଳେ।

ଇତିହାସ ବିଭାଗର ମୁଖ୍ୟ ନମିତା ଦଣ୍ଡସେନା ଉପସ୍ଥିତ ରହି, ସଭା ସଞ୍ଚାଳନରେ ସାହାଯ୍ୟ କରିଥିଲେ। ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଣଶିକ୍ଷକ କର୍ମଚାରୀଙ୍କ ଉପସ୍ଥିତିରେ ଏହି ସଭା ସମ୍ବର୍ଦ୍ଧିତ ହୋଇଥିଲା।

ସର୍ବଶେଷରେ ଡଃ ଗୋକୁଳାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମହାନଗର ମହୋତ୍ସବର ଅଷ୍ଟମ ସନ୍ଧ୍ୟା

# ରାଜ୍ୟର ସାଂସ୍କୃତିକ ଉନ୍ନତି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ମହାନଗର ମହୋତ୍ସବ ମଙ୍ଗଳବାର ଅଷ୍ଟମ ରଜନୀରେ ପହଞ୍ଚିଛି। କମିଟିର ସଭାପତି ନାରାୟଣ ମହାକୁଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମର ସାଂସ୍କୃତିକ ସନ୍ଧ୍ୟାକୁ ମୁଖ୍ୟ ଅତିଥି ଭାବେ ଶ୍ରମ ନିୟୋଜନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଗଞ୍ଜାମ ଜିଲ୍ଲା କଳା ଓ ସଂସ୍କୃତିର ଜିଲ୍ଲା। ମହାନଗର ମହୋତ୍ସବ ଦ୍ୱାରା କଳାକାରଙ୍କ କଳା ରାଜ୍ୟ ତଥା ଦେଶର କୋଣ ଅନୁକୋଣରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ଏଭଳି ଆୟୋଜନକୁ କରାଯାଇଥିବାରୁ ମହାନଗର ମହୋତ୍ସବ କମିଟିର ସମସ୍ତ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେହିପରି ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ପୂର୍ବତନ ସାଂସଦ ସିଦ୍ଧାନ୍ତ ମହାପାତ୍ର ଯୋଗୋଦେଇ ଚତୁର୍ଥ ସ୍ତମ୍ଭ କଳା ଓ କଳାକାରଙ୍କୁ ଏହି ମଞ୍ଚ ସୁଯୋଗ ଦେଇଥିବାରୁ ସାଧୁବାଦ ଜ୍ଞାପନ କରିଛନ୍ତି। ପରେପରେ ଦର୍ଶକ ଅନୁରୋଧ ରକ୍ଷା ଓଡ଼ିଆ ଚଳିଚିତ୍ରର ସଙ୍ଗୀତ ତୋ ଆଖି ମୋ ଆଇନା ଗାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାୟୁ ପଟ୍ଟନାୟକ, ମହାପାତ୍ର, ଓଡ଼ିଶା କାଜୁ ନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ବରିଷ୍ଠ ଶିକ୍ଷାବିତ ତଥା ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲ୍‌ର ଚେୟାରମେନ୍ ପ୍ରଶାନ୍ତ ମହାପାତ୍ର, ସକାଳ ଖବରକାଗଜ ବ୍ରହ୍ମପୁର ସଂସ୍କରଣର ମୁଖ୍ୟ ଡ଼. ଜଗନ ମୋହନ ମହାପାତ୍ର, କମିଟି ସମ୍ପାଦକ ଗୋପାଳ ପଟ୍ଟନାୟକ, ଉପ ସଭାପତି ଅନିଲ ପାତ୍ର, ମିହିର ରଞ୍ଜନ ତ୍ରିପାଠୀ, ସାମ୍ବାଦିକ ଅନନ୍ତ ରାମ ପ୍ରଧାନ, ଡ.ମିହିର ତ୍ରିପାଠୀ, ସହସମ୍ପାଦକ ସତ୍ୟ ଚେତନ ପରିଡ଼ା, ସୁଦିପ୍ ସାହୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମହାନଗର ମହୋତ୍ସବର ଅଷ୍ଟମ ଦିବସରେ ଇନ୍ଦ୍ରଧନୁ ସାହିତ୍ୟ ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇ ଯାଇଛି ସାହିତ୍ୟ ଆଲୋଚନା ଆସର ଏବଂ କବିତାର ମହାପର୍ବ। ଏହି ଅନୁଷ୍ଠିତ ଉତ୍ସବରେ ଉଦ୍‌ଘାଟକ ରୂପେ ବରିଷ୍ଠ ନାଟ୍ୟକାର ଇଞ୍ଜିନିୟର ଯାମିନୀକାନ୍ତ ଦାସ, ମୁଖ୍ୟବକ୍ତା ରୂପେ ସୂଚନା ପାଢ଼ୀ, ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକା ସଂହିତା ମହାନ୍ତି ଏବଂ ଅଜିତ ସାବତ ପ୍ରମୁଖ ଯୋଗ ଦେଇଥିବା ବେଳେ ଆସରର ସଭାପତି ଅମିତା ଦାସଙ୍କ ସଭାପତିତ୍ୱରେ ଉପସ୍ଥାପକ ଶିବାନନ୍ଦ ବାରିକ ସୁଚାରୁ ରୂପେ ମଞ୍ଚ ପରିଚାଳନା କରିଥିଲେ। ଦିତୀୟ ଆସରରେ କବିତା ପାଠୋତ୍ସବକୁ ନିଜ ଚମତ୍କାର ସଂଯୋଜନା ମାଧ୍ୟମରେ ପରିଚାଳନା କରି କବିତା ପର୍ବକୁ ଆଗେଇ ନେଇଥିଲେ ସଂଯୋଜିକା ସ୍ୱାଗତିକା ବାହିନୀପତି ଏବଂ ସଂଯୋଜକ ଚିନ୍ମୟ ରଞ୍ଜନ ମିଶ୍ର। କବୟିତ୍ରୀ ତଥା ସମ୍ପାଦିକା ଆର୍ ସୁନନ୍ଦା ଚୌଧୁରୀଙ୍କ ଧନ୍ୟବାଦ ଅର୍ପଣ ସହ ସଭାର ଉପସଂହାର କରାଯାଇଥିଲ। ଏହି ପରିପ୍ରେକ୍ଷୀରେ ଅନେକ ପ୍ରତିଭା ସ୍ୱରଚିତ କବିତା ଆବୃତ୍ତି ସହ ସମ୍ବର୍ଦ୍ଧିତ ହୋଇଥିଲେ। ଅଷ୍ଟମ ସାଂସ୍କୃତିକ ସନ୍ଧ୍ୟାରେ ସକାଳ ଓ ନନ୍ଦିଘୋଷ ଗ୍ରୁପ ପକ୍ଷରୁ ମହୋତ୍ସବର ସାଂସ୍କୃତିକ ସଂଧ୍ୟାରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ମୂର୍ଚ୍ଛନା କଳାକେନ୍ଦ୍ର 'ସକାଳ' ସମ୍ମାନ ବିଜେତା ଭାବେ ଟ୍ରଫି ପ୍ରଦାନ କରାଯାଇଥିବାବେଳେ ଓଡ଼ିଶୀ ନୃତ୍ୟଶିଳ୍ପୀ ଅଭିପ୍ସା ରାଜଗୁରୁଙ୍କୁ କଳିଙ୍ଗ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ପରେ ପରେ ବିଭିନ୍ନ କଳାକାରଙ୍କ ଦ୍ୱାରା ଆଧୁନିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ ସନ୍ଧ୍ୟାର ଶେଷ ପର୍ଯ୍ୟାୟରେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଉଦ୍‌ଘୋଷକ ଭାବେ ଶିବାନନ୍ଦ ବାରିକ ରହିଥିବାବେଳେ ମଞ୍ଚ ପରିଚାଳନା ଡ଼. ମିହିର ତ୍ରିପାଠୀ କରିଥିଲେ। ପରିଶେଷରେ କମିଟି ସଦସ୍ୟ ସୁଦିପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିରାମ ପାତ୍ର, ଲିଙ୍କୁ ଡାକୁଆ, ସିମାଞ୍ଚଳ ସାହୁ, ଶଙ୍କର ରଣା, ଚିଙ୍କୁ ପ୍ରତିନିଧି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟ ଖବର



ରାଇଘର (ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲା ରାଇଘର ବ୍ଲକ ସ୍ୱାସ୍ଥ୍ୟ ବିଭାଗ ତରଫରୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ସେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା, ନବରଙ୍ଗପୁର ଜିଲ୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ, ହାଟଭରଣ୍ଡୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୯୧ ୟୁନିଟ ଏବଂ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୩୧ ୟୁନିଟ ମୋଟ ୨୨୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା,ଏହି ରକ୍ତଦାନ ଶିବିରରେ ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼କ୍ଟର ଦଶରଥ ନାଗ, ଚିକିତ୍ସାଧିକାରୀ ଡାକ୍ତର ଅସୀମ କୁମାର ସାହୁ, ଚିକିତ୍ସକ ଡାକ୍ତର ରୁପେନ କୁମାର ସାହୁ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ସୁରେଶ କୁମାର ବେବର୍ତ୍ତା, ବହୁମୁଖି ସ୍ୱାସ୍ଥ୍ୟ ପରିଦର୍ଶକ ଏମ. ଆର କେ ରାଜୁ, ବହୁମୁଖି ସ୍ୱାସ୍ଥ୍ୟ ପରିଦର୍ଶକ ହାରାଧନ ସରକାର, ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ହନୁମନ୍ତ ମାଝୀ, ମେଡିକାଲ ଫାର୍ମାସିଷ୍ଟ ଶଙ୍କରଷଣ ସାହୁ, ବହୁମୁଖୀ ସ୍ୱାସ୍ଥ୍ୟ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ନୀଳମାଧମ ମିଶ୍ରଙ୍କ ସମେତ ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ, ପ୍ରମୁଖ ଉପସ୍ଥିତ ଥିଲେ।

## ୨ଦନ୍ତାଙ୍କ ଉତ୍ପାତ : ଘର ଭାଙ୍ଗବା ସହ ନଷ୍ଟକଲେ ଧାନ-ଚାଉଳ



ଲହୁଣୀପଡା (ଭାସ୍କର ନ୍ୟୁଜ୍): ପୁଣି ଗାଁକୁ ଫେରିଲେ ଦନ୍ତା, ସୁନ୍ଦରଗଡ଼ ଜିଲ୍ଲା ବଣାଇ ରେଞ୍ଜର ଗୁଡ଼ିଆଳି ଗ୍ରାମରେ ଦୁଇଟି ଗୋଠ ଛଡାଦନ୍ତା ହାତୀ ଆସି ଗ୍ରାମରେ ପହଞ୍ଚି ଜଣେ ବ୍ୟକ୍ତିଙ୍କ ଘରେ କେହି ନଥିବା ବେଳେ ଘର ଭାଙ୍ଗି ବା ସହିତ ଘରେ ଥିବା ଧାନକୁ ବାହାରକୁ ଆଣି ଖାଇବା ସହିତ ପାଦରେ ଦଳି ନଷ୍ଟ କରିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ବନବିଭାଗ ଜାଣିବା ପରେ ଘଟଣା ସ୍ଥଳକୁ ଫରେଷ୍ଟର, ଗାର୍ଡ ଅନ୍ୟ କର୍ମଚାରୀମାନେ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କୁ ଚାଉଳ ତଥା ଅନ୍ୟ ସାମଗ୍ରୀକୁ କିଣିବାକୁ ଆର୍ଥିକ ସାହାଯ୍ୟ କରି ଥିବା ଜଣାପଡିଛି। ଘର ଭାଙ୍ଗିବା ବାବଦରେ କ୍ଷତି ପୂରଣ ଦିଆଯିବ ବୋଲି ବିଭାଗ ସୂଚନା ଦେଇଛି। ଏହି ଦୁଇଟି ଦନ୍ତା ଦୀର୍ଘ ତିନି ମାସ ତଳେ ବଣାଇ ରେଞ୍ଜର ବିଭିନ୍ନ ଅଞ୍ଚଳରେ ପଶି ବହୁ କ୍ଷୟ କ୍ଷତି କରି ପଳାଇ ଥିବା ବେଳେ ଏବେ ପୁଣି ଗୋଠ ଛଡା ହୋଇ ପଳାଇ ଆସିଛି। ଏବେ ସେ ଉଲୁଣ୍ଡା ଅଞ୍ଚଳ ଜଙ୍ଗଲରେ ଥିବା ଜଣା ପଡିଛି। ତେବେ ବାରମ୍ବାର ହାତୀଟି ବିଭିନ୍ନ ଅଞ୍ଚଳକୁ ଯାଇ ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହିତ ଆସବାବ ପତ୍ର ଭଙ୍ଗାରୁଜା କରି ନଷ୍ଟ କରୁଥିଲେ ମଧ୍ୟ ବନବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନେଉନଥିବାରୁ ବାରମ୍ବାର ହାତୀ ଆସି ଏଭଳି ଉତ୍ପାତ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ସରକାର ହାତୀ ଘଉଡେଇବା ପାଇଁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ କଲେ ମଧ୍ୟ ଯଥା ପୂର୍ବଙ୍ଗ ତଥା ପରଙ୍ଗ ସଦୃଶ୍ୟ।

## ଜିଲ୍ଲା ଅନୁସୂଚିତ ଜାତି ଏକତା ମଞ୍ଚର ଆମ୍ବେଦକର ଜୟନ୍ତୀ

ନୂଆପଡ଼ା (ଭାସ୍କର ନ୍ୟୁଜ): ବିଶ୍ୱ ସମ୍ରାଟ, ଯୁଗ ଜନ୍ମ, ଭାରତ ରତ୍ନ, ବୋଧି ସତ୍ତ୍ୱ ନବ ଭାରତର ବିଦ୍ଧାଣି, ଜ୍ଞାନର ଭଣ୍ଡାର ଭଗବାନ ଡ଼. ଭୀମ ରାଓ ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ନୂଆପଡ଼ା ଜିଲ୍ଲା ଖରିଆରରୋଡ଼ ଠାରେ ବହୁ ଆଡମ୍ବର ସହ ପାଳନ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଆମ୍ବେଦକର ପ୍ରେମୀ ଯୁବକ ଭାଇ ମାନେ ନଗର ପରିକ୍ରମା କରି ବନକାଛକ ରେ ବାବାସାହେବଙ୍କ ପ୍ରତି ମୂର୍ତ୍ତିରେ ମାଲ୍ୟାପର୍ଣ କରିଥିଲେ ଏବଂ ସନ୍ଧ୍ୟାରେ ଏବଂ ବିରାଟ ସଭା ଆୟୋଜନ କରାଯାଇ ବାବା ସାହେବଙ୍କ ସ୍ମୃତି ଚାରଣ କରାଯାଇଥିଲା। ଦଳିତ ସମାଜ ଯେଉଁ ଦିନ ମନ୍ଦିର ଯିବା ବନ୍ଦ କରିଦେଇ ବିଦ୍ୟାଳୟକୁ ଯାଇ ପାଠ ପଢ଼ିବା ପାଇଁ ପ୍ରାଧାନ୍ୟ ଦେବେ ସେହିଦିନ ଦଳିତ ସମାଜର ଉନ୍ନତି ନିଶ୍ଚୟ ହେବ ଓ ବାବାସାହେବଙ୍କ ଆତ୍ମା ଶାନ୍ତି ପାଇବ ବୋଲି ଉଦବୋଧନ ଦେଇଥିଲେ। ନୂଆପଡ଼ା ଜିଲ୍ଲା ଖରିଆରରୋଡ ସହର ବନକା ଛକରେ ଜିଲ୍ଲା ଅନୁସୂଚିତ ଜାତି ଏକତା ମଞ୍ଚ ତରଫରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି।




ଜିଲ୍ଲା ଅନୁସୂଚିତ ଜାତି ଏକତା ମଞ୍ଚ ସାଙ୍ଗଠନିକ ସଭାପତି ରାଧେଶ୍ୟାମ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତଚରଣ ଦାସ ମୁଖ୍ୟ ଅତିଥି,ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ସ୍ୱତନ୍ତ୍ର ଅତିଥି ଭାବେଯୋଗ ଦେଇଥିଲେ। ଜିଲ୍ଲା ଓକିଲ ସଂଘ ସଭାପତି ପ୍ରସନ୍ନ ପାଢ଼ୀ, ଜିଲ୍ଲା କଂଗ୍ରେସ ସଭାପତି ଘାସିରାମ ମାଝି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ କାର୍ତ୍ତିକ ଦୀପ, ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ଜିଲ୍ଲା ସମ୍ପାଦକ ରବି ବାଗ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ନଗରପାଳ କମିଟି ସମ୍ପାଦକ ରାଜ କୁମାର ଚୋହନ , ହାଡ଼ିପା ସମ୍ପ୍ରଦାୟ ମୁଖିଆ ଶଙ୍କର ସୁନା, ଦାଶ ମାନିକପୁରି ସମାଜ ଲାଲ୍ ବାହାଦୁର , ସହ ଚାରି ସମାଜର ଲୋକେ ଉପସ୍ଥିତ ଥିଲେ । ଅପରାହ୍ନରେ ସ୍ଥାନୀୟ ସିରତୋଲ ଛକରୁ ଏକ ବାଇକ ରାଲିରେ ବାହାରି ସହର ପରିକ୍ରମା କରିଥିଲେ। ଏହି ଅବସରରେ କଳାହାଣ୍ଡିର କଟପା ନୃତ୍ୟ ମୁଖ୍ୟ ଆକର୍ଷଣ ଥିଲା। ଡିଜେ ବାଜାରେ ସହର ଦୁଲୁକି ପଡ଼ିଥିଲା ।

## 'ଆସ ଖୋଜିବା' ନେଇ ପ୍ରସ୍ତୁତି ବୈଠକ




ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଆସ ଖୋଜିବା-ଏକ ବିଶେଷ ଅଭିଯାନ କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ଯୋଜନାରେ ବ୍ଲକରେ ରହିଥିବା ବିଭିନ୍ନ ବର୍ଗର ହିତାଧିକାରୀ କିପରି ମଧୁବାବୁ ପେନ୍ସନ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ଜାତୀୟ ପରିବାର କଲ୍ୟାଣ ଯୋଜନା, ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଆଶୀର୍ବାଦ ଯୋଜନା, ମମତା ଯୋଜନା, ପୋଷଣ ଯୋଜନା, ସ୍କୁଲ ଡ୍ରପଆଉଟ୍ ଛାତ୍ରୀ ଛାତ୍ର, ବାଲ୍ୟ ବିବାହ, ବିଦ୍ୟାର୍ଥୀଙ୍କୁ ବୃତ୍ତି ପ୍ରଦାନ, ରକ୍ତହୀନତା ଓ କୁପୋଷଣରୁ ରକ୍ଷା କରିବା, ଶିଶୁ, କିଶୋର, କିଶୋରି, ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ପ୍ରଦାନ କରିବା, ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା, ବିଷୟରେ ସରକାରୀ ପ୍ରକ୍ରିୟାକରଣ ସୂଚନା ଓ ସରକାରୀ ଗାଇଡ ଲାଇନ୍ ବିଷୟରେ ହିତାଧିକାରୀ କିପରି ଦସ୍ତାବିଜ୍ ତିଆରି କରି ଯୋଜନାର ସୁବିଧା ଲାଭ କରିବେ ସେ ନେଇ ଆଲୋଚନା କରାଯାଇଥିଲା । ଏହି ଯୋଜନାରେ ହିତାଧିକାରୀ ଖୋଜିବା ନିମନ୍ତେ ସର୍ଭେ କରାଯିବ। ଏହି ବୈଠକରେ ବିଡିଓ ଶରତ ମାଝି, ସିଡିପିଓ ଗୀତାଞ୍ଜଳି ମହାରଣା, ଏବିଡିଓ ପଦ୍ମନାଭ ତ୍ରିପାଠୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯତୀନ ପାଣିଗ୍ରାହୀ, ଯୋଗାଣ ନିରିକ୍ଷକ ସୀତାକାନ୍ତ ରାଉତ, ଗ୍ରାମପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଏ.ଡି ପ୍ରସାଦ, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ସାରସ୍ୱତ ସାହୁ, ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ସଙ୍ଗୀତା ସାମଲ, ଅଙ୍ଗନୱାଡି ସୁପରଭାଇଜର ପ୍ରଣମିତା ପଟ୍ଟନାୟକ, ରୋଜାଲିନ ପ୍ରଧାନ, କୁନମୁନ ସେନାପତି, ବିମଳା ନାୟକ, ସାଇରା ବାନୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଭାକର ମୁଦୁଲି, ପର୍ଶୁରାମ ମାଳୀ, ଅର୍ଜୁନ ଭତ୍ରା, ସମସ୍ତ ଗ୍ରାମରୋଜଗାର ସେବିକା ସେବକ, ଯୋଗାଣ ସହାୟକ ଏବଂ ସମସ୍ତ ଅଙ୍ଗନୱାଡି କର୍ମୀମାନେ ଯୋଗ ଦେଇ ତାଲିମ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସହାୟକ ଅମୂଲ୍ୟ ଦଳାଇ ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମୃତ

ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକର ଦଣ୍ଡାବାଡି ସେବାଶ୍ରମର କାର୍ଯ୍ୟରତ ଚୁତର୍ଥ ଶ୍ରେଣୀର ଜଣେ କର୍ମଚାରି ମଙ୍ଗଳବାର ରାତିରେ ସେବାଶ୍ରମ ଠାରୁ ମାତ୍ର ସହେ ମିଟର ଦୁରରେ ଥିବା ପୋଲ ଉପରେ ମଟର ସାଇକଲ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ତାଙ୍କ ନାନ ଜାମା ୱାଟେକା(୨୫)ବୋଲି ଜଣା ପଡିଥିବା ବେଳେ ନିଜ ଶ୍ୱଶୁର ଘର ଚିନ୍ତାଗୁଡା ଯାଇ ଫେରୁଥିବା ବେଳେ ଦୁର୍ଘଟଣାର ଶୀକାର ହୋଇଛନ୍ତି। ଦୁର୍ଘଟଣା କିପରି ହେଲା ତାହା ଜଣାପଡିନି। ଘଟଣା ସ୍ଥଳରେ ପୋଲିସ ପହଁଞ୍ଚି ଦୁର୍ଘଟଣା ଗ୍ରସ୍ତ ମଟର ସାଇକଲ ଜବତ କରିବା ସହ ମୃତ ଦେହ ଉଦ୍ଧାର କରିଛି। ଅପର ପଟେ ଦଣ୍ଡାବାଡି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ଯୋଗା ଜୋଗ ସମ୍ଭବପର ନହେବାରୁ ତାଙ୍କର କୌଣସି ପ୍ରତିକ୍ରିଆ ମିଳି ପାରିନି। ଜାମାଙ୍କ ମୃତ୍ୟୁକୁ ନେଇ ନାରାୟଣପାଟଣା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରିଙ୍କୁ ଫୋନ ଯୋଗେ ପଚାରିବାରୁ ସିଏ କିଛି କହିବାକୁ ମନା କରି ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ରୁଜୁ କରା ଜାଇଥିବା ବେଳେ ଆଜି ଶବ ବ୍ୟବଚ୍ଛେଦ କରି ପରିବାର ଲପକଙ୍କୁ ହସ୍ତାନ୍ତର କରିଛି ନାରାୟଣପାଟଣା ପୋଲିସ୍। ଏବେ ତାଙ୍କର ଗୋଟିଏ ଛୋଟ ଛୁଆକୁ ନେଇ ବିଧବା ପତ୍ନୀ ଚିନ୍ତାରେ ପଡିଛନ୍ତି।

## ଅମଲାଭଟ୍ଟା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ



ତେନ୍ତୁଲିଖୁଣ୍ଟି, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଅମଳାଭଟ୍ଟା ଗ୍ରାମ ଠାରେ ଚାଲିଥିବା କ୍ରିକେଟ ଟର୍ଣ୍ଣମେଣ୍ଟ ଉଦ୍ଯାପିତ ହୋଇ ଯାଇଛି। ଏହି ଖେଳ ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇ ଆଜି ଫାଇନାଲରେ ପହଞ୍ଚିଛି । ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୨୦ଟି ଟିମ ଭାଗ ନେଇଥିବାବେଳେ ଆଜିର ଫାଇନାଲ ଖେଳରେ କଣ୍ଟାମାଳ ଓ ଗାଦବାକତ୍ରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ୍‌ରେ ଗାଦବାକତ୍ରା ପ୍ରଥମେ ଟସ୍ ଜିତି ଫିଲଡିଙ୍ଗ୍ କରିଥିଲେ ଏବଂ କଣ୍ଟାମାଳ ବେଟିଙ୍ଗ୍ କରି ନିର୍ଦ୍ଧାରିତ ୧୦ ଓଭରରେ ୧୧୩ ରନ୍ କରିଥିବା ବେଳ ଗାଦବାକତ୍ରା ଦଳ ମାତ୍ର ୮୫ ରନ କରି ପାରିଥିଲେ । ଆଜିର ଫାଇନାଲ ଖେଳରେ କଣ୍ଟାମାଳ ବିଜୟଲାଭ କରିଥିଲେ । ଖେଳ ଦେଖିବା ପାଇଁ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଶତାଧିକ ଦର୍ଶକଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଅତିଥିମାନଙ୍କ ଦ୍ୱାରା ବିଜୟୀ ଦଳ ୧୫ ହଜାର ଓ ରନର ଦଳକୁ ୧୦ ହଜାର ଟଙ୍କା ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇ ଥିଲା । ଏହି ଖେଳରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରାଧାନୀ ଯୋଗ ଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ତେନ୍ତୁଳିଖୁଣ୍ଟି ଜୋନ ୧ ଜିଲ୍ଲା ପରିଷଦ ସଭ୍ୟା କ୍ରୀଷ୍ଣା ମଞ୍ଜରୀ ବିଷୋୟୀ,ଅଧକ୍ଷା ନିଳନ୍ଦି ନାୟକ,ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ଓ ଅମଳାଭଟ୍ଟା ପଞ୍ଚାୟତ ର ସମିତି ସଭ୍ୟା ବିନ୍ଦୁସ୍ମିତା ଜାନୀ ଓ ତପନ ମୁଦୁଲି ରାଜେନ୍ଦ୍ର ବିଶୋଇ, ହିମାନ ନାଗ, ରୁନା ଏଥିରେ ଉପସ୍ଥିତ ରହି ଥିଲେ ।

## ପୋଲ ନିର୍ମାଣ ପାଇଁ ସାଧାରଣରେ ଦାବି

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ଏପରିକି ଅନେକ ଗୁଡିଏ ଗାଁ ରହିଛି ଯେଉଁଠିକି ଯିବା ପାଇଁ ନିତିଦିନିଆ ରାସ୍ତା ନାହିଁ। ଆହୁରି ଅନେକ ଗ୍ରାମ ରହିଛି ଗ୍ରାମକୁ ଯିବାକୁ ହେଲେ ନଦୀ କିମ୍ବା ପାହାଡିଆ ଝରଣା ଦେଇ ଯିବାକୁ ପଡେ। ନଦୀ ଓ ବିପଦପୂର୍ଣ ପାହାଡିଆ ଝରଣା ଉପରେ ପୋଲ ନିର୍ମାଣ ପାଇଁ ବହୁ ଦାବି ହୋଇ ଆସୁଥିଲେ ସୁଦ୍ଧା ପୋଲ ନିର୍ମାଣ କରାଯାଉନାହିଁ। ଏହି ଗାଁଗୁଡିକରେ କେହି ଗୁରୁତର ହେଲେ ଆମ୍ବୁଲାନ୍ସ ସେଠାରେ ପହଞ୍ଚିପାରୁନି। ଫଳରେ ନଦୀ ମଧ୍ୟ ଦେଇ ଗାଁ ଲୋକେ ରୋଗୀଙ୍କୁ ଖଟିଆରେ ବୋହିବାକୁ ବାଧ୍ୟ ହେଉଛନ୍ତି। ଏହିଭଳି ଦୃଶ୍ୟ ରାୟଗଡ଼ ବ୍ଲକ ମାର୍ଲବା ପଞ୍ଚାୟତ ଚାଞ୍ଚଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ପୂର୍ବତନ ସରପଞ୍ଚ ଲିରି ଶବର (୬୬)ଙ୍କ ଦେହ ଅସୁସ୍ଥ ଥିବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ଗ୍ରାମକୁ ରାସ୍ତା ନ ଥିବାରୁ ନଦୀ ଆରପଟେ ଆମ୍ବୁଲାନ୍ସ ଅଟକି ରହିଥିଲା। ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ଖଟିଆରେ ବୋହି ନଦୀ ପାର କରି ୨କିମି ପାଦ ଚଲାରେ ମାର୍ଲବା ପର୍ଯ୍ୟନ୍ତ ବୋହି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କେବଳ ବର୍ତ୍ତମାନ ନୁହେଁ ଏଭଳି ଘଟଣା ବାରମ୍ବାର ବାରମ୍ବାର ଘଟିବାରେ ଲାଗିଛି। ଲୋକେ ବହୁ ଦୁଃଖ ଯନ୍ତ୍ରଣା ଓ କଷ୍ଟ ସ୍ୱୀକାର କରି ଦିନ ହେଉ ବା ରାତି ହେଉ ଖରା ହେଉ ବା ବର୍ଷା ହେଉ ରୋଗୀକୁ କାନ୍ଧରେ ବୋହି ନଦୀ ପାର କରି ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡେ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନଦୀରେ ପୋଲ ନିର୍ମାଣ କରନ୍ତୁ ବୋଲି ଗ୍ରାମବାସୀମାନେ ନିବେଦନ କରିଛନ୍ତି।

## ପାଠପଢା ପାଇଁ ଜିଲ୍ଲାରେ ଟୋଲ ଫ୍ରି'ନମ୍ବର ବ୍ୟବସ୍ଥା

ନବରଙ୍ଗପୁର,(ଭାସ୍କର ନ୍ୟୁଜ୍): ଗ୍ରୀଷ୍ମ ଅବକାଶ କାଳୀନ ସମୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନଙ୍କ ପାଠ ପଢାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ 'ଅବକାଶ କାଳୀନ ଗୃହ କାର୍ଯ୍ୟ'(ହଲିଡେ ହୋମ ୱାର୍କ ପ୍ରେଗାମ)ମଇ ୧ ତାରିଖରୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଜିଲ୍ଲାକୁ ସ୍ଥିରୀକୃତ କାର୍ଯ୍ୟଉନ୍ନୟନ ପ୍ରଣାଳି(ଏସଓପି) ଏବଂ ନିୟମାବଳୀ ପ୍ରେରଣ କରାଯାଇ ଏହାକୁ ବିଧିବଦ୍ଧ ଭାବରେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷାର୍ଥୀମାନଙ୍କ ପାଠକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ ପାଇଁ ପ୍ରତ୍ୟେକ ଜିଲ୍ଲାରେ ସହାୟତା କେନ୍ଦ୍ର (ହେଲ୍ପ ଡେସ୍କ ସେଲ) ଖୋଲାଯାଇ ପ୍ରତିଦିନ ୪ଜଣ ବିଷୟଭିତ୍ତିକ ଓ ଅଭିଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି । ଏହି କାର୍ଯ୍ୟକ୍ରମ ମଇ ୧ତାରିଖରୁ ସରକାରୀ ଛୁଟି ଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ସକାଳ ୬ଘଟିକାରୁ ସନ୍ଧ୍ୟା ୬ଘଟିକା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବା ପ୍ରତ୍ୟେକ ଶିକ୍ଷାର୍ଥୀ ପାଖରେ ସହାୟତା କେନ୍ଦ୍ରର ସୁବିଧା ପହଞ୍ଚିବା ପାଇଁ ଦେୟ ମୁକ୍ତ ନମ୍ବର(ଟୋଲ ଫ୍ରି ନମ୍ବର)ର ବ୍ୟବସ୍ଥା କରାଯାଇଛି । ଏହି ଦେୟ ମୁକ୍ତ ନମ୍ବରକୁ(ଟୋଲ ଫ୍ରି ନମ୍ବର) ଶିକ୍ଷାର୍ଥୀମାନେ ସେମାନଙ୍କର ଅବକାଶ କାଳୀନ ଗୃହ କାର୍ଯ୍ୟ ସମ୍ବନ୍ଧିତ ପ୍ରଶ୍ନ ସିଧାସଳଖ ପଚାରିପାରିବେ ଏବଂ ସହାୟତା କେନ୍ଦ୍ର(ହେଲ୍ପ ଡେସ୍କ ସେଲ)ରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷାର୍ଥୀମାନଙ୍କର ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ କରିବେ । ଏତତ୍ ବ୍ୟତୀତ ବିଦ୍ୟାଳୟ ସ୍ତରରେ ଗୃହ କାର୍ଯ୍ୟ ସମ୍ବନ୍ଧୀୟ ତଦାରଖ ବ୍ୟବସ୍ଥା କରାଯାଇଛି। ଟୋଲ ଫ୍ରି ନମ୍ବର ବ୍ୟତୀତ ଅନ୍ୟ ଏକ ନମ୍ବରରୁ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀମାନଙ୍କର ସହାୟତା କେନ୍ଦ୍ରରୁ ଯୋଗାଯୋଗ କରାଯାଇ ଏ ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବାକୁ ନିର୍ଦ୍ଦେଶ ରହିଛି। ଉଭୟ ଟୋଲ ଫ୍ରି ନମ୍ବର ତଥା ବିଦ୍ୟାଳୟ ସହ ଯୋଗାଯୋଗ ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ସ୍ୱତନ୍ତ୍ର ରେଜିଷ୍ଟରରେ ଲିପିବଦ୍ଧ କରାଯାଉଛି । ପ୍ରତିଦିନ ରାଜ୍ୟ ସ୍ତରରେ ବିଦ୍ୟା ସମୀକ୍ଷା କେନ୍ଦ୍ରରୁ ଏହାର ତଦାରଖର ତଥା ସମୀକ୍ଷା କରିବାର ବ୍ୟବସ୍ଥା କରାଯାଉଛି । ନବରଙ୍ଗପୁର ଜିଲ୍ଲା ପାଇଁ ୧୮୦୦-୩୪୫-୧୭୧୦ ରହିଛି। ଜିଲ୍ଲାର ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀମାନେ ସେମାନଙ୍କର ଅବକାଶ କାଳୀନ ଗୃହ କାର୍ଯ୍ୟ ସମ୍ବନ୍ଧିତ ପ୍ରଶ୍ନ ପ୍ରଦତ ଟୋଲଫ୍ରିନମ୍ବରରେ ସିଧାସଳଖ ପଚାରି ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟାର ସମାଧାନ କରିପାରିବେ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି ।

## ଟ୍ରକ ସହ ୫୦୨ କିଲୋ ଗଞ୍ଜେଇ ଜବତ



କୋରାପୁଟ,(ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲା ମାଛକୁଣ୍ଡ ପୋଲିସ ଏକ ଟ୍ରକ୍‌ରୁ ୫୦୨ କିଲୋ ଗଞ୍ଜେ ଜବତ କରିଥିବା ବେଳେ ଗଞ୍ଜେଇ ମାଫିଆ ଫେରାର ହୋଇଯାଇଛନ୍ତି । ସୂଚନା ଅନୁଯାଇ, ମାଛକୁଣ୍ଡ ଥାନା ଅନ୍ତର୍ଗତ ଜଲ୍ଲାପୁଟ ଜଳଭଣ୍ଡାର ପାର୍ଶ୍ୱରୁ ଥିବା ନୂଆପୁଟ ନଦୀଘାଟ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକରେ ଗଞ୍ଜେଇ ବୋଝେଇ ହେଉଥିବା ନେଇ କୋରାପୁଟ ଏସ୍‌ପି ଅଭିନବ ସୋନକାର କୌଣସି ସୂତ୍ରରୁ ଖବର ପାଇଥିଲେ । ପରେ ଚଢଉ କରିବା ନେଇ ଏସ୍‌ପି ନନ୍ଦପୁର ଏସଡିପିଓ ସୟ କୁମାର ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ମାଛକୁଣ୍ଡ ଓ ଲମତାପୁଟ ପୋଲିସ ଏକ ଟିମ୍ ନୂଆପୁଟ ନଦୀଘାଟରେ ଚଢଉ କରିଥିଲା । ତେବେ ପୋଲିସକୁ ଦେଖିବା ମାତ୍ର ଗଞ୍ଜେଇ ମାଫିଆମାନେ ଘଟଣାସ୍ଥଳରେ ଟ୍ରକ ଛାଡି ଚମ୍ପଟ ମାରିଥିଲେ। ପରେ ପୋଲିସ ଏହି ଟ୍ରକକୁ ମାଛକୁଣ୍ଡ ଥାନାକୁ ନେଇ ଯାଞ୍ଚ କରିବାରୁ ଭିତରେ ୫୦୨ କିଲୋ ଗଞ୍ଜେଇ ଥିବା ଜଣାପଡିଥିଲା । ଜବତ ଗଞ୍ଜେଇ ନୂଆପୁଟ ଅଞ୍ଚଳରୁ ରାଜସ୍ଥାନ ଓ ଗୁଜୁରାଟ ଅଞ୍ଚଳକୁ ଚୋରାଚାଲଣ ହେବାର ଯୋଜନା ଥିଲା ବୋଲି ମାଛକୁଣ୍ଡ ଥାନାରେ ଭାରପ୍ରାପ୍ତ ଅଧିକାରୀ ଡମ୍ବରୁଧର ବାତ୍ରିଆ ପ୍ରକାଶ କରିଛନ୍ତି । ଗଞ୍ଜେଇ ଜବତ ସମୟରେ ଲମତାପୁଟ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ, କ୍ରିଷ୍ଣା ମିଶ୍ର, ଜଲ୍ଲାପୁଟ ଫାଣ୍ଡି ଅଧିକାରୀ ସନ୍ତୋଷ ପରିଜା ପ୍ରମୁଖ ସାମିଲ ଥିଲେ।

## ସଫେଇ ହେଲା ବୀଶ୍ରାମଗାର

ଓଡ଼ିଶା ଭାସ୍କରର ପ୍ରଭାବ



ଲକ୍ଷ୍ମୀପୁର,(ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ବଜାର ଉପରେ ସର୍ବ ସାଧାରଣଙ୍କ ପାଇଁ ନିର୍ମାଣ ହୋଇଥିବା ବୀଶ୍ରାମଗାର ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବା ଶିର୍ଷକ ଖବର ଓଡ଼ିଶା ଭାସ୍କର ପେପରରେ ପ୍ରକାସିତ ହେବା ପରେ ବ୍ଲକ ପ୍ରସାସନ ଏହାକୁ ଗୁରୁତର ସହ ନେଇଛି। ବିଡିଓଙ୍କ ନିର୍ଦ୍ଦେସ କ୍ରମେ ବିଶ୍ରାମଗାରକୁ ସରପଞ୍ଚ ଶ୍ୟାମ ସୁନ୍ଦର ତାଡିଙ୍ଗି, ପଞ୍ଚାୟତ ନିର୍ବାହି ଅଧିକାରି ପ୍ରମୋଦ କୁମାର ମହାପାତ୍ର, ବିଆରସି ଦାମଦର କନ୍ଦପାନ ପ୍ରଭୁତି ଜାଇ ସଫେଇ କରିଛନ୍ତି। ଉକ୍ତ ବୀଶ୍ରାମଗାରଟି ଅନେକ ଲୋକଙ୍କୁ ଖ ର । , ଶ 1 ତ , ବର୍ଷା ଦାଉରୁ ରକ୍ଷା କରୁଥିବା ବେଳେ ରାତିରେ କିଛି ନିରାଶ୍ରୟଙ୍କୁ ଆଶ୍ରୟ ଦିଏ। ଏଥିସହ ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ବାହାର ଅଞ୍ଚଳର ପାଠ ପଢୁଥିବା ଛାତ୍ର ଛାତ୍ରୀମାନେ ବସକୁ ଅପେକ୍ଷା କରିବା ପାଇଁ ବୀଶ୍ରାମଗାର ଭିତରେ ଜଗି ରୁହନ୍ତି। ହେଲେ ତା'ଭିତରେ ଅଳିଆ ଆବର୍ଜନା ହେଲା ଦିନଠୁ ଭିତରକୁ ପ୍ରବେଶ କେହି କରୁନଥିଲେ। ଏବେ ସଫେଇ ହେବାରୁ ବିଶ୍ରାମଗାର ଭିତରେ ଲୋକଙ୍କ ଭିଡ ଜମିବା ଆରମ୍ଭ ହୋଇଥିବା ବେଳେ ଆମ ଖବର କାଗଜ ସହ ବ୍ଲକ ପ୍ରଶାସନକୁ ସବୁ ମହଲରେ ପ୍ରଶଂସା କରାଯାଇଛି।

## ରାଜରାସ୍ତା ୪୯ରେ ଅସୁରକ୍ଷିତ ଗୋଲେଇରେ ଟ୍ରଲର୍ ଦୁର୍ଘଟଣା




ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଥାନା ଅନ୍ତର୍ଗତ ରାଜରାସ୍ତା ୪୯ ଗାନ୍ଧୀଛକ ରାସ୍ତା ମଝିରେ ଥିବା ଗୋଲେଇରେ ଏକ ଟ୍ରଲର ପିଟି ହୋଇ ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ ଗତକାଲି ବିଳମ୍ବିତ ରାତିରେ ଏକ ଟ୍ରଲର ସିଜି ୨୨ ଜେ ୦୭୯୪ ବେଲପାହାଡ଼ରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିବା ସମୟରେ ଗାନ୍ଧୀଛକ ରାସ୍ତା ମଝିରେ ଥିବା ଅସୁରକ୍ଷିତ ଗୋଲେଇରେ ପିଟି ହୋଇ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଚାଳକ ସାମାନ୍ୟ ଆହତ ହୋଇଥିଲେ। ଘଟଣା ସ୍ଥଳରେ ଗାନ୍ଧୀଛକ ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଏହି ଅସୁରକ୍ଷିତ ଗୋଲେଇରେ ପିଟି ହୋଇ ବହୁ ଦିନରୁ ବହୁ ଦୁର୍ଘଟଣା ଘଟୁଛି। ବ୍ରଜରାଜନଗର ପୌର ପରିଷଦ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ମଧ୍ୟ ଏହି ଗୋଲେଇରେ ରେଡିଅମ କିମ୍ବା ଆଲୋକୀକରଣ କରାଯାଉ ନାହିଁ। ଏହି ଅସୁରକ୍ଷିତ ଗୋଲେଇକୁ ରେଡ଼ିଅମ ଏବଂ ଆଲୋକୀକରଣ କରି ସୁରକ୍ଷିତ ରଖିବା ପାଇଁ ଜନସାଧାରଣ ଦାବି କରିଛନ୍ତି। ଗାନ୍ଧୀଛକ ରାଜରାସ୍ତାରେ ପୌର ପରିଷଦ ମନମୁଖୀ କାର୍ଯ୍ୟ କରି ପ୍ରାୟ ଦୁଇମାସରୁ ଉର୍ଦ୍ଧ୍ୱ ହେବ ରାସ୍ତା କଡରେ ଗୋଡ଼ି ପକାଇ ଦୁର୍ଘଟଣାକୁ ଆପଣେଇଛି। ଏହାର ଯଥାଶିଘ୍ର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଧୁମ୍‌ଧାମରେ ଚିତ୍ରକୋଟ ଐତିହାସିକ ପାଟ ବାଲିଯାତ୍ରା ଉଦ୍ଯାପିତ



ତେନ୍ତୁଳିଖୁଣ୍ଟି,(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ୍ ଅଞ୍ଚଳ ଗୁମ୍ମା ପଞ୍ଚାୟତର ଚିତ୍ରକୋଟରେ ଐତିହାସିକ ପାଟ ବାଲିଯାତ୍ରା ୨ ତାରିଖରେ ମହାଆଡମ୍ବର ସହକାରେ ଉଦ୍ଯାପିତ ହୋଇଯାଇଛି। ଏହି ବାଲି ଯାତ୍ରା ଦୀର୍ଘ ୧୩ ବର୍ଷ ପରେ ଚଳିତ ବର୍ଷ ଶ୍ରୀପଞ୍ଚମୀ ତିଥିରୁ ଆରମ୍ଭ ହୋଇ ତିନି ମାସ ପରେ ଉଦ୍ଯାପିତ ହୋଇଛି। ପାରମ୍ପରିକ ନୀତି ଅନୁଯାୟୀ ଗୁରମାଇ, ଶିରା, ପୂଜାରୀ, ଡିସାରୀମାନଙ୍କ ଦ୍ୱାରା ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଇଛି। ବାଲି ଯାତ୍ରା କରିବା ଦ୍ୱାରା ଅଞ୍ଚଳରେ ଭଲ ଚାଷ ହେବା ସହ ସମସ୍ତେ ଶାନ୍ତି ଶୃଙ୍ଖଳାରେ ରହିବେ ବୋଲି ବିଶ୍ୱାସ ରହିଛି। ଏହି ଯାତ୍ରା ଦେଖିବାକୁ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ବାଲିଯାତ୍ରାର ପୁରୋଧା ତଥା ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀ, ନବରଙ୍ଗପୁର ବିଧାୟକ ମାନ୍ୟବର ସଦାଶିବ ପ୍ରଧାନୀ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ପ୍ରତୀକ ମାଝୀ , ଜିଲ୍ଲା ପରିଷଦ ସଦସ୍ୟା କ୍ରିଷ୍ଣା ମଞ୍ଜରୀ ବିଷୋୟୀ, ବିଧାୟକଙ୍କ ସହଧର୍ମିଣୀ କୌଶଲ୍ୟା ପ୍ରାଧନି ସମିତି ଅଧ୍ୟକ୍ଷା ନୀଳେନ୍ଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସରପଞ୍ଚ କୁସୁମା ପୂଜାରୀ, ମହିଳା ନେତ୍ରୀ ମଞ୍ଜୁଳା ମାଝୀ, ବିଜେଡି ମହିଳା ବ୍ଲକ୍ ସଭାପତି ଦେବକୀ ନାୟକ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ସମାଜ ସେବୀ ଜେମାମଣି ବିଷୋୟୀ, ବିଶିଷ୍ଟ ସମାଜସେବୀ ସର୍ବେଶ୍ୱର ତ୍ରିପାଠୀ, ପୂର୍ବତନ ସମିତି ଅଧ୍ୟକ୍ଷ ରମେଶ ଚନ୍ଦ୍ର ବିଷୋୟୀ, ବରିଷ୍ଠ ବିଜେଡି ନେତା ନାରାୟଣ ପାତ୍ରଙ୍କ ଦ୍ୱାରା ବାଲି ଟାଙ୍ଗୁଡି ସହ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏହାପରେ ଏକ ବିଶାଳ ଶୋଭାଯାତ୍ରା କରି ଗାଁ ମୁଣ୍ଡରେ ଥିବା ବାଲି ପଡିଆ ପର୍ଯ୍ୟନ୍ତ ଯାଇଥିଲେ । ଏହି ବାଲି ଯାତ୍ରାରେ ସହଦେବ ବିଷୋୟୀ, କେ ନରସିଂହ ମୂର୍ତ୍ତି,ଶଶୀଭାନୁ ବିଷୋୟୀ, କେ ଚିତ୍ତରଞ୍ଜନ ପାତ୍ର, ହରେକୃଷ୍ଣ ବିଷୋୟୀ, ସୁବ୍ରତ ଚୈଧୁରୀ, ମନୋଜ, କାହ୍ନୁ ସିଂ ସାଧୁ,ତ୍ରିପତୀ ପୂଜାରୀ, ନିକୁଞ୍ଜ ବିଷୋୟୀ, ରାଜେନ୍ଦ୍ର ସୁନା, ଶିବପ୍ରସାଦ ବିଷୋୟୀ , ସୁଦର୍ଶନ ନାୟକ, କିଶୋର ଚନ୍ଦ୍ର ବିଷୋୟୀ, ଠଣସୁନ୍ଦର ବିଷୋୟୀ, ଶ୍ୟାମ ନାୟକ, ବିଜୟ ବିଷୋୟୀ,ଜେମସ ଗରଡା, ଭଜମନ ସିଂ, ଧନୁ ପୂଜାରୀ ତଥା ଗ୍ରାମର ସମସ୍ତ ମହିଳା ଶାନ୍ତି ଶୃଙ୍ଖଳା ପାଇଁ ପୂର୍ଣ୍ଣ ସହଯୋଗ କରିଥିଲେ। ତେନ୍ତୁଳିଖୁଣ୍ଟି ଥାନା ପକ୍ଷରୁ ମଧ୍ୟ ଶାନ୍ତି ଶୃଙ୍ଖଳା ସହ ସୁରକ୍ଷା ପାଇଁ ପୋଲିସ ମୁତୟନ କରାଯାଇ ଥିଲା ।

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ଭଗବାନଙ୍କୁ ସେପର୍ଯ୍ୟନ୍ତ ବିଶ୍ୱାସ କରିପାରିବ ନାହିଁ,
ଯେପର୍ଯ୍ୟନ୍ତ ତୁମେ ନିଜେ ନିଜକୁ ବିଶ୍ୱାସ ନକରିଛ ।

-ସ୍ୱାମୀ ବିବେକାନନ୍ଦ



କାହିଁରୁ ମୁଁ ଥିଲି ଆସି କାଳ -ସ୍ରୋତେ ଭାସି
ଶୂନ୍ୟହସ୍ତେ ପୁଣି ଯିବି କାହିଁ ?
କୁଟୁମ୍ବାଦି ବନ୍ଧୁ ବିତ୍ତ ଧରମ ବ୍ୟତୀତ
ମୋ' ସାଙ୍ଗେ କେହି ତ' ଯିବେ ନାହିଁ ।

- ଖଗେଶ୍ୱର ସେଠ୍



## ସମ୍ବଲପୁର ହିଂସାକାଣ୍ଡ

# ସିବିଆଇ ତଦନ୍ତ ଜରୁରି କି ?

ଗତ ହନୁମାନ ଜୟନ୍ତୀରେ ସମ୍ବଲପୁର ସହରରେ ଘଟି ଯାଇଥିବା ହିଂସାକାଣ୍ଡ ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ ବୋଲି କୁହାଯାଇପାରେ । ହନୁମାନଙ୍କ ପବିତ୍ର ଜୟନ୍ତୀରେ ଏପରି ଅପ୍ରୀତିକର ଓ ଅଭାବନୀୟ ଘଟଣା ଆଦୌ ଗ୍ରହଣୀୟ ନୁହେଁ । ଏହି ହିଂସାକାଣ୍ଡକୁ ନିୟନ୍ତ୍ରଣ ଭିତରକୁ ନେବା ପାଇଁ ଉଭୟ ଜିଲ୍ଲା ଓ ପୋଲିସ ପ୍ରଶାସନ ଯେଉଁ କଠୋର ଆଭିମୁଖ୍ୟ ଗ୍ରହଣ କଲେ ତାହା ମଧ୍ୟ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ । ୧୪୪ ଧାରା ଜାରି ଠାରୁ ଆରମ୍ଭ କରି ଇଣ୍ଟରନେଟ୍ ସେବା ବନ୍ଦ ରଖିବା ତଥା ଶେଷରେ ଛଅଟି ଥାନା ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇ ପରିସ୍ଥିତିକୁ ନିୟନ୍ତ୍ରଣ ଭିତରକୁ ଅଣାଗଲା । ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ମଧ୍ୟ ଡେରା ପକାଇ ସ୍ଥିତିର ଅନୁଧ୍ୟାନ କରିବା ସହ ସ୍ଥିତି କିପରି ସ୍ୱାଭାବିକ ହେବ ସେ ନେଇ ବରିଷ୍ଠ ଅଧିକାରୀଙ୍କ ସହ ଘନଘନ ବୈଠକ କରିଥିଲେ । ଏହି ହିଂସାକାଣ୍ଡ ଘଟଣାରେ ପୋଲିସ ମୋଟ ୧୦୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏବେ ସମ୍ବଲପୁର ସହରରେ ଜୀବନ ଯାତ୍ରା ସ୍ୱାଭାବିକ ହୋଇଛି । କର୍ଫ୍ୟୁ ହଟି ଯାଇଛି। ବନ୍ଦଥିବା ଇଣ୍ଟରନେଟ୍ ସେବା ପୁନର୍ବାର ଚାଲୁ ରହିଛି । ସମ୍ବଲପୁର ସହରରେ ଘଟିଯାଇଥିବା ଏହି ହିଂସାକାଣ୍ଡ ଘଟଣାର ତଦନ୍ତ ପୋଲିସ କରୁଛି । ହିଂସାକାଣ୍ଡର ମୁଖ୍ୟ ଖଳନାୟକମାନଙ୍କୁ ପୋଲିସ ଖୋଜି ଖୋଜି ବାହାର କରୁଛି । ତେବେ, ଏପରି ସ୍ଥିତିରେ ରାଜ୍ୟର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓଡ଼ିଶା ପୋଲିସର ତଦନ୍ତ ପ୍ରକ୍ରିୟା ଉପରେ ଭରସା ନକରି ପ୍ରଥମେ ଏନ୍ଆଇଏ ଓ ପରେ ସିବିଆଇ ତଦନ୍ତ ଦାବି କରୁଛନ୍ତି । ଅର୍ଥାତ୍ ସେମାନଙ୍କର ପୋଲିସ ତଦନ୍ତ ଉପରେ ଭରସା ନଥିବା କୁହାଯାଇପାରେ । ଏହି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସିବିଆଇ ତଦନ୍ତ ଦାବି ପଛରେ କି ଯଥାର୍ଥତା ଅଛି ତାହା ବୁଝାପଡୁନାହିଁ । ସବୁ ପ୍ରସଙ୍ଗରେ ସିବିଆଇ ତଦନ୍ତ ଦାବି ଏହି ଦଳର ଏକ ଅଭ୍ୟାସରେ ପରିଣତ ହୋଇଛି ବୋଲି ସରକାରୀ ଦଳ ପକ୍ଷରୁ ଅଭିଯୋଗ ହୋଇଛି । ସମ୍ବଲପୁର ସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ରହିଥିବାବେଳେ ଏହି ରାଜନୈତିକ ଦଳ ସିବିଆଇ ତଦନ୍ତ ଦାବି କରିବା, ଚାରିଜଣିଆ ସଂସଦୀୟ ଦଳର ପ୍ରତିନିଧି ସମ୍ବଲପୁର ଆସି ସ୍ଥିତିର ଅନୁଧ୍ୟାନ କରିବା ପୁଣିଥରେ ହିଂସାକୁ ଉସ୍କାଇ ପାରେ ବୋଲି ସରକାରୀ ଦଳ ପକ୍ଷରୁ ସ୍ପଷ୍ଟ ଭାବେ କୁହାଯାଇପାରେ । ଯଦି ସମ୍ବଲପୁରରେ ପୁଣି ହିଂସା ସୃଷ୍ଟି ହୁଏ ତେବେ ସେଥିପାଇଁ ସେହି ଦଳ ଦାୟୀ ରହିବ ବୋଲି ସରକାରୀ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି । ଏଠାରେ ପ୍ରଶ୍ନ ଉଠୁଛି, ଯଦି ସବୁ ଘଟଣାର ତଦନ୍ତ ସିବିଆଇ କରିବ ତେବେ ଓଡ଼ିଶା ପୋଲିସ କରିବ କ'ଣ ? ଏ କ୍ଷେତ୍ରରେ ସମ୍ପୃକ୍ତ ରାଜନୈତିକ ଦଳ ତଦନ୍ତ ପ୍ରକ୍ରିୟାରେ ଓଡ଼ିଶା ପୋଲିସକୁ ସହଯୋଗ ଯୋଗାଇ ଦେବାରେ ଅସୁବିଧା କେଉଁଠି ? ଓଡ଼ିଶା ହେଉଛି ଏକ ଶାନ୍ତିପ୍ରିୟ ରାଜ୍ୟ ଓ ଏହାର ଅଧିବାସୀ ଶାନ୍ତ ଏବଂ ସରଳ । କିନ୍ତୁ ରାଜନୈତିକ ଫାଇଦା ହାସଲ କରିବା ପାଇଁ ଘଟଣାକୁ ଅନ୍ୟରୂପ ଦେବା, ସିବିଆଇ ତଦନ୍ତ ଦାବି କରିବା ଗ୍ରହଣୀୟ କି ? ବିରୋଧୀ ସରକାରଙ୍କ ସହ ଏ ନେଇ ଆଲୋଚନା କରିବାରେ ଅସୁବିଧା କେଉଁଠି ? ସମ୍ବଲପୁର ଘଟଣାରେ ଓଡ଼ିଶା ପୋଲିସକୁ ନ୍ୟୁନ ଦୃଷ୍ଟିରେ ଦେଖିବା ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଥିବା ସିବିଆଇକୁ ତଦନ୍ତ ପରିସରକୁ ଟାଣିବା ଆଦୌ ଯଥାର୍ଥ ନୁହେଁ । ସମ୍ବଲପୁରରେ ସ୍ଥିତି ସ୍ୱାଭାବିକ ହେଉଥିବା ବେଳେ ଏହି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ସିବିଆଇ ତଦନ୍ତ ମନରୁ ପୋଛି ଓଡ଼ିଶା ପୋଲିସକୁ ସହଯୋଗ କଲେ ପ୍ରକୃତ ଘଟଣା ଲୋକଲୋଚନକୁ ଆସି ପାରନ୍ତା ।

# 'ସତ୍ୟ' ହିଁ ଜୀବନର ମୁଖ୍ୟ ଆଧାର

**ଶ୍ୟାମ ସୁନ୍ଦର ସାମଲ**
ବିଦ୍ୟାନାସୀ ବନ୍ଧଛକ, କଟକ,
ମୋ : ୯୭୭୮୬୩୫୯୨୬

ମଣିଷ ଜୀବନରେ କେଉଁ ପ୍ରସଙ୍ଗଗୁଡ଼ିକ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଏବଂ ସେହି ପରିପ୍ରେକ୍ଷୀରେ ସତ୍ୟ କ'ଣ, ଏହାକୁ ଜାଣିବା ପାଇଁ, ଉପଲବ୍ଧି କରିବା ପାଇଁ ନିଜର ଆଦ୍ୟ ଜୀବନରୁ ସଦା ପ୍ରଚେଷ୍ଟାରତ ଥିଲେ ମହାତ୍ମା ଗାନ୍ଧୀ। ଜୀବନ ବଞ୍ଚିବାର ଶ୍ରେଷ୍ଠ ମାର୍ଗ କେଉଁଟି, ଏହାକୁ ଆବିଷ୍କାର କରିବା ନିମନ୍ତେ ସଦା ଆଗ୍ରହୀ ରହିଆସିଥିଲେ ସେ । ନିଜର ଆତ୍ମଜୀବନୀରେ ସେ ସ୍ପଷ୍ଟ ସ୍ୱୀକାର କରିଛନ୍ତି ଯେ ସେ ଏକାଧିକବାର ନିଜର ନବବିବାହିତା ପତ୍ନୀଙ୍କୁ ମାରିଥିଲେ ପିଟିଥିଲେ। କାମନା ବାସନାର ଶିକାର ହୋଇ ନିଜ ପତ୍ନୀଙ୍କ ଶରୀରକୁ ବିନା ସ୍ନେହପ୍ରେମରେ ଉପଭୋଗ କରୁଥିଲେ। ମାଂସ ଖାଇଥିଲେ, ଧୂମ୍ରପାନ କରିଥିଲେ। ଏପରିକି ଥରେ ବେଶ୍ୟାଳୟରେ ପ୍ରବେଶ କରିବା ପାଇଁ ନିଷ୍ପତ୍ତି ସୁଦ୍ଧା ନେଇଥିଲେ। ଏମିତି ନାନା ପରୀକ୍ଷା ନିରୀକ୍ଷା ଭିତରେ ବାରମ୍ବାର ବିଫଳତାର ସ୍ୱାଦ ଚାଖିବା ପରେ ଯାଇ ସେ ବଞ୍ଚିବାର ମାର୍ଗ ପାଇଥିଲେ। ନିଜର ଧର୍ମ ଦର୍ଶନ ବିକଶିତ କରାଇଥିଲେ। ଗାନ୍ଧୀ ଶେଷ ପର୍ଯ୍ୟନ୍ତ କହୁଥିଲେ, ସେ ନିଖୁଣ ବା ସର୍ବଶ୍ରେଷ୍ଠ ମଣିଷ ହୋଇପାରିନାହାନ୍ତି। ଏଣୁ ତାଙ୍କୁ 'ମହାତ୍ମା' ଭାବେ ସମ୍ବୋଧିତ ନ କରିବା ପାଇଁ ସେ ସର୍ବଦା କହି ଆସିଥିଲେ। ପୁଣି ସେ ନିଜର ଗୋଡ଼ାଣିଆ କି ଅନୁଗାମୀ ଚାହୁଁ ନଥିଲେ ଏଥିପାଇଁ କାହାକୁ ଉତ୍ସାହିତ ସୁଦ୍ଧା କରୁନଥିଲେ। ଗାନ୍ଧୀବାଦର ମୂଳ କଥାଟି ହେଲା ସତ୍ୟଶୀଳ ହୁଏ। ତାହା ହେଲେ ଯାଇ ନିଜକୁ ସୁଧାରିପାରିବ ଶକ୍ତିଶାଳୀ ହୋଇପାରିବ। କଥାରେ ଅଛି ସତ୍ୟ ହିଁ ଈଶ୍ୱର। ସତ୍ୟ ହିଁ ଶ୍ରେଷ୍ଠ। ସତ୍ୟ ହିଁ ଆମ ଜୀବନର ମୁଖ୍ୟ ଆଧାର। ସତ୍ୟ ବିନା ଜୀବନ ନାହିଁ କିମ୍ବା ସତ୍ୟ ବିନା ଆମର ଅସ୍ତିତ୍ୱ ନାହିଁ। ଆମ ନିତିଦିନିଆ ଜୀବନରେ ଦେଖିଛୁ ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ସତ୍ୟରକ୍ଷା ପାଇଁ ନିଜ ଜୀବନ ବରଂ ପ୍ରଦାନ କରିଦେଇଛନ୍ତି କିନ୍ତୁ ସତ୍ୟରୁ ବିଚ୍ୟୁତ ହୋଇନାହାଁନ୍ତି। କେବଳ ପୁରାଣ ବା ଆଧ୍ୟାତ୍ମିକ ପୁସ୍ତକାବଳୀ ନୁହେଁ ଆମ୍ଭମାନଙ୍କର ଆଖାପାଖରେ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ସତ୍ୟର ମୂର୍ତ୍ତିମନ୍ତ ପ୍ରତୀକ। ଜଣେ ପ୍ରସିଦ୍ଧ ମନିଷୀଙ୍କ ଅମୃତ ଧାଡ଼ିଟି ମନେପଡ଼ୁଛି - 'ସତ୍ୟ ପଥେ, ଧର୍ମ ପଥେ, ଘେନି ଯାଅ ମୋତେ...'। ଆସନ୍ତୁ ସତ୍ୟକୁ ପ୍ରତି ମୁହୂର୍ତ୍ତରେ ନିଜ ଜୀବନରେ କାର୍ଯ୍ୟକାରୀ କରିବା।

# ଅନେକ କିନ୍ତୁ-ପରନ୍ତୁରେ ବିରୋଧୀ ଏକଜୁଟତା



**ଗୋପାଳ ମହାପାତ୍ର**
ରାମଚନ୍ଦ୍ରପୁର, ରଣପୁର
ମୋ- ୯୪୩୮୪୮୫୦୯୪

ନିର୍ବାଚନ ବେଳେ ବିରୋଧୀଦଳମାନେ ଏକଜୁଟ୍ ହୋଇଥାଆନ୍ତି ଶାସକ ଦଳକୁ ପରାଜିତ କରିବା ପାଇଁ । ଦେଶ ସ୍ୱାଧୀନତା ପାଇବା ପରେ ବିରୋଧୀ ଦଳମାନେ ବିଭିନ୍ନ କାରଣରୁ ଅଲଗା ଅଲଗା ହୋଇ ନିର୍ବାଚନ ଲଢୁଥିଲେ । କିନ୍ତୁ ଜରୁରୀକାଳୀନ ପରିସ୍ଥିତି ପରେ ୧୯୭୭ରେ ବିରୋଧୀ ଦଳମାନେ ଏକଜୁଟ୍ ହୋଇଥିଲେ ଏବଂ ଶାସକ କଂଗ୍ରେସ ଦଳକୁ ପରାଜିତ କରିଥିଲେ । ସେ ସମୟରେ ଅନେକ ବିରୋଧୀ ଦଳଙ୍କର ବିଲୟ ଘଟିଥିଲା ଓ ଜନତା ପାର୍ଟି ଗଠିତ ହୋଇଥିଲା । ୧୯୭୭ ପରେ ୧୯୮୯ରେ ବିରୋଧୀଦଳମାନେ ଏକଜୁଟ୍ ହୋଇଥିଲେ । କିନ୍ତୁ ଅନ୍ୟ ସମୟରେ ସେମାନେ ଏକଜୁଟ୍ ହୋଇପାରିନାହାଁନ୍ତି । ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରାଯିବା ପାଇଁ ବିଜେପି ଯେତେବେଳେ ପ୍ରସ୍ତାବ ଗୃହୀତ କରାଇଲା, ସେତେବେଳେ ନୀତିଶ କୁମାର ଓ ମାୟାବତୀ ଏହାକୁ ବିରୋଧ କରିଥିଲେ । ସେ ସମୟରେ ୧୯ଟି ଦଳ ଏକଜୁଟ ହୋଇଥିଲେ ଓ ମିଳିତ ଭାବେ ନିର୍ବାଚନ ଲଢିବା ପାଇଁ ସମ୍ମତ ହୋଇଥିଲେ, ହେଲେର ଏକଜୁଟ୍ ହେବାକଥା କଥାରେ ହିଁ ରହିଗଲା । ୨୦୧୪ରେ ଲୋକସଭା ନିର୍ବାଚନ ହେଲା ଓ ୨୦୧୯ରେ ହେଲା । ସବୁ ସମୟରେ ବିରୋଧୀ ଏକଜୁଟ୍ ହେବା ପାଇଁ ସୁଯୋଗ ଥିଲା, ହେଲେ ବିରୋଧୀ ଏକଜୁଟ୍ ହୋଇପାରି ନଥିଲେ । ଏବେ ନୀତିଶ କୁମାର ଓ ତେଜସ୍ୱୀ ଯାଦବ ବିରୋଧୀ ଦଳମାନଙ୍କୁ ଏକଜୁଟ୍ କରିବା ପାଇଁ ଉଦ୍ୟମ କରୁଛନ୍ତି । କିନ୍ତୁ ଏହାର ଭବିଷ୍ୟତ କ'ଣ ହେବ ସେ କଥା କହିବା ମୁସ୍କିଲ୍ ।

ଏନ୍‌ଡିଏର ସଂଯୋଜକ ଥିଲେ ଚନ୍ଦ୍ରବାବୁ ନାଇଡୁ । ୨୦୧୮ରେ ସେ ଏନ୍‌ଡିଏରୁ ସମର୍ଥନ ପ୍ରତ୍ୟାହାର କରିନେଇଥିଲେ ଓ ୨୦୧୯ର ନିର୍ବାଚନ ପୂର୍ବରୁ ବିରୋଧୀଙ୍କୁ ଏକଜୁଟ୍ କରିବା ପାଇଁ ଉଦ୍ୟମ କରିଥିଲେ, ହେଲେ ବିଫଳ ହୋଇଥିଲେ । ଏବେ ଚନ୍ଦ୍ରବାବୁ ନାଇଡୁଙ୍କ ସ୍ଥିତି କ'ଣ ? ବିରୋଧୀ ଦଳମାନଙ୍କୁ ଏକଜୁଟ୍ କରିବା ପାଇଁ କେସିଆର ମଧ୍ୟ ଉଦ୍ୟମ କରିଥିଲେ । କୋଲକାତା ଯାଇ ମମତା ବାନାର୍ଜୀଙ୍କ ସହ ଆଲୋଚନା କରିଥିଲେ । ମମତା ବାନାର୍ଜୀ ମଧ୍ୟ କର୍ଣ୍ଣାଟକ ଯାଇଥିଲେ । ଏସବୁ ସତ୍ତ୍ୱେ କେସିଆର ଓ ମମତାଙ୍କ ଉଦ୍ୟମ ବିଫଳ ହୋଇଥିଲା । ଏବେ ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଯଦି ବିରୋଧୀ ଦଳମାନେ ଏକଜୁଟ୍ ହେବେ, ତେବେ କଂଗ୍ରେସ ଦଳର ସ୍ଥିତି କ'ଣ ହେବ ? ଅର୍ଥାତ୍ କଂଗ୍ରେସର ଭୂମିକା କ'ଣ ହେବ ? କଥା ହେଉଛି କଂଗ୍ରେସ ଏବେ ପୂର୍ବର ସେହି କଂଗ୍ରେସ ହୋଇ ରହିନାହିଁ । କାଶ୍ମୀର ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଦେଖିଲେ ସବୁଠି କଂଗ୍ରେସ ବିରୋଧୀ । କାଶ୍ମୀରରେ ଶେକ୍ ଅବଦୁଲ୍ଲା ଓ ମୁଫତି କଂଗ୍ରେସକୁ ବିରୋଧ କରୁଥିଲେ । ପଶ୍ଚିମବଙ୍ଗରେ ସିପିଏମ୍ ଓ ପରେ ତୃଣମୂଳ କଂଗ୍ରେସ କଂଗ୍ରେସକୁ ସଫା କରିଦେଇଥିଲେ । ବିହାରରେ କର୍ପୁରୀ ଠାକୁର, ଲାଲୁ ପ୍ରସାଦ ଯାଦବ ଓ ନୀତିଶ କୁମାର କଂଗ୍ରେସର ଦୁର୍ବଳ ସ୍ଥିତି ପାଇଁ ଦାୟୀ । ସେହିପରି ଉତ୍ତରପ୍ରଦେଶରେ ଚୌଧୁରୀ ଚରଣ ସିଂହ, ମୁଲାୟମସିଂହ ଯାଦବ, କାଂଶିରାମ ଓ ମାୟାବତୀ ମଧ୍ୟ କଂଗ୍ରେସକୁ ବିରୋଧ କରି ତା'ର ସ୍ଥିତିକୁ ଦୁର୍ବଳ କରିଥିଲେ । ଓଡ଼ିଶାରେ ବିଜୁ ପଟ୍ଟନାୟକ ଏବେ ନବୀନ ପଟ୍ଟନାୟକ କଂଗ୍ରେସକୁ ପ୍ରାୟତଃ ସଫଳ କରିଦେଇଛନ୍ତି । କର୍ଣ୍ଣାଟକରେ ରାମକୃଷ୍ଣ ହେଗେଡେ କଂଗ୍ରେସକୁ ଦୁର୍ବଳ କରିଦେଇଥିଲେ । ତାମିଲ୍‌ନାଡୁ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ମଧ୍ୟ ଏକା ଅବସ୍ଥା । ଯେଉଁ ରାଜ୍ୟରେ ଆଞ୍ଚଳିକ ଦଳ ନାହାନ୍ତି ସେ ସବୁ ରାଜ୍ୟରେ କଂଗ୍ରେସ ବଞ୍ଚି ରହିଛି । ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼ ଓ ହିମାଚଳ ପ୍ରଦେଶରେ କଂଗ୍ରେସର ସ୍ଥିତି ଟିକେ ମଜଭୁତ୍ ରହିଛି ।

ଏବେ ବିରୋଧୀ ଦଳର ନେତାମାନେ ଏକଜୁଟ୍ ହେବାପାଇଁ ଉଦ୍ୟମ ଚାଲିଛି । ଏବେର ପରିସ୍ଥିତି ୧୯୭୭ର ପରିସ୍ଥିତି ନୁହେଁ । ନେତା ଏକଜୁଟ୍ ହେଲେ ମଧ୍ୟ ଜନସାଧାରଣ ଯେ ଏକଜୁଟ୍ ହେବେ, ସେ କଥାର ଗ୍ୟାରେଣ୍ଟି ନାହିଁ । ୧୯୭୭ରେ ଲଢେଇ ଇନ୍ଦିରା ଗାନ୍ଧୀ ବନାମ୍ ଜୟପ୍ରକାଶ ନାରାୟଣ ଥିଲା । ସେତେବେଳେ କଂଗ୍ରେସ ପରାଜିତ ହୋଇଥିଲେ ମଧ୍ୟ ଦକ୍ଷିଣ ଭାରତରେ ତା'ର ସ୍ଥିତି ବଜାୟ ରଖିଥିଲା । ଏବେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । କର୍ଣ୍ଣାଟକର ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଯିବ ଯେ, କଂଗ୍ରେସ ସ୍ଥିତି ମଜବୁତ୍ ନା ଦୁର୍ବଳ । ନୀତିଶ କୁମାରଙ୍କ ସ୍ଥିତି ବିହାରରେ ତୃତୀୟ ସ୍ଥାନରେ । ଗତଥର ବିଜେପି ସହ ମେଣ୍ଟ କରି ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଏବେ ଯଦି ବିରୋଧୀ ଦଳ ଏକଜୁଟ୍ ହୁଅନ୍ତି, ତେବେ ମେଣ୍ଟର ନେତାମାନେ ସେମାନଙ୍କ ରାଜ୍ୟରେ କେତେ ଆସନ କଂଗ୍ରେସକୁ ଛାଡ଼ିବେ ତାହା ମଧ୍ୟ ଏକ ବିବାଦୀୟ ବିଷୟ । ମେଣ୍ଟ ହେଲେ ପ୍ରଧାନମନ୍ତ୍ରୀ ହେବା ପାଇଁ ଅନେକ ଦାବିଦାର ମଧ୍ୟ ବାହାରିବେ । ଅନ୍ୟ ଏକ କଥା ହେଉଛି, ବିରୋଧୀ ଦଳମାନେ କ'ଣ ଏମିତି ଫର୍ମୁଲା ବାହାର କରିବେ, ଯାହାକୁ ଲୋକେ ପସନ୍ଦ କରିବେ ଓ ଭରସା କରି ବିରୋଧୀ ଦଳଙ୍କୁ ଭୋଟ୍ ଦେବେ ।

ଏବେ ଯେଉଁ ୨୦ଟି ଦଳ ବିଜେପି ବିରୋଧରେ ମେଣ୍ଟ କରିବେ ବୋଲି କୁହାଯାଇଛି ସେମାନଙ୍କ ଏକଜୁଟ୍ ହେବାର ଆଧାର କ'ଣ ? ଅନ୍ୟପକ୍ଷରେ କଂଗ୍ରେସକୁ ନେଇ ସବୁ ବିରୋଧୀ ଦଳମାନଙ୍କ ରାୟ ମଧ୍ୟ ସମାନ ନୁହେଁ । ଏଣୁ ବିରୋଧୀ ଦଳମାନେ ଏକଜୁଟ୍ ହୋଇ ଗୋଟିଏ ମଞ୍ଚରେ ଠିଆ ହେବା କାଠିକର ପାଠ । ଆଜିର ରାଜନୈତିକ ପରିଦୃଶ୍ୟକୁ ଦେଖିଲେ ଗୋଟିଏ କଥା ସ୍ପଷ୍ଟ ଯେ, ବିରୋଧୀଙ୍କ ଏକତାର ଅଭାବ ହିଁ ବିଜେପିର ଅସଲ ଶକ୍ତି । ଏନ୍‌ସିପି ନେତା ଶରତ ପାୱାର, ମହାରାଷ୍ଟ୍ରର ଉଦ୍ଧବ ସରକାରରେ କଂଗ୍ରେସ ସହ ଏକାଠି ହୋଇ ସରକାର ଗଢ଼ିଥିଲେ, ହେଲେ ଏବେ କଂଗ୍ରେସକୁ ନେଇ ତାଙ୍କ ମତ ସ୍ପଷ୍ଟ ନୁହେଁ । ଆଦାନୀ ପ୍ରସଙ୍ଗରେ କଂଗ୍ରେସ ସହ ଶରତ ପାୱାର ଏକମତ ନୁହଁନ୍ତି । କେବଳ ଶରତ ପାୱାର ନୁହଁନ୍ତି, ଏକଜୁଟ୍ ହେବାକୁ ଥିବା ଅନେକ ନେତାଙ୍କ ବିଚାରଧାରା କଂଗ୍ରେସ ସହ ସମାନ ନୁହେଁ । ବିରୋଧୀଙ୍କ ଏକଜୁଟ୍ ହେବା ପାଇଁ ଏମିତି ଅନେକ କିନ୍ତୁ ଓ ପରନ୍ତୁ ରହିଛି । ଏଣୁ ୨୦୨୪ ନିର୍ବାଚନ ବେଳକୁ ବିରୋଧୀ ଦଳ ଯେ ଏକଜୁଟ୍ ହେବେ, ସେ କଥାକୁ ନେଇ ଆଶଙ୍କା ରହିଛି । ୨୦୨୪ର ଲୋକସଭା ନିର୍ବାଚନରେ ବିଜେପିକୁ ହରାଇବା ପାଇଁ 'ଗୋଟିଏ ଆସନ ଗୋଟିଏ ପ୍ରାର୍ଥୀ' ଫର୍ମୁଲା ବାବଦରେ ନୀତିଶ କୁମାର, ତେଜସ୍ୱୀ ଯାଦବ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଆଲୋଚନା କରିଛନ୍ତି । ନୀତିଶକୁମାର ଅରବିନ୍ଦ କେଜରିୱାଲ୍‌ଙ୍କୁ ମଧ୍ୟ ଭେଟିଛନ୍ତି । କିନ୍ତୁ ଏହି ଫର୍ମୁଲା ନୂଆ ନୁହେଁ, ୧୯୭୭ ଓ ୧୯୮୯ରେ ବିରୋଧୀ ଦଳ ମାନେ ଏକାଠି ହୋଇ ଏହି ଫର୍ମୁଲାକୁ କାର୍ଯ୍ୟକାରୀ କରିଥିଲେ । ୧୯୭୭ ଓ ୧୯୮୯ର ପରିସ୍ଥିତି ଭିନ୍ନ ଥିଲା ଓ ସେତେବେଳେ କଂଗ୍ରେସ ଥିଲା ଦେଶର ପ୍ରମୁଖ ରାଜନୈତିକ ଦଳ । କିନ୍ତୁ ଏବେ ବିଜେପି ହେଉଛି ଦେଶର ସର୍ବବୃହତ ରାଜନୈତିକ ଦଳ । ବିରୋଧୀମାନେ ଏକଜୁଟ୍ ହେଲେ ମଧ୍ୟ କ'ଣ ସେହି ପୂର୍ବର ଫର୍ମୁଲା କାମ କରିବ ? କ'ଣ ୨୦୨୪ ପୂର୍ବର ସେହି ୧୯୭୭-୧୯୮୯କୁ ଦୋହରାଇବ ? କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ, ବିରୋଧୀ ଏକଜୁଟ୍ ନହେଲେ ୨୦୨୪ ନିର୍ବାଚନ ପରେ ସେମାନଙ୍କ ସ୍ଥିତି ସମ୍ପୂର୍ଣ୍ଣ ଭାବେ ହରାଇ ବସିବେ ।

# ପରିବେଶର ସୁରକ୍ଷା ଆମ ହାତରେ

**ବିପିନ ବିହାରୀ ମହାନ୍ତି**
ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନ ବିହାରୀ ପାଠାଗାର, ଜଟଣୀ
ମୋ : ୯୯୩୮୩୪୪୧୩୮

ସୂର୍ଯ୍ୟଙ୍କୁ ସକଳ ଶକ୍ତିର ଆଧାର କୁହାଯାଏ। ସୂର୍ଯ୍ୟଙ୍କୁ କେନ୍ଦ୍ରକରି ଘୂରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି। ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି।

ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି। ଏହା ଉପରେ ଆମ ଘର। ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ। 'ପରିବେଶ କହିଲେ ପରିବେଷ୍ଟନ'। ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ। ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି । ଆମେ ବଞ୍ଚି ରହିବା ପାଇଁ ଯାହା ଯାହା ଦରକାର, ଯଥା- ଖାଦ୍ୟ, ବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ। ପରିବେଶ ବିନା ଜୀବନ ନାହିଁ। ପରିବେଶରୁ କେବଳ ପବନକୁ ଅନୁଭବ କରୁ। ବାକି ସବୁ ଦେଖୁ। ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ। ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ। ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ। ଆମେ ଏକ ଶୃଙ୍ଖ ସନ୍ତୁଳିତ ଅବସ୍ଥାରେ ବଞ୍ଚିଛେ । ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ। ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ। ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି। ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ। ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି । ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ। ଜଳର ଅନ୍ୟ ନାମ ଜୀବନ। ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍'। ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଞ୍ଚିପାରେ, ମାତ୍ର ଜଳବିନା କେଇଦିନ ବଞ୍ଚିବା ସମ୍ଭବ ନୁହେଁ। ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ। ଏବେ ଏହା ବିଷାକ୍ତ। ଏହାକୁ ପାନ କଲେ ଜୀବନ ନାଶ। ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି। ଏହାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି। ଏହା ଆମର ବହୁରୋଗର କାରଣ। ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ। ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ। ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି । ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି। ଜଳ ପରି ବାୟୁ ବିନା ମଧ୍ୟ ମଣିଷ ବଞ୍ଚିପାରିବ ନାହିଁ। ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ। ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୃଷ୍ଟ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି। ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି। ଏକଥା ସତ୍ୟ ଯେ ମାଟିବିନା ଜୀବନ ବିପର୍ଯ୍ୟସ୍ତ । ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର। ମାଟି ହିଁ ମୃତ୍ତିକା। ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ। ମୃତ୍ତିକାରେ ଚାଷବନ୍ଦୀ ହୁଏ। ଖାଦ୍ୟ ଫଳାଏ। ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି। ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଜ୍ୟବସ୍ତୁ ଯଥା - ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦୂଷିତ କରୁଛି। ଏପଟେ ମୃତ୍ତିକା କ୍ଷୟ ଘଟୁଛି। ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି। ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ। ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ। ତହିଁରୁ ଅଧିକ ବା କମ୍ କ୍ଷତିକାରକ। ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା ଯନ୍ତ୍ରପାତିର ଶବ୍ଦ, ବାଣଫୁଟିବା, ବୋମା ବିସ୍ଫୋରଣ ଇତ୍ୟାଦି। ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି । ଏମାନେ ସମସ୍ତେ ୧୨୦ ଡେସିବଲ ଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି। ଏଣୁ କ୍ଷତିକାରକ ଅଟନ୍ତି। ଏମିତିରେ ଆମ ଘର ପରିବେଶ ଠୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ। ଆମେ ବଞ୍ଚିବା ତ ? ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ। ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ। ଏହାକୁ ବନ୍ଦ କରିବାକୁ ହେବ। ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ। ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ।

# କ୍ଷମତାର ବଳୟରେ ନିର୍ବାଚନ ଏବଂ ଉପନିର୍ବାଚନ



**ବିଷ୍ଣୁ ପ୍ରସାଦ ଦାସ**
ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା, କଟକ
ମୋ : ୯୯୩୭୧୭୪୦୯୭

ଗଣତାନ୍ତ୍ରିକ ପଦ୍ଧତିରେ ଆମ ଦେଶରେ ପ୍ରତି ପାଞ୍ଚ ବର୍ଷରେ ନିର୍ବାଚନ ହୁଏ, ତାହା ଛଡା ଅନେକ ଉପନିର୍ବାଚନ ମଧ୍ୟ ହୋଇଥାଏ । ନିର୍ବାଚନ ହେଉ କିମ୍ବା ଉପନିର୍ବାଚନ ହେଉ ରାଷ୍ଟ୍ରୀୟ ଦଳ, ଆଞ୍ଚଳିକ ଦଳ ତଥା ଅନେକ ଛୋଟବଡ଼ ଦଳର ପ୍ରାର୍ଥୀ ନିଜର ପ୍ରାର୍ଥୀପତ୍ର ଦାଖଲ କରି ନିର୍ବାଚନରେ ଅନ୍ୟଦଳ ସହିତ ଲଢ଼ି ଜିତିବାର ଆଶା ନେଇ ନିଜର ରଣକୌଶଳ ନିର୍ଦ୍ଧାରଣ କରିଥାନ୍ତି । ଭାଇ ! ଆପଣମାନେ ଦେହକୁ ନେବେନାହିଁ, କେତେଗୁଡିଏ ଅପ୍ରିୟ ସତ୍ୟ କହିବାକୁ ଯାଉଛି । ନିକଟ ଅତୀତରେ ନିର୍ବାଚନ ସରିଗଲା, ଆଗକୁ ଆହୁରି ଅନେକ ନିର୍ବାଚନ, ଉପ ନିର୍ବାଚନ ଆସୁଛି ସେ ଯେ କୌଣସି ନିର୍ବାଚନ ହେଉ ସେଥିରେ କିଛି କ୍ଷମତା ହାସଲ କଲେ ଆଉ କେତେକ ଆଶାୟୀ ନିଜର ପରାଜୟ ସ୍ୱୀକାର କଲେ ଏହା ତ' ଏକ ସାଧାରଣ କଥା ଏଥିରେ ନୂତନତ୍ୱ କିଛି ନାହିଁ, ସବୁ ଦଳ ବା ସବୁ ପ୍ରାର୍ଥୀ ତ' ଆଉ ଜିତିବେ ନାହିଁ ? ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ସବୁ ଦଳ ତଥା ନିର୍ଦଳୀୟ ଆଶାୟୀଙ୍କ ତତ୍ପରତା ପ୍ରକାଶ କରିବା ସ୍ୱାଭାବିକ କଥା । କେତେ କଳ୍ପନାଜଳ୍ପନା ଆଉ ରଙ୍ଗୀନ ସ୍ୱପ୍ନ ଭରା ଅଶାର ବୈତରଣୀ ନଦୀ ପାରିହେବା ପାଇଁ ସମସ୍ତେ ଚଞ୍ଚଳ ଆଉ ଜିତିବାର ଏକ ଖସଡ଼ା ପ୍ରସ୍ତୁତ କରିବାରେ ବ୍ୟସ୍ତ ଓ ନିର୍ବାଚନ ଆୟୋଗଙ୍କ ନିୟମ ଭିତରେ ରହି ପ୍ରାର୍ଥୀମାନେ ନିଜ ପ୍ରାର୍ଥିପତ୍ର ଦାଖଲ ଆଉ ନିର୍ବାଚନ ଚିହ୍ନ ପାଇବାପରେ ପୋଷ୍ଟର ଛପା ତଥା ବିଭିନ୍ନ ନିର୍ବାଚନୀ ବିଜ୍ଞାପନ ଦ୍ୱାରା ସର୍ବସାଧାରଣ ସ୍ଥାନକୁ ଏପରିଭାବେ କରାୟତ କରିନିଅନ୍ତି ଯେ, ତାହା ବେଳେବେଳେ ଅତି ଅସହ୍ୟ ହୋଇପଡ଼େ । ବିଜୁଳିବତି ଖୁଣ୍ଟ, ଘରଦ୍ୱାର, ଗଛଲତା, ଛକ ଜାଗାର ଟ୍ରାଫିକ ସଙ୍କେତ, ଛକ, ପାର୍କ ତଥା ଆଖି ଦୃଶିଆ ଜାଗା ଉପରେ ଥିବା ମନୀଷୀମାନଙ୍କ ପ୍ରତିମୂର୍ତ୍ତି, ପଥ ପ୍ରଦର୍ଶକ ଫଳକ, ଶିକ୍ଷାନୁଷ୍ଠାନ, ବସ୍, ଟ୍ରକ୍, ଅଟୋ, କାର୍, ରେଳଗାଡ଼ି, ଫୁଟପାଥ, ପ୍ରାଚୀର, ରାଜରାସ୍ତା ଯେଉଁଠି ଦେଖିବେ ଖାଲି ପୋଷ୍ଟର ଆଉ ଦଳୀୟ ପ୍ରଚାରରେ ବ୍ୟବହୃତ ସାମଗ୍ରୀରେ ରଙ୍ଗାୟିତ ହୋଇ ଯାଇଥାଏ । ନିର୍ବାଚନ ଆୟୋଗଙ୍କ କ'ଣ ନିର୍ଦ୍ଦେଶ ରହିଛି ତା' ତ' ସାଧାରଣ ଜନତା ଜାଣି ନାହାନ୍ତି, ତେବେ ବି ଜାଣି ବିରୋଧ କଲେ ମରଣାନ୍ତକ ଆକ୍ରମଣର ଶିକାର ହେବାକୁ ପଡିବା ଭୟରେ ପ୍ରାୟ ନୀରବ ଦର୍ଶକ ସାଜିବାକୁ ଶ୍ରେୟ ମଣିଥାନ୍ତି ଓ ପ୍ରାର୍ଥୀମାନେ ଦଳବଳ, କଳାକୌଶଳ ଦେଖାଇ ନିଜ ଜୀବନକୁ ବି ବେଳେବେଳେ ବାଜି ଲଗାଇ ଦେଇଥା'ନ୍ତି ଓ ଖାଲି ପୋଷ୍ଟର, ବ୍ୟାନର, ହୋର୍ଡ଼ିଂ ବାଦ୍ ପ୍ରଚାର ପାଇଁ ବ୍ୟବହୃତ ଡ଼ାକବାଜି ଯନ୍ତ୍ର, ଅତିଉଚ୍ଚ ଶବ୍ଦ କରୁଥିବା ଡିଜେ ସୁସ୍ଥ ବ୍ୟକ୍ତିର କର୍ଣ୍ଣକୁ ଖୁବ୍ କଷ୍ଟ ଦିଏ , ବୟସ୍କ ବ୍ୟକ୍ତି, ରୋଗୀ ଏହି ଛାତି ଥରା ଶବ୍ଦରେ ତ୍ରାହିତ୍ରାହି ଡାକ ଦିଅନ୍ତି ତଥା ମାନସିକ ଭାରସାମ୍ୟ ହରାଇବାର ବି ନଜିର ଅଛି । ନିର୍ବାଚନୀ ପ୍ରଚାର ପାଇଁ ଅନେକ ତାରକା ପ୍ରଚାରକ, ଅତି ଉଚ୍ଚ ପଦାଧିକାରୀ, ନେତା, ମନ୍ତ୍ରୀ, ନିଜର ରାଜକାର୍ଯ୍ୟ ଛାଡ଼ି ପ୍ରାଣପଣେ ନିଜ ଦଳର ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାରେ ନିଜକୁ ସମର୍ପିତ କରିଦେଇ ଥା'ନ୍ତି । ଆଚ୍ଛା କୁହନ୍ତୁ ତ, ଯଦି ଜଣେ କର୍ମଚାରୀ ଅଫିସ କାମ ନ'କରି ଅନ୍ୟ କାମ କରୁଛି ତେବେ ତା'କୁ ଛୁଟି ନେବାକୁ ହୁଏ ନଚେତ ଦରମା କଟିଯାଏ କିନ୍ତୁ ଏହି ନେତା ମନ୍ତ୍ରୀମାନେ କ'ଣ ଛୁଟିନେଇ ପ୍ରଚାର ପାଇଁ ଯାଆନ୍ତି କି ? ତାଙ୍କ ଦଳୀୟ ପ୍ରଚାର ପାଇଁ ସର୍ବସାଧାରଣଙ୍କ ଟିକସ ପଇସାରୁ ଦରମା, ଭତ୍ତା ନେଇ ରାଜକାର୍ଯ୍ୟକୁ ପଛରେ ପକାଇବା କେତେଦୂର ଯୁକ୍ତିଯୁକ୍ତ ? ଦଳୀୟ କର୍ମୀ ତଥା କିଛି ସ୍ଥାନରେ ଅସାମାଜିକ ବ୍ୟକ୍ତି ବିଶେଷ ଏହାର ସୁଯୋଗ ନେଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି । ପ୍ରଚାର ସମୟରେ ଅନେକ ସ୍ଥାନରେ ଦଙ୍ଗା, ମୃତାହତ ହେବାର ଖବର ମଧ୍ୟ ମିଳେ । ପ୍ରଶାସନ କିଂକର୍ତ୍ତବ୍ୟ ବିମୂଢ଼/ନୀରବରେ ଉପରିସ୍ଥ ହାକିମଙ୍କ ନିର୍ଦ୍ଦେଶରେ ଇଚ୍ଛାରେ ହେଉ ବା ଇଚ୍ଛା ବିରୁଦ୍ଧରେ ହେଉ ନିଜର କାର୍ଯ୍ୟ ନିର୍ବାହ କରିବାକୁ ଚେଷ୍ଟିତ ଥାଏ ନଚେତ ପ୍ରଶାସନର କ୍ରୋଧର ଶିକାର ହେବା ନିଶ୍ଚିତ ଓ ଟେଲିଭିଜନରେ ଗୋଟିଏ ଗୋଟିଏ ବିଜ୍ଞାପନକୁ ଏକଘଣ୍ଟା ଭିତରେ ଦଶଥରରୁ ବି ବେଶୀ ଦେଖାଉଥିବା ପରି ଅବସ୍ଥା, ଦର୍ଶକ କ'ଣ ଏତେ ଶୀଘ୍ର ଭୁଲିଯାଉଛନ୍ତି ଯେ, ତୁମେ ଟଙ୍କା ଲୋଭରେ ବିଜ୍ଞାପନକୁ ଏତେଥର ପୁନଃପ୍ରସାରଣ କରୁଛ ? ଏହା ଦର୍ଶକଙ୍କୁ ଆଖିରେ ଆଙ୍ଗୁଳି ଗେଞ୍ଜି ଲୁଟିବା ଛଡା କିଛି ନୁହେଁ ଓ ଲୋକ କ'ଣ ଜାଣି ନାହାନ୍ତି ଯେ, କିଏ କ'ଣ ଆଉ କୋଉ ସାମଗ୍ରୀ ଭଲ କି ଖରାପ ? ଠିକ ସେହିପରି ନିର୍ବାଚନୀ ପ୍ରଚାର ଚାଲିଥାଏ, ସକାଳୁ ରାତି ପର୍ଯ୍ୟନ୍ତ ଲୋକଙ୍କୁ ଟିକେ ଶାନ୍ତିରେ ଏମାନେ ରଖିବାକୁ ଦେଇନଥା'ନ୍ତି । ଭାଇ ! ଲୋକ ଥରେ ଦୁଇଥର ଜାଣିଗଲେ ତ' ଗଲା ଆଉ ପ୍ରତି ମିନିଟରେ କେହି ନା' କେହି ଡ଼ାକବାଜି ଯନ୍ତ୍ରରେ ପ୍ରଚାର ଚଳାଇଥିବେ, ନା' ଆପଣ ଶାନ୍ତିରେ ଟିକେ ଶୋଇ ପାରିବେ ନା' ବସିପାରିବେ । ଏହାଉପରେ କ'ଣ କଟକଣା ଲାଗି ପାରିବ ନାହିଁ ? ଜନତା ଅତିଷ୍ଠ ହୋଇ ଶେଷରେ 'ନୋଟା'କୁ ଭୋଟ ଦେଇ ଦେଉଛନ୍ତି ଓ ଆଜିକାଲି ଶିକ୍ଷିତ ବା ଅଶିକ୍ଷିତ ସବୁ ଆଶାୟୀ ପ୍ରାର୍ଥୀଙ୍କ କାର୍ଯ୍ୟକଳାପ ଏକପ୍ରକାର ଓ ଚୌକି ଏବଂ କ୍ଷମତା ଲୋଭ ପାଇଁ ମାନବିକତା ଶୂନ୍ୟ ବଳ ପ୍ରୟୋଗ ଏକ ସାଧାରଣ ବିଷୟ ଓ ଗୁଣୀ ଜ୍ଞାନୀ କେତେଜଣ ଏହାକୁ ବିରୋଧ କରୁଛନ୍ତି ? ପ୍ରଶାସନ କାହିଁକି ନିରବ ଦ୍ରଷ୍ଟା ସାଜିଛି ? ନିର୍ବାଚନ ଆୟୋଗ କ'ଣ ସତରେ ଏସବୁ ବିଷୟରେ ଅଜ୍ଞ ନା 'ବିଲେଇ ଆଖିବୁଜି କ୍ଷୀର ପିଇବାର' ଛଳନା କରୁଛନ୍ତି ? ଜଣେ ସାଧାରଣ ନାଗରିକର କ'ଣ ଏହିସବୁ ଜାଣିବାର ଅଧିକାର ନାହିଁ ? ? ଯଦି ନାହିଁ ତେବେ ସବୁଠୁ ଚୁପ୍ ଭଲ ଓ ଏହି ଖୁଲମ ଖୁଲା ଡ୍ରାମା ଭୋଟ ଗ୍ରହଣର ୩୬ ଘଣ୍ଟା ପୂର୍ବରୁ ବନ୍ଦ ହୁଏ କିନ୍ତୁ ଆଉ ଗୋଟିଏ କଷ୍ଟ ପ୍ରାର୍ଥୀମାନେ ରାତି ଅଧରେ ବି କବାଟ ବାଡେଇ ନିଜ ପାଇଁ ଭୋଟ ଭିକ୍ଷା କରନ୍ତି କିଛି କିଛି ସ୍ଥାନରେ ଉପହାର ବି ଦେଇଥାନ୍ତି ଓ ଠିକ୍ ଅଛି ଯିଏ ଯାହା ଭାବିଲା ଭାବୁ ଆଉ 'ଯାହାକୁ ଯିଏ ରସିଲା କିଆ ଫୁଲ ପରି ବାସିଲା' ସେଥିରେ ଆମର କ'ଣ ଯାଏ ଆସେ ? ଆମେ ହେଲୁ 'ଅଦା ବେପାରୀ ଜାହାଜ କାହିଁକି ମୂଲ କରିବୁ ?' ଯେଉଁଦଳ ସଂଖ୍ୟାଗରିଷ୍ଠତା ପାଇ ଶାସନ କରୁଥାଏ ସେହି ଦଳ ମଧ୍ୟ ଉପନିର୍ବାଚନ ପାଇଁ ଜୀବନ ଲଗେଇ ପ୍ରଚାର ପ୍ରସାର କରିବାକୁ ପଛାଇ ନ'ଥାଏ , ସତେ ଯେମିତି ଉପନିର୍ବାଚନରେ ତା'ଙ୍କ ପ୍ରାର୍ଥୀ ହାରିଗଲେ ସରକାର ଭାଙ୍ଗିଯିବ, କଳେବଳେ କୌଶଳେ ଜିତିବା ଜରୁରୀ ତେଣିକି ଯାହା ହେଉଛି ହେଉ ଓ ଯଦି ପ୍ରାର୍ଥୀ ଉତ୍ତମ ନାଗରିକ ଏବଂ ଦେଶ ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବ, ଜନତା ତା'ଙ୍କୁ ହୃଦୟରୁ ପସନ୍ଦ କରୁଥିବେ ତେବେ ସ୍ୱତଃପ୍ରବୃତ୍ତ ଭୋଟ ପାଇ ନିର୍ବାଚିତ ହେବ ଆଉ ଯଦି ଅଗା, ବଗା, ଖଗା, ପ୍ରିୟାପ୍ରୀତି ତୋଷଣ, ପାରିବାରିକ ପ୍ରାର୍ଥୀ, ସହାନୁଭୂତିଯୁକ୍ତ ପ୍ରାର୍ଥୀ ହୁଅନ୍ତି ତେବେ ତ' କଥା ସରିଲା । କେନ୍ଦ୍ର, ରାଜ୍ୟ, ବିରୋଧୀ ସବୁ ମହାକୁମ୍ଭ ମେଳାରେ ଏକତ୍ରିତ ହୋଇ ନିଜ ସ୍ୱାର୍ଥ ପାଇଁ କ୍ଷମତାର ଲଢେଇ କରନ୍ତି ସାଧାରଣ ନାଗରିକଙ୍କ ଟିକସ ପଇସାରେ ଖେଳ ଦେଖାନ୍ତି, ଏଇ ତ' ଆମ ଗଣତନ୍ତ୍ର ଏବଂ ବିଶ୍ୱରେ ଏକ ନମ୍ବର ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷର ଭାଗ୍ୟ ।

ନିର୍ବାଚନ ସରିଲା ଜିଣିଥିବା ପ୍ରାର୍ଥୀଙ୍କ ଖୁସି ଆଉ ଜାକଜମକ ପଟୁଆରରେ ମେଦିନୀ କମ୍ପିଯାଏ କି ନାଚ ? କି ଗୀତ ? କି ବାଜା ? କି ରୋଷଣୀ ? ଆଉ ହଜାର ହଜାର ସଂଖ୍ୟାରେ ଗୋଡାଣିଆଙ୍କ ସହ ସତେ ଯେମିତି ଉତ୍ତର କୋରିଆର ଶାସକ କିମ ଜୋଙ୍ଗ ପରି ମୃତ୍ୟୁ ପର୍ଯ୍ୟନ୍ତ ଗାଦିରେ ରହିବାର ସାମ୍ବିଧାନିକ ସ୍ୱୀକୃତି ପ୍ରାପ୍ତ ବ୍ୟକ୍ତି ପରି ବିରାଟ ପଟୁଆର ଧରି ଚାଲିଥାନ୍ତି । ଭାଇ ! ଯେଉଁ ଗଛରେ ଫଳ ଭର୍ତ୍ତି ଥାଏ ସେ ନଇଁପଡେ, ବିନୟୀ ହୁଏ କିନ୍ତୁ ଆପଣମାନେ ତ' ମଦମସ୍ତ ହସ୍ତୀ ସଦୃଶ ସେବା ବଦଳରେ ପରାକ୍ରମଃ ଦେଖାଇବାର ବୃଥା ଚେଷ୍ଟା କରୁଛନ୍ତି । ଇତିହାସ କହେ ଅନେକ ପରାକ୍ରମୀ ଆସିଛନ୍ତି ଆଉ କାଳର କରାଳ ଗତିରେ ସବୁ ଲୀନ ହୋଇ ଯାଇଛନ୍ତି, ତେଣୁ ଲୋକଙ୍କ ଆସ୍ଥା ଜିଣିବାକୁ 'ମୁନିବ' ନ' ହୋଇ 'ସେବକ' ହେବା ଉଚିତ୍ । ବିଧାନସଭା / ସଂସଦ ଅଧିବେଶନ ସମୟରେ ଜନତା ଟି:ଭି ପରଦାରେ ଦେଖନ୍ତି ଗଣତନ୍ତ୍ରର ମନ୍ଦିର ଭିତରେ ନିର୍ବାଚିତ ପ୍ରତିନିଧିମାନେ କିପରି ଶୃଙ୍ଖଳିତ ଆଚରଣ କରନ୍ତି ଆଉ କେତେ ଗଣତନ୍ତ୍ରର ମର୍ଯ୍ୟାଦା ଉପରେ ଗୁରୁତ୍ୱ ଦିଅନ୍ତି, ଏହିପରି ଲଜ୍ଜାଜନକ ଦୃଶ୍ୟକୁ ସର୍ବସାଧାରଣଙ୍କୁ ବରଂ ନ'ଦେଖାଇଲେ ଭଲ ହୁଅନ୍ତା ଓ ଆଉ ଗୋଟିଏ ବଡ଼ କଥା ହେଲା ନିର୍ବାଚନ ପରବର୍ତ୍ତୀ ଦାୟିତ୍ୱ କାହାର କେତେ ? ହାରି ଥିବା ପ୍ରାର୍ଥୀଙ୍କ ଏବଂ ଜିତିଥିବା ପ୍ରାର୍ଥୀଙ୍କ ସମସ୍ତଙ୍କ ଦାୟିତ୍ୱ ସହର ବଜାର, ଗାଁ ଗଣ୍ଡା, ରାସ୍ତାଘାଟ ଯେଉଁଠି ଯେଉଁଠି ଆପଣମାନେ ନିର୍ବାଚନୀ ପୋଷ୍ଟର ଲଗାଇଛନ୍ତି ତାହାକୁ ବାହାର କରିବା, ସହରର ସୌନ୍ଦର୍ଯ୍ୟକୁ ପୂର୍ବବତ ଫେରାଇ ଆଣିବା । କିନ୍ତୁ ଏସବୁ କରିବାକୁ କାହା ପାଖରେ ସମୟ ଅଛି ? ପର ଛିଦ୍ର ଖୋଜିବା ଏବଂ ତା'କୁ ନେଇ ଉତ୍ତେଜନା ସୃଷ୍ଟି କରିବା ହାରିଥିବା ପ୍ରାର୍ଥୀଙ୍କ ପ୍ରଧାନ କାର୍ଯ୍ୟ ହୁଏ । ପୋଷ୍ଟର ବ୍ୟାନରଗୁଡିକ ଅନେକ ଛୋଟବଡ଼ ଦୁର୍ଘଟଣାର କାରଣ ହେଉଛି, ସୁତୁଲିରେ ଲଗାଯାଇଥିବା ପତାକା ଛିଡି ରାସ୍ତାରେ ପଡୁଛି ଦୁଇ ଚକିଆ ଗାଡି ଚକରେ ପଶି ଅନେକ ଦୁର୍ଘଟଣା ହେଉଛି, ରାସ୍ତାଘାଟ ବିଭିନ୍ନ ଦଳୀୟ ପତାକା, ଚିହ୍ନ ଦ୍ୱାରା ଅପରିଷ୍କାର ହେଉଛି, ସହରର ସୌନ୍ଦର୍ଯ୍ୟ ଊଣା ଅଧିକେ କମିଯାଉଛି । ନିର୍ବାଚନ ଆୟୋଗ, ପ୍ରଶାସନ ଏହିସବୁ ବିଷୟରେ ପଦକ୍ଷେପ ନେବା ତଥା ଦଳୀୟ ପ୍ରାର୍ଥୀମାନେ ନିଜ ନିଜ ଇଲାକାରୁ ନିଜ ଜିନିଷ ଦଳୀୟ ଚିହ୍ନ ଖୋଲି ସୁନାଗରିକର ପରିଚୟ ଦେବାକୁ ଅନୁରୋଧ । ଏଠାରେ କାହାରିକୁ ଆକ୍ଷେପ କରି କିମ୍ବା କୌଣସି ରାଜନୈତିକ ଦଳଙ୍କୁ ଅପମାନ କରି ଲେଖା ଯାଇନାହିଁ, ସବୁ ରାଜନୈତିକ ଦଳ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି । ଏକ ସାଧାରଣ ବିଷୟକୁ ଆଲୋଚନା କରାଯାଇଅଛି, ଯଦି କେହି ଆଘାତ ପାଇଥା'ନ୍ତି ତେବେ ନିସର୍ତ୍ତ କ୍ଷମା ପ୍ରାର୍ଥନା କରୁଛି ।

# ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଚୁକ୍ତି ଭିତ୍ତିକ ଶିକ୍ଷକ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ବିରୋଧରେ ଗତ ୧ ତାରିଖ ସୋମବାର କଳାହାଣ୍ଡି ସରକାରୀ ହାଇସ୍କୁଲ ଶିକ୍ଷକ ସଂଘ ପକ୍ଷରୁ କଳାହାଣ୍ଡି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ମୁଖ୍ୟମନ୍ତ୍ରୀଙ୍କ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ ଘୋଷଣାର ଦୀର୍ଘ ୭ ମାସ ବିତି ଯାଇଥିଲେ ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ୧୮୦୦୦ ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ନିୟମିତ କରି ନାହାଁନ୍ତି। ଏହାର ପ୍ରତିବାଦରେ ରାଜ୍ୟ ସଂଘ ଏପ୍ରିଲ ୧-ଏପ୍ରିଲରୁ ୧୩ ତାରିଖ ଯାଏଁ ବିଧାନସଭା ସମ୍ମୁଖରେ ଧାରଣାରେ ବସିଥିଲା। ଦୀର୍ଘ ୧୩ ଦିନର ଧାରଣା ପରେ ଏପ୍ରିଲ ୧୩ ତାରିଖରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିୟମିତ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଅନୁରୂପ ଭାବେ ବିଭାଗୀୟ ମନ୍ତ୍ରୀ ସାମାଜିକ ଗଣମାଧ୍ୟମ ସମ୍ମୁଖରେ ୧୮୦୦୦ ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଓଡ଼ିଆ ନବବର୍ଷ ଭେଟି ଦେଲେ ବୋଲି ପ୍ରକାଶ କଲେ। ଏହା ପରେ ବିଭାଗୀୟ ଅଧିକାରୀଙ୍କ ଉପରେ ଆସ୍ଥା ରଖି ରାଜ୍ୟ ସଂଘ ଆନ୍ଦୋଳନକୁ ପ୍ରତ୍ୟାହାର କରିଥିଲା। ମାତ୍ର ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିବାର ୧୭ ଦିନ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ କିମ୍ବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଚିଠି ପ୍ରେରଣ କଲେ ନାହିଁ। ଚିଠିଟି କେବଳ ନିଜ ବିଭାଗରେ ସୀମିତ ରହିଛି, ଫଳସ୍ୱରୂପ ୧୮୦୦୦ ଚୁକ୍ତିଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀ ନିୟମିତ ହେବାରୁ ବଞ୍ଚିତ ହୋଇଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିୟମିତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ 'କଳାହାଣ୍ଡି ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ' ଗତ ୧ ତାରିଖ ଦିନ କଳାହାଣ୍ଡି ଜିଲ୍ଲାଶିକ୍ଷା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, '୫-ଟି' ସଚିବ ସମେତ ବିଭାଗୀୟ ସଚିବ ଶିକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ପଠାଇଥିଲେ। ସରକାର ଏହି ନିୟମିତ ପ୍ରକ୍ରିୟାରେ ନିଦାବିଷ୍ଣୁ ସାଜିଥିବାରୁ କଳାହାଣ୍ଡି ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ସଭାପତି ଅକ୍ଷୟ କୁମାର ସତନାମୀ ଦୃଢ଼ ନିନ୍ଦା କରିଛନ୍ତି। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ସଂପାଦିକା ସରସ୍ୱତୀ ସାହୁ, କୋଷାଧ୍ୟକ୍ଷ ଯୁବକ ଲାଲ ଶବର, ଉପ-ସଭାପତି ହୃଦାନନ୍ଦ ଶବର, ମାନସ ବେମାଲ, ଚିନ୍ମୟ ଦୋରା, ବିମଲ ମୁନା, ବାପାର୍ଜି ପ୍ରଧାନ ସମେତ ବିଭିନ୍ନ ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଆଇନଜୀବୀ ଦିବସରେ ଯୁବ ଆଇନଜୀବୀ ସମ୍ମାନୀତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡିର ଯୁବ ଆଇନଜୀବୀ ସଚିଦାନନ୍ଦ ସାହୁଙ୍କୁ ରାଜ୍ୟସ୍ତରୀୟ ଆଇନଦିବସରେ 'ଲୟର୍ସ ଅଫ୍ ଦି ଇୟର' ଆୱାର୍ଡରେ ସମ୍ମାନୀତ କରାଯାଇଛି। ଓଡ଼ିଶା ଜୁଡିସିଆଲ ଏକାଡେମୀ ଦ୍ୱାରା ପ୍ରସ୍ତୁତ ତାଲିକା ଆଧାରରେ ଆଇନଜୀବୀ ଦିବସ ଅବସରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆଇନଜୀବୀମାନଙ୍କୁ ସମ୍ମାନୀତ କରାଯାଇଥିଲା। ଭବାନୀପାଟଣା କୋର୍ଟରେ କାର୍ଯ୍ୟରତ ସଚିଦାନନ୍ଦ ସାହୁଙ୍କୁ ମୁଖ୍ୟ ଅତିଥି ପୂର୍ବତନ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଦୀପକ କୁମାର ମିଶ୍ର ଏବଂ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଜଷ୍ଟିସ ଏସ୍. ମୁରଲୀଧର ଲୟର୍ସ ଅଫ୍ ଦି ଇୟର ଆୱାର୍ଡ - ୨୦୨୨ ସମ୍ମାନୀତ କରିଥିଲେ। ଶ୍ରୀ ସାହୁ ଦୀର୍ଘ ବର୍ଷ ଧରି ଭବାନୀପାଟଣା ସମେତ ଜିଲ୍ଲାର ବିଭିନ୍ନ କୋର୍ଟରେ ଆଇଜୀବୀ ଭାବରେ କାର୍ଯ୍ୟ କରିଆସୁଛନ୍ତି।

# ବାଇକ୍‌କୁ ଧକ୍କା ଦେଇ ଟଙ୍କା ଲୁଟ୍

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ବୋର୍ଡା ଫାଣ୍ଡି ଅଞ୍ଚଳରେ ୨ ତାରିଖ ମଙ୍ଗଳବାର ଦିନ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବୋର୍ଡା ନିକଟସ୍ଥ ଗୁରୁଜଙ୍ଗ ବାଲି ପଦର ରାସ୍ତାରେ ଜଣେ ବ୍ୟକ୍ତିଙ୍କ ବାଇକ୍‌କୁ ଧକ୍କା ଦେଇ ଟଙ୍କା ଛଡେଇ ନେଇ ତିନିଜଣ ଦୁର୍ବୃତ୍ତ ଫେରାର ମାରିଥିବା ବୋର୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଜାମଖୁଣ୍ଟା ସରପଞ୍ଚ ଉଦ୍ଧବ ବେହେରା ଚାନ୍ଦୋତରା ଏସ୍‌ବିଆଇ ବ୍ୟାଙ୍କରୁ ୯୫ ହଜାର ୬୦୦ ଟଙ୍କା ଉଠାଇ କଳାହାଣ୍ଡି ଜିଲ୍ଲା ବୋର୍ଡା ଥାନା ଅନ୍ତର୍ଗତ ଗୁରୁଜଙ୍ଗ ଗ୍ରାମକୁ ଆସୁଥିବା ସମୟରେ ବଲିପଦର ଓ ଗୁରୁଜଙ୍ଗ ରାସ୍ତାରେ ତିନିଜଣ ଦୁର୍ବୃତ୍ତ ପଛ ପଟୁ ଗାଡିକୁ ଧକ୍କା ଦେଇ ତାଙ୍କୁ ଗାଡିରୁ ତଳେ ପକାଇ ଦେଇଥିଲେ। ପରେ ମାରଣାସ୍ତ୍ର ଦେଖାଇ ପେଷ୍ଟ ଚିରିବା ସହ ଗାଡ଼ି ଡିକିରୁ ସମସ୍ତ ଟଙ୍କା, ମୋବାଇଲ ଓ ଗାଡ଼ି ଚାବି ଧରି ସେଠାରୁ ଫେରାର ହୋଇ ଯାଇଥିଲେ। ଉଦ୍ଧବ ବେହେରା ତଳେ ପଡି ଥିବା ଦେଖି ବାଟରେ ଯାଉଥିବା କିଛି ବ୍ୟକ୍ତି ତାଙ୍କୁ ଉଠାଇ ଉଦ୍ଧାର କରିଥିଲେ। ପରେ ଶ୍ରୀବେହେରା ସ୍ଥାନୀୟ ବୋର୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଶ୍ରମିକ ଦିବସ ପାଳିତ

ଜୁନାଗଡ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ କୋର୍ଟ ପ୍ରାଙ୍ଗଣରେ ଶୀଙ୍କୁନ ରାୟ, ଅଧ୍ୟକ୍ଷ ତାଲୁକ୍ ଆଇନ ସେବା ସମିତି ତଥା ଦେୱାନି ବିଚାରପତିଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପି. ସୀତାଲକ୍ଷ୍ମୀ, ନ୍ୟାୟଧିକାରୀ ଗ୍ରାମନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭଗୀୟ ଅଧିକାରୀ ଜୁନାଗଡ, ଅଶୋକ କୁମାର ପାତ୍ର, ସଭାପତି ଓକିଲ ସଂଘ, ଏବଂ ହିମାଂଶୁ ଶେଖର ବାରାଡ, ସମ୍ପାଦକ ଓକିଲ ସଂଘ ଜୁନାଗଡ଼ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରମିକ ସଂଗଠନର ଶ୍ରମିକ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଗଣ ଶ୍ରମିକମାନଙ୍କ ଅଧିକାର ଏବଂ ସୁବିଧା ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ବାଳକୃଷ୍ଣ ଆଚାରୀ, କୈଳାଶ ଚୌଧୁରୀ, ଅନନ୍ତ ବେହେରା, ଅଶୋକ ପଣ୍ଡା, ଜୟଦେବ ସୁନାନୀ ଓକିଲ ଉପସ୍ଥିତ ଥିଲେ। ସମ୍ପାଦକ ହିମାଂଶୁ ଶେଖର ବାରାଡ ଧନ୍ୟବାଦ ଅର୍ପଣ କରିଥିଲେ।

# ସିର୍ଲିଗୁଡ଼ା-ତେନ୍ତୁଳିପଡ଼ା ରାସ୍ତା ନିର୍ମାଣ ଦାବି



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ଟେମରା ପଞ୍ଚାୟତର ସିର୍ଲିଗୁଡା ସ୍କୁଲ୍ ଛକଠାରୁ ତେନ୍ତୁଳିପଡ଼ା ପର୍ଯ୍ୟନ୍ତ ରାସ୍ତା ପ୍ରଶାସନର ଅଣଦେଖା ଯୋଗୁଁ ସୋଚନୀୟ ହୋଇପଡିଛି। ଫଳରେ ଲୋକ ଯିବାଆସିବା କରିବାରେ ପ୍ରତିଦିନ ସମସ୍ୟା ଭୋଗୁଛନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବା ସହିତ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ସୂଚନା ଯେ' ଟେମରା ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ୧ କିମି ଦୂରରେ ଥିବା ତେନ୍ତୁଳିପଡ଼ାଠାରୁ ସିର୍ଲିଗୁଡା ଗାଁ ମଝି ଦେଇ ସ୍କୁଲ ଛକ ପର୍ଯ୍ୟନ୍ତ ରାସ୍ତା ମରାମତି ଅଭାବରୁ ସୋଚନୀୟ ହୋଇପଡିଛି। ରାସ୍ତାରେ କେତେ ବର୍ଷ ତଳେ ମାଟି ମୋରମ ପକାଯାଇଥିଲା, ହେଲେ ଆଜି ପର୍ଯ୍ୟନ୍ତ ମରାମତି କିମ୍ବା ରାସ୍ତା ନିର୍ମାଣ ପାଇଁ ପ୍ରଶାସନର ନଜର ପଡ଼ିନାହିଁ। ପ୍ରତିଦିନ ଯାତାୟତରେ ଲୋକେ ଅନେକ ସମସ୍ୟା ଭୋଗୁଥିବା ବେଳେ ରାସ୍ତା ନିର୍ମାଣ କରିବା ପାଇଁ ପଞ୍ଚାୟତ ସରପଞ୍ଚ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ସାଂସଦ, ବିଧାୟକ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କରି ସାରିଛନ୍ତି। ତଥାପି କାହାରି ଦୃଷ୍ଟି ପଡ଼ିନାହିଁ। ଏଣେ ସମସ୍ତଙ୍କୁ ଗୁହାରି କରି ଥକିବା ପରେ ଗାଁ ଲୋକେ ରାସ୍ତାରେ କିଛି ମୋରମ ପକେଇ ଥିବା କହିଛନ୍ତି। ବର୍ତ୍ତମାନ ଖରାଦିନ ହୋଇଥିଲେ ମଧ୍ୟ ଅଦିନିଆ ଅସରାଏ ବର୍ଷା ହେଲେ ରାସ୍ତା ବେହାଲ ହୋଇଥାଏ। ବର୍ଷା ଦିନେ ରାସ୍ତାର ଅବସ୍ଥା ନେଇ ଲୋକେ କିଭଳି ସମସ୍ୟା ଭୋଗୁଥିବେ ଏଥିରୁ ଅନୁମେୟ। ବିଭିନ୍ନ ସମୟରେ ଲୋକେ ପଞ୍ଚାୟତକୁ ପିଡିଏସ୍ ସାମଗ୍ରୀ, ଛାତ୍ରଛାତ୍ରୀମାନେ ସ୍କୁଲ ଯିବା ଓ ରୋଗୀକୁ ଡାକ୍ତରଖାନା ନେବା ସମୟରେ ଲୋକେ ଅନେକ ହଟହଟା ହେବାକୁ ପଡ଼ିଥାଏ। ଏହି ରାସ୍ତାଟି ବିଜୁ ଏକ୍ସପ୍ରେସ୍ ୱେ, ଧର୍ମଗଡ଼ ଓ ୨୬ ନମ୍ବର ଜାତୀୟ ରାଜପଥ କୋକସରାକୁ ସଂଯୋଗ କରୁଛି। ତେଣୁ ପ୍ରତିଦିନ ବିଭିନ୍ନ କାର୍ଯ୍ୟ ନିମନ୍ତେ ଲୋକେ ବ୍ଲକ୍ ସଦର ମହକୁମା ଓ ଧର୍ମଗଡ଼ ଉପଖଣ୍ଡକୁ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ଏହି ରାସ୍ତା ସମସ୍ୟା ପ୍ରତି ଜିଲ୍ଲା ପ୍ରସାଶନ ଦୃଷ୍ଟି ଦେଇ ସମାଧାନ କରିବାକୁ ଗ୍ରାମର ଶ୍ୟାମସୁନ୍ଦର ନାଏକ, ରାଜିନ୍ଦ୍ର ପୋଡ଼, ତରୁଣ ମାଝୀ, ଘନଶ୍ୟାମ ମାଝୀ, ପ୍ରମୋଦ ବିଶି, ବିନୋଦ ବିଶି, ଗଜିନ୍ଦ୍ର ନାଏକ, ଗଣେଶ ରାମ ନାଏକ, ବେଣୁଧର ପୋଡ଼, ଜଗନ୍ନାଥ ନାଏକ, ନିଲେଶ୍ୱର ଗୋପାଳ, ହର ଭଇଁସାଲ, ଇଖୁରାମ ନାଏକ, ଦୁଷ୍ମନ୍ତ ନାଏକ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ନଦେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି।

# ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍): ଗୋଲାମୁଣ୍ଡା ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶାନ୍ତନୁ କୁମାର ମୁଣ୍ଡଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ଜଗନ୍ନାଥ ଧାମ ସେବାୟତ ଧିରେନ କୁମାର ନାଏକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରେମଲାଲ ନାଏକ, ଶରତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ନିଜ ବକ୍ତବ୍ୟ ମାଧ୍ୟମରେ ଶ୍ରୀ ମୁଣ୍ଡଙ୍କୁ ଜଣେ କର୍ତ୍ତବ୍ୟ ନିଷ୍ଠ ପ୍ରଧାନ ଶିକ୍ଷକ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରି ଆସିଥିଲେ। ତେବେ ଗୋଲାମୁଣ୍ଡା ସରକାରୀ ହାଇସ୍କୁଲ୍‌ରେ ଯେବେଠୁ ସେ ଯୋଗ ଦେଇଥିଲେ ସେବେଠୁ ତାଙ୍କ ପ୍ରଚେଷ୍ଟାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସୁଚାରୁ ରୁପେ ସମ୍ପାଦନ କରି ପାରିଛନ୍ତି ବୋଲି ପ୍ରଶଂସା କରାଯାଇଥିଲା ବେଳେ ଗୋଲାମୁଣ୍ଡା ଶିକ୍ଷାନୁଷ୍ଠାନର ସମ୍ମାନ ଆପଣ ବଢ଼ାଇ ପାରିଥିଲେ ବୋଲି ସଂଶୋଧନ କରାଯାଇଥିଲା। ତେବେ କାର୍ଯ୍ୟକ୍ରମଟିକୁ ସ୍ଥାନୀୟ ବିଦ୍ୟାଳୟର ସହ ଶିକ୍ଷକ ନୀଳାମ୍ବର ବିଶି ପରିଚାଳନା କରିଥିବା ବେଳେ ମହେନ୍ଦ୍ର ମଙ୍ଗରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ୍ ସଭାପତି ଉପସ୍ଥିତ ରହି ତାଙ୍କୁ ଭୁରି ଭୁରି ପ୍ରଶଂସା କରିଥିଲେ।

# ଆମ୍ବେଦକରଙ୍କ ଜୟନ୍ତୀରେ ବିଶାଳ ସମାବେଶ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଲଡୁଗାଁଠାରେ ରବିବାର ସମ୍ବିଧାନର ପ୍ରଣେତା ଡ଼. ଭୀମ ରାଓ ବାବା ସାହେବ ଆମ୍ବେଦକରଙ୍କ ୧୩୨ ତମ ଜନ୍ମ ଜୟନ୍ତୀକୁ ମହା ସମାରୋହରେ ଲଡୁଗାଁ ମିନି ଷ୍ଟାଡିୟମରେ ପାଳିତ ହୋଇଯାଇଛି। ଏହି ଅବସରରେ ଆମ୍ବେଦକର ପ୍ରେମୀଙ୍କ ବିଶାଳ ସମାବେଶ ଏକତ୍ରିତ ହୋଇ ବାବା ସାହେବଙ୍କ ଜନ୍ମ ଜୟନ୍ତୀକୁ ପାଳନ କରିଛନ୍ତି। ଲଡୁଗାଁରେ ଶତାଧିକ ଆମ୍ବେଦକର ପ୍ରେମୀ ଯୁବକ ଯୁବତୀ କର୍ମକର୍ତ୍ତାମାନେ ବିଶାଳ ଶୋଭାଯାତ୍ରାରେ ଯୋଗଦାନ କରି ନଗର ପରିକ୍ରମା କରି ଜୟ ଭୀମ ନାରା ଦେଇ ଲଡୁଗାଁ ମିନି ଷ୍ଟାଡିୟମରେ ପହଞ୍ଚିଥିଲେ। ଲଡୁଗାଁ ଆମ୍ବେଦକର ଜନ୍ମ ଜୟନ୍ତୀ ପାଳନ କମିଟିର ଆବାହକ ଗରୁଡ଼ ବାଗଙ୍କ ସଭାପତିତ୍ୱରେ ସମ୍ବିଧାନର ପ୍ରଣେତା ବହୁଜନ ସମାଜର ଡ. ଭୀମ ରାଓ ଆମ୍ବେଦକରଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରି ଉପସ୍ଥିତ ଅତିଥିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ସାଧାରଣ ସଭା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ରାୟଗଡା ଧୀମାନ ଦୟାନିଧି ବାଗ, ମୁଖ୍ୟ ବକ୍ତା ଆମ୍ବେଦକର ବାଦୀ ନେତା ଧୀମାନ ଭୋଦେବ ମହାନନ୍ଦିଆ, ବିଶିଷ୍ଟ ଅତିଥି ଭାବେ ବହୁଜନ ସମାଜ ସଂଗଠକ ଧୀମାନ ସରୋଜ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ଆମ୍ବେଦକର ବାଦୀ ଅଲ ଓଡ଼ିଶା ସିଡୁଲ୍ଡକାଷ୍ଟ ଫେଡରେସନ ସଭାପତି ଧନଞ୍ଜୟଦୀପ୍, ସୁଗ୍ରୀବ ଦୀପ, ଅବସର ପ୍ରାପ୍ତ ଅଧ୍ୟକ୍ଷ କୋକସରା ପଞ୍ଚାୟତ ସମିତି କଲେଜ ଗୋବର୍ଦ୍ଧନ ବାଗ, ଆଇନଜୀବୀ ତଥା ଯୁବନେତା ଦିଗାମ୍ବର ଦୁରିଆ, କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଧର୍ମଗଡ଼ ଉପଖଣ୍ଡ ଡମ୍ବ ସମାଜ ସଭାପତି ବିଶ୍ୱନାଥ କର, ଅବସର ପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଦେବାନନ୍ଦ ନାଏକ, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ସଭାପତି କୋକସରା ବ୍ଲକ୍ କ୍ଷୀରସିନ୍ଧୁ ବୋଡ଼କିଆ, ଏଓଏସ୍‌ସିଏଫ, ଆଇନଜୀବୀ ଛବିଲାଲ ନାଏକ, ଏଓଏସ୍‌ସିଏଫ ମହା ସଚିବ ଅଲ ଓଡ଼ିଶା ସିଡୁଲ କାଷ୍ଟ ଫେଡରେସନ ଯତୀନ୍ଦ୍ର କର, ସମ୍ପାଦିକା ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡରେସନ ଅଶୋକା ନାଏକ ଯୋଗଦେଇ ବାବା ସାହେବଙ୍କ ସମ୍ବିଧାନ ପ୍ରତି ସମର୍ପିତ ବଳିଦାନର ସ୍ମୃତିକୁ ଉଜାଗର କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ ମୁଖ୍ୟ ଅଲ ଓଡ଼ିଶା ସିଡ୍ୟୁଲ କାଷ୍ଟ ଫେଡରେସନ ଧବଳେଶ୍ୱର ନାଗ, ସମ୍ପାଦକ କୌଶିକ ଦୁରିଆ, ସଙ୍ଗଠନ ସମ୍ପାଦକ ତେଜରାଜ ଦୁରିଆ, ରତ୍ନାକର ବେମାଲ, କୋଷାଧ୍ୟକ୍ଷ ଦିବାକର ଦୁର୍ଗା, ଭୁବନେଶ୍ୱର ଦୁର୍ଗା ଓ ଆମ୍ବେଦକର ପ୍ରେମୀମାନେ ଶତାଧିକ ସଂଖ୍ୟାରେ ଯୋଗ ଦେଇଥିଲେ।

## ମା' ପେଣ୍ଡ୍ରାଣୀ ଦେବୀଙ୍କ ପଞ୍ଚ ବାର୍ଷିକ ମଣ୍ଡେଇ

# ୨ଶହ ଗାଁର ଦେବାଦେବୀ ଏକାଠି ପାଇଲେ ପୂଜା



କୋକସରା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ମହିମା ମାଲପଡା ଠାରେ ମା' ପେଣ୍ଡ୍ରାଣୀ ଦେବୀଙ୍କ ପଞ୍ଚ ବାର୍ଷିକ ମଣ୍ଡେଇ ଯାତ୍ରା ଧୁମଧାମର ସହିତ ପାଳିତ ହୋଇଛି। ଶନିବାର ଭଣ୍ଡାରପୂଜା, ବଳୀପ୍ରଥା ସହ ପୂଜାର ପ୍ରାରମ୍ଭ ହୋଇଥିବାବେଳେ ରବିବାର ମଣ୍ଡେଇ ଯାତ୍ର ଉତ୍ସବଟି ମହା ଆଡମ୍ବରରେ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ପ୍ରାୟ ଦୁଇ ଶହ ଗ୍ରାମରୁ ଦେବାଦେବୀମାନଙ୍କୁ ନିମନ୍ତ୍ରିତ କରାଯାଇଛି। ସମସ୍ତ ନିମନ୍ତ୍ରିତ ଦେବାଦେବୀମାନଙ୍କ ଲାଠି କାଲିଶୀ ଓ କୁର୍ସୀ ମାଲପଡା ଗ୍ରାମରେ ପହଞ୍ଚିବା ପରେ ଗାଁ ମୁଣ୍ଡରୁ ଲାଠି ଓ କାଲିସୀକୁ ଭବ୍ୟ ସ୍ୱାଗତ୍ କରାଯାଇ ପାଛୋଟି ନିଆ ଯାଇଥିଲା। ପରେ ଲାଠି ଓ କାଲିସୀ ବିରାଟ ପଟୁଆରରେ ବାହାରି ଗ୍ରାମ ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲା। ଆଦିବାସୀ ପରମ୍ପରା ରିତିନୀତି ଅନୁସାରେ ପୂଜାପାଠ ହେବା ସହ ମଣ୍ଡେଇ ଯାତ୍ରା ଆରମ୍ଭ ହୋଇଛି। ଏହି ପଞ୍ଚ ବାର୍ଷିକ ମଣ୍ଡେଇ ଯାତ୍ରା ମହୋତ୍ସବ ପ୍ରତି ପାଞ୍ଚବର୍ଷ ଅନ୍ତରାଳେ ହେଉଥିବାବେଳେ ୨୦୧୯ ମସିହାରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥିଲା। ତେବେ ଚଳିତ ବର୍ଷ ୫ବର୍ଷ ବଦଳରେ ଦେବୀଙ୍କ ଆଦେଶ କ୍ରମେ ୪ବର୍ଷରେ ଏଥର ପାଳିତ ହେଉଥିବା ସୂଚନା ରହିଛି। ମା'ଙ୍କ ଯାତ୍ରାରେ କଳାହାଣ୍ଡି ଜିଲ୍ଲା ସମେତ ନୂଆପଡା, ନବରଙ୍ଗପୁର ଓ ପଡୋସୀ ଛତିଶଗଡ, ମହାରାଷ୍ଟ୍ରରୁ ମଧ୍ୟ ଲୋକେଙ୍କ ସମାଗମ ହୋଇଥିଲା। ଏଠାରେ ମୂଖ୍ୟ ଦେବୀ ଭାବରେ ମା' ପେଣ୍ଡ୍ରାଣୀ ପୂଜା ପାଉଥିବାବେଳ ପାର୍ଶ୍ୱ ଦେବାଦେବୀ ମଧ୍ୟରେ କଳାରେନ୍, ପେଡ୍ରାଗୋଡେନ୍, ଲୁହାଖଡେନ୍, ଘର୍ଜାଡୁମା, ନିଙ୍ଗାମା' ଓ ଝିଟକୁ ଆଦି ପୂଜା ପାଇଁଥାନ୍ତି। ମା' ପେଣ୍ଡ୍ରାଣୀ ଦେବୀଙ୍କୁ କେବଳ ଶୁକ୍ଳ ଭୋଗରେ ନଡିଆ, କଦଳୀ, ଚୁଡା, ଗୁଡ ଆଦି ପ୍ରଦାନ କରାଯାଉଥିବା ବେଳ ପାର୍ଶ ଦେବାଦେବୀମାନଙ୍କ ପାଖରେ କୁକୁଡା, ପାରା, ମେଣ୍ଢା ଆଦି ବଳୀ ଲାଗିଥାଏ। କୁହାଯାଏ ୧୯୮୪ ମସିହାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ପ୍ରତି ପାଞ୍ଚବର୍ଷରେ ଥରେ ହେଉଥିବାବେଳେ ଏଠାରେ ପୂଜା ପାଉଥିବା ମା' ପେଣ୍ଡ୍ରାଣୀ ଦେବୀଙ୍କ ମୂଖ୍ୟ ପୀଠ ନବରଙ୍ଗପୁର ଜିଲ୍ଲା ଝରୀଗାଁ ଥାଟବେଡାରେ ବୋଲି ଜଣାଯାଏ। ଚଳିତ ବର୍ଷ ଯାତ୍ରାରେ ଜିଲ୍ଲା ତଥା ରାଜ୍ୟ ବାହାରୁ ପାଞ୍ଚ ହଜାରୁ ଉର୍ଦ୍ଧ୍ୱ ମାନସିକ ଧାରୀ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା। ପୂର୍ବରୁ କରିଥିବା ବିଭିନ୍ନ ମାନସିକ ପୂରଣ ହୋଇଥିବା ଯୋଗୁଁ ଏଠାକୁ ଆସି ବଳୀ ଦେବା ପାଇଁ ଶ୍ରଦ୍ଧାଳୁ କହିଥିବାବେଳେ ପୂଜା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟ ପୂଜକ ପବିତ୍ର ଧ. ମାଝୀ, ଶିରା କେଶରୀ ଧଙ୍ଗଡାମାଝୀ, ସଭାପତି ଧନବଳ ବାଣୁଆଁ, ସଂପାଦକ ଥବିର ବାଣୁଆଁ, କୋଷାଧ୍ୟକ୍ଷ ଗରୁଡ଼ଧ୍ୱଜ୍ ମାଝୀ, ଉପସଭାପତି ଭଗବାନ ଧଙ୍ଗଡାମାଝୀ, ତୁଳାରାମ ଧଙ୍ଗଡାମାଝୀ ପ୍ରମୁଖ ପରିଚାଳନା ଦାୟିତ୍ୱ ନିର୍ବାହ କରୁଛନ୍ତି। ପୂଜା କମିଟିର ସମସ୍ତ କର୍ମକର୍ତ୍ତାମାନେ ବିଭିନ୍ନ କାର୍ଯ୍ୟରେ ସହଯୋଗ କରୁଥିବା ବେଳେ ଗ୍ରାମବାସୀ ମଧ୍ୟ ବିଶେଷ ସହଯୋଗ କରୁଛନ୍ତି। ସୋମବାର ବଳୀପ୍ରଥା ସହ ପ୍ରସାଦ ସେବନ କରାଯାଇ ମଣ୍ଡେଇ ସମାପନ ହୋଇଛି।

# ରାଶିଫଳ

ଗୁରୁବାର, ୦୪ ମଇ ୨୦୨୩



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢ଼ିବ ଓ ପ୍ରଗତି ନିଶ୍ଚିତ ହେବ। ଆୟ ଅପେକ୍ଷା ଅଧିକ ବ୍ୟୟ ହେବ। ବ୍ୟପାରରେ ହାନି ସ୍ଥିତି ରହିବ। କୌଣସି କାମରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ। ବ୍ୟପାରିକ ଯାତ୍ରା ସଫଳ ରହି ପାରେ। ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ। ସୁଖ ସାଧନ ଉପରେ ଖର୍ଚ୍ଚ ହେବ।



**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। କୌଣସି ମହିଳା ମିତ୍ରର ସାହାର୍ଯ୍ୟ କରି ପାରନ୍ତି। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ। ପିଲାମାନେ ଆପଣଙ୍କୁ ଘରର କାମ କାର୍ଯ୍ୟରେ ସାହାର୍ଯ୍ୟ କରିବେ। ପୂର୍ବରୁ କରିଥିବା କାମରେ ବର୍ତ୍ତମାନ ଲାଭ ମିଳିବ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢ଼ିବେ। ଆୟ ବ୍ୟୟରେ ସନ୍ତୁଳନ ରହିବ। ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ। ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ। କାହାର ଅପେକ୍ଷା କରନ୍ତୁ ନାହିଁ। ଉତ୍ସାହରେ କାର୍ଯ୍ୟ କରିବେ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ। ଆର୍ଥିକ ସମସ୍ୟା ଆସିବ। ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିପାରେ। ବ୍ୟୟ ଅଧିକ ହେବ। କୌଣସି ଖବର ମିଳିପାରେ। କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ। କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ। ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ। ପରିବାରରେ ସ୍ଥିତି ଖରାପ ହୋଇପାରେ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ। ମିତ୍ରଙ୍କୁ ନିଜର ଦୁଃଖ ବ୍ୟଥା କୁହନ୍ତୁ। ଘରର କିଛି ପରିସ୍ଥିତି ଖରାପ ହୋଇପାରେ। ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି। ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ। ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ। ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ। ବାହାରକୁ ଯାଅନ୍ତୁ ନାହିଁ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ। ବିଦ୍ୟାଧ୍ୟାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ। ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି। ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ। ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ। ସମୟ ଅନୁକୂଳ ରହିବ। ଭରପୁର ପ୍ରୟାସ କରନ୍ତୁ। କୌଣସି ନୂଆ କାର୍ଯ୍ୟ ଆରମ୍ଭ ହୋଇପାରେ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। ଜୋଖିମ ଉଠାନ୍ତୁ ନାହିଁ। କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ। ଚାକିରି ଯାଇ ପାରେ। ଆକସ୍ମିକ ଧନଲାଭ ହୋଇପାରେ। ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ। ଆୟର ନୂତନ ସ୍ରୋତ ମିଳିପାରେ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ। ଉତ୍ସାହ ବର୍ଦ୍ଧକ ସୂଚନା ପ୍ରାପ୍ତ କରିବେ। କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢ଼ିବ। ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ। ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ। ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ। ବ୍ୟାପର ବ୍ୟବସାୟ ଭଲ ଚାଲିବ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ ସାଧାରଣ ରହିବ। ଖାଦ୍ୟପାନରେ ରୁଚି ବଢ଼ିବ। ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ। ଏକ ଆଧ୍ୟାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ। ଅଟକିଥିବା ଟଙ୍କା ମିଳିବ। ଆର୍ଥିକ ଅବସ୍ଥା ଭଲ ହୋଇଯିବ। ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ। ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୁରା ହେବ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ। ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ। ଧର୍ମ ପ୍ରତି ଆସ୍ଥା ବଢ଼ିବ। ପୂଜା ପାଠରେ ମନ ଲାଗିବ। ରାଜକୀୟ ସହଯୋଗ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଲାଭରେ ବୃଦ୍ଧି ହେବ। ପାରିବାରିକ ସହଯୋଗ ପ୍ରାପ୍ତ ହେବ। ନିଜର ଚିନ୍ତାକକୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାର୍ଯ୍ୟ ନିଅନ୍ତୁ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ। ଦୁର୍ଘଟଣାର ସମ୍ଭାବନା ଅଛି। କିଛି କାର୍ଯ୍ୟ ଖରାପ ହୋଇପାରେ। ବିବାଦକୁ ବଢାନ୍ତୁ ନାହିଁ। ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ। ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ। ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ। ଆଜିର ଦିନ ଆପଣନଙ୍କୁ ବିଶ୍ରାମ କରିବା ଉଚିତ। ଧନ ପ୍ରାପ୍ତି ସୁଗମ ହେବ। ଭୂମି ଭବନ କାର୍ଯ୍ୟ ହେବ।



**ମୀନ:** ବ୍ୟାପାରିକ ଯୋଜନା ବିଫଳ ହୋଇପାରେ। ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ। ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ। ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ। ଆଜି ନିଜର କର୍ମଚାରୀଙ୍କ ଉପରେ ଧ୍ୟାନ ଦିଅନ୍ତୁ। ଭୂମି ଭବନ କାର୍ଯ୍ୟ ହେବ।ଜୋଖିମ ଉଠାନ୍ତୁ ନାହିଁ। ରଚନାତ୍ମକ କାର୍ଯ୍ୟରେ ରୁଚି ବଢ଼ିବ । ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ।



ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଏହି ବ୍ଲକର ବିଷ୍ଣୁପୁର ପଞ୍ଚାୟତ ଅନ୍ତର୍ଗତ ଚିଙ୍ଗୁଡିପୁର କେନାଲ ଛକସ୍ଥିତ ଆଞ୍ଚଳିକ ସ୍ୱାମୀ ବିବେକାନନ୍ଦ ଗୁରୁକୁଳ ଆଶ୍ରମ ପରିସରରେ ବୁଧବାର ଦିବଙ୍ଗତ ପ୍ରଧାନଶିକ୍ଷକ ଅଭିରାମ ପଣ୍ଡା ଜୟନ୍ତୀ ପାଳନ କରାଯାଇଛି। ଚିଙ୍ଗୁଡିପୁର ଅଭିରାମ ପଣ୍ଡା ସ୍ମୃତିସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ସମ୍ପାଦକ ପ୍ରଫୁଲ୍ଲ ନାୟକ ସଞ୍ଚାଳନା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସମାଜସେବୀ ରାମଚନ୍ଦ୍ର ରାଉତ, ସଭାପତି ପ୍ରଭାକର ମହାପାତ୍ର, ଭରତ ଚନ୍ଦ୍ର ବେହେରା, ରାଉତ, ତ୍ରିଲୋଚନ ନାୟକ, ସତ୍ୟନାରାୟଣ ନାୟକ, ମାଳତୀ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପ୍ରଧାନଶିକ୍ଷକଙ୍କ ବହୁମୁଖି ଆଦର୍ଶ ଗୁଣାବଳୀ ଆଲୋକପାତ କରିବା ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସ୍ମିତାରେଖା ପାତ୍ର ବେଦପାଠ କରିଥିଲେ। ଗୁରୁମା ସୁପ୍ରିୟା ନାୟକ, ନମିତା ମହାନ୍ତି, ସ୍ୱର୍ଣ୍ଣଲତା ମହାନ୍ତି ରିନାରାଣୀ ବେହେରା, ସସ୍ମିତା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବନ୍ଦ କୋଠରି ଭିତରୁ ମୃତଦେହ ଉଦ୍ଧାର

ଯୋଡା, (ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଏଚ.ଡି.ଏଫ୍.ସି ବ୍ୟାଙ୍କ ପଛପଟ ଅଗ୍ରୱାଲ ଆପାଟମେଣ୍ଟ ତୃତୀୟ ମହଲା ଏକ ବନ୍ଦ କୋଠରୀରୁ ଭି.କେ.ଏସ ମାଇନିଂ ଡ୍ରିଲିଂ କଣ୍ଟ୍ରାକ୍ଟର ରୂପେଶ ମହେନ୍ଦ୍ର ନାମକ ବ୍ୟକ୍ତିର ମୃତ ଦେହ ଦେଖିବାକୁ ମିଳିଛି । ମୃତ ବ୍ୟକ୍ତିଙ୍କ ଘର ଛତିଶଗଡ ଅଞ୍ଚଳର ଭିଲାଇ ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ରୂପେଶ ଜଣେ କଣ୍ଟ୍ରାକ୍ଟର ଭାବେ ଭି.କେ .ଏସ କମ୍ପାନୀରେ ଠିକା କାମ କରିଆସୁଥିଲେ । ଉକ୍ତ କୋଠରୀରେ ପରିବାର ସହିତ ରହି ଆସୁଥିଲେ । ସ୍କୁଲ ଛୁଟି ଥିବା ଯୋଗୁଁ ଆଜକୁ ପ୍ରାୟ ୧୫ ଦିନ ହେବ ତାଙ୍କ ସ୍ତ୍ରୀ ନିଜ ଘର ଛତିଶଗଡ ସ୍ଥିତ ଭିଲାଇ ଯାଇଥିବା ଜଣାପଡିଛି । ଗତ ସୋମବାର ଠାରୁ ତାଙ୍କର କର୍ମଚାରୀମାନେ ଫୋନ କରୁଥିଲେ ମଧ୍ୟ ସେ ଫୋନ ଉଠାଇ ନଥିଲେ । ସନ୍ଦେହ ହେବାରୁ ଆଜି ବୁଧବାର ଅପରାହ୍ନରେ କର୍ମଚାରୀମାନେ ପହଞ୍ଚି କବାଟ ଭିତର ପଟୁ ବନ୍ଦ ଥିବା ଦେଖି ବାହାରୁ କବାଟକୁ ହଲେଇ ଦେବାରୁ କବାଟଟି ଖୋଲି ଯାଇଥିବା ଜଣାପଡ଼ିଛି। ଭିତରେ ଯାଇ ରୂପେଶଙ୍କ ମୃତ ଶରୀର ପାଇଖାନା କମଡ ଓ କାନ୍ଥ ମଝିରେ ଚାପି ହୋଇ ରହିଥିଲା । ଫଳରେ ସେ ଉଠି ନପାରି ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି । ଘର ଭିତରେ ପାରିପାର୍ଶିକ ସ୍ଥିତି ଦେଖିଲେ ଲାଗୁଛି ସେ ଅତ୍ୟଧିକ ମଦ୍ୟପାନ କରି ପାଇଖାନା ଭିତରକୁ ଯାଇଥିଲେ । ସେଠାରେ ଭାରସାମ୍ୟ ହରାଇ ପଡିଯିବା ପରେ ଆଉ ଉଠି ପାରି ନଥିଲେ । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସନ୍ଦେହ କରାଯାଇଛି। ଖବର ପାଇ ଯୋଡା ଥାନା ଭାରପ୍ରାପ୍ତ ଅଧିକାରୀ ଜୟ ନାରାୟଣ ଖଣ୍ଡାଇ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବଦ କରିବା ସହିତ ତଦନ୍ତ ଜାରି ରଖିଥିବା ଜଣା ପଡିଛି । ମୃତ ରୂପେଶଙ୍କ ପରିବାର ଲୋକେ ପହଞ୍ଚିଲା ପରେ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ଘରପୋଡିରେ ଲକ୍ଷାଧିକ ସମ୍ପତ୍ତି ନଷ୍ଟ, ଖାଦ୍ୟ ଯୋଗାଇଲେ ସରପଞ୍ଚ

ରାଜନଗର (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ହତିନା ଗ୍ରାମ ପଞ୍ଚାୟତ ର ଏଣ୍ଟୁଲପୁର ଭେଡିସାହି ଗ୍ରାମର ଭରତ ସେଠୀଙ୍କର ତିନି ବଖରା ଘରଅଗ୍ନି କାଣ୍ଡ ରେସଂପୂର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଏହି ବିପନ୍ନ ପରିବାର ଲୋକଙ୍କ ପାଖରେ ହତିନା ଗ୍ରାମ ପଞ୍ଚାୟତର ସରପଞ୍ଚ ସମୀର କୁମାର ସେଠୀ ପହଞ୍ଚି ବିପନ୍ନ ପରିବାର ଲୋକଙ୍କୁ ୫ଦିନ ପାଇଁ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ ପରିବାର ଲୋକମାନଙ୍କ ପାଇଁ ଲୁଗା ପଟା ପାଲ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇ ବିପନ୍ନ ପରିବାରଙ୍କ ପାଇଁ ତହସିଲଦାର ଙ୍କନିକଟରେ ସରକାରୀ ସାହାର୍ଯ୍ୟ ପାଇବା ପାଇଁ ଦାବି କରିଥିଲେ ଏବଂ ସରପଞ୍ଚଙ୍କ ସହିତ କାର୍ଯନିର୍ବାହୀ ଅଧିକାରୀ ଯୋତି ରଞ୍ଜନ ସାମଲ ଗ୍ରା ପ ସଭ୍ୟ ଭାଗ୍ୟ ଧର ନାୟକ ବସନ୍ତ କୁମାର ପାଣି ସତ୍ୟବାଦୀ ରାଉତ ଅରୁଣ କୁମାର ରାଉତ ଶ୍ରୀଚରଣ ସେଠୀ ଭାସ୍କର ସେଠୀ ରମାକାନ୍ତ ରାଉତ୍ ଜୟରାମ ନାୟକ ରଞ୍ଜନ କୁମାର ରାଉତ ଦୈତାରି ରାଉତ ବିଚିତ୍ର ସାହୁ ବାପି ରାଉତ ଗୋଲଖ ସାହୁ ବଲ୍ଲଭ ରାଉତ ବିପନ୍ନ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

## ଇକୋ-ଟଏଲେଟ୍‌ରେ ୩ ବର୍ଷ ହେଲା ତାଲାପଡ଼ିଛି




ପଟ୍ଟାମୁଣ୍ଡାଇ (ଭାସ୍କର ନ୍ୟୁଜ): ସ୍ୱଚ୍ଛ ଭାରତ ପାଇଁ କେନ୍ଦ୍ର ସରକାର ଅର୍ଥ ଖର୍ଚ୍ଚ କରିବା ସହ ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ସଚେତନ କରିବାକୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ କରୁଛନ୍ତି। ତଥାପି ଏସବୁର ପ୍ରଭାବ ଓ ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ବାହାରେ ଶୌଚ ନ କରିବା ପାଇଁ ଲୋକଙ୍କୁ ବୁଝାଇବା ସହ ସେମାନଙ୍କ ବ୍ୟବହାର ପାଇଁ ଜନଗହଳି ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚରେ ତିଆରି ହୋଇଥିବା ଶୌଚାଳୟ ଲୋକଙ୍କ କାମରେ ଲାଗୁନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ସହରର ଗଳିକନ୍ଦିରେ। ଇକୋ-ଟଏଲେଟ୍ ନିର୍ମାଣକୁ ୩ ବର୍ଷ ହୋଇଥିଲେ ହେଁ ତାଲା ପଡ଼ିରହିଛି। କେନ୍ଦ୍ରାପଡ଼ା ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ସହର ହେଉଛି ପଟ୍ଟାମୁଣ୍ଡାଇ। ପ୍ରତିଦିନ ଏଠାକୁ ବେପାର ବଣିଜ ପାଇଁ ଆଖାପାଖି ୫ଟି ବ୍ଲକର ଶତାଧିକ ଲୋକ ନିର୍ଭର କରିଥା'ନ୍ତି। ଏଠାରେ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ, ବ୍ଲକ ଅଫିସ, ପୋଷ୍ଟ ଅଫିସ ଭଳି ସରକାରୀ କାର୍ଯ୍ୟାଳୟ ଓ ଅନେକ ବ୍ୟାଙ୍କ ଆଦି ରହିଛ। ଜନସାଧାରଣଙ୍କ ସୁବିଧା ଓ ସହରର ସ୍ୱଚ୍ଛତା ନିମନ୍ତେ ୨୦୨୦ରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ୨୦ଟି ଇକୋ-ଟଏଲେଟ୍ ନିର୍ମାଣ କରାଯାଇଥିଲା। ଏହି ଇକୋ ଟଏଲେଟ୍ କାର୍ଯ୍ୟକୁ ମହାରାଷ୍ଟ୍ରର ଏକ ଠିକା ସଂସ୍ଥା ନିର୍ମାଣ କରିଥିବା ବେଳେ ପ୍ରତ୍ୟେକ ଇକୋ-ଟଏଲେଟ୍‌ରେ ୭ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇ ୧ କୋଟି ୫୧ ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ହୋଇଛି। ମାତ୍ର ଏହି ଟଏଲେଟ୍ ନିର୍ମାଣର ୩ ବର୍ଷ ବିତି ଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ନ ଥିବା ବେଳେ ତାଲା ପଡ଼ିରହିଛି। ଏ ନେଇ ଜନସାଧାରଣଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଶୌଚାଳୟଗୁଡ଼ିକ ତିଆରି ହେବା ପରଠାରୁ ସେଠାରେ ତାଲା ଝୁଲୁଛି। ବ୍ୟବହାର ପାଇଁ ଲୋକେ ଚାବି ଖୋଜି ପାଉ ନ ଥିବା ଅଭିଯୋଗ ହେଉଛି। ଲୋକଙ୍କ ବ୍ୟବହାର ଉଦ୍ଦେଶ୍ୟରେ ତିଆରି ହୋଇଥିବା ଶୌଚାଳୟ କାମରେ ଆସୁ ନ ଥିବାରୁ ସରକାରୀ ଅର୍ଥର ଅପବ୍ୟବହାର ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏହାକୁ ଲୋକଙ୍କ ବ୍ୟବହାରରେ ଲଗାଇବାକୁ ପ୍ରମୁଖ ଏହାକୁ ଖୋଲିବା ପାଇଁ ନଗର କଂଗ୍ରେସ ସଭାପତି ଅମୂଲ୍ୟ ପ୍ରଧାନ, ଯୁବ ନେତା ରତି ଲେଙ୍କା , ସନାତନ ବିଶ୍ୱାଳ, ଆଲୋକ ଧଳ ଓ ସାମାଜିକ କର୍ମୀ ସଞ୍ଜୟ ପଣ୍ଡା ପଟ୍ଟାମୁଣ୍ଡାଇ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏ ସମ୍ପର୍କରେ ପିଡି ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରେ ସିଏ କହିଲେ ସମସ୍ତ ଇକୋ-ଟଏଲେଟ୍ କାର୍ଯ୍ୟକ୍ଷମ ହୋଇ ରହିଛି। କ'ଣ ପାଇଁ ବନ୍ଦ ରହିଛି ସେଠାକୁ ଯାଇ ଘଟଣାର ତଦନ୍ତ କରିବା ପରେ ସମସ୍ୟାର ସମାଧାନ କରିବା ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ଗୋପୀନାଥପୁର ପଞ୍ଚାୟତ ଗୋପୀନାଥପୁର ଜେନାସାହି ଗ୍ରାମର ଦୀପା ଜେନା ନାମକ ଜଣେ ବଧୂଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ୧୫୪/୨୩ ଦଫା ୪୯୮ (କ), ୩୦୪(ଖ), ୩୦୨, ୩୪ ଓ ୪ଡିପି ଆକ୍ଟ ମୂଳେ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ତିହିଡ଼ି ଥାନା ଅଧୀନ ଦୋଲସାହି ଗ୍ରାମର ବିଦ୍ୟାଧର ଜେନାଙ୍କ ଝିଅ ଦୀପା ଗୋପୀନାଥପୁର ଜେନାସାହି ଗ୍ରାମର ରବିନ୍ଦ୍ର ଜେନାଙ୍କ ପୁଅ କମଳାକାନ୍ତ (ବାବୁ)ଙ୍କୁ ଗତ ୭ବର୍ଷ ତଳେ ବିବାହ କରିଥିଲେ। ବିବାହ ସମୟରେ ବରପକ୍ଷଙ୍କ ଦାବିମୁତାବକ ଯୌତୁକ ଦିଆଯାଇଥିଲା। ପରେ ଅଧି ଯୌତୁକ ଦାବି କରି ଦୀପାଙ୍କୁ ଶଶୁରଘର ଲୋକେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ମାତ୍ର ଗତ ମଇ ୨ତାରିଖ ରାତିରେ ଦୀପାଙ୍କ ଶଶୁରଘର ପରିବାର ଫୋନ ଯୋଗେ ଜଣାଇଥିଲେ ଯେ ଦୀପା ୧ତାରିଖ ରାତିରେ ରଶି ଦେଇଛି। ବାପଘର ଲୋକ ଖବର ପାଇଁ ଦୀପାର ଶଶୁରଘର ପାଖରେ ପହଞ୍ଚିବା ପରେ ଦୀପାକୁ ଶଶୁରଘର ଲୋକ ମାରି ଦେଇଥିବା ସେମାନେ ସନ୍ଦେହ କରିଥିଲେ। ପରେ ଦୀପାର ଭାଇ ସଂଜୟ ଜେନା ଏସମ୍ପର୍କରେ ବାଂଶଡ଼ା ଥାନାରେ ଅଭିଯୋଗ କରିଥିଲେ।

## ଶିକ୍ଷକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା ଓ ବରକେରା ସ୍କୁଲର ବାର୍ଷିକ ଉତ୍ସବ



ଡେଲାଙ୍ଗ,(ଭାସ୍କର ନ୍ୟୁଜ୍): ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବରକେରାର ବରିଷ୍ଠ ଶିକ୍ଷକ ମିଟୁ କିଶୋର ପ୍ରଧାନଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ତଥା ବିଦ୍ୟାଳୟର ୧୨୦ତମ ବାର୍ଷିକ ଉତ୍ସବ ରବିବାର ଦିନ ବିଦ୍ୟାଳୟ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ପ୍ରାତଃ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ରାଧାନାଥ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ,କଟକର ପ୍ରାଧ୍ୟାପକ ସ୍ୱାଗତମ୍ ଦାଶ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ଜାଳି ଉତ୍ସବକୁ ଉଦ୍ ଘାଟନ କରିଥିଲେ। ଡେଲାଙ୍ଗ ବ୍ଲକ୍ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍ ଘାଟନୀ ସଭାରେ ସମ୍ମାନୀତ ଅତିଥି ଭାବେ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଚିତ୍ତରଞ୍ଜନ ସ୍ୱାଇଁ,ଟାଙ୍ଗି ସହ ମଣ୍ଡଳ ଶିକ୍ଷାଧିକାରୀ ଅବଧୂତ ଚମ୍ପତି, ଡେଲାଙ୍ଗ ସହ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମଣ ପ୍ରଧାନ,ସୁଷମା ଦାଶ,ଅବସରପ୍ରାପ୍ତ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ନିରଞ୍ଜନ ପାତ୍ର,ଅବସରପ୍ରାପ୍ତ ବ୍ରହ୍ମଗିରି ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ ବଳିୟାରସିଂହ,ଅବସରପ୍ରାପ୍ତ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା,ଅବସରପ୍ରାପ୍ତ ଡେଲାଙ୍ଗ ସହ ମଣ୍ଡଳ ଶିକ୍ଷାଧିକାରୀ ଶ୍ୟାମସୁନ୍ଦର ଦାସ,ବରିଷ୍ଠ ସାମ୍ବାଦିକ ପ୍ରସନ୍ନ କୁମାର ତ୍ରିପାଠୀ,ମୁନିନ୍ଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦୟାନିଧି ମାର୍ଥା,ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ପବିତ୍ର ମୋହନ ପରିଡା,ମୋ ବିଦ୍ୟାଳୟ କମିଟି ସଭାପତି ପ୍ରଭାସ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ସେବା ନିବୃତ୍ତ ବରିଷ୍ଠ ଶିକ୍ଷକ ତଥା ପରିବେଶ କର୍ମୀ ମିଟୁ କିଶୋର ପ୍ରଧାନଙ୍କ ଛାତ୍ର ବତ୍ସଳତା,ସମୟାନୁବର୍ତ୍ତିତା,ପ୍ରତିବଦ୍ଧତା,ସରଳ ଓ ନିଷ୍କପଟ ବ୍ୟକ୍ତିତ୍ୱର ସ୍ମୃତିଚାରଣ କରିଥିଲେ ।ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାଳୟ ପରିସରରେ ଅବସ୍ଥାପିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।ଲକ୍ଷ୍ମୀପ୍ରସାଦ ପାଣିଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ବାଦ୍ୟଯନ୍ତ୍ରରେ ମାନସ,ଲେନିନ୍ ଓ ଅନୁ ସହଯୋଗ କରିଥିଲେ ।ରେଞ୍ଚ ସିଆରସିସି ଦୁର୍ଯ୍ୟୋଧନ ପ୍ରଧାନ ବିଭୁବନ୍ଦନା କରିଥିଲେ ।ଶିକ୍ଷକ ତଥା ବରେଣ୍ୟ ପ୍ରବଚକ ସୁଧୀର କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦାୟିତ୍ୱ ତୁଲାଇଥିଲେ ।ଶିକ୍ଷକ ଦିଲ୍ଲୀପ କୁମାର ନାୟକ ଓ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଶ୍ରୀଧର ପ୍ରଧାନ ମଞ୍ଚ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ ।ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସେଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ସେହିପରି ସାନ୍ଧ୍ୟ ଅଧିବେଶନ ତଥା ଉଦ୍ ଯାପନୀ ଉତ୍ସବରେ ଡେଲାଙ୍ଗ ବ୍ଲକ୍ ଅଧକ୍ଷା ବାସନ୍ତୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ଜାଳି ଉତ୍ସବର ଶୁଭାରମ୍ଭ କରିଥିଲେ ।ବ୍ଲକ୍ ଅଧକ୍ଷା ଶ୍ରୀମତୀ ସାହୁଙ୍କ କରକମଳରେ ଡେଲାଙ୍ଗ ମଣ୍ଡଳସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟା ବିଜ୍ଞାନ ଆଧାରିତ ଶିକ୍ଷଣ ସାମଗ୍ରୀ ନାଭିଚକ୍ର ପ୍ରକୋଷ୍ଠର ଶୁଭ ଉଦ୍ ଘାଟନ କରାଯାଇଥିଲା ।ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ବକ୍ତା ଭାବେ ଡେଲାଙ୍ଗ ବ୍ଲକ୍ ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ,ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଡେଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡ଼ା,ପୁରୀ ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି ସୋମନାଥ ନନ୍ଦ,ସମ୍ପାଦକ ରାମନାରାୟଣ ମିଶ୍ର, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ,ସତ୍ୟବାଦୀ ମଣ୍ଡଳ ସଭାପତି ପ୍ରହଲ୍ଲାଦ ଦାସ, ଡେଲାଙ୍ଗ ମଣ୍ଡଳ ସମ୍ପାଦକ ପ୍ରଶାନ୍ତ କୁମାର ଦାଶ,ପୁରୀ ସଦର ବ୍ଲକ ସମ୍ପାଦକ ଧିରେନ୍ କୁମାର ବୀଣାକର,ଶିକ୍ଷକ ଗୋଲକ ବିହାରୀ ବରାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ବିଦାୟୀ ଶିକ୍ଷକ ମିଟୁ କିଶୋର ପ୍ରଧାନଙ୍କ ସ୍ମୃତିଚାରଣ କରିଥିଲେ। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ, ଡେଲାଙ୍ଗ ମଣ୍ଡଳ ସଭାପତି ଦିଗମ୍ବର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାନ୍ଧ୍ୟ ଅଧିବେଶନରେ ବିଦାୟୀ ଶିକ୍ଷକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅତିଥିମାନଙ୍କ କରକମଳରେ ଅବସର ସ୍ମରଣିକା 'ମନ୍ଦରାଚଳର ମଞ୍ଜୁଷା'ର ଶୁଭ ଉନ୍ମୋଚନ କରାଯାଇଥିଲା ।ଶିକ୍ଷକ ତଥା ପ୍ରବଚକ ସୁଧୀର କୁମାର ଜେନା ଅତିଥି ପରିଚୟ,ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ସଂଯୋଜନା ଦାୟିତ୍ୱ ତୁଲାଇଥିଲେ। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ସେଠୀ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ ।ଶିକ୍ଷକ ଯାମିନୀକାନ୍ତ ନାୟକ, ଶିକ୍ଷୟିତ୍ରୀ ସୁଧାଂଶୁବାଳା ପ୍ରଧାନ ବିଦାୟୀ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ଆବୃତ୍ତି କରିବା ସହ ସ୍ମୃତିଚାରଣ କରିଥିଲେ ।ପୁରାତନ ଛାତ୍ରଛାତ୍ରୀ,ଶିକ୍ଷକ ଶିକ୍ଷୟିତ୍ରୀ,ବିଦ୍ୟାଳୟ ପରିଚାଳନା କମିଟି,ଶୁଭେଚ୍ଛୁଙ୍କ ସୌଜନ୍ୟରୁ ସେବା ନିବୃତ୍ତ ବରିଷ୍ଠ ଶିକ୍ଷକ ମିଟୁ କିଶୋର ପ୍ରଧାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ବିଦାୟୀ ଶିକ୍ଷକ ଶ୍ରୀ ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀ,ସହକର୍ମୀ ଓ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ସେବା ଜୀବନର ଅଭୁଲା ସ୍ମୃତି ଓ ଅନୁଭୂତି ସମ୍ପର୍କରେ ଅଭିଭାଷଣ ଉପସ୍ଥାପନ କରିଥିଲେ। କୁନି କୁନି ଛାତ୍ରଛାତ୍ରୀଙ୍କ କୋମଳ କଣ୍ଠରୁ ନିସୃତ ସୁଲଳିତ ବିଦାୟୀ କରୁଣ ସଙ୍ଗୀତ ବିଧିର ବିଧାନ ଉପସ୍ଥିତ ଦର୍ଶକମାନଙ୍କୁ ବିମୁଗ୍ଧ ତଥା ବିମୋହିତ କରିଥିଲା ।ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ନୃତ୍ୟଗୁରୁ ଟୁକୁ ବେହେରା ଓ ଟିକି ସାରଙ୍କ ନିର୍ଦ୍ଦେଶନାରେ ପରିବେଷଣ କରାଯାଇଥିବା ସହିଦ୍ ଯବାନ ଦେବାଶିଷ ବିଶ୍ୱାଳ ଶୀର୍ଷକ ଅଶ୍ରୁଳ ନାଟିକା ସମବେତ ଅତିଥି ଓ ଦର୍ଶକମଣ୍ଡଳୀଙ୍କୁ ମନ୍ତ୍ରମୁଗ୍ଧ ତଥା ଭାବବିହ୍ୱଳ କରିଥିଲା ।ଶିକ୍ଷକ ଦିଲ୍ଲୀପ କୁମାର ନାୟକ,ସୁଧୀର କୁମାର ଜେନା ଓ ଅଭୟ ଚରଣ ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶିକ୍ଷକ ବିରଞ୍ଚି ନାରାୟଣ ବରାଳ, ପୁରୁଷୋତ୍ତମ ନାୟକ,ବଂଶୀଧର ମହାପାତ୍ର ଓ ଶିକ୍ଷୟିତ୍ରୀ ମଞ୍ଜୁଲତା ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।ଅବସରପ୍ରାପ୍ତ ଶିକ୍ଷକ ଶ୍ରୀଧର ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମା'ଠାକୁରାଣୀଙ୍କ ଯାତ୍ରା ଆରମ୍ଭ

ଭଞ୍ଜନଗର,(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ସହର , ସର୍ବଧର୍ମ ସମନ୍ୱୟର ସହର ଭାବେ ପରିଚୟ ଲାଭ କରିଛି । ଏହି କ୍ରମରେ ବୁଧବାର ଦିନ, ଐତିହ୍ୟ ସମ୍ପନ୍ନ ସହର ଭଞ୍ଜନଗର ଠାରେ ହିନ୍ଦୁ ଧର୍ମର ମା' ଠାକୁରାଣୀଙ୍କ ଯାତ୍ରା ଆରମ୍ଭ ହୋଇଛି । ସେହି କ୍ରମରେ ମୁସଲିମ୍ ସଂପ୍ରଦାୟର ମକ୍କାମଦିନା ପ୍ରତିକୃତି ଏବଂ ଖ୍ରୀଷ୍ଟ ଧର୍ମାବଲାମ୍ବୀଙ୍କ ପ୍ରଭୁ ଯୀଶୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି, ଓଡ଼ିଶାର ବାଚସ୍ପତି ବିକ୍ରମ କେଶରୀ ଆରୁଖ । ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ଏବଂ ସମସ୍ତ କାଉନସିଲର୍ ମାନେ ଯୋଗ ଦେଇଥିଲେ। ଭଞ୍ଜନଗର ସହର ସର୍ବଧର୍ମ ସମନ୍ୱୟର ସହର ହୋଇଥିବାରୁ ସବୁ ଧର୍ମ ଏବଂ ସମସ୍ତ ଧର୍ମର ବ୍ୟକ୍ତି ବିଶେଷଙ୍କୁ ସମ୍ମାନ ଜଣାଇ, ସହର ସୌନ୍ଦର୍ଯ୍ୟ କରଣ ଯୋଜନାରେ ଏସବୁ ନିର୍ମାଣ କରାଯାଇଛି। ଭଞ୍ଜନଗର ଏନଏସି ପକ୍ଷରୁ ଏ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିବା ବେଳେ, ଏଭଳି କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି । ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ ଶୂଳପାଣି ଶତପଥୀ , ଦିବାକର ନାୟକ , ଏମ୍ ତାଜ୍ ଆଦେନୀ , ଉଭୟ ସମ୍ପ୍ରଦାୟର ମୁଖ୍ୟ ଓ ସଦସ୍ୟଙ୍କ ସମେତ, ବହୁ ବୁଦ୍ଧିଜୀବୀ ଓ ସହରବାସୀ ଯୋଗ ଦେଇଥିଲେ ।

## ବ୍ଲକ ଶିକ୍ଷାଧିକାରୀ ଓ ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ତିହିଡ଼ି,(ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀ ମଧୁସୂଦନ ସେଣ୍ଠ ଓ ଗଳଗଣ୍ଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ପ୍ରାଥମିକ ଶିକ୍ଷକ ସଂଘ ଜିଲା ସମ୍ପାଦକ ମନୋରଞ୍ଜନ ନାୟକଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦାମୋଦର ଜେନାଙ୍କ ସଭାପତିତ୍ୱ ଓ ଭାରପ୍ରାପ୍ତ ଏବିଇଓ ଗିରିଧାରୀ ଚାନ୍ଦଙ୍କ ସଂଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଶମ୍ଭୁନାଥ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଲକ୍ଷ୍ମୀପ୍ରିୟା ମାଝୀ, ଅବସରପ୍ରାପ୍ତ ଏବିଇଓ ଅନୀଲ କୁମାର ନାୟକ, ଚିତ୍ତରଞ୍ଜନ ତ୍ରିପାଠୀ, ନିରଞ୍ଜନ କର, ଉତ୍ତମ କୁମାର ବିଶ୍ୱାଳ ଓ ସନ୍ତୋଷ କୁମାର ରାଉତ, ଏବିଇଓ ରତ୍ନାକର ସାହୁ, ସିଆରଏସ ହାଇସ୍କୁଲ ପ୍ରଧାନଶିକ୍ଷକ ସମରେନ୍ଦ୍ର ନାଥ ମିଶ୍ର, ସମାଜସେବୀ ସଚିକାନ୍ତ ନାୟକ, ଶିକ୍ଷକ ଗିରିଜାରମଣ ଜେନା, ଅବସରପ୍ରାପ୍ତ କିରାଣୀ କୃତ୍ତିବାସ ଜେନା ପ୍ରମୁଖ ଯୋଗ ଦେଇ ବ୍ଲକ ଶିକ୍ଷାଧିକାରୀ ଶ୍ରୀ ସେଣ୍ଠ ଓ ପ୍ରଧାନ ଶିକ୍ଷକ ଶ୍ରୀ ନାୟକଙ୍କ ଚାକିରୀ ଜୀବନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷକ ସଂଘ ସଭାପତି ମାୟାଧର ସାହୁ, ସମ୍ପାଦକ ରମାକାନ୍ତ ଦାସ, ସଂଗଠନ ସମ୍ପାଦକ ଶ୍ରୀନାଥ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ମାନଗୋବିନ୍ଦ ଦାସ, ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସହକାରୀ ପ୍ରସନ୍ନ କୁମାର ଦାସ, ପୁରୁଷୋତ୍ତମ ମଲ୍ଲିକ, ସୁଶାନ୍ତ କୁମାର ପୁହାଣ, ପଞ୍ଚାନନ ବେହେରା, ମାନଗୋବିନ୍ଦ ଦାସ, ଅନୀଲ କୁମାର ଦାସ, ପ୍ରିୟଙ୍କା ନାୟକ, ସମ୍ପିତା ଦାସ, କରୁଣାକର ଓଝା, ପଙ୍କଜ କୁମାର ଶତପଥି, ମୃତ୍ୟୁଞ୍ଜୟ ବାରିକ, ପ୍ରହଲ୍ଲାଦ ଦାସ, ନିବେଦିତା ବେହେରା, ଅନୀଲ କୁମାର ନାୟକ, ସିଆରସିସି ଦିଲୀପ କୁମାର ପଣ୍ଡା, ବଂଶୀଧର ଦାସ, ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ।

## 'ପାୱାର ଏମ୍ପ୍ଲଇଜ୍ ୟୁନିୟନ' ତରଫରୁ ଆର୍ନ୍ତଜାତିକ ଶ୍ରମିକ ଦିବସ ପାଳିତ

ବ୍ୟାସନଗର,(ଭାସ୍କର ନ୍ୟୁଜ):: ସ୍ଥାନୀୟ ଟିଟିଏସ କଲୋନି ସ୍ଥିତ ପାୱାର ଏମ୍ପ୍ଲଇଜ୍ ୟୁନିୟନ ଅଫିସ ପ୍ରାଙ୍ଗଣରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏଥିରେ ସଂଘର ଡିଭିଜନ ସମ୍ପାଦକ ଘନଶ୍ୟାମ ରାଉତ ଅଧ୍ୟକ୍ଷତା କରି ଦିବସର ତାତ୍ପର୍ଯ୍ୟତା ଉପରେ ଆଲୋକପାତ କରିଥିଲେ। ସହ-ସମ୍ପାଦକ ଚନ୍ଦ୍ରମଣି ସାମଲ କହିଥିଲେ ଯେ, ପୂର୍ବରୁ ଶ୍ରମିକମାନେ ବହୁ କଷ୍ଟକର କାମ କରିବା ସହ ଗୋଡି ଖଟୁଥିଲେ। ଶ୍ରମିକ ସଂଘ ଗଠନ ପରେ ଏହା ବହୁ ମାତ୍ରାରେ କମିଛି। ତେଣୁ ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରାଯିବାକୁ ସେ ମତପୋଷଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ନାୟକ, ସହସମ୍ପାଦକ ବିଶ୍ୱରଂଜନ ତ୍ରିପାଠୀ, ସଂଗଠନ ସମ୍ପାଦକ ପ୍ରଦୀପ କୁମାର ଗାଁଣ, ସବ-ଡିଭିଜନ ସଂପାଦକ ରବୀନ୍ଦ୍ର କୁମାର ଭୂୟାଁ, ପ୍ରୀତମ ଦାସ, ସୁରେଶ ଚନ୍ଦ୍ର ଭାରତୀ, ତୈଲୋକ୍ୟ ପାଢ଼ୀ, ଝୁମର ମଲ୍ଲିକ, ରାମଚନ୍ଦ୍ର ରଥ, ଶ୍ୟାମ ଭୂତିଆ, ରତିକାନ୍ତ ମଲ୍ଲିକ, ରବୀନ୍ଦ୍ର ଜେନା, ଦୀପୁ ଦାସ, ପ୍ରମୋଦ ସାମଲ, ତୁଷାର ରଞ୍ଜନ ବେହେରା, ତାରିଣୀ ରାଉତ ପ୍ରମୁଖ ଯୋଗ ଦେଇ ଶ୍ରମିକମାନଙ୍କର ଉନ୍ନତି କାମନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ୍): ଏହି ବ୍ଲକର ରାଜେନ୍ଦ୍ରପୁର କ୍ଲଷ୍ଟରସ୍ତରୀୟ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ରାଜେନ୍ଦ୍ରପୁର ଉପ୍ରା ବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ବନମାଳୀ ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ମୁଖ୍ୟ ଅତିଥି, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ ମୁଖ୍ୟବକ୍ତା, ଏବିଇଓ ଅକ୍ଷୟ କୁମାର ଜେନା, ଉମେଶ ଯେନା, ମଞ୍ଜୁଳା ନାୟକ, ଶିକ୍ଷା ସଂଯୋଜକ ରଞ୍ଜନ କୁମାର ମହାନ୍ତି, ଝୁନାରାଣୀ ସ୍ୱାଇଁ, ଶିକ୍ଷକ ବିମ୍ବାଧର ଶଙ୍ଖୁଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷାଧିକାରୀ ଅନିଲ କୁମାର ବଳ, ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସ, ଉଦୟନାଥ ସେଠୀ, ପରିକ୍ଷୀତ ଜେନା ଓ ଶିକ୍ଷକ ବିଶ୍ୱନାଥ ଜେନାଙ୍କ ଶିକ୍ଷକ ସୁଲଭ ସୁଗୁଣ ଗୁଡିକ ସମ୍ପର୍କରେ ଆଲୋକପାତ କରିବା ସହ ସେମାନଙ୍କ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୀତାପାଠ ଓ ଅତିଥି ପରିଚୟ ଲୋକନାଥ ନାୟକ, ସ୍ୱଗତ ଭାଷଣ ଶିକ୍ଷା ସଂଯୋଜକ କୈଳାସ ସାମଲ ଓ ପଦ୍ମଲୋଚନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ

ଗୁରୁବାର, ୦୪ ମଇ ୨୦୨୩



**ମେଷ:** ଆଜି ଆପଣଙ୍କ ଆତ୍ମବିଶ୍ୱାସ ବଢିବ ଓ ପ୍ରଗତି ନିଶ୍ଚିତ ହେବ। ଆୟ ଅପେକ୍ଷା ଅଧିକ ବ୍ୟୟ ହେବ। ବ୍ୟପାରରେ ହାନି ସ୍ଥିତି ରହିବ। କୌଣସି କାମରେ ମନ ଲାଗିବ ନାହିଁ। ବିଦ୍ୟାର୍ଥୀମାନଙ୍କ ମନ ପଢାରେ ଲାଗିବ ନାହିଁ। ବ୍ୟପାରିକ ଯାତ୍ରା ସଫଳ ରହି ପାରେ। ପ୍ରେମ ପ୍ରସଙ୍ଗ ଅନୁକୂଳ ରହିବ। ସୁଖ ସାଧନ ଉପରେ ଖର୍ଚ୍ଚ ହେବ।



**ବୃଷ:** ବାହାରକୁ ବାହାରିବା ପରେ କୌଣସି ଅଜଣା ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। କୌଣସି ମହିଳା ମିତ୍ରର ସାହାର୍ଯ୍ୟ କରି ପାରନ୍ତି। ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ବ୍ୟାଙ୍କ ସହ ଜଡିତ କାମରେ ସାବଧାନ ରୁହନ୍ତୁ। ପିଲାମାନେ ଆପଣଙ୍କୁ ଘରର କାମ କାର୍ଯ୍ୟରେ ସାହାର୍ଯ୍ୟ କରିବେ। ପୂର୍ବରୁ କରିଥିବା କାମରେ ବର୍ତ୍ତମାନ ଲାଭ ମିଳିବ।



**ମିଥୁନ:** ପ୍ରେମୀ ପ୍ରେମିକାଙ୍କ ସମ୍ପର୍କରେ ବିବାଦ ହୋଇପାରେ। କାର୍ଯ୍ୟ କ୍ଷେତ୍ରରେ ବିରୋଧୀ ବଢିବେ। ଆୟ ବ୍ୟୟରେ ସନ୍ତୁଳନ ରହିବ। ଆପଣଙ୍କ ପ୍ରିୟ ଆଜି ଆପଣଙ୍କୁ କିଛି କହିବେ। ଯାହା ଆପଣଙ୍କ ଚିନ୍ତା ବଢାଇ ପାରେ। କାହାର ଅପେକ୍ଷା କରନ୍ତୁ ନାହିଁ। ଉତ୍ସାହରେ କାର୍ଯ୍ୟ କରିବେ।



**କର୍କଟ:** ଆଜି ଆପଣଙ୍କୁ କିଛି ସହଯୋଗ ମିଳିବ। ଆର୍ଥିକ ସମସ୍ୟା ଆସିବ। ଟଙ୍କା ନେବା ଦେବାରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ କମଜୋର ରହିପାରେ। ବ୍ୟୟ ଅଧିକ ହେବ। କୌଣସି ଖବର ମିଳିପାରେ। କୌଣସି ବି ଝଗଡାରେ ଭାଗୀଦାରୀ ହୁଅନ୍ତୁ ନାହିଁ। କେଉଁଠି ଗୁପ୍ତ ଜିନିଷରୁ ଟଙ୍କା ମିଳିପାରେ। ଲକ୍ଷ ପ୍ରାପ୍ତି ପାଇଁ ଅଗ୍ରସର ରହିବେ। ପରିବାରରେ ସ୍ଥିତି ଖରାପ ହୋଇପାରେ।



**ସିଂହ:** ଶିକ୍ଷକଙ୍କ ତରଫରୁ ବିଶେଷ ମାର୍ଗଦର୍ଶନ ପ୍ରାପ୍ତ ହେବ। ମିତ୍ରଙ୍କୁ ନିଜର ଦୁଖ ବ୍ୟଥା କୁହନ୍ତୁ। ଘରର କିଛି ପରିସ୍ଥିତି ଖରାପ ହୋଇପାରେ। ଆପଣ ନିଜର କାମକାର୍ଯ୍ୟ ପାଇଁ କାହାର ସହଯୋଗ ନେଇ ପାରନ୍ତି। ନିଷ୍ପତି ନେବା ପୂର୍ବରୁ ବୁଝି ସୁଝି ନିଅନ୍ତୁ। ସ୍ଥାୟୀ ସମ୍ପତ୍ତିରୁ ଲାଭ ମିଳିପାରେ। ପ୍ରେମ ପ୍ରସଙ୍ଗରେ ସ୍ଥିତି ଭଲ ରହିବ। ବାହାରକୁ ଯାଆନ୍ତୁ ନାହିଁ।



**କନ୍ୟା:** ଅଧିକ ଧନ ବ୍ୟୟ ହେବା ଦ୍ୱାରା ମନ ଅଶାନ୍ତ ରହିବ। ବିଦ୍ୟାଧାନ ସମ୍ବନ୍ଧିତ ଶୁଭ ସମାଚାର ମିଳିବ। ପୈତୃକ ସମ୍ପତ୍ତି ପ୍ରାପ୍ତ କରିବାର ଯୋଗ ଅଛି। ଅତିରିକ୍ତ ଆୟ ପାଇଁ ନିଜର ସୃଜନାତ୍ମକ ବିଚାରର ସାହାର ନିଅନ୍ତୁ। ନିଜ ଜୀବନସାଥିଙ୍କ ସହିତ ପ୍ରେମ କରିବେ। ସମୟ ଅନୁକୂଳ ରହିବ। ଭରପୁର ପ୍ରୟାସ କରନ୍ତୁ। କୌଣସି ନୂଆ କାର୍ଯ୍ୟ ଆରମ୍ଭ ହୋଇପାରେ।



**ତୁଳା:** କୌଣସି ବି ଅପିରିଚିତ ବ୍ୟକ୍ତି ଉପରେ ବିଶ୍ୱାସ କରନ୍ତୁ ନାହିଁ। ଜୋଖିମ ଉଠାନ୍ତୁ ନାହିଁ। କୌଣସି ବି ପ୍ରକାରର ବିବାଦକୁ ଯାଆନ୍ତୁ ନାହିଁ। ଚାକିରି ଯାଇ ପାରେ। ଆକସ୍ମିକ ଧନଲାଭ ହୋଇପାରେ। ସନ୍ତାନ ଆପଣଙ୍କ ଆଜ୍ଞା ମାନିବେ। ଆୟର ନୂତନ ସ୍ରୋତ ମିଳିପାରେ।



**ବିଛା:** କିଛି ବନ୍ଧୁଙ୍କ ସହିତ ସାକ୍ଷାତ ହେବ। ଉତ୍ସାହ ବର୍ଦ୍ଧକ ସୂଚନା ପ୍ରାପ୍ତ କରିବେ। କୌଣସି ବଡ଼ କାମ କରିବାରେ ମନ ଲାଗିବ। ରାଜନୀତି କ୍ଷେତ୍ରରେ ଆପଣଙ୍କ ମାନ ସମ୍ମାନ ବଢିବ। ଉଚ୍ଚ ଅଧିକାରୀ ଆପଣଙ୍କ ସହ ମିତ୍ର ବ୍ୟବହାର କରିବେ। ବନ୍ଧୁମାନେ ଆପଣଙ୍କୁ ମାନସିକ ଶାନ୍ତି ପ୍ରଦାନ କରିବେ। ଯାହା ସହିତ ଆପଣ ରହୁଛନ୍ତି ତାଙ୍କ ସହିତ ବାଦ ବିବାଦ କରନ୍ତୁ ନାହିଁ। ବ୍ୟାପାରରେ ନୂତନ ଲାଭଦାୟକ ଅଫର ମିଳିବ। ବ୍ୟାପର ବ୍ୟବସାୟ ଭଲ ଚାଲିବ।



**ଧନୁ:** ପ୍ରେମ ସମ୍ବନ୍ଧରେ ସାବଧାନ ରୁହନ୍ତୁ। ସ୍ୱାସ୍ଥ୍ୟ ସାଧାରଣ ରହିବ। ଖାଦ୍ୟପାନରେ ରୁଚି ବଢିବ। ଅଧିକାରୀମାନଙ୍କ ସହ ସମ୍ପର୍କ ଭଲ ରହିବ। ଏକ ଆଧାତ୍ମିକ ବ୍ୟକ୍ତିଙ୍କ ଆଶୀର୍ବାଦ ମିଳିପାରେ। ଅଟକିଥିବା ଟଙ୍କା ମିଳିବ। ଆର୍ଥିକ ଅବସ୍ଥା ଭଲ ହୋଇଯିବ। ବନ୍ଧୁ କିମ୍ବା ପରିବାରର ସଦସ୍ୟଙ୍କ ସହିତ ହସ ଖୁସିରେ ଦିନ ବ୍ୟତୀତ କରିବେ। ବହୁତ ସମୟ ହେବ ଅଟକିଥିବା କାର୍ଯ୍ୟ ପୁରା ହେବ।



**ମକର:** ପ୍ରେମୀମାନଙ୍କୁ ପାଇଁ ଆଜି କିଛି ଶୁଭ ଖବର ମିଳିପାରେ। ଉଚ୍ଚ ବର୍ଗ ଲୋକମାନଙ୍କ ଚାକିରିରେ କିଛି ଅସୁବିଧା ଆସିପାରେ। ଧର୍ମ ପ୍ରତି ଆସ୍ଥା ବଢିବ। ପୂଜା ପାଠରେ ମନ ଲାଗିବ। ରାଜକୀୟ ସହଯୋଗ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟ ଭଲ ରହିବ। ଲାଭରେ ବୃଦ୍ଧି ହେବ। ପାରିବାରିକ ସହଯୋଗ ପ୍ରାପ୍ତ ହେବ। ନିଜର ଚିନ୍ତାକୁ ଦୂର କରିବା ପାଇଁ ପରିବାର ଲୋକମାନଙ୍କ ସାହାର୍ଯ୍ୟ ନିଅନ୍ତୁ।



**କୁମ୍ଭ:** ପରିଶ୍ରମ ଅଧିକ ରହିବ। ଦୁର୍ଘଟଣାର ସମ୍ଭାବନା ଅଛି। କିଛି କାର୍ଯ୍ୟ ଖରାପ ହୋଇପାରେ। ବିବାଦକୁ ବଢାନ୍ତୁ ନାହିଁ। ଲାଭ ପାଇଁ ଅନ୍ୟଙ୍କ କ୍ଷତି କରନ୍ତୁ ନାହିଁ। ମୌସମର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିପାରେ। ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ। ଆଜିର ଦିନ ଆପଣନଙ୍କୁ ବିଶ୍ରାମ କରିବା ଉଚିତ। ଧନ ପ୍ରାପ୍ତି ସୁଗମ ହେବ। ଭୂମି ଭବନ କାର୍ଯ୍ୟ ହେବ।



**ମୀନ:** ବ୍ୟାପାରିକ ଯୋଜନା ବିଫଳ ହୋଇପାରେ। ବାହନ ଚଳାଇବା ସମୟରେ ସାବଧାନ ରୁହନ୍ତୁ। ଜୀବନସାଥିଙ୍କ ମହତ୍ୱପୂର୍ଣ୍ଣ ସହଯୋଗ ମିଳିବ। ଆପଣଙ୍କ ବୁଦ୍ଧି ଆପଣଙ୍କୁ ସଫଳତା ନିଶ୍ଚିତ ଦେବ। ଆଜି ନିଜର କର୍ମଚାରୀଙ୍କ ଉପରେ ଧାନ ଦିଅନ୍ତୁ। ଭୂମି ଭବନ କାର୍ଯ୍ୟ ହେବ ।ଜୋଖିମ ଉଠାନ୍ତୁ ନାହିଁ। ରଚନାତ୍ମକ କାର୍ଯ୍ୟରେ ରୁଚି ବଢିବ । ଘର ଲୋକମାନଙ୍କ କଥା ଶୁଣି ନିବେଶ କରନ୍ତୁ।



ପ୍ରସ୍ତୁତି

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ନିମାପଡ଼ା, (ଭାସ୍କର ନ୍ୟୁଜ୍): ଦିବଙ୍ଗତ ମାନ୍ୟବର ପୂର୍ବତନ ସାଂସଦ ସ୍ୱର୍ଗତ ତ୍ରିଲୋଚନ କାନୁନ୍‌ଗୋଙ୍କ ଦଶାହ ଉପଲକ୍ଷେ ଦିବ୍ୟ ଜୀବନ ସଂଘ ନିମାପଡ଼ା ଶାଖା ତରଫରୁ ଦିବଙ୍ଗତ ସାଂସଦଙ୍କ ଆତ୍ମାର ସଦ୍‌ଗତି କାମନା କରି ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଶାଖା ସଂଘର ସଭାପତି ଡ଼ାକ୍ତର ରବୀନ୍ଦ୍ର ନାଥ ଖୁଂଟିଆ ପ୍ରଦୀପ ପ୍ରଜ୍ୱଳନ କରି ଉପସ୍ଥିତ ଗୁରୁଭ୍ରାତା ଓ ଭଗ୍ନୀ ପବିତ୍ର କୁମାର ବରାଳ, ଗଗନ ବିହାରୀ ସେନାପତି, ନିରଂଜନ ସ୍ୱାଇଁ, ଶୁଭେନ୍ଦୁ ରାଉତରାୟ, ରୋହିତ ସ୍ୱାଇଁ, ଶଶୀ ଭୂଷଣ ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ତପନ ମିଶ୍ର, ହାଡୁବନ୍ଧୁ ସ୍ୱାଇଁ, ସରୋଜିନୀ ବରାଳ ଓ ଅନ୍ୟମାନେ ଦିବଙ୍ଗତ ସାଂସଦଙ୍କ ସ୍ମୃତିଚାରଣ ସହିତ ତାଙ୍କ ଆତମାର ସଦ୍‌ଗତି ପାଇଁ ରାମନାମ ପାଠ କରାଯାଇଥିଲା । ସ୍ୱର୍ଗତ ସାଂସଦ ୮୨ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ସେ କଟକ ନଗରପାଳିକାର ୨ ଥର ଅଧ୍ୟକ୍ଷ, ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଥିଲେ ।



## ସ୍ତ୍ରୀ ପାଉଛି ୪୦ ହଜାର ଦରମା, ସ୍ୱାମୀ ନେଉଛି ରାସନ

ନିଆଳି, (ଭାସ୍କର ନ୍ୟୁଜ୍): କଣ୍ଟାପଡା ଯୋଗାଣ ବିଭାଗର ନୂଆ ନିୟମ, ପ୍ରତ୍ୟେକ ପଞ୍ଚାୟତରେ ପ୍ରତିଦିନ ଖୋଲୁଛି ଯୋଗାଣ ବିବାଗର ଗୁମର । ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଅଡସପୁରର ଦୁଃଶାସନ ସାହୁଙ୍କ ସ୍ତ୍ରୀ ସ୍ଥାନୀୟ କଲେଜରେ ଅଧ୍ୟାପିକା ଥିବାବେଳେ ୪୦ ହଜାରରୁ ଉର୍ଦ୍ଧ ଟଙ୍କା ପାଉଛନ୍ତି ଦରମା । ଏ ପରିକି ଦୁଇହଜାର ସ୍କୋୟାର ଫୁଟର ଦୁଇମହଲା କୋଠା ଭଡା ଲାଗିଥିବା ବେଳେ ଦୁଇକିଲୋୱାଟର ବିଦ୍ୟୁତ୍ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ଯୋଗାଣ ବିଭାଗର ଜାଣତରେ ଏପରି କାର୍ଯ୍ୟ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ସାଧାରଣ ଗରିବ ଲୋକଟିଏ ରାସନ ପାଇଁ ଯୋଗାଣ ବିଭାଗ ଅଫିସକୁ ବାରମ୍ବାର ଦୌଡୁଥିବା ବେଳେ ବିଭାଗୀୟ କର୍ତ୍ତୁପକ୍ଷଙ୍କ ସଫେଇ ଅନଲାଇନ କର । କିନ୍ତୁ ଏହି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ଅନଲାଇନ କିମ୍ବା ଅଫଲାଇନରେ ରାସନ କିପରି ଦିଆଯାଇଛି ଏହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି । ଏ ନେଇ କଣ୍ଟାପଡା ଯୋଗାଣ ବିଭାଗ ଅଧିକାରୀ ଶର୍ମିଷ୍ଠା ଦଳବେହେରାଙ୍କୁ ଫୋନ୍ କରିବାରୁ ସେ ଫୋନ୍ ଉଠାଇ ନଥିଲେ ।

## ଧାନମଣ୍ଡଳ ରାଜସ୍ୱ ନିରୀକ୍ଷକ ଅଞ୍ଚଳରେ ବେଧଡକ ଉଠୁଛି ମାଟି

ନିଆଳି, (ଭାସ୍କର ନ୍ୟୁଜ୍): କଣ୍ଟାପଡା ତହସିଲ ଅଧିନସ୍ଥ ଧାନମଣ୍ଡଳ ରାଜସ୍ୱ ନିରୀକ୍ଷକ ଅଧିନରେ ଥିବା ଧାନମଣ୍ଡଳ, ବଡମଲେଇ, ନେତକୁଣ୍ଡି ଆଦି ଗ୍ରାମରେ ଶହ ଶହ ଟ୍ରାକ୍ଟର ଦଶରୁ ଉର୍ଦ୍ଧ ଜେସିବି. ସହାୟତାରେ ହଜାର ହଜାର ଟ୍ରିପ୍ ମାଟି ତାଡି ବିକ୍ରି କରୁଥିବା ବେଳେ ଏଠାରେ ଥିବା ରାଜସ୍ୱ ନୀରିକ୍ଷକ ଅଧିକାରୀ ମୋଟା ଅଙ୍କର ଅର୍ଥନେଇ ମାଫିଆ ମାନଙ୍କୁ ସହାୟତା କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଏଠାରେ ଥିବା ରାଜସ୍ୱ ଅଧିକାରୀ ନାହାଳପୁର ଦାୟୀତ୍ୱରେ ଥିବାବେଳେ ଧାନମଣ୍ଡଳ ରାଜସ୍ୱ କାର୍ଯ୍ୟାଳୟରେ ତାଲା ପଡିଛି । ଏଠାରେ ପ୍ରଶ୍ନ ଉଠୁଛି ମାଟି ମାଫିଆମାନେ ରାଜସ୍ୱ ଅଧିକାରୀଙ୍କ ଛତ୍ରଛାୟାତଳେ ରହି ମାଟି ଉଠାଉ ନାହାଁନ୍ତି ତ? କଣ୍ଟାପଡା ତହସିଲଦାର ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି ।

## ବାଟ ମହାବୀରଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ବାଲିପାଟଣା, (ଭାସ୍କର ନ୍ୟୁଜ୍): ବାଲିପାଟଣା ବ୍ଲକ ଅନ୍ତର୍ଗତ ପମ୍ପାଲୋ ପଞ୍ଚାୟତ ଦରଡା ଡେଙ୍ଗ ଗ୍ରାମରେ ବାଟ ମହାବୀରଙ୍କ ନୂତନ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ତ୍ରି ଦିନାତ୍ମକ ଯଜ୍ଞ ଆୟୋଜନ ହୋଇଥିଲା । ରବିବାର ଅଙ୍କୁରରୋପଣ, ମଣ୍ଡଳାଧିବାସ, ଗର୍ଭାଧାନ, ସୋମବାର କଳସଯାତ୍ରା, ଯଜ୍ଞକର୍ମ, ସୂର୍ଯ୍ୟପୂଜା, ଅଗ୍ନି ସ୍ଥାପନ, ଆଳତୀ, ପୁଷ୍ପାଞ୍ଜଳୀ, ମଙ୍ଗଳବାର ସୂର୍ଯ୍ୟପୂଜା, ମଣ୍ଡପ ପୂଜା, ଯଜ୍ଞାରମ୍ଭ, ସ୍ନାନ, ଶୟନ, ବୁଧବାର ସୂର୍ଯ୍ୟପୂଜା, ନ୍ୟାସ, ପ୍ରତିଷ୍ଠା, ପୂର୍ଣ୍ଣାହୁତି, ଆଳତୀ, ମଣ୍ଡପବିଜେ ଯଥା ରୀତିନୀତିରେ ସମାପନ ହୋଇଛି । କର୍ତ୍ତା ଭାବେ କୈଳାଶ ଚନ୍ଦ୍ର ମହାରଣା ଏବଂ କର୍ତ୍ତୀ ପ୍ରତିମା ମହାରଣା କାର୍ଯ୍ୟ ସମ୍ପାଦନ କରିଥିଲେ । ପଣ୍ଡିତ ଦେବରାଜ ମହାପାତ୍ର ଓ ପଣ୍ଡିତ ମଣ୍ଡଳୀ ପୂଜା କାର୍ଯ୍ୟ ତୁଲାଇ ଥିଲେ ।

### ଜାଲ୍ ଆଧାର କାର୍ଡ଼ ପ୍ରସ୍ତୁତକାରୀ ରାକେଟ୍ ଠାବ

## ଦୁଇ ମହିଳାଙ୍କ ସମେତ ୩ ଗିରଫ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ସଂଶୋଧନ ଆଳରେ ଜାଲ ଆଧାରକାର୍ଡ଼ ତିଆରି କରି ସାଧାରଣ ଲୋକଙ୍କଠାରୁ ହଜାର ହଜାର ଟଙ୍କା ଆଦାୟ କରୁଥିବା ରାକେଟର ଦୁଇ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ସହଦେବଖୁଣ୍ଟା ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଅନ୍ତର୍ଗତ କାଦ୍ରି ମହଲରୁ ଜଣେ ୨୩ ବର୍ଷର ଯୁବକ, ସୁନହଟ ରାଜଉଲା ଲେନର ୨୦ ବର୍ଷୀୟା ମହିଳା ଓ ଆକତପୁର ଅଞ୍ଚଳର ଜଣେ ୨୫ ବର୍ଷୀୟା ମହିଳା ଅଛନ୍ତି । ସେମାନଙ୍କଠାରୁ ୨ଟା ଲାପଟପ, ଏକ ପ୍ରିଣ୍ଟର, ଗୋଟିଏ ବାୟୋମେଟ୍ରିକ ଫିଙ୍ଗର ପ୍ରିଣ୍ଟ ମେସିନ, ଗୋଟିଏ ଲାମିନେସନ ମେସିନ, ୨ଟା କ୍ୟୁଆର ବାର କୋଡ, ୩ ଗୋଟି ଆଧାର କାର୍ଡ଼ ଓ ଆଧାର ଫର୍ମ ଆଦି ଜବତ କରାଯାଇଛି ବୋଲି ସହଦେବଖୁଣ୍ଟା



ଥାନାଧିକାରୀ ଶୁଭ୍ରାଂଶୁ ଶେଖର ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁସାରେ ସ୍ଥାନୀୟ କଚେରି ବଜାରରେ ଜାଲ ଆଧାକାର୍ଡ଼ ପ୍ରସ୍ତୁତ କରି ଲୋକଙ୍କୁ ଶୋଷଣ କରାଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସହଦେବଖୁଣ୍ଟା ଥାନା ପକ୍ଷରୁ ସ୍ୱତନ୍ତ୍ର ଟିମ ଦ୍ୱାରା ଅନୁସନ୍ଧାନ ଜାରି ରହିଥିଲା । ସାଦା ପୋଷାକରେ ସାଧାରଣ ଲୋକ ଭାବେ ପୁଲିସ କଚେରି ବଜାରର ସମ୍ପୃକ୍ତ ଆଧାର କେନ୍ଦ୍ରକୁ ଯାଇ ବିନା ପ୍ରମାଣପତ୍ରରେ ନାମ ଓ ବୟସ ଆଦି ପରିବର୍ତ୍ତନ ପାଇଁ କଥାବାର୍ତ୍ତା ହୋଇଥିଲେ । ଏହି କାମ ପାଇଁ ଅଭିଯୁକ୍ତମାନେ ୨ ହଜାର ଟଙ୍କା ଦାବି କରିଥିଲେ । ସେମାନଙ୍କ ଦାବି ଅନୁସାରେ ଅଭିଯୁକ୍ତଙ୍କୁ ୨ହଜାର ଟଙ୍କା ପ୍ରଦାନ କରି ସେମାନଙ୍କଠାରୁ ଜାଲି ଆଧାରକାର୍ଡ଼ ନେବା ସମୟରେ ପୁଲିସ ଆଧାର କେନ୍ଦ୍ର ତିନିଜଣଙ୍କୁ ଗିରଫ କରିଥିଲା ।ଏନେଇ ୧୮୩/୨୦୨୩ ନଂର ମାମଲା ରୁଜୁ ସହ ସହଦେବଖୁଣ୍ଟା ପୁଲିସ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ।

### ■ ଆରମ୍ଭ ହେଲା ଠାକୁରାଣୀ ଯାତ୍ରା

## ଶଗଡରେ ଆସିଲେ ମା'

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସବୁ ଅପେକ୍ଷାର ଅନ୍ତଃ ଘଟିଲା । ଛଅ ବର୍ଷର ଆକାଂକ୍ଷା ପୂରଣ ହେଲା । ଯାତ୍ରା ଦେଖିବାକୁ ବାପ ଘରକୁ ଆସିଲେ ମା' ବାଗଦେବୀ । ଭକ୍ତଙ୍କ ଗହଣରେ ଶଗଡ଼ରେ ଆସିଲେ ମା' । ଚଳଚଞ୍ଚଳ ହୋଇଛି ଭଂଜନଗରର ଐତିହାସିକ ଠାକୁରାଣୀ ଯାତ୍ରା । ୨୧ ଦିନ ଧରି ହେବାକୁ ଥିବା ଠାକୁରାଣୀ ଯାତ୍ରାର ପ୍ରଥମ ଦିନରେ ଭଂଜନଗର ଅସ୍ଥାୟୀ ପୀଠରୁ ବାହାରି କୁଲାଡ଼ ବାଗଦେବୀ ପୀଠରେ ପହଞ୍ଚିଥିଲେ ଶ୍ରଦ୍ଧାଳୁ ଓ ଆୟୋଜକ କମିଟି । ସେଠାରେ ମା' ବାଗଦେବୀଙ୍କ ପୂଜାର୍ଚ୍ଚନା ଓ ଆଜ୍ଞାମାଳ ମସ୍ତକ ରୁ ଆସିବା ପରେ ଅତିଥି ମାନଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା । ପରେ ଅସ୍ଥାୟୀ ପୀଠରୁ ଯାଇଥିବା ସୁସଜ୍ଜିତ ଶଗଡ଼ ରେ ବିଜେ କରି ବାପଘର ଅଭିମୁଖେ ବାହାରିଥିଲେ ମା' ବାଗଦେବୀ । ରାସ୍ତାରେ ଭକ୍ତଙ୍କ ଦ୍ୱାରା ଝୋଟି ପୂର୍ଣ୍ଣକୁମ୍ଭ ସଜ୍ଜା ହୋଇଥିଲା । ମା' ଙ୍କୁ ବାଜା-ବାଜଣା ପଟୁଆର ରେ ଆଣି ଭଂଜନଗର ନିକଟ ବାଟ ବାଗଦେବୀ ପୀଠରେ ବିଶ୍ରାମ ନେଇଥିଲେ ମା' । ପୁଣି ରାତିରେ ମା' ବାଟ ବାଗଦେବୀ ପୀଠରୁ ବାହାରି ଅସ୍ଥାୟୀ ଗମ୍ଭୀରା ଅଭିମୁଖେ ବିରାଟ ପଟୁଆର ଓ ଶୋଭାଯାତ୍ରାରେ ବାହାରିଥିଲେ । ଏହି ଯାତ୍ରା ୬ ବର୍ଷ ବ୍ୟବଧାନରେ ହେଉଥିବାରୁ ଭକ୍ତ ଙ୍କ ଭିତରେ ଉତ୍ସାହ ଦେଖିବାକୁ ମିଳିଥିଲା । ଗୁରୁବାର ମା' ବିଶ୍ରାମ ନେବାପରେ ଶୁକ୍ରବାର ଠାରୁ ପର୍ଯ୍ୟାୟ କ୍ରମେ ଠାକୁରାଣୀଙ୍କ ଘଟପରିକ୍ରମା ଆୟୋଜନ ହେବ । ପ୍ରଥମ ଦିନର ଆବାହନ କାର୍ଯ୍ୟକ୍ରମ ରେ ପୁରୋହିତ ଉପେନ୍ଦ୍ର ମିଶ୍ର ପୂଜାର୍ଚ୍ଚନା କାର୍ଯ୍ୟ ସମାପନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଯାତ୍ରା କମିଟି ସଭାପତି ରାଜେନ୍ଦ୍ର ବିଷୋୟୀ, ଗୋପବନ୍ଧୁ ମହାପାତ୍ର, ସୁଧିର ରଞ୍ଜନ ବେହେରା, ଶୁଶାନ୍ତ ମହାପାତ୍ର ଲୋକନାଥ କର ଶୂଳପାଣି ଶତପଥୀ ସମେତ ପୂଜା କମିଟି ସଭ୍ୟ ଓ ବହୁ ଭକ୍ତ ଯୋଗ ଦେଇଥିଲେ ।

## 'ମୋ କଲେଜ ଅଭିଯାନ'ର ପ୍ରଥମ ଆଲୁମିନି ବୈଠକ

ଗୋପ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ମୋ କଲେଜ ଅଭିଯାନ ପକ୍ଷରୁ ଗୋପ କଲେଜର ପୁରାତନ ଛାତ୍ରଛାତ୍ରୀମାନଙ୍କର ପ୍ରଥମ ଆଲୁମିନି ବୈଠକ କଲେଜର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧକ୍ଷା ପ୍ରିୟମ୍ବଦା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ କଲେଜ ପରିଚାଳନା କମିଟି ସଭାପତି ତଥା ପ୍ରାକ୍ତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ଖଟୋଇ ଯୋଗଦେଇ, ନିଜ କଲେଜର ସର୍ବାଙ୍ଗୀନ ଉନ୍ନତି ପାଇଁ କଲେଜର ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ ସହେଯାଗର ହାତ ବଢାଇବା ପାଇଁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ଅବସରପ୍ରାପ୍ତ ପ୍ରଧ୍ୟାପକ ଶରତ କୁମାର ସାହୁ, ପ୍ରଧ୍ୟାପକ ଶୈଳନ୍ଦ୍ର କୁମାରରଥ, ବିଭୂତି ଭୂଷଣ ସେନାପତି, ଅରୁଣ ଚନ୍ଦ୍ର ମିଶ୍ର, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବୈଠକର ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । କଲେଜର ପୁରାତନ ଛାତ୍ର ସଚ୍ଚିଦାନନ୍ଦ ଗୋଛାୟତ, ଦିଲ୍ଲିପ କୁମାର ବାରିକ,ଚନ୍ଦ୍ରକାନ୍ତ ସାହୁ, ଯୋଗେନ୍ଦ୍ର ବେହେରା, ଦେବାଶିଷ ସାହୁ, ଦେବାଶିଷ ପାଇକରାୟ, ରଜନୀ କାନ୍ତ ପଣ୍ଡା, ତାରେଣୀ ପ୍ରସାଦ ନାୟକ, ସୁବାଷ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କିଭଳି ମୋ କଲେଜ ଅଭିଯାନକୁ ସଫଳ ରୂପାୟନ କରିହେବ ସେ ସଂପର୍କରେ ପ୍ରସ୍ତାବ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଶାଶ୍ୱତ ରଂଜନ ପ୍ରଧାନ, ରମେଶ ଚନ୍ଦ୍ର ବେହେରାପ୍ରମୁଖ ପରିଚାଳନା କରିଥିଲେ । ଆଗାମି ବୈଠକରେ ବହୁ ସଂଖ୍ୟାରେ କଲେଜର ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେବା ପାଇଁ କଲେଜର ଅଧକ୍ଷା ଶ୍ରୀମତୀ ପଣ୍ଡା ଅନୁରୋଧ କରିଛନ୍ତି ।

## ପୋଖରୀ ପଙ୍କ ଉଦ୍ଧାର କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ଅଭିଯୋଗ

କୋରେଇ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଲୋକମାନଙ୍କର ଜୀବନ ଧାରଣ ମାନର ଉନ୍ନତି ପାଇଁ କୋରେଇ ବ୍ଲକ ଚାରିଆଡେ ରାସ୍ତା, ଘାଟ, ପୋଖରୀ ଘାଟ, ତୁଠ ଇତ୍ୟାଦି ନିର୍ମାଣ କରିବା ସହିତ ଲୋକମାନେ କିପରି ସୁସ୍ଥ ନିରାମୟ ଜୀବନ ଜାପାନ କରିବା ପାଇଁ ଚେଷ୍ଟିତ ଥିବାବେଳେ ତଳ ସ୍ତରରେ କିଛି ଅସାଧୁ ସରକାରୀ କର୍ମଚାରୀ ସମସ୍ତ ପ୍ରକାର ସୁବିଧା କୁ ଲୁଟିନେବାକୁ ମସୁଧା କରୁଛନ୍ତି । ଏହି ପରି ଏକ ଦୁର୍ନୀତି କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ରେ ଦେଖିବାକୁ ମିଳିଛି । ଏନଏଚ ୨୧୫ ର ଠାରୁ କୋରେଇ ପୂର୍ତ୍ତବିଭାଗ ରାସ୍ତା ଓ ଧନେଶ୍ୱର ଗ୍ରାମର ଡିଗୀ ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି ।ସରକାରୀ ନିୟମ ଅନୁଯାଇ ପୋଖରୀ ଖୋଳି ଆଡିରେ ମାଟି ପକାଇବା ନିୟମ ଥିବାବେଳେ ଅନ୍ୟତ୍ର ଉକ୍ତ ପୋଖରୀ ମାଟିକୁ ବିକ୍ରି କରାଯାଉଥିବା ସାଧାରଣରେ ଅଭିଯୋଗ



ହେଉଛି ।ଏହି ପୋଖରୀ କୁ ଲାଗି ପୂର୍ତ୍ତବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ରାସ୍ତା କଡରେ କଂକ୍ରିଟ ୱାଲ ନିର୍ମାଣ ଖୁବ ନିମ୍ନ ମାନର ହୋଇଥିବା ବେଳେ ତାକୁ ଲୁଚାଇବାକୁ ୱାଲ କଡରେ ବାଲି ପଡିବା କଥା କିନ୍ତୁ ପୋଖରୀ ରୁ ଯେଉଁ ପଙ୍କ ମାଟି ବାହାରୁଛି ତାକୁ ସେହି ଗର୍ତ୍ତ ରେ ପକାଯାଉଛି ଯାହାକୁ ନେଇ ଅଞ୍ଚଳ ରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଉଭୟ ବିଭାଗ କାଳେ ଗୋଟିଏ ଘାଟରେ ବାଘ ଛେଳି ପାଣି ପିଇଲା ଭଳି ପୂର୍ତ୍ତବିଭାଗ ଓ ବ୍ଲକ ପ୍ରଶାସନ ଦୁର୍ନୀତି କୁ ପ୍ରଶ୍ରୟ ଦେଉଥିବା ଲୋକେ କୁହା କୁହି ହେଉଛନ୍ତି । ଉଭୟ ବିଭାଗ ଠିକାଦାର ମାନଙ୍କ ଠାରୁ ମୋଟା ଅଙ୍କର ପିସି ଖାଇ ଲକ୍ଷ ଲକ୍ଷ ଟଙ୍କା ବିଲ ହେଉଥିବା ଅଭିଯୋଗ ହେଉଛି । ଏ ନେଇ ଆମେ କୋରେଇ ବିଡ଼ିଓ ରଞ୍ଜନ ପରିଡା ଙ୍କୁ ଯୋଗାଯୋଗ କରି ବିଫଳ ହେବା ପରେ ନିର୍ବାହୀ ଯନ୍ତ୍ରୀ ସ୍ମିତା ପାତ୍ର ଙ୍କୁ ଯୋଗାଯୋଗ କରିଥିଲୁ, ତାଙ୍କ କହିବା କଥା ମୁଁ ଏ ନେଇ ସେମାନଙ୍କୁ ମନା କରିଥିଲି, ଯଦି ସେମାନେପୁଣି ମାଟି ବିକୁ ଥିବେ ତେବେ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷରେ ଆମେ ପୂର୍ତ୍ତ ବିଭାଗ ର ଯନ୍ତ୍ରୀ ବିରେନ ବସୁ ଯୋଗାଯୋଗ କରିଥିଲୁ, ସେ ସେମିତି କିଛି ହେଉ ନାହିଁ ବୋଲି ତାଙ୍କ ପ୍ରତିକ୍ରିୟା ରେ କହିଥିଲେ, ଦେଖିବାକୁ ବାକି ରହିଲା କେବେ ପ୍ରଶାସନ ର ନିଦ ଭାଙ୍ଗିବ, ଏହି ଅନିୟମିତତା କୁ ରୋକା ଯାଇ ପାରିବ ।

## ଖଲିକୋଟ ରେଳ ଷ୍ଟେସନ ନିରୀକ୍ଷଣ କଲେ ରେଳ ରାଷ୍ଟ୍ରମନ୍ତ୍ରୀ



ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍): ମାନ୍ୟବର କେନ୍ଦ୍ର ରେଳ ଏବଂ ବୟନଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଦର୍ଶନା ଜର୍ଦୋଷ ଆଜି ଖଲିକୋଟ ରେଳ ଷ୍ଟେସନ ନିରୀକ୍ଷଣ କରି ଷ୍ଟେସନରେ ଯୋଗାଇ ଦିଆଯାଇଥିବା ଯାତ୍ରୀଙ୍କ ସୁବିଧା ସମ୍ବନ୍ଧରେ ରେଳ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଲୋକମାନଙ୍କର ସୁବିଧା ପାଇଁ ବିଶେଷ କରି ଯାତ୍ରୀମାନଙ୍କୁ ଟ୍ରେନ୍ ଓ ଷ୍ଟେସନ ଠାରେ ଆବଶ୍ୟକୀୟ ସୁବିଧା ଯୋଗାଇବା ପାଇଁ ସେ ରେଳ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଏହା ବ୍ୟତୀତ ମାନ୍ୟବର ମନ୍ତ୍ରୀ ଷ୍ଟେସନରେ ଚାଲିଥିବା ବିଭିନ୍ନ ଭିତ୍ତିଭୂମି କାର୍ଯ୍ୟ ସମ୍ବନ୍ଧରେ ମଧ ପଚାରି ବୁଝିଥିଲେ ।

## ପହଙ୍ଗା ରାସ୍ତାର ଶୁଭ ଦେଲେ ବିଧାୟକ ଓ ସାଂସଦ

ନିଆଳି, (ଭାସ୍କର ନ୍ୟୁଜ୍): ଆଜି ନିଆଳି ନିର୍ବାଚନ ମଣ୍ଡଳୀ କପାସୀ ଗ୍ରାମପଞ୍ଚାୟତ ଠାରେ ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗ ଦ୍ୱାରା ପ୍ରାୟ କପାସି ବରାଡୋ ଗ୍ରାମ ଠାରୁ ଡିଟିବିସି କେନାଲ ଦକ୍ଷିଣ ପାର୍ଶ୍ୱ ବନ୍ଧ ୩.୬୯୧ କି.ମି. ଠାରୁ ୯.୫୦ କି.ମି. ପହଙ୍ଗା ବାଲିସାହି ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପ୍ରକଳ୍ପ ଭିତିପ୍ରସ୍ତର ସ୍ଥାପନ ଉତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ନିଆଳୀ ତଥା କଟକ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ମହୋଦୟ ଏବଂ ମାନନୀୟା ଲୋକସଭା ସାଂସଦ ଜଗତସିଂହପୁର ଡାକ୍ତର ରାଜଶ୍ରୀ ମଲ୍ଲିକ ମହୋଦୟା ଯୋଗଦେବା ସହିତ ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀଙ୍କ ସହିତ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟା, ଜିଲ୍ଲା ପରିଷଦ, ବ୍ଲକ ଅଧ୍ୟକ୍ଷ, ଆମ୍ବାର ଅଧ୍ୟକ୍ଷ, ମୁରବୀ, ପ୍ରତିନିଧି, ଗୁରୁଜନ, ବୁଦ୍ଧିଜିବୀ, ଜନସାଧାରଣ ଏବଂ ଯୁବ-ଛାତ୍ର ମହିଳା ନେତୃବୃନ୍ଦ ତଥା କର୍ମକର୍ତ୍ତା ଗଣ ଓ ଜଳସମ୍ପଦ ବଭାଗ ଏସ୍.ଡି.ଓ, ଜେ.ଇ. ଉପସ୍ଥିତ ଥିଲେ । ଉପସ୍ଥିତ ସମସ୍ତଙ୍କୁ ମାନ୍ୟବର ବିଧାୟକ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ଅଞ୍ଚଳବାସୀଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି ।



## ଚତୁର୍ଥଶ୍ରେଣୀ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ଜିଲ୍ଲା ମୁଖ୍ୟାଳୟ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଗତ ମାସ ଅବସର ଗ୍ରହଣ କରିଥିବା ନିଖିଳ ଉତ୍କଳ କର୍ମଚାରୀ ସଂଘର ପୂର୍ବତନ ଜିଲା ସଭାପତି ଉମାନନ୍ଦ ନାୟକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ ସଭାପରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏହି ବୈଠକରେ ଜିଲା କାର୍ଯ୍ୟାଳୟ ସମତେ ସଦର ମହକୁମାର ସମସ୍ତ ଚତୁର୍ଥ ଶ୍ରେଣୀ କର୍ମଚାରୀ ଯୋଗ ଦେଇଥିଲେ । ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବରିଷ୍ଠ ସହାୟକ ରବୀନ୍ଦ୍ରନାଥ କବି, ରେଡକ୍ରସ ସୋସାଇଟି କାର୍ଯ୍ୟନିର୍ବାହୀ ସମ୍ପାଦକ ଗଣେଶ୍ୱର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସଭାପରେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବ ସମ୍ମତି କ୍ରମେ କିଶୋର କୁମାର ଜେନା ସଭାପତି, ଅହଲ୍ୟା ଦାସ ଉପାଧ୍ୟକ୍ଷା, ପୂର୍ଣ୍ଣଚନ୍ଦ୍ର କାନୁନଗୋ ସାଧାରଣ ସମ୍ପାଦକ, ନମିତା ଦାସ ସହ ସମ୍ପାଦିକା , ଅବଦୁଲ ଜାହିଦ୍ ଖାନ କୋଷାଧ୍ୟକ୍ଷ, ରମାକାନ୍ତ ବେହେରା ସଙ୍ଗଠନ ସମ୍ପାଦକ ଏବଂ ୧୧ ଜଣଙ୍କୁ ଜିଲା କାର୍ଯ୍ୟକାରିଣୀ କମିଟିକୁ ମନୋନୀତ କରାଯାଇଛି । ଏଥି ସହିତ ଜଣେ ଆଇନ ପରାମର୍ଶଦାତା ଓ ଜଣେ ଉଦେଷ୍ଟାଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବରେ କମିଟିରେ ଅବସ୍ଥିତ କରାଯାଇଛି ବୋଲି ନବ ନିର୍ବାଚିତ ସାଧାରଣ ସଂପାଦକ ପୂର୍ଣ୍ଣଚନ୍ଦ୍ର କାନୁନଗୋ ସୂଚନା ଦେଇଛନ୍ତି ।

## ୱାର୍ଲଡ ପ୍ରେସ୍ ଫ୍ରିଡମ୍ ଡେ' ପାଳିତ

ଟାଙ୍ଗୀ-ଚୌଦ୍ୱାର, (ଭାସ୍କର ନ୍ୟୁଜ୍): ଆଜି ଚୌଦ୍ୱାର କଳା ପ୍ରକାଶିନୀ କ୍ଲବ ଠାରେ ୱାର୍ଲଡ ପ୍ରେସ ଫ୍ରିଡମ ଡେ ପାଳିତ ହୋଇଯାଇଅଛି । ଆଜିର ଏହି ପ୍ରେସ ଡେ ରେ ଇମ୍ଫା ର ଜନସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଚୌଦ୍ୱାର ନଗର ବିଜେଡି ସଭାପତି ଶ୍ରୀ ବିଷ୍ଣୁ ଚରଣ ପରିଡା ମୁଖ୍ୟ ବକ୍ତା ଓ ଚୌଦ୍ୱାରର ସମାଜସେବୀ ତଥା ବିଜେପିର ବରିଷ୍ଠ ନେତା ଶିବ ନାରାୟଣ ନାୟକ ଓ ବରିଷ୍ଠ କାଉନସିଲର ତଥା ସାମ୍ବାଦିକ ଆଶୁତୋଷ ଦାସ ମଂଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ଆଜିର ଏହି ସଭାରେ ଉପସ୍ଥିତ ଥିବା ଟାଙ୍ଗୀ ଚୌଦ୍ୱା ର ସମସ୍ତ ସାମ୍ବାଦିକ ବନ୍ଧୁ ମାନେ ଯୋଗ ଦେବା ସହିତ ନିଜ ନିଜର ବକ୍ତବ୍ୟ



ପ୍ରଦାନ କରିଥିଲେ । ଆଜିରର ଏହି ସଭା ରେ ଇମ୍ଫା ର ଜନ ସମ୍ପର୍କ ଅଧିକାରୀ ଶ୍ରୀ ଧ୍ରୁବ ଚରଣ ରାଉତ ଟାଙ୍ଗୀ ଚୌଦ୍ୱାର ର ସମସ୍ତ ସାମ୍ବାଦିକ ବନ୍ଧୁ ମାନେ କିପରି ଭାବେ ଏକାଠି ହୋଇ କାର୍ଯ୍ୟ କରିବେ ସେ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏହି ପ୍ରେସ ଡେ ରେ ଚୌଦ୍ୱାର ପୌର ପାଳିକା ର ୧୭ ନମ୍ବର ୱାର୍ଡ ର କାଉନସିଲର ଆଶୁତୋଷ ଦାସ ଚୌଦ୍ୱାର ପୌର ପାଳିକା ରେ ଏକ ସାମ୍ବାଦିକ ପ୍ରକୋଷ୍ଠ ପାଇଁ ଆଗାମୀ ଦିନରେ ହେବାକୁ ଥିବା କାଉନସିଲ ବୈଠକ ରେ ଏକ ପ୍ରସ୍ତାବ ରଖାଯିବ ବୋଲି ପ୍ରକାଶ କରିଥିବାବେଳେ ସମାଜସେବୀ ଶ୍ରୀ ନାୟକ ଆଗାମୀ ଦିନରେ ସାମ୍ବାଦିକ ଭବନ ଗୃହ ପାଇଁ ୫୦ ହଜାର ଟଙ୍କା ଦେବେବୋଲି ତାଙ୍କ ଅଭିଭାଷଣ ରେ ପ୍ରକାଶ କରିଥିଲେ । ଏହି ପ୍ରେସ ଡେ ରେ ଶ୍ରୀ ପରିଡା ସାମ୍ବାଦିକତା ହେଉଛି ଭାରତ ସମ୍ବିଧାନ ର ଚତୁର୍ଥସ୍ତମ୍ଭ ଏବଂ ଆଗାମୀ ଦିନ ରେ ସାମ୍ବାଦିକ ମାନେ କିପରି ଭାବେ ଆହୁରି ସଠିକ ତଥ୍ୟ ଭିତିକ ସମ୍ବାଦ ପରିବେଷଣ କରିବେ ତାହା ଉପରେ ଆଲୋଚନା କରିଥିଲେ । ଏହି ପ୍ରେସ ଡେ ରେ ବରିଷ୍ଠ ସାମ୍ବାଦିକ ଶ୍ରୀ ଦୀପକ ମଙ୍ଗରାଜ, ପଦ୍ମଲାଭ ବରାଳ, ସୁଧାକର ମହାପାତ୍ର,ଏସ କେ ଜାବେଦ,ରତନ ସାହୁ,ମନୋଜ ସାହୁ,ସୁଧାଂଶୁ ପରିଜା, ମଳୟ ମହାପାତ୍ର, ଅକ୍ଷୟ ଫଗୁଣ, ପାର୍ଥ ସାରଥୀ ବେଉରା, ମାନସ ସାମଲ, ରାଜା ଭଦ୍ରା, କ୍ଷୀରୋଦ ରାଉତ, ପ୍ରଭାତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ● ସାଲେପୁର ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ ●

## 'ସେବା ହିଁ ମାନବ ଜୀବନର ପରମ ଧର୍ମ'

ସାଲେପୁର, (ଭାସ୍କର ନ୍ୟୁଜ୍): ସାଲେପୁର ଫାର୍ମାସୀ କଲେଜର ୪୦ତମ ବାର୍ଷିକ ଉତ୍ସବ (ଏସ୍ୱାଇଏନ୍ଏ ପିଏସଇଟୁକେ୨୩) ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଅତିରିକ୍ତ ଡ଼ିଏମ୍ଇଟି ଡ଼ଃ ବ୍ରଜ କିଶୋର ଦାଶ ଯୋଗଦେଇ ଉତ୍ସବକୁ ଉଦଘାଟନ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଫାର୍ମାସିଷ୍ଟମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । କଲେଜ ଅଧକ୍ଷ ଡ଼ଃ ସନ୍ତୋଷ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟବକ୍ତା ଭାବେ ଭବାନୀପାଟଣା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼ଃ ବାବାଜୀ ଚରଣ ପଟ୍ଟନାୟକ ଯୋଗଦେଇ ସେବା ହିଁ ମାନବ ଜୀବନର ପରମ ଧର୍ମ ଓ ଫାର୍ମସିଷ୍ଟ ମାନେ ଆଜିର ଦୁନିଆରେ



ଅଶ୍ୱିନୀ କୁମାର ବୋଲି ଅଭିଭାଷଣରେ କରିଥିଲେ । ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଡ଼ଃ ପ୍ରମୋଦ କୁମାର ମହାପାତ୍ର ତାଙ୍କ ବକ୍ତବ୍ୟରେ ଫାର୍ମାସିଷ୍ଟମାନଙ୍କୁ ତୃତୀୟ ଈଶ୍ୱର ଭାବେ ଅଭିହିତ କରିଥିଲେ । କଲେଜର ଭିତ୍ତିଭୂମିର ସାମଗ୍ରୀକ ବିକାଶ ଦେଖି କଲେଜ ପରିଚାଳନା କମିଟି ଓ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ । ପରିଚାଳନା କମିଟିର ଉପସଭାପତି ପ୍ରଫେସର ଦେବୀ ପ୍ରସାଦ ଦାଶ, ସଂପାଦକ ରବୀନ୍ଦ୍ରନାଥ କର, ବରିଷ୍ଠ ସଭ୍ୟ ପୃଥୀବଲ୍ଲଭ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତ୍ୟ ରଖିଥିଲେ । ଅଧକ୍ଷ ଡ଼ଃ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ବାର୍ଷିକ ବିବରଣୀ ପାଠ କରିଥିଲେ । ଶ୍ରୀମତୀ ବିପାଶା ବେହେରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଫେସର ବିଶ୍ୱରଂଜନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । କଲେଜ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କ୍ରୀଡ଼ା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ବରିଷ୍ଠ ଅଧାପକ ଡ଼ଃ ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ କଲେଜର ଅଧାପକ, ଅଧାପିକା ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ ।

## ସରକାରୀ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ବଢୁଛି ଅସନ୍ତୋଷ

ନିମାପଡା, (ଭାସ୍କର ନ୍ୟୁଜ୍): ନିମାପଡା ସରକାରୀ କର୍ମଚାରୀଙ୍କ କାର୍ଯ୍ୟକୁ ନେଇ ବେଳକୁ ବେଳ ଅସନ୍ତୋଷ ବଢିଚାଲିଥିବା ବେଳେ ଉଚ୍ଚ ଅଧିକାରୀ କୌଣସି ପଦକ୍ଷେପ ନେବାକୁ ପଛାଇବା ପଛରେ କାହାର ଅଦୃଶ୍ୟ ହାତ ରହିଛି, ତାହା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କେତେକ ଅଧିକାରୀ ସରକାରୀ ଗାଡିରେ ଭୁବନେଶ୍ୱର ନିଜ ବାସଭବନକୁ ଯିବା ସରକାର ପେଟ୍ରୋଲ ଦେଉଥିବା ଓ କେତେକ ହ୍ୟାଙ୍ଗିଙ୍ଗ କେସରେ ପୋଲିସ ଅଧିକାରୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପଦାରେ ପଡି ହାଟରେ ଗଡୁଛି । କୌଣସି କର୍ମଚାରୀ ଏଠାରେ ନରହିବା ଦ୍ୱାରା ଜନସାଧାରଣ ବହୁ ଅସୁବିଦାର ସମ୍ମୁଖୀନ ହେଉଛନ୍ତି । ରାତ୍ର ୧୦ଟାରୁ ସକାଳ ୯ଟା ପର୍ଯ୍ୟନ୍ତ କୁଶଭଦଦ୍ରା ନଦୀରୁ ବାଲିମାଟି ବିକ୍ରି ହେଉଥିଲେ ମଧ ଅଧିକାରୀ ଜାଣିଶୁଣି ଏହି ସମୟରେ ଲଘୁଖଣିଜଦ୍ରବ୍ୟ ଚାଲାଣ ପାଇଁ ପ୍ରୋତ୍ସାହନ ଦେଉଥିବା ଆଲୋଚନା ଜୋର ଧରିଛି । ମିଳିଥିବା ସୂଚନା ଅନୁଯାୟୀ ପୁରୀ ଜିଲ୍ଲାର ନିମାପଡା ଏକ ପ୍ରମୁଖ ସ୍ଥାନ ହୋଇଥିବା ବେଳେ ସମସ୍ତ ବିଭାଗର ସରକାରୀ କାର୍ଯ୍ୟାଳୟ ଏଠାରେ ରହିଛି । ମାତ୍ର କୌଣସି ଅଧିକାରୀ ନିମାପଡା ସରକାରୀ କ୍ୱାର୍ଟରରେ ନରହି ଭୁବନେଶ୍ୱରରେ ରହୁଥିବା ଜଣାପଡିଛି । ସରକାରୀ କ୍ୱାର୍ଟର ପାଲଟିଛି ଭୁତକୋଠୀ । ଅଧିକାରୀ ନରହିବା ଦ୍ୱାରା ସରକାରୀ କ୍ୱାର୍ଟରରେ ମଦ ଗଞ୍ଜେଇର ଆସର ଓ ବେପାର ଚାଲିଥିବା ଲୋକମାନେ ଅଭିଯୋଗ କରିଛନ୍ତି । ମାତ୍ର ଏହି ଅଭିଯୋଗକୁ ଶୁଣୁଛି ବା କିଏ ? ନିମାପଡାରେ ସଂପୂର୍ଣ୍ଣ ଭାବେ ଦୁର୍ନୀତିବଢିଚାଲିଛି । କୌଣସି ସରକାରୀ କାର୍ଯ୍ୟାଳୟରେ ଲୋକମାନେ ସହଜରେ କାର୍ଯ୍ୟ ପାଉନଥିବା ଅଭିଯୋଗ କରିଛନ୍ତି । ବେଳକୁ ବେଳ ଅଣକର୍ମଚାରୀଙ୍କ ଦବଙ୍ଗ ଗିରି ଚାଲିଛି । ଅଧିକାରୀ କେତେକ ଖୋସାମତିଆଙ୍କ କଥାରେ ପରିଚାଳିତ ହେଉଥିବା ଘଟଣାରେ ସରକାଙ୍କ ସ୍ୱଚ୍ଛତା ପ୍ରତି ଅସନ୍ତୋଷ ବଢିଚାଲିଛି । କଣ ପାଇଁ କର୍ମଚାରୀ ନିଜ କ୍ୱାର୍ଟରରେ ନରହି ସରକାରୀ ଅର୍ଥ ଓ ଗାଡିରେ ନିଜ ବାସଭବନକୁ ଯାତାୟତ କରୁଛନ୍ତି । ଅନେକ ସମୟରେ ଭୁବନେଶ୍ୱରରୁ ଆସିଥିବା ରିପୋର୍ଟ ଅନୁଯାୟୀ ଅଧିକାରୀଙ୍କ ଘରେ ନିମାପଡା ସରକାରୀ ଗାଡି ରହୁଥିବା ଜଣାପଡିଛି । ଏହି ଘଟଣା ପ୍ରତି ଉଚ୍ଚ ଅଧିକାରୀ ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି ।

## ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

ଗୋପ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଗୋପ ବ୍ଲକ ଅର୍ନ୍ତଗତ ପଲ୍ଲିଛକ ନିକଟରେ ଥିବା ସତ୍ୟନାରାୟଣ ବିଦ୍ୟାପୀଠ ବାଲିଆର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଗୋପ ବ୍ଲକ ପ୍ରାକ୍ତନ ଅଧକ୍ଷ ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ସଂଖ୍ୟାରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ପରିଚାଳନା କମିଟିର ସଭାପତି ମୀନକେତନ ଯୋଗଦେଇ ସେମାନଙ୍କ ମତାମତ ଦେବା ସହିତ ସୁବର୍ଣ୍ଣ ଜୟନ୍ତୀ କିପରି ସରସ ସୁନ୍ଦର ଓ ଆର୍କଷଣୀୟ ହୋଇପାରିବ ସେଥିପାଇଁ ସମସ୍ତେ ସହଯୋଗ ଓ ଉଦ୍ୟମ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର କଲ୍ୟାଣ କୁମାର ଜେନା, ବିନୟ କୁମାର ପାତ୍ର, ଅଭୟ ସ୍ୱାଇଁ, ବିକ୍ରମ କୁମାର ନାୟକ, ଶରତ ଚନ୍ଦ୍ର ପରିଡା, ଧନେଶ୍ୱର ବେହେରା, ପ୍ରତାପ ରାଉତ, ଶରତ ଚନ୍ଦ୍ର ଜେନା ପ୍ରମୁଖ ଛାତ୍ରମାନଙ୍କୁ ନେଇ ଏକ ୨୧ ଜଣିଆ କମିଟି ଗଠନ କରାଯାଇଥିବା ବେଳେ ଆସନ୍ତା ୨୮ ତାରିଖ ପୂର୍ବାହ୍ନ ୧୧ଟାରେଏକ ସାଧାରଣ ବୈଠକ ଅନୁଷ୍ଠିତ ହେବାସହ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ ବୋଲି ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା । ଏହି ସୁବର୍ଣ୍ଣ ଜୟନ୍ତୀରେ ବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଏହାକୁ ସରସ ସୁନ୍ଦର କରିବା ପାଇଁ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି ।

# ଜାତୀୟ ଓ ଅନ୍ତର୍ଜାତୀୟ



ନୂଆଦିଲ୍ଲୀ: ଇଣ୍ଡୋନେସିଆର ଏକ ଫାର୍ମରୁ ସିଙ୍ଗାପୁରକୁ ପଠାଯାଇଥିବା ଘୁଷୁରୀ ଆଫ୍ରିକାନ୍ ସ୍ୱାଇନ୍ ଫିଭର (ଏଏସ୍‌ଏଫ୍) ଦ୍ୱାରା ସଂକ୍ରମିତ ଥିବା ନେଇ ଇଣ୍ଡୋନେସିଆନ୍ ଅଥରିଟି ସୂଚନା ଦେଇଛନ୍ତି। ରିୟୁ ଆଇଲାଣ୍ଡର ପୁଲାଵ ବଲାନରେ ଥିବା ଫାର୍ମରୁ ଘୁଷୁରୀଙ୍କ ସାମ୍ପୁଲ ନିଆଯାଇଥିଲା। ଏହି ଫାର୍ମ ପ୍ରାୟ ୧୫ ପ୍ରତିଶତ ଘୁଷୁରୀ ମାଂସ ଯୋଗାଇଥାଏ। ରିୟୁ ଆଇଲାଣ୍ଡର ପଶୁ ଡାକ୍ତର ହୋନିସମାନ୍ଦ୍ରିଙ୍କ କହିବା ଅନୁଯାୟୀ ଭାଇରସର ନୂଆ ଷ୍ଟ୍ରେନ ଅଧିକ ଘୁଷୁରୀଙ୍କୁ ସଂକ୍ରମିତ କରିପାରେ। କାରଣ ଏହାର ଲକ୍ଷଣ ନର୍ଥ ସୁମାତ୍ରା ଏବଂ ଇଣ୍ଡୋନେସିଆରୁ ମିଳିଥିବା ଅନ୍ୟ ସଂକ୍ରମଣ ଠାରୁ ଭିନ୍ନ। ତେବେ ସେମାନଙ୍କ ଠାରେ ଡାଇରିଆ କିମ୍ବା ଅନ୍ୟ କୌଣସି ଲକ୍ଷଣ ଦେଖାଯାଇନାହିଁ। ଏହି ଘୁଷୁରୀ ଅନ୍ୟ ଆଇଲାଣ୍ଡର ଘୁଷୁରୀ କିମ୍ବା ଗାଈଙ୍କ ଠାରୁ ସଂକ୍ରମିତ ହୋଇପାରିଥାନ୍ତି ବୋଲି କହିଛନ୍ତି ହୋନିସମାନ୍ଦ୍ରି। ହୋନିସମାନ୍ଦ୍ରି ଆହୁରି କହିଛନ୍ତି ଫାର୍ମକୁ ବନ୍ଦ କରାଯାଇଛି। ଏସ୍‌ଏଫଏ ମାଂସ ଦୋକାନ ଏବଂ ଫାର୍ମକୁ ସାନିଟାଇଜ୍ କରୁଛି।

## ହଠାତ୍ ସର୍ଭିସ ବନ୍ଦ କଲା 'ଗୋ-ଫାଷ୍ଟ': ଫସି ରହିଛନ୍ତି କ୍ୟାବିନ୍ ସଦସ୍ୟ ଏବଂ ପାଇଲଟ୍




ନୂଆଦିଲ୍ଲୀ: ଭଲ୍ୟୁଣ୍ଟାରି ଇନସୋଲଭେନ୍ସି ପ୍ରୋସିଡିଙ୍ଗ ପାଇଁ ଆବେଦନ କରିଥିବା ଏୟାରଲାଇନ୍ ଗୋ ପାଷ୍ଟର ଅନେକ କର୍ମଚାରୀ ଭାରତର ବିଭିନ୍ନ ସ୍ଥାନ ସହ ବିଦେଶରେ ମଧ୍ୟ ଫସି ରହିଛନ୍ତି । ଏପରିକି ଦିଲ୍ଲୀ, ଲକ୍ଷ୍ନୌ, ମୁମ୍ବାଇ, ଚେନ୍ନାଇ, ଜୟପୁର ସମେତ ଅନେକ ବିମାନବନ୍ଦରରେ ଯାତ୍ରୀ ଅପେକ୍ଷା କରିଛନ୍ତି । ଗୋ ପାଷ୍ଟ ନିଜକୁ ଦେବାଳିଆ ଘୋଷଣା କରି ମଇ ୫ ଯାଏ ସମସ୍ତ ଉଡାଣ ସେବାକୁ ରଦ୍ଦ କରିଦେଇଛି । ଯାହା ଫଳରେ ଏହାର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି । ବିଜନେସ ଟୁଡେର ରିପୋର୍ଟ ଅନୁସାରେ ମଇ ୩ରୁ ୫ ମଧ୍ୟରେ ଯେଉଁ ସବୁ ସ୍ଥାନକୁ ଉଡାଣ ଭରିବାର ଥିଲା, ସେଠାରେ କ୍ୟାବିନ୍ ସଦସ୍ୟ ଏବଂ ପାଇଲଟ୍ ଫସି ରହିଛନ୍ତି। ସୂତ୍ର ଅନୁସାରେ ଗୋ ପାଷ୍ଟର ଉଡାଣ ଆବୁ ଧାବିରୁ ବୁଧବାରରୁ ଶୁକ୍ରବାର ଯାଏ ନିର୍ଦ୍ଧାରିତ ଥିଲା । ବ୍ୟାଙ୍କକ୍, ମସ୍କଟ ଏବଂ ଫୁକେତରୁ ମଧ୍ୟ ଉଡାଣ ନିର୍ଦ୍ଧାରିତ ଥିଲା । ଏହି ସମସ୍ତ ମାର୍ଗର ଉଡାଣ ରଦ୍ଦ କରାଯାଇଛି, ଫଳରେ ଏଠାରେ କର୍ମଚାରୀମାନେ ଫସି ରହିଛନ୍ତି । ସୂତ୍ର ଅନୁସାରେ ଏହି ସ୍ଥିତି ବିଦେଶରେ ଫସି ରହିଥିବା କର୍ମଚାରୀଙ୍କ ପାଇଁ ବେଶ ଆହ୍ୱାନପୂର୍ଣ୍ଣ ଅଟେ । ଏହି ଘଟଣାକୁ ଡିଜିସିଏ ଗୁରୁତର ସହ ନେଇ ତୁରନ୍ତ ଏନେଇ ଜବାବ ରଖିବାକୁ ସଂସ୍ଥାକୁ ନୋଟିସ୍ କରିଛି। ଆର୍ଥିକ ସମସ୍ୟାକୁ ନେଇ ଦୀର୍ଘ ଦିନରୁ ଫସି ରହିଥିବା ଗୋଫାଷ୍ଟା ଗତକାଲି ଦେବାଳିଆ ଘୋଷିତ ହୋଇଥିଲା। ଏହାପୂର୍ବରୁ ୨୦୧୯ରେ ଜେଟ ଏୟାରୱେଜ୍ ବି ସମାନ ଢଙ୍ଗରେ ଦେବାଳିଆ ଘୋଷିତ ହୋଇଥିଲା। ସୂଚନା ଅନୁସାରେ କର୍ମଚାରୀଙ୍କ ଦିନେ ଦୁଇ ଦିନ ରହିବାରେ ଅସୁବିଧା ହେବ ନାହିଁ, କିନ୍ତୁ ଯଦି ସେ ଘରକୁ ଫେରିବା ପାଇଁ ଅନ୍ୟ ଉଡାଣ ନ ଭରନ୍ତି ତେବେ ବଡ଼ ଅସୁବିଧାରେ ପଡ଼ିବେ । ଏହି କର୍ମଚାରୀମାନେ ବିମାନ ବନ୍ଦର ବାହାରୁ ଯାଇପାରିବେ ନାହିଁ । ଉଲ୍ଲେଖଯୋଗ୍ୟ ଯେ ରାଷ୍ଟ୍ରୀୟ କମ୍ପାନି ବିଧି ନ୍ୟାୟଧିକରଣ (ଏନ୍‌ସିଏଲଟି) ନଗଦ ସଂକଟରେ ଫସିଥିବା ଏୟାରଲାଇନ ଗୋ ଫାଷ୍ଟର ଦେବାଳିଆ ଆବେଦନ ଉପରେ ଗୁରୁବାର ଶୁଣାଣି କରିବ । ୱାଡିଆ ଗ୍ରୁପ ମାଲିକାନାରେ ଥିବା ଏୟାରଲାଇନ୍ସ ଦ୍ୱିତୀୟ ପ୍ରମୁଖ ବିମାନ କମ୍ପାନି ଅଟେ । ସେପଟେ ଗୋ-ଫାଷ୍ଟ ନିଜର ସମସ୍ତ ଯାତ୍ରୀଙ୍କ ଟିକେଟ୍ ଟଙ୍କା ଖୁବ୍ ଶୀଘ୍ର ଫେରସ୍ତ କରିବ ବୋଲି ସୂଚନା ଜାରି କରିଛି।

## ଫାଷ୍ଟ୍ୟାଗ୍‌ରୁ ଗୋଟିଏ ଦିନରେ ୧୯୩ କୋଟିର ଟୋଲ୍ ସଂଗ୍ରହ

ନୂଆଦିଲ୍ଲୀ : ଫାଷ୍ଟ୍ୟାଗ୍ ଆସିବା ପରଠାରୁ ଲୋକଙ୍କୁ ଟୋଲ୍ ପ୍ଲାଜାରେ ଅଧିକ ସମୟ ଧରି ଅଟକିବାକୁ ପଡୁନାହିଁ। ଏହି ଡିଜିଟାଲ ପ୍ରକ୍ରିୟା ଦ୍ୱାରା ଟୋଲ୍ ଗେଟ୍‌ରେ କିଛି ସମୟ ମଧ୍ୟରେ ଟୋଲ୍ ଟ୍ୟାକ୍ସ ପୈଠ ହେଇଯାଉଛି। ଯାହା ଫଳରେ ଅନେକ ସମୟ ମଧ୍ୟ ବଞ୍ଚୁଛି। ତେବେ ଫାଷ୍ଟ୍ୟାଗ୍ ଲାଗୁ ହେବା ପରଠାରୁ ଏହା ଟୋଲ୍ ସଂଗ୍ରହର ନୂଆ ରେକର୍ଡ କରୁଛି। ଏନ୍‌ଏଚ୍‌ଆଇ ତରଫରୁ ଜାରି କରାଯାଇଥିବା ତଥ୍ୟ ଅନୁଯାୟୀ ଫାଷ୍ଟ୍ୟାଗ୍‌ରୁ ୨୯ ଏପ୍ରିଲ୍‌ରେ ରେକର୍ଡ ସଂଖ୍ୟକ ୧୯୩.୧୫ କୋଟି ଟଙ୍କାର ଟୋଲ୍ ସଂଗ୍ରହ ହୋଇଛି। କେବଳ ଗୋଟିଏ ଦିନରେ ୧.୧୬ କୋଟି ଟ୍ରାଞ୍ଜାକ୍ସନ ହୋଇଛି। ଏନ୍‌ଏଚ୍‌ଆଇ ଏହାର ଏକ ବିବୃତ୍ତିରେ କହିଛି ଯେ, ସରକାର ଫେବ୍ରୁଆରୀରେ ୨୦୨୧ରେ ଫାଷ୍ଟ୍ୟାଗ୍‌କୁ ବାଧ୍ୟତାମୂଳକ କରିଥିଲେ। ଏହା ପରେ ଫାଷ୍ଟ୍ୟାଗ୍ ଦ୍ୱାରା ଟୋଲ୍ ପ୍ଲାଜା ୭୭୦ରୁ ବଢ଼ି ୧,୨୨୮ରେ ପହଞ୍ଚିଛି। ଏଥିରେ ୩୩୯ ରାଜ୍ୟର ଟୋଲ୍ ପ୍ଲାଜା ସାମିଲ୍ ରହିଛି।

## ସ୍କୁଲ୍‌ରେ ଗୁଳି ଚଳାଇଲା ଛାତ୍ର
# ସୁରକ୍ଷାକର୍ମୀଙ୍କ ସମେତ ୯ ମୃତ



ନୂଆଦିଲ୍ଲୀ: ସ୍କୁଲ ମଧ୍ୟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ୧୪ବର୍ଷୀୟ ସପ୍ତମ ଶ୍ରେଣୀ ଛାତ୍ର ସ୍କୁଲରେ ଗୁଳି ଚାଳନା କରିଛନ୍ତି। ଫଳରେ ସ୍କୁଲ ସୁରକ୍ଷାକର୍ମୀଙ୍କ ସହ ୯ ଜଣଙ୍କ ମୃତ୍ୟୁ ହୋଇଛି। ଏକାଧିକ ଆହତ ମଧ୍ୟ ହୋଇଛନ୍ତି। ଏଭଳି ଘଟଣା ସର୍ବିୟା ସେଣ୍ଟ୍ରାଲ ବ୍ରିଗେଡ୍‌ର ଏକ ସ୍କୁଲରେ ଘଟିଯାଇଛି। ସର୍ବିଆନ୍ ପୋଲିସ୍‌ର ସୂଚନା ଅନୁଯାୟୀ, ବୁଧବାର ଭ୍ଲାଦିସ୍ଲାଭ ରିବନିକାର ପ୍ରାଥମିକ ସ୍କୁଲରେ ଏହି ଗୁଳିକାଣ୍ଡ ହୋଇଛି। ଗୁଳିକାଣ୍ଡ ନେଇ ପୋଲିସ୍‌କୁ ବୁଧବାର ସକାଳେ ଖବର ମିଳିଥିଲା। ଏହାପରେ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଛାତ୍ରକୁ ଗିରଫ କରିଛି। ଛାତ୍ର ଜଣକ ସପ୍ତମ ଶ୍ରେଣୀର। ପୋଲିସ୍ କହିଛି ଛାତ୍ର ଜଣକ ସ୍କୁଲର ଅନେକ ଛାତ୍ର ଏବଂ ସ୍କୁଲ୍ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳିମାଡ଼ କରିଥିଲା। ତେବେ ସେ ନିଜ ବାପାଙ୍କ ବନ୍ଧୁକ ସ୍କୁଲକୁ ନେଇ ଆସିଥିଲା। ସର୍ବିଆନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ ଏଥିରେ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ହୋଇଛି। ଘଟଣା ପରେ ସ୍କୁଲରେ ଅଭିଭାବକଙ୍କ ଗହଳି ଜମିଛି। ଏହି ଗୁଳିକାଣ୍ଡ ପରେ ସ୍କୁଲକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦିଆଯାଇଛି। ପୋଲିସ୍ ସ୍କୁଲର ବ୍ଲକ୍‌କୁ ସିଲ୍ କରି ତଦନ୍ତ ଚଳାଇଛି। ସୂଚନାଥାଉକି, ସର୍ବିଆର ପ୍ରାଇମେରୀ ସ୍କୁଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥାଏ।

## ଅରୁଣାଚଳ ନିକଟରେ ଶକ୍ତିଶାଳୀ ରାଡାର ଲଗାଇଲା ଚୀନ୍




ନୂଆଦିଲ୍ଲୀ : ଯେତେ ଯାହା କଲେ ବି ଚୀନ୍ ସୁଧୁରୁନି। ପ୍ରକୃତ ନିୟନ୍ତ୍ରଣ ରେଖା ବା ଏଲ୍‌ଏସିରେ ଚୀନ ଲଗାତାର ନିଜର ସାମରିକ ଭିତ୍ତିଭୂମି ବଢ଼ାଇବାରେ ଲାଗିଛି । ଗତ ଡିସେମ୍ବରରେ ତୱାଙ୍ଗରେ ପ୍ରବେଶ କରିବାକୁ ବିଫଳ ଉଦ୍ୟମ ପରେ ଚୀନ୍ ପୁଣି ଥରେ ନିଜର ପ୍ରକୃତ ରୂପ ଦେଖାଇଛି । ଚୀନ ସେନା ପକ୍ଷରୁ ଅରୁଣାଚଳ ପ୍ରଦେଶ ସମ୍ମୁଖ ଏଲ୍‌ଏସି ନିକଟରେ ଏକ ନୂତନ ହାଇ-ଫ୍ରିକ୍ୱେନ୍ସି ରାଡାର ସିଷ୍ଟମ ସ୍ଥାପନ କରିଛି। ଏହି ନୂଆ ହାଇ ଫ୍ରିକ୍ୱେନ୍ସି ରାଡାରକୁ ଚୀନ ଭାରତୀୟ ସୀମା ଭିତରେ ଭାରତୀୟ ସେନାର ପ୍ରସ୍ତୁତି ଓ ଗତିବିଧି ଉପରେ ନଜର ରଖିବା ପାଇଁ ବ୍ୟବହାର କରିପାରିବ । ସାଟେଲାଇଟ ଫଟୋରୁ ଏହି ରାଡାର ସିଷ୍ଟମ ସ୍ପଷ୍ଟଭାବେ ଦେଖାଯାଉଛି । ଏହା ଏଲଏସିର ବହୁତ ନିକଟରେ ଲଗାଯାଇଛି । ନିକଟରେ ଡୋକଲାମକୁ ଦଖଲ କରିବା ଉଦ୍ଦେଶ୍ୟରେ ଭୁଟାନ ଭିତରେ ଥିବା ଭାରତୀୟ ସୀମା ନିକଟରେ ଚୀନ ୧୦ ସାମରିକ ବ୍ୟାରେକ୍ ନିର୍ମାଣ କରିଛି । ଭାରତ ବାରମ୍ବାର ଚୀନ୍ ସହ ଆଲୋଚନା ମାଧ୍ୟମରେ ଏଲଏସି ବିବାଦର ସମାଧାନ କରିବାକୁ ଚାହୁଁଛି, କିନ୍ତୁ ଚୀନ୍ ପ୍ରତିଥର ଧୋକା ଦେଉଛି। ଗୋଟିଏ ପଟେ ପ୍ରକୃତ ନିୟନ୍ତ୍ରଣ ରେଖା ନିକଟରେ ଚୀନ୍ ନିଜର ସେନା ଅଭ୍ୟାସ ବଢ଼ାଉଥିବା ବେଳେ ଅନ୍ୟପଟେ ବାୟୁ ସମରାଭ୍ୟାସ ମଧ୍ୟ ବଢ଼ାଉଛି।

## ଭାରତୀୟ ଗୋଧନ ଏବଂ କୋଟବାର ପୁସ୍ତକ ଉନ୍ମୋଚିତ



ରାୟପୁର, : ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ବୁଧବାର ରାଜଧାନୀ ରାୟପୁରର ସାଇନ୍ସ କଲେଜ ମୈଦାନରେ ପଟେଶ କୋଟବାର ଏବଂ ହୋମଗାର୍ଡଙ୍କ ସମ୍ମିଳନୀରେ ଯୋଗଦେଇ ପଦାଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ଷେତ୍ର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଣ୍ଡିତ ଝାବରମଲ ଶର୍ମାଙ୍କ ଦ୍ୱାରା ଲିଖିତ ଭାରତୀୟ ଗୋଧନ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ପୁସ୍ତକଟି ଗୋଟିଏ ବର୍ଷ ପୂର୍ବରୁ ରଚନା କରାଯାଇଥିଲା। ଏହା ପୁନଃ ପ୍ରକାଶନ କରାଯାଇଛି। ଏଥିସହ ଭାଗବତ ଜୟସ୍ୱାଲଙ୍କ ଦ୍ୱାରା ରଚିତ ପୁସ୍ତକ କୋଟବାର ମଧ୍ୟ ଉନ୍ମୋଚିତ ହୋଇଥିଲା।

## ଦିଲ୍ଲୀ ମଦ ଦୁର୍ନୀତି ମାମଲା
## ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସିସୋଦିଆ



ନୂଆଦିଲ୍ଲୀ : ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଦିଆ ଜାମିନ ପାଇଁ ବୁଧବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସିସୋଡିଆଙ୍କ ଜାମିନ ଆବେଦନକୁ ୨୮ ଏପ୍ରିଲରେ ଟ୍ରାଏଲ କୋର୍ଟ ଖାରଜ କରିଦେଇଥିଲେ। ଦିଲ୍ଲୀ ମଦ ନୀତି ମାମଲା ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଯାଞ୍ଚ କରୁଛି। ଏହି ମାମଲାରେ ମନୀଷ ସିସୋଦିଆ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଭଳି ପରିସ୍ଥିତିରେ ତାଙ୍କୁ ଜାମିନ ଦିଆଯିବା ଉଚିତ ନୁହେଁ ବୋଲି ଇଡି କୋର୍ଟରେ କହିଛି।

# ବାଣିଜ୍ୟ



ନୂଆଦିଲ୍ଲୀ: ଦେଶରେ ଏପ୍ରିଲ ମାସରେ ଦୁଇ ଚକିଆ ବିଦ୍ୟୁତ ଯାନର ବିକ୍ରି କମିଛି। ମାର୍ଚ୍ଚ ମାସରେ ୮୩,୨୯୨ଟି ଦୁଇ ଚକିଆ ବିଦ୍ୟୁତ ଯାନ ବିକ୍ରି ହୋଇଥିବାବେଳେ ଏପ୍ରିଲରେ ଏଥିରେ ପାଖାପାଖି ଏକ ଚତୁର୍ଥାଂଶ ହ୍ରାସ ହୋଇ ୬୨,୫୮୧ ରହିଛି ବୋଲି ବାହାନ ତଥ୍ୟରୁ ଜଣାଯାଇଛି। ଓକିନାୱା, ହିରୋ ଇଲେକ୍ଟ୍ରିକ, ଏଥର ଏନର୍ଜି ଏବଂ ଟିଭିଏସର ଗାଡ଼ି ପଞ୍ଜୀକରଣ ଏପ୍ରିଲରେ କମିଛି। କେବଳ ଓଲାର ପଞ୍ଜୀକରଣ ସଂଖ୍ୟା ବଢ଼ିଛି। ଓଲା ସବୁଠୁ ଅଧିକ ଗାଡ଼ି ବିକ୍ରି ପ୍ରଥମ ସ୍ଥାନରେ ଥିବାବେଳେ ବଜାଜ ଅଟୋ ଏବଂ ଚେତକ ଟେକ୍ନୋଲୋଜି ମିଳିତଭାବେ ପଞ୍ଚମ ସ୍ଥାନରେ ରହିଛନ୍ତି। ଆମ୍ପିୟରକୁ ତୃତୀୟ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଖସିଯାଇଛି। ଦ୍ୱିତୀୟ ସ୍ଥାନରେ ଟିଭିଏସ୍ ରହିଛି। ୫୦ ପ୍ରତିଶତ ସ୍ଥାନୀୟ ସାମଗ୍ରୀ ବ୍ୟବହାର କରି ନଥିବାରୁ ହିରୋ ଇଲେକ୍ଟ୍ରିକ ଏବଂ ଓକିନାୱା ବିରୋଧରେ ଭାରୀ ଶିଳ୍ପ ମନ୍ତ୍ରାଳୟ କାର୍ଯ୍ୟାନୁଷ୍ଠାନ ନେଇଛି।

## ବରଗଡ଼ 'ଅରୁନ୍ଧତୀ ଜୁଏଲର୍ସର ଚତୁର୍ଥ ବାର୍ଷିକ ଉତ୍ସବ




ବରଗଡ଼, (ଭାସ୍କର ନ୍ୟୁଜ୍) : ଓଡିଶାର ସର୍ବ ବୃହତ୍ତ ଜୁଏଲାରୀ ବ୍ରାଣ୍ଡ୍ ଅରୁନ୍ଧତୀ ଜୁଏଲର୍ସ ତରଫରୁ ବରଗଡ଼ ଠାରେ ମଇ ମାସ ୩ତାରିଖରେ ସୋରୁମ୍‌ରେ ଚତୁର୍ଥ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି ଯେ, ଏହି ସଫଳ ଯାତ୍ରାରେ ସମସ୍ତ ଗ୍ରାହକବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଅରୁନ୍ଧତୀ ଉପରେ ଥିବା ଅତୁଟ ବିଶ୍ୱାସ ଆଜି ଅରୁନ୍ଧତୀକୁ ରାଜ୍ୟର ସର୍ବବୃହତ୍ତ ଓ ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ୍ ଭାବରେ ପ୍ରତିଷ୍ଠିତ କରିପାରିଛି। ଏହି ଚତୁର୍ଥ ବାର୍ଷିକ ଉତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ସର୍ବୋତ୍ତମ ଡିଜାଇନ୍‌ର ସଂପୂର୍ଣ୍ଣ ଏଚ୍‌ୟୁଆଇଡି ହଲମାର୍କ ଶୁଦ୍ଧତାଯୁକ୍ତ ସୁନାଗହଣା, ହୀରାଗହଣା ଓ ରୁପା ଗହଣା ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରାଯିବା ସହ ସୁନା ଗହଣାର ଗଢାମଜୁରୀ ଉପ;ର ଫ୍ଲାଟ୍ ୨୦% ରିହାତି (୨% ଏକ୍ସଟ୍ରା ରିହାତି କର୍ପୋରେଟ ଓ ସରକାରୀ କର୍ମଚାରୀଙ୍କ ପାଇଁ) ଓ ପୁରୁଣା ଗହଣା ଉପେର ୫୦୦ ଟଙ୍କା ଏକ୍ସଟ୍ରା ଏକ୍ସଚେଞ୍ଜ ବୋନୋସ ତଥା ପ୍ରତ୍ୟେକ କ୍ରୟ ଉପରେ ମାଗଣା ଆକର୍ଷଣୀୟ ଉପହାର ପାଇପାରିବା ସହିତ '୫ ଷ୍ଟାର ପ୍ରୋମାଇଜ୍' ମାଧ୍ୟମରେ ମାଗଣା ଅଳଙ୍କାର ବୀମା ଓ ଆଜୀବନ ଗହଣାର ମାରାମତିର ସୁବିଧା ଗ୍ରାହାକମାନଙ୍କ ପାଇଁ ରଖାଯାଇଅଛି।

# ୧୦୮ ଫୁଟ ଜାତୀୟ ପତାକା ଉତ୍ତୋଳନ କଲେ ନବୀନ ଜିନ୍ଦଲ



ପୁଣେ / ନୂଆଦିଲ୍ଲୀ : ଗର୍ବ ଏବଂ ସମ୍ମାନ ସହିତ ଭାରତୀୟ ଜାତୀୟ ପତାକା ପ୍ରଦର୍ଶନକୁ ପ୍ରୋତ୍ସାହିତ କରିବା ଏବଂ ଏହାର ମହତ୍ତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ନିଜର ପ୍ରଚେଷ୍ଟା ଜାରି ରଖି ଫ୍ଲାଗ ଫାଉଣ୍ଡେସନ ଅଫ୍ ଇଣ୍ଡିଆ (ଏଫଏଫଓଆଇ) ପୁନେ ସ୍ଥିତ ସଶସ୍ତ୍ର ବାହିନୀ ମେଡିକାଲ କଲେଜ (ଏଏଫଏମ୍‌ସି) ପରିସରରେ ୧୦୮ ଫୁଟ ଉଚ୍ଚ ସ୍ମାରକୀ ଜାତୀୟ ପତାକା ସ୍ତମ୍ଭ ସ୍ଥାପନ କରାଯାଇଛି । ଏଏଫଏମସିର ପ୍ଲାଟିନମ୍ ଜୟନ୍ତୀ ପାଳନ ଅବସରରେ ଫାଉଣ୍ଡେସନର ଚେୟାରମ୍ୟାନ୍ ନବୀନ ଜିନ୍ଦଲ ଏହି ସ୍ମାରକୀ ଜାତୀୟ ପତାକା ସ୍ତମ୍ଭରେ ତିରଙ୍ଗା ଉତ୍ତୋଳନ କରି ଏହାକୁ ଦେଶ ପାଇଁ ଉତ୍ସର୍ଗ କରିଛନ୍ତି। ମଇ ୧, ୧୯୪୮ ରେ ପ୍ରତିଷ୍ଠିତ ଏଏଫଏମସି ହେଉଛି ଏକ ପ୍ରସିଦ୍ଧ ମେଡିକାଲ୍ ପ୍ରତିଷ୍ଠାନ ଯାହାକି ମେଡିକାଲ୍ ଏବଂ ନର୍ସିଂ ଛାତ୍ରମାନଙ୍କୁ ବିଶ୍ୱ ସ୍ତରୀୟ ଶିକ୍ଷା ଏବଂ ତାଲିମ ପ୍ରଦାନ କରିଥାଏ । ଉଭୟ ଶାନ୍ତି ଏବଂ ଯୁଦ୍ଧ ସମୟ ପାଇଁ ସର୍ବୋତ୍ତମ ଡାକ୍ତର ଏବଂ ନର୍ସିଂ କର୍ମଚାରୀ ସୃଷ୍ଟି କରିବା ନିମନ୍ତେ ଏହି ଅନୁଷ୍ଠାନ ଜଣାଶୁଣା । ଆଜି ଏଠାରେ ଥିବା ବିଶାଳ ସ୍ମାରକୀ ଜାତୀୟ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଏଏଫଏମ୍‌ସି ଡିଜି ଲେଫ୍ଟନାଣ୍ଟ ଜେନେରାଲ ଦଲଜିତ୍ ସିଂ, ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଡିପି ଭାଟ୍, ରାଜ୍ୟସଭା ସାଂସଦ ଲେଫ୍ଟନାଣ୍ଟ ଜେନେରାଲ ନରେନ୍ଦ୍ର କୋଟୱାଲଙ୍କ ସମେତ ବହୁ ବରିଷ୍ଠ ସେନା ଅଧିକାରୀ ଯୋଗ ଦେଇଥିଲେ । ଶ୍ରୀ ଜିନ୍ଦଲ ତାଙ୍କ ଅଭିଭାଷଣରେ ଏଏଫଏମସିର ପ୍ଲାଟିନମ୍ ଜୟନ୍ତୀ ଉତ୍ସବରେ ଅଂଶଗ୍ରହଣ କରିଥିବାରୁ କୃତଜ୍ଞତା ଜଣାଇବା ସହ ଦେଶର ସେବାରେ ଏଏଫଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, "ଜାତୀୟ ପତାକା ଦେଶର ନାଗରିକଙ୍କ ମଧ୍ୟରେ ଏକତା ଏବଂ ସମାନତାର ପ୍ରତୀକ। ଏହାର ମହତ୍ତ୍ୱକୁ ପ୍ରସାର କରିବା ଏବଂ ଦେଶର ଲୋକମାନଙ୍କ ମଧ୍ୟରେ ଏହା ପ୍ରତି ସମ୍ମାନ ସୃଷ୍ଟି କରିବା ପାଇଁ ଏଫଏଫଓଆଇ ପ୍ରତିଶ୍ରୁତିବଦ୍ଧ" । ଦେଶଭକ୍ତି ଉଦ୍ଦେଶ୍ୟରେ ଏଫଏଫଓଆଇ ଦ୍ୱାରା ଚାଲୁଥିବା ତିରଙ୍ଗା ପାଇଁ ଶପଥ ଅଭିଯାନ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଜିନ୍ଦଲ କହିଥିଲେ ଯେ, "ମୁଁ ଆପଣ ସମସ୍ତଙ୍କୁ ଅନୁରୋଧ କରୁଛି ଯେ ଏଫଏଫଓଆଇର ୱେବସାଇଟ୍ ପରିଦର୍ଶନ କରନ୍ତୁ ଏବଂ ଏହି ଶପଥ ନେବା ସହ ଏହି ଅଭିଯାନକୁ ବିସ୍ତାର କରନ୍ତୁ" । ଏହି ଶପଥ ହେଉଛି 'ମୁଁ ଏକ ଶପଥ ନେଉଛି ଯେ ମୁଁ ନିଜକୁ ଦେଶ ପାଇଁ ଉତ୍ସର୍ଗ କରିବି ଏବଂ ମୋ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବି।' ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟସଭା ସାଂସଦ ତଥା ଏଏଫଏମସିର ପୂର୍ବତନ ନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଡିପି ଭାଟ୍ ସମଗ୍ର ଦେଶରେ ବିଶାଳ ଜାତୀୟ ପତାକା ସ୍ଥାପନ ନିମନ୍ତେ ନବୀନ ଜିନ୍ଦଲ ନେତୃତ୍ୱାଧୀନ ଏଫଏଫଓଆଇକୁ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, "ମୁଁ ଚାହୁଁଛି ଯେ ସ୍କୁଲ ସିଲାବସରେ ଜାତୀୟ ପତାକା ବିଷୟରେ ଏକ ଅଧ୍ୟାୟ ରହିବା ଉଚିତ ଯାହା ଦ୍ୱାରା ଆଗାମୀ ପିଢି ଭାରତୀୟ ଜାତୀୟ ପତାକାର ମହତ୍ତ୍ୱ ବିଷୟରେ ଜାଣିପାରିବେ।

## ଯୋଗାହାରର ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ଉତ୍ସବ ପାଳିତ

ହରିଦ୍ୱାର : ପତଞ୍ଜଳି ଦୈନିକ ଯୋଗାହାରର ଦୁଇବର୍ଷ ପୂର୍ତ୍ତି ଅବସରରେ ଏକ ବର୍ଣ୍ଣାଢ଼୍ୟ ସମାହାର ଅନ୍‌ଲାଇନ୍ ମାଧ୍ୟମରେ ଆୟୋଜନ କରାଯାଇଥିଲା। ଯାହାର ମୁଖ୍ୟ ବିଷୟବସ୍ତୁ ଥିଲା ସ୍ୱଚ୍ଛ ଯୋଗାହାର ଓ ଜଳ ହିଁ ଜୀବନ। ଏହି ଅବସରରେ ଉତ୍ତରପ୍ରଦେଶ ବାଙ୍ଗାଠାରେ ପଦ୍ମଶ୍ରୀ ଉମାଶଙ୍କର ପାଣ୍ଡେୟା, ଉତ୍ତରଖଣ୍ଡର ମୈତ୍ରୀ ଆନ୍ଦୋଳନର ପ୍ରଣେତା ପଦ୍ମଶ୍ରୀ ଡ. କଲ୍ୟାଣସିଂ ରାୱତ, ସହରାନ୍‌ପୁରର ପଦ୍ମଶ୍ରୀ ସେତପାଲ ସିଂ, ରାଜସ୍ଥାନର ପଦ୍ମଶ୍ରୀ ଶ୍ୟାମସୁନ୍ଦର ପାନିଆଲ, ପଦ୍ମଶ୍ରୀ ଲକ୍ଷ୍ମଣସିଂ ଲାପୋଡିଆ ଏବଂ ଲକ୍ଷ୍ନୌର ଉପର ପ୍ରବନ୍ଧ ନିର୍ଦ୍ଦେଶକ, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଡାକ୍ତର ହିରାଲାଲଙ୍କ ସହ ପତଞ୍ଜଳିର ଗବେଷକ ପବନ କୁମାର ସାମିଲ ଥିଲେ। ୧୯ ରାଜ୍ୟର ୮୦ଯୋଗାହାରଙ୍କ ପରିବାର ମଧ୍ୟ ଏହି ଉତ୍ସବରେ ଉପସ୍ଥିତ ଥିଲେ। ଏହାବ୍ୟତୀତ ପ୍ରଶାସନିକ ଅଧିକାରୀ, କୃଷି ଅଧିକାରୀଙ୍କ ସହ ଯୋଗାହାରର ନିୟମିତ ସଦସ୍ୟ, କୃଷକ ବନ୍ଧୁ ଏବଂ ଅନ୍ୟମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ଅବସରରେଉମାଶଙ୍କର ପଣ୍ଡିତ କହିଥିଲେ ଯେ,ଦଳର ଆବଶ୍ୟକତା ବର୍ତ୍ତମାନ ପାଇଁ ଅତ୍ୟନ୍ତ ଜରୁରୀ। କୃଷକଭାଇମାନେ କ୍ଷେତରେ ଚାଷ କଲାବେଳେ ଯେଉଁ ଜଳ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହାର ସମାଧାନ ଜରୁରୀ ବୋଲି ସେ କହିଥିଲେ।

# ଭାରତର ଅଭିବୃଦ୍ଧି ଯୋଜନା ପାଇଁ ନ୍ୟୁ ଏଜ୍ ଏନର୍ଜି ମିନେରାଲ ଗୁରୁତ୍ୱପୂର୍ଣ୍ଣ : ଶୁଭ୍ରକାନ୍ତ




ନୂଆଦିଲ୍ଲୀ: ଭାରତର ଆର୍ଥିକ ବିକାଶ ଏବଂ ଚିରସ୍ଥାୟୀ ଭବିଷ୍ୟତ ଗଠନ ପାଇଁ ନ୍ୟୁ-ଏଜଏନର୍ଜି ମିନେରାଲ ଗୁରୁତ୍ୱପୂର୍ଣ୍ଣ। ଫିକି ଦ୍ୱାରା ପ୍ରସ୍ତୁତ 'ନ୍ୟୁ-ଏଜ ଏନର୍ଜି ମିନେରାଲ' ଶୀର୍ଷକ ଏକ ରିପୋର୍ଟର ଉନ୍ମୋଚନ କାର୍ଯ୍ୟକ୍ରମରେ ଫିକ୍କି ଇଣ୍ଡିଆର ସଭାପତି ତଥା ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏହା କହିଛନ୍ତି। ଭାରତ ଏହାର ଖଣି ଜ୍ଞାନ କୌଶଳ ଏବଂ ସୁସମ୍ପର୍କ ବ୍ୟବହାର କରି, ଏହି ମିନେରାଲକୁ ହାସଲ ଏବଂ ଉତ୍ତୋଳନ କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ ବିବେକ ଭରଦ୍ୱାଜଙ୍କ ଦ୍ୱାରା ମଇ ୦୨, ୨୦୨୩ତାରିଖରେ ନୂଆଦିଲ୍ଲୀରେଏହି ରିପୋର୍ଟ ଉନ୍ମୋଚିତ ହୋଇଥିଲା। ଏହି ରିପୋର୍ଟରେ ନ୍ୟୁ-ଏଜଏନର୍ଜି ମିନେରାଲ ସମ୍ପର୍କରେ ଭୌଗଳିକ ତଥା ଭୂତାତ୍ତ୍ୱିକ ତଥ୍ୟ, ବ୍ୟବହାର, ବଜାର ଦୃଷ୍ଟିକୋଣ, ଚ୍ୟାଲେଞ୍ଜ ଏବଂ ସୁଯୋଗ ଆଦି ସବିଶେଷ ସୂଚନା ରହିଛି। ଶ୍ରୀ ପଣ୍ଡା ତାଙ୍କର ଅଭିଭାଷଣରେ ଭାରତର ଜିଡିପି ଅଭିବୃଦ୍ଧି ପାଇଁ ଖଣିଖନନର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ନ୍ୟୁ-ଏଜଏନର୍ଜି ମିନେରାଲର ଉତ୍ପାଦନବୃଦ୍ଧି ନିମନ୍ତେ ଚାଲିଥିବା ଖଣିଜ ସନ୍ଧାନ, ବୈଷୟିକଜ୍ଞାନ କୌଶଳ ବିନିଯୋଗ ଏବଂ ଦକ୍ଷତା ବୃଦ୍ଧି ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ମିନେରାଲ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବା ପାଇଁ ଖଣିଖନନ ଏବଂ ଏହାର ସପ୍ଲାଏ ଚେନ୍ ମଧ୍ୟରେ ଏକ ସମନ୍ୱୟ ପ୍ରତିଷ୍ଠା କରିବା ଆବଶ୍ୟକ ବୋଲି ଶ୍ରୀ ପଣ୍ଡା କହିଥିଲେ। ଏହି ଅବସରରେ ଫିକ୍କି ଖଣି କମିଟିର କୋ-ଚେୟାରମ୍ୟାନ୍ ପଙ୍କଜ ସତୀଜା, ସେକ୍ରେଟେରୀ ଜେନେରାଲ୍ ଶୈଳେଶ ପାଠକ ଏବଂ ଅନ୍ୟ ଶିଳ୍ପପତିମାନେ ଉପସ୍ଥିତଥିଲେ।

## ରାଉରେକଲା 'ଅରୁନ୍ଧତୀ ଜୁଏଲର୍ସ'ର ପ୍ରଥମ ବାର୍ଷିକ ଉତ୍ସବ



ରାଉରେକଲା, (ଭାସ୍କର ନ୍ୟୁଜ୍) : ଅରୁନ୍ଧତୀ ଜୁଏଲର୍ସ ତରଫରୁ ରାଉରେକଲାରେ ୨ରେ ସୋରୁମ୍‌ରେ ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି। ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ପରିଚାଳନା ନର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ ଅରୁନ୍ଧତୀର ଏହି ସଫଳ ଯାତ୍ରାରେ ସମସ୍ତ ଗ୍ରାହକବନ୍ଧୁ ଓ ଶୁଭେଚ୍ଛୁମାନଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା ଯୋଗୁଁ ସମ୍ଭବ ହୋଇପାରିଛି, ସେଥିପାଇଁ ସମସ୍ତ ଗ୍ରାହକବନ୍ଧୁଙ୍କୁ ଅରୁନ୍ଧତୀ ପରିବାର ତରଫରୁ ହୃଦୟର ଅନ୍ତରରୁ କୃତଜ୍ଞତା ଓ ଧନ୍ୟବାଦ ଅର୍ପଣ କରୁଛୁ। ଏହି ପ୍ରଥମ ବାର୍ଷିକ ଉତ୍ସବକୁ ଚିରସ୍ମରଣୀୟ କରିବା ପାଇଁ ସର୍ବୋତ୍ତମ ଡିଜାଇନ୍‌ର ସଂପୂର୍ଣ୍ଣ ଏଚ୍‌ୟୁଆଇଡି ହଲମାକ ଗହଣା ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରାଯିବା ସହ ସୁନା ଗହଣାର ଗଢାମଜୁରୀ ଉପରେ ଫ୍ଲାଟ୍ ୨୦% ରିହାତି ଦିଆଯାଇଛି। ପ୍ରତ୍ୟେକ କ୍ରୟ ଉପରେ ମାଗଣା ଆକର୍ଷଣୀୟ ଉପହାର ପାଇପାରିବା ସହିତ '୫ ଷ୍ଟାର ପ୍ରୋମାଇଜ୍' ମାଧ୍ୟମେର ମାଗଣା ଅଳଙ୍କାର ବୀମା ଓ ଆଜୀବନ ଗହଣାର ମାରାମତିର ସୁବିଧା ଗ୍ରାହାକମାନଙ୍କ ପାଇଁ ରଖାଯାଇଅଛି।

# ଖେଳ ଖବର



ତାସକେଣ୍ଟ: ଭାରତୀୟ ତୀରନ୍ଦାଜମାନେ ଚମତ୍କାର ପ୍ରଦର୍ଶନ କରି ଏଠାରେ ଚାଲିଥିବା ଏସିଆ କପ୍ ଷ୍ଟେଜ୍-୨ ବିଶ୍ୱ ର୍ୟାଙ୍କିଂ ପ୍ରତିଯୋଗିତାରେ ୪ ପଦକ ପକ୍କା କରିଛନ୍ତି। ଉଭୟ ରିକର୍ଭ ଓ କମ୍ପାଉଣ୍ଡ ବର୍ଗରେ ଭାରତର ସମସ୍ତ ୪ଟି ଯାକ ଦଳ ମଙ୍ଗଳବାର ଫାଇନାଲ୍ ପହଞ୍ଚି ଏହି ପଦକ ନିଶ୍ଚିତ କରିଛନ୍ତି। ମୃନାଲ ଚୌହାନ, ତୁଷାର ସେଲକେ ଓ ଜୟନ୍ତ ତାଲୁକଦାଙ୍କୁ ନେଇ ଗଠିତ ଭାରତୀୟ ପୁରୁଷ ରିକର୍ଭ ଦଳ ସେମିଫାଇନାଲ୍‌ରେ ଆୟୋଜକ ଉଜବେକିସ୍ତାନର ଚେନ୍ ୟାଓ ୟୁ, ମିର୍ଜାଓଲ କାରୋରୋଭ ଓ ଅମିରଖାନ ସାଦିକୋଭଙ୍କୁ ୬-୦ (୫୬-୫୪, ୫୭-୫୪, ୫୬-୫୩)ରେ ପରାସ୍ତ କରିଥିଲେ। ଶୁକ୍ରବାର ଫାଇନାଲ୍‌ରେ ଏହି ଦଳ ଚୀନ୍‌କୁ ଭେଟିବ। ସଂଗୀତା, ପ୍ରାଚୀ ସିଂହ ଓ ତନିଶା ବର୍ମାଙ୍କୁ ନେଇ ଗଠିତ ଭାରତୀୟ ମହିଳା ରିକର୍ଭ ଦଳ ୫-୪ (୫୩-୫୪, ୫୬-୪୯, ୫୨-୫୦, ୫୨-୫୪, ୨୬-୨୬) ଟାଇବ୍ରେକରରେ ଉଜବେକିସ୍ତାନକୁ ହରାଇଥିଲା। ଭାରତ ସ୍ୱର୍ଣ୍ଣ ପଦକ ମୁକାବିଲାରେ ଚୀନ୍‌କୁ ଭେଟିବ। ଅଭିଷେକ ବର୍ମା, କୁଶାଳ ଦଲାଲ ଓ ଅମିତଙ୍କୁ ନେଇ ଗଠିତ ଭାରତୀୟ କମ୍ପାଉଣ୍ଡ ପୁରୁଷ ଦଳ ୨୩୬-୨୨୧ରେ ସାଉଦି ଆରବକୁ ହରାଇ ଫାଇନାଲ୍‌ରେ ପହଞ୍ଚିଥିଲା ସେହିପରି ପରିଣୀତ କୌର, ପ୍ରଗତୀ ଓ ରାଗିନୀଙ୍କୁ ନେଇ ଗଠିତ ଭାରତୀୟ କମ୍ପାଉଣ୍ଡ ମହିଳା ଦଳ କ୍ୱାଲିଫିକେସନ ରାଉଣ୍ଡରେ ଶୀର୍ଷରେ ରହି ଫାଇନାଲ୍‌ରେ ପହଞ୍ଚିଥିଲା। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଫାଇନାଲ୍‌ରେ ହଂକଂକୁ ଭେଟିବ।

## ଆଇପିଏଲ୍ ପର୍ପଲ କ୍ୟାପ୍ ଦୌଡ଼ରେ ଭାରତର ୩ ବୋଲର





ନୂଆଦିଲ୍ଲୀ: ଚଳିତ ବର୍ଷର ଆଇପିଏଲ ଗତ ମାର୍ଚ୍ଚ ୩୧ ତାରିଖ ଦିନ ଆରମ୍ଭ ହୋଇଥିଲା।ଆଜି ସୁଦ୍ଧା ଅର୍ଦ୍ଧାଧିକ ମ୍ୟାଚ ଅନୁଷ୍ଠିତ ହୋଇ ସାରିଲାଣି। ଚଳିତ ମେ ମାସ ୨୮ ତାରିଖ ଦିନ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ତେବେ ଆଇପିଏଲରେ ସର୍ବାଧିକ ୱିକେଟ ଅକ୍ତିଆର କରି ସମ୍ମାନ ଜନକ ପର୍ପଲ କପ ହାସଲ ପାଇଁ ସବୁ ଫ୍ରାଞ୍ଚାଇଜର ବୋଲରଙ୍କ ମଧ୍ୟରେ ପ୍ରବଳ ଲଢ଼େଇ ଚାଲିଛି। ମାତ୍ର ସମସ୍ତଙ୍କ ଠାରୁ ଆଗରେ ଅଛନ୍ତି ଭାରତର ତିନି ବୋଲର। ଗୁଜରାଟ ଟାଇଟନ୍ସ ପାଇଁ ଖେଳୁଥିବା ପେସ୍ ବୋଲର ମହମ୍ମଦ ସାମି ଆଜି ପର୍ଯ୍ୟନ୍ତ ୯ ମ୍ୟାଚ ଖେଳି ୧୭ ୱିକେଟ ହାସଲ କରିଥିବା ବେଳେ ଚେନ୍ନାଇ ସୁପର କିଙ୍ଗସର ପେସ୍ ବୋଲର ତୁଷାର ଦେଶପାଣ୍ଡେ ମଧ୍ୟ ସମାନ ସଂଖ୍ୟକ ମ୍ୟାଚ ଖେଳି ୧୭ ଓ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଦଳର ପେସ୍ର ମହମ୍ମଦ ସିରାଜ ୯ ମ୍ୟାଚରୁ ହାସଲ କରିଛନ୍ତି ୧୬ ୱିକେଟ। ତେବେ ଲିଗ ପର୍ଯ୍ୟାୟର ଅନୁଷ୍ଠିତ ହେବାକୁ ଥିବା ଅବଶିଷ୍ଟ ମ୍ୟାଚ ଶେଷ ହେବା ପରେ ଏମାନଙ୍କ ମଧ୍ୟରୁ କିଏ ପର୍ପଲ କ୍ୟାପ ପାଇବା ପାଇଁ ହକଦାର ହେବେ ,ତାହା ସ୍ପଷ୍ଟ ହେବ। ସଳଚନା ଯୋଗ୍ୟ ଯେ ୨୦୦୮ରେ ଆରମ୍ଭ ହୋଇଥିବା ଆଇପିଏଲର ପ୍ରଥମ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ଚାମ୍ପିଅନ ହୋଇ ଥିବା ବେଳେ ସେହି ଦଳର ସୋହେଲ ତନବରୀ ୧୧ ମ୍ୟାଚ ଖେଳି ୨୨ ୱିକେଟ ହାସଲ କରି ପର୍ପଲ କ୍ୟାପ ହାସଲ କରିଥିଲେ। ସେହିପରି ପରବର୍ତ୍ତୀ ଆଇପିଏଲରେ ପର୍ପଲ କ୍ୟାପ ହାସଲ କରିଥିବା ବୋଲର ମାନେ ହେଲେ- ୨୦୦୯- ଆରପି ସିଂ-ଡେକାନ ଚାଜର୍ସ(୧୬ ମ୍ୟାଚ,୨୩ ୱିକେଟ ), ୨୦୧୦-ପ୍ରଜ୍ଞାନ ଓଝା-ଡେକାନ ଚାଜର୍ସ( ୧୬ ମ୍ୟାଚ,୨୧ ୱିକେଟ ),୨୦୧୧-ଲସିଥ ମାଲିଙ୍ଗା-ମୁମ୍ବାଇ ଇଣ୍ଡିଆନ୍ସ(୧୬ ମ୍ୟାଚ,୨୮ ୱିକେଟ), ୨୦୧୨-ମୋର୍ଣ୍ଣ ମୋରକଲ-ଦିଲ୍ଲୀ ଡେୟାର ଡେଭିଲ୍ସ(୧୬ ମ୍ୟାଚ,୨୫ ୱିକେଟ),୨୦୧୩-ଡ୍ୱାନୋ ବ୍ରାଭୋ-ଚେନ୍ନାଇ ସୁପର କିଙ୍ଗସ(୧୮ ମ୍ୟାଚ,୩୨ ୱିକେଟ), ୨୦୧୪-ମୋହିତ ଶର୍ମା-ଚେନ୍ନାଇ ସୁପର କିଙ୍ଗସ(୧୬ ମ୍ୟାଚ, ୨୩ ୱିକେଟ), ୨୦୧୫-ଡ୍ୱାନୋ ବ୍ରାଭୋ-ଚେନ୍ନାଇ ସୁପର କିଙ୍ଗସ(୧୭ମ୍ୟାଚ,୨୬ ୱିକେଟ), ୨୦୧୬-ଭୁବନେଶ୍ୱର କୁମାର- ସନରାଇଜର୍ସ ହାଇଦ୍ରାବାଦ (୧୭ ମ୍ୟାଚ,୨୩ ୱିକେଟ), ୨୦୧୬-ଭୁବନେଶ୍ଵର କୁମାର- ସନରାଇଜର୍ସ ହାଇଦ୍ରାବାଦ (୧୭ ମ୍ୟାଚ,୨୩ ୱିକେଟ), ୨୦୧୭-ଭୁବନେଶ୍ୱର କୁମାର- ସନରାଇଜର୍ସ ହାଇଦ୍ରାବାଦ (୧୪ ମ୍ୟାଚ,୨୬ ୱିକେଟ), ୨୦୧୮-ଆଣ୍ଡ୍ରୁ ଟାଏ-କିଙ୍ଗସ ଏକାଦଶ ପଞ୍ଜାବ(୧୪ ମ୍ୟାଚ,୨୪ ୱିକେଟ), ୨୦୧୯-ଇମ୍ରାନ ତାହିର-ଚେନ୍ନାଇ ସୁପର କିଙ୍ଗସ(୧୭ ମ୍ୟାଚ, ୨୬ ୱିକେଟ), ୨୦୨୦-କାଗିସୋ ରାବାଡା-ଦିଲ୍ଲୀ କ୍ୟାପିଟାଲ୍ସ ୧୭ ମ୍ୟାଚ, ୩୦ ୱିକେଟ), ୨୦୨୧-ହର୍ଶଲ ପଟେଲ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର(୧୫ ମ୍ୟାଚ ,୩୨ ୱିକେଟ), ୨୦୨୨-ଯୁଜଭେନ୍ଦ୍ର ଚହଲ-ରାଜସ୍ଥାନ ରୟାଲ୍ସ(୧୭ ମ୍ୟାଚ,୨୭ ୱିକେଟ)।

### ବର୍ଷା ପାଇଁ ମ୍ୟାଚ୍ ବାତିଲ

## ପଏଣ୍ଟ ଭାଗକଲେ ଚେନ୍ନାଇ, ଲକ୍ଷ୍ନୌ




ଲକ୍ଷ୍ନୌ: ସ୍ଥାନୀୟ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଆଇପିଏଲର ୪୫ତମ ମ୍ୟାଚ ବର୍ଷା ଯୋଗୁଁ ବାତିଲ ହୋଇଛି। ପ୍ରଥମ ଇନିଂସର ୧୯.୨ ଓଭରରେ ବର୍ଷା ହୋଇଥିଲା। ପିଚ୍ ଓ ପଡ଼ିଆକୁ ସୁରକ୍ଷିତ ରଖିଥିଲେ ମଧ ବର୍ଷାର ପ୍ରଭାବ ଥମିନଥିଲା। ଶେଷରେ ମ୍ୟାଚ୍‌କୁ ବାତିଲ କରାଯାଇଥିଲା। ଫଳରେ ଉଭୟ ଚେନ୍ନାଇ ଓ ଲକ୍ଷ୍ନୌ ଗୋଟିଏ ପଏଣ୍ଟ ଲେଖାଏ ଭାଗ କରିଛନ୍ତି। ଲକ୍ଷ୍ନୌ ଅଧିନାୟକ କେଏଲ ରାହୁଲଙ୍କ ଅନୁପସ୍ଥିତିରେ ଅଧିନାୟକ କୃନାଲ ପାଣ୍ଡ୍ୟା ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲେ। ଲକ୍ଷ୍ନୌ ପକ୍ଷରୁ ଆୟୁଷ ବଦୋନୀଙ୍କୁ ବାଦ୍ ଦେଲେ କୌଣସି ବ୍ୟାଟ୍ସମ୍ୟାନ ଚେନ୍ନାଇର ବୋଲିଂ ଆଗରେ ତିଷ୍ଠି ପାରିନଥିଲେ। ବଦୋନୀ ୩୩ ବଲରୁ ୪ ଛକା ଓ ୨ ଚୌକା ସହାୟତାରେ ସର୍ବାଧିକ ୫୯ ରନ କରିଥିବା ବେଳେ ମନୋନ ଭୋରା ୧୦, କାୟଲ ମାୟର୍ସ ୧୪, କର୍ଣ୍ଣ ଶର୍ମା ୯, ଅଧିନାୟକ କୃନାଲ ପାଣ୍ଡ୍ୟା ୦, ମାର୍କସ ଷ୍ଟୋଇନିସ୍ ୬, ନିକଲାସ ପୁରନ ୨୦ ଓ କ୍ରିଷ୍ଣାପା ଗୌତମ ୧ ରନ କରିଥିଲେ। ଚେନ୍ନାଇର ଷ୍ଟାର ବୋଲର ଦୀପକ ଚହର ଆହତ କାରଣ ଯୋଗୁଁ କିଛି ମ୍ୟାଚରୁ ଦୂରେଇ ରହି ଏହି ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ଆଖିଦୃଶିଆ ବୋଲିଂ କରିପାରି ନଥିଲେ। ଚେନ୍ନାଇ ପକ୍ଷରୁ ସଫଳ ବୋଲରଭାବେ ମୋଇନ ଅଲ୍ଲୀ, ମହେଶ ଥିଶଙ୍କା ଓ ମାଥେଶା ପଥିରାନା ପ୍ରତ୍ୟେକ ୨ ଲେଖାଏଁ ୱିକେଟ ଅକ୍ତିଆର କରିଥିବା ବେଳେ ରବିନ୍ଦ୍ର ଜାଡେଜାଙ୍କୁ ଗୋଟିଏ ସଫଳତା ମିଳିଥିଲା। ଉଭୟ ଚେନ୍ନାଇ ଓ ଲକ୍ଷ୍ନୌ ଗୋଟିଏ ପଏଣ୍ଟ ପାଇ ପଏଣ୍ଟ ଟେବୁଲରେ ସମାନ ୧୧ ସଂଖ୍ୟକରେ ପହଞ୍ଚିଛନ୍ତି।

## କେଏଲ ରାହୁଲ ଆଇପିଏଲ୍‌ରୁ ବାଦ୍

ନୂଆଦିଲ୍ଲୀ: ଆହତ କାରଣ ନେଇ ଲକ୍ଷ୍ନୌ ସୁପର ଜିଆଣ୍ଟସ ଦଳର ଅଧିନାୟକ କେଏଲ ରାହୁଲ ଚଳିତ ଆଇପିଏଲରୁ ବାଦ ପଡିଛନ୍ତି। ରୟାଲ ଚାଲେଞ୍ଜର୍ସ ବିପକ୍ଷ ମ୍ୟାଚ ବେଳେ ସେ ଫାଫ୍ ଡୁ ପ୍ଲେସିସଙ୍କ ଚୌକା ବଲକୁ ଅଟକାଇବା ପାଇଁ ଉଦ୍ୟମ କରିବା ବେଳେ ଡାହାଣ ଗୋଡ ମାଂସ ପେଶୀରେ ଆଘାତ ଲାଗି ଥିଲା। ତେଣୁ ସେ ପରବର୍ତ୍ତୀ ସମୟରେ ଫିଲ୍ଡିଂ କରି ପାରି ନ ଥିଲେ।



ସେହିପରି ଯନ୍ତ୍ରଣା ମଧ୍ୟରେ ୧୧ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ଥିଲେ ହେଁ କୌଣସି ରନ କରି ପାରି ନ ଥିଲେ। ବର୍ତ୍ତମାନ ବ୍ରୁମ୍ଭାଇରେ ତାଙ୍କର ସ୍କାନ କରାଯିବ। ଏହା ପରେ ତାଙ୍କର ଆଘାତ ଜନିତ ସମସ୍ୟା କେତେ ଗୁରୁତର ତାହା ସ୍ପଷ୍ଟ ହେବ। ଆସନ୍ତା ଜୁନ ମାସରେ ଭାରତ ଇଂଲଣ୍ଡରେ ଅଷ୍ଟ୍ରେଲିଆ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଖେଳିବା ପାଇଁ ଥିବାରୁ ସେହି ସମୟ ବେଳକୁ ସେ କିପରି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବେ ସେଥିପାଇଁ ବିସିସିଆଇ ପକ୍ଷରୁ ତାଙ୍କର ସମସ୍ତ ପ୍ରକାର ଚିକିତ୍ସା ବ୍ୟବସ୍ଥା କରାଯିବ। ସୂଚନା ଯୋଗ୍ୟ ଯେ ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ଖେଳିବା ପାଇଁ ଭାରତୀୟ ଦଳରେ ସ୍ଥାନ ପାଇଥିବା ପେସ୍ ବୋଲର ଜୟଦେବ ଉନାଦକତ ମଧ୍ୟ ବର୍ତ୍ତମାନ ଆହତ ଅବସ୍ଥାରେ ଅଛନ୍ତି। ତେଣୁ ବେଙ୍ଗାଲୁରୁ ସ୍ଥିତ ନ୍ୟାସନାଲ କ୍ରିକେଟ ଏକାଡେମୀରେ ଉଭୟ ଖେଳାଳିଙ୍କର ଚିକିତ୍ସା କରାଯିବ ବୋଲି ବିସିସିଆଇ ସୂତ୍ରରୁ ସୂଚନା ମିଳିଛି।

## ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମ୍ୟାଚ୍ ପରାଜୟ ବ୍ୟଥିତ କରିଛି: ପାଣ୍ଡ୍ୟା

ନୂଆଦିଲ୍ଲୀ: ଗୁଜରାଟ ଟାଇଟନ୍ସ ଫ୍ରାଞ୍ଚାଇଜ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା କହିଛନ୍ତି ଯେ ମଙ୍ଗଳବାର ଅନୁଷ୍ଠିତ ଆଇପିଏଲ ମ୍ୟାଚରେ ଆମେ ଦିଲ୍ଲୀ କ୍ୟାପିଟାଲ୍ସ ଠାରୁ ୫ ରନରେ ହାରିବା ମାନସିକ ସ୍ତରରେ ବଡ ଯନ୍ତ୍ରଣା ଦେଇଛି। ଭେଟେରାନ ପେସ୍ ବୋଲର ମହମ୍ମଦ ସାମିଙ୍କ ୧୧ ରନରେ ୪ ୱିକେଟ ଦଖଲ ସଫଳତା ବଳରେ ଆମେ ଦିଲ୍ଲୀକୁ ୧୩୦ ରନରେ ସୀମିତ କରି ପାରିଥିଲୁ। ମାତ୍ର ଏହି ଛୋଟ ସ୍କୋରକୁ ଅତିକ୍ରମ କରିବା ଆମ ପକ୍ଷେ ସମ୍ଭବ ହୋଇ ପାରି ନ ଥିଲା। ଏକଦା ଆମେ ବିଜୟୀ ହେବା ସମ୍ଭାବନା ସୃଷ୍ଟି କରିଥିଲୁ। ମାତ୍ର ଶେଷରେ ବିଜୟୀ ହେବା ପାଇଁ ଶେଷ ମୁହୂର୍ତ୍ତରେ କୌଣସି ରିଦିମ ପାଇଲୁ ନାହିଁ। ପ୍ରଥମ ୩୨ ରନରେ ୪



ୱିକେଟ ହରାଇ ସମସ୍ୟାରେ ପଡିଥିବା ବେଳେ ରାହୁଲ ତେୱାଟିଆ ୩ ଛକା ସହିତ ୭ ବଲରୁ ୨୦ ରନ ଯୋଗ କରିବା ପରେ ଶେଷ ଓଭରରେ ବିଜୟ ପାଇଁ ୧୨ ରନ ଆବଶ୍ୟକ ପଡୁଥିଲା। ମାତ୍ର ଦିଲ୍ଲୀ ବୋଲର ଇଶାନ୍ତ ଶର୍ମାଙ୍କ ଶାଣିତ ବୋଲିଂ ଆଗରେ ଆମେ ହାର ମାନିଲୁ। ତେଣୁ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୨୫ ରନରେ ସୀମିତ ହୋଇଗଲୁ। ଦଳର ସ୍ଥିତି ଦେଖି ମୋତେ ସଂଯମତାର ସହିତ ବ୍ୟାଟିଂ କରିବାକୁ ପଡିଲା। ତଥାପି ୫୩ ବଲରୁ ୫୯ ରନ ଯୋଗ କରିଥିଲେ ହେଁ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ପାରି ନ ଥିଲା। ପ୍ରାରମ୍ଭରୁ ଲଗାତର ୱିକେଟ ହରାଇବା ଦ୍ୱାରା ଆମେ ପ୍ରବଳ ଚାପ ଭିତରେ ପଡିଗଲୁ। ସେହିପରି ଇନିଂସର ମଧ୍ୟ ଭାଗରେ ମଧ୍ୟ ଆମେ ଭଲ ସଟ୍ ଖେଳି ପାରିଲୁ ନାହିଁ। ଯାହା ଫଳରେ ଶେଷ ପର୍ଯ୍ୟାୟରେ ଆମକୁ ଅଧିକ ସଂଘର୍ଷ କରିବାକୁ ପଡିଲା। ମୁଖ୍ୟତଃ ପାୱାର ପ୍ଲେରେ ୩ ୱିକେଟ ହରାଇବା ବଡ କ୍ଷତି ପହଞ୍ଚାଇଥିଲା। ପିଚ ମନ୍ଥର ଥିଲେ ହେଁ ୧୩୧ ରନ ସଂଗ୍ରହ କରିବା ଅସମ୍ଭବ ନ ଥିଲା। ମାତ୍ର ଦିଲ୍ଲୀ ବୋଲର ମାନେ ଅତି ଚମତ୍କାର ବୋଲିଂ କରିବା ଫଳରେ ସେମାନେ ବିଜୟ ପାଇଁ ହକଦାର ହୋଇ ପାରିଲେ। ତେବେ ଏହି ମ୍ୟାଚରୁ ବହୁତ ଶିକ୍ଷା ଲାଭ କରିବାକୁ ମଧ୍ୟ ପଡିଲା। ଅନ୍ୟ ପକ୍ଷରେ ଇଶାନ୍ତ ଶର୍ମାଙ୍କ ସଫଳ ବୋଲିଂ ମଧ୍ୟ ଶେଷରେ ବୃଥା ସାବ୍ୟସ୍ତ ହେଲା। ପେସ୍ ବୋଲରଙ୍କୁ ପିଚରୁ ବିଶେଷ ଫାଇଦା ମିଳିବା ସମ୍ଭାବନା ନ ଥିଲେ ହେଁ ସାମିଙ୍କୁ ଧନ୍ୟବାଦ ଦେବାକୁ ପଡିବ।

### ପିଟି ଉଷା ଓ ମେରିକମ୍ ବର୍ତ୍ତମାନ କ୍ରୀଡାବିତ ନୁହନ୍ତି

## ତେଣୁ ଆମ ଦୁଃଖ ବୁଝି ପାରୁ ନାହାନ୍ତି: ବଜରଙ୍ଗ ପୁନିଆ

ନୂଆଦିଲ୍ଲୀ: ଅଲିମ୍ପିକ୍ ପଦକ ବିଜେତା ଭାରତୀୟ ରେସଲର ବଜରଙ୍ଗ ପୁନିଆ ଓ ମହିଳା ରେସଲର ସାକ୍ଷୀ ମଲିକ କହିଛନ୍ତି ଯେ ଗତ ଛଅ ମାସ ଧରି ଆମେ ଭାରତୀୟ କୁସ୍ତି ମହାସଂଘ ସଭାପତି ବ୍ରିଜଭୂଷଣ ଶରନ ସିଂଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣି ଜନ୍ତର ମନ୍ତର ଠାରେ ଧାରଣାରେ ବସିଛୁ। ମାତ୍ର ଆଜି ସୁଦ୍ଧା କେନ୍ଦ୍ର କ୍ରୀଡା ମନ୍ତ୍ରାଳୟ କିମ୍ବା ଭାରତୀୟ ଅଲିମ୍ପିକ ଆସୋସିଏସନ ଆମ ସମସ୍ୟା ପ୍ରତି କୌଣସି ବିଚାର କରୁ ନାହାନ୍ତି। ମହିଳା ରେସଲର ମାନେ ବ୍ରିଜଭୂଷଣଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣି ଥିଲେ ହେଁ ପିଟି ଉଷା କିମ୍ବା ମେରିକମ୍ ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। କାରଣ ବିଗତ ଦିନରେ ଏମାନେ କ୍ରୀଡାବିତ ଥିଲେ। ମାତ୍ର ବର୍ତ୍ତମାନ ଏମାନେ ରାଜନେତା ପାଲଟି ଯାଇଛନ୍ତି। ପୂର୍ବତନ ଅଲିମ୍ପିଆନ ପିଟି ଉଷା ସଂପ୍ରତି ରାଜ୍ୟସଭା ସଦସ୍ୟା ଅଛନ୍ତି। ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ନୋମିନେଟେଡ ହୋଇ ରାଜ୍ୟ ସଭାକୁ ଆସିଥିବା ବେଳେ ବର୍ତ୍ତମାନ ଭାରତୀୟ ଅଲିମ୍ପିକ ଆସୋସିଏସନର ସଭାପତି ଅଛନ୍ତି। ସେହିପରି ଛଅଥର ବିଶ୍ୱ ବକ୍ସିଂ ଚାମ୍ପିଅନ ଏମସି ମେରିକମ୍ ୨୦୧୬ରୁ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ମଧ୍ୟ ନୋମିନେଟେଡ ହୋଇ ୨୦୧୬ରୁ ୨୦୨୨ ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟା ଥିବା ବେଳେ ବର୍ତ୍ତମାନ ଇଣ୍ଡିଆନ ଅଲିମ୍ପିକ ଆସୋସିଏସନର ଆଥଲେଟିକ କମିଶନ ଅଧକ୍ଷା ଅଛନ୍ତି। ତେଣୁ ରାଜନେତିକ ବହୁଛାୟାତଳେ ରହି ଏମାନେ ଆମ ଦୁଃଖ ପ୍ରତି ସମବେଦନା ଜଣାଇବା ସମ୍ଭବ ହୋଇ ପାରୁନି। ତେବେ କୌଣସି ରେସଲିଂ ଚାମ୍ପିଅନଶିପରେ ଅଂଶ ଗ୍ରହଣ କରିବା ଅପେକ୍ଷା ବ୍ରିଜଭୂଷଣଙ୍କ ବିରୋଧରେ ଲଢ଼େଇ କରିବା ଆମ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ତେଣୁ ସମସ୍ତ ର୍ୟାକିଂ ସିରିଜ ପାଇଁ ଆମେ ନାମ ପଠାଇ ନାହୁଁ। କାରଣ ଭାରତୀୟ କୁସ୍ତି ମହାସଂଘ ସଭାପତି ବ୍ରିଜଭୂଷଣ ବର୍ତ୍ତମାନ ଅବାଧରେ ବୁଲୁଛନ୍ତି। ଆମର ଅଭିଯୋଗ ପରେ ଦିଲ୍ଲୀ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ ହେଁ ବ୍ରିଜଭୂଷଣଙ୍କୁ ଗିରଫ କରା ଯାଉନାହିଁ। ଏହି ଘଟଣା ନେଇ ଆମେ ଗତ ମାସରେ ଆସ୍ତାନାରେ ଅନୁଷ୍ଠିତ ଏସିଆନ ଚାମ୍ପିଅନଶିପ ବର୍ଜନ କରିଥିଲୁ। ସେହିପରି ଗତ ଫେବୃୟାରୀରେ ଜାଗ୍ରେବ ଓ କାଇରୋରେ ଅନୁଷ୍ଠିତ ଦୁଇ ବିଶ୍ୱ ରେସଲିଂ ଚାମ୍ପିଅନଶିପରେ ମଧ୍ୟ ଭାଗ ନେଇ ନ ଥିଲୁ। ଏହା ସହିତ ୟୁନାଇଟେଡ ବିଶ୍ୱ ରେସଲିଂ ପକ୍ଷରୁ ଆୟୋଜିତ ର୍ୟାକିଂ ସିରିଜରୁ ମଧ୍ୟ ଓହରି ଯାଇଥିଲୁ। ତେବେ ଆମ ଅଭିଯୋଗ ପ୍ରତି ସୁପ୍ରିମକୋର୍ଟ ଦୟା ପରବେଶ ହୋଇ ବିଚାର କରିବେ ବୋଲି କହିଛନ୍ତି। ତେଣୁ ନ୍ୟାୟିକ ବ୍ୟବସ୍ଥା ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ଥିବାରୁ ସେ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ବୋଲି ବଜରଙ୍ଗ ପୁନିଆ କହିଛନ୍ତି।



### ଚମକିଲା ସୂର୍ଯ୍ୟକୁମାର ଓ ଇଶାନ କିଶାନଙ୍କ ବ୍ୟାଟ୍

## ପଞ୍ଜାବକୁ ପରାସ୍ତ କଲା ମୁମ୍ବାଇ

ମୋହାଲି: ଆଇପିଏଲର ୪୬ତମ ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗସ୍ ବିଶାଳ ସ୍କୋର କରିଥିଲେ ହେଁ ମୁମ୍ବାଇର ଦୁଇ ଦୁର୍ଦ୍ଦଶ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ଓ ଇଶାନ କିଶାନଙ୍କ ଦମଦାର ବ୍ୟାଟିଂ ବଳରେ ମୁମ୍ବାଇ ୬ ୱିକେଟରେ ପଞ୍ଜାବକୁ ପରାସ୍ତ କରିଛି। ପଞ୍ଜାବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୧୪ ରନ କରିଥିଲା। ଦଳ ପକ୍ଷରୁ ଲିଆମ ଲିଭିଙ୍ଗଷ୍ଟୋନ ୪୨ ବଲରୁ ୪ ଛକା ଓ ୭ ଚୌକା ବଳରେ ଅପରାଜିତ ୮୨ ରନ କରିଥିବାବେଳେ ଜିତେଶ ଶର୍ମା ୨୭ ବଲରୁ ୨ ଛକା ଓ ୫ ଚୌକା ବଳରେ ୪୯ ରନ କରି ଅପରାଜିତ ଥିଲେ। ସେହିପରି ପ୍ରବସିମରନ ୯, ଅଧିନାୟକ ଶିଖର ଧାୱାନ ୩୦ ଓ ମାଥ୍ୟୁ ସର୍ଟ ୨୭ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ପିୟୁଷ ଚାୱାଲା ୨ ଓ ଅର୍ଶଦ ଖାନ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ୨୧୫ ରନର ବିଜୟ ଲକ୍ଷ ନେଇ ମୁମ୍ବାଇ ପ୍ରଥମରୁ ଅଧିନାୟକ ରୋହିତ ଶର୍ମା (୦)ଙ୍କୁ ହରାଇ ସଂକଟରେ ପଡ଼ିଥିଲା। ପରବର୍ତ୍ତୀ ବ୍ୟାଟ୍ସମ୍ୟାନ ଇଶାନ କିଶାନ ୪୧ ବଲରୁ ୭୫ ରନ, ସୂର୍ଯ୍ୟକୁମାର ଯାଦବ ୩୧ ବଲରୁ ୬୬ ରନ, କାମେରନ ଗ୍ରୀନ୍ ୨୩, ଟିମ୍ ଡେଭିଡ ୧୯ ଓ ତିଳକ ବର୍ମାଙ୍କ ୨୬ ରନ ବଳରେ ମୁମ୍ବାଇ ୨୧୬ ରନ କରି ବିଜୟୀ ହୋଇଛି।

## ଅରେଞ୍ଜ କ୍ୟାପ୍: ଆଗରେ ଫାଫ ଡୁ ପ୍ଲେସିସ୍

ନୂଆଦିଲ୍ଲୀ: ଆଇପିଏଲରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟରଙ୍କୁ ମିଳିଥାଏ ଅରେଞ୍ଜ କ୍ୟାପ। ଚଳିତ ବର୍ଷର ଆଇପିଏଲରେ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ଦଳର ଅଧିନାୟକ ଫାଫ୍ ଡୁ ପ୍ଲେସିସ ୯ ମ୍ୟାଚରେ ସର୍ବାଧିକ ୪୬୬ ରନ ସଂଗ୍ରହ କରି ସମସ୍ତଙ୍କ ଠାରୁ ଆଗରେ ଅଛନ୍ତି। ସେହିପରି ରାଜସ୍ଥାନ ରୟାଲ୍ସର ଯଶଭି ଜୟସ୍ୱାଲ ଦ୍ୱିତୀୟ ସର୍ବାଧିକ ସ୍କୋରର ଭାବେ ୯ ମ୍ୟାଚ ଖେଳି ମଧ୍ୟ ୪୨୮ ରନ କରିଥିବା ବେଳେ ଚେନ୍ନାଇ ସୁପର କିଙ୍ଗସର ଡେଭନ କନୱେ ୯ ମ୍ୟାଚରେ ୪୧୪, ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋରର ବିରାଟ କୋହଲି ୯ ମ୍ୟାଚରେ ୩୬୪ ଓ ଚେନ୍ନାଇ ସୁପର କିଙ୍ଗସର ରୁତୁରାଜ ଗାଏକ୍ୱାଡ ୯ ମ୍ୟାଚ ଖେଳି ୩୫୪ ରନ ସଂଗ୍ରହ କରି ଏହି ସମ୍ମାନ ଜନକ ଅରେଞ୍ଜ କ୍ୟାପ ହାସଲ ଦୌଡରେ ସାମିଲ ହୋଇଛନ୍ତି। ପୂର୍ବରୁ ଅନୁଷ୍ଠିତ ଆଇପିଏଲର ୧୫ ସଂସ୍କରଣରେ ଅରେଞ୍ଜ କ୍ୟାପ ହାସଲ କରିଥିବା ବ୍ୟାଟର ମାନେ ହେଲେ-୨୦୦୮- ଶନ ମାର୍ଶ--କିଙ୍ଗସ ଏକାଦଶ ପଞ୍ଜାବ(୬୧୬ ରନ),୨୦୦୯- ମାଥ୍ୟୁ ହେଡେନ-ଚେନ୍ନାଇ ସୁପର କିଙ୍ଗସ-- (୫୭୨ ରନ), ୨୦୧୦-ସଚିନ ତେନ୍ଦୁଲକର-ମୁମ୍ବାଇ ଇଣ୍ଡିଆନ୍ସ(୬୧୮ରନ), ୨୦୧୧-କ୍ରିସ୍ ଗେଲ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର(୬୦୮ ରନ), ୨୦୧୨-କ୍ରିସ୍ ଗେଲ-ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର(୭୩୩ ରନ), ୨୦୧୩-ମାଇକେଲ ହସି-ଚେନ୍ନାଇ ସୁପର କିଙ୍ଗସ(୭୩୩ ରନ), ୨୦୧୪- ରବିନ ଉଥାପ୍ପା-କୋଲକାତା ନାଇଟ ରାଇଡର୍ସ(୬୬୦ ରନ), ୨୦୧୫-ଡେଭିଡ ୱାର୍ଣ୍ଣର- ସନରାଇଜର୍ସ ହାଇଦ୍ରାବଦ(୫୬୨ ରନ), ୨୦୧୬-ବିରାଟ କୋହଲି- ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର(୯୭୩ ରନ), ୨୦୧୭-ଡେଭିଡ ୱାର୍ଣ୍ଣର- ସନରାଇଜର୍ସ ହାଇଦ୍ରାବଦ(୬୪୧ ରନ), ୨୦୧୮-କେନ୍ ୱିଲିୟମସନ- ସନରାଇଜର୍ସ ହାଇଦ୍ରାବଦ(୭୩୫ ରନ), ୨୦୧୯- ଡେଭିଡ ୱାର୍ଣ୍ଣର- ସନରାଇଜର୍ସ ହାଇଦ୍ରାବାଦ(୬୯୨ ରନ), ୨୦୨୦-କେଏଲ ରାହୁଲ- ପଞ୍ଜାବ କିଙ୍ଗସ (୬୭୦ ରନ), ୨୦୨୧-ରୁତୁରାଜ ଗାଏକ୍ୱାଡ-ଚେନ୍ନାଇ ସୁପର କିଙ୍ଗସ(୬୩୫ ରନ), ୨୦୨୨-ଜୋସ ବଟ୍ଲର-ରାଜସ୍ଥାନ ରୟାଲ୍ସ(୮୬୩ ରନ)।

## ଇଂଲଣ୍ଡ ମାଟିରେ ଆଶେସ ସିରିଜ ଜିତିବା ପରମ ଲକ୍ଷ୍ୟ: ସ୍ମିଥ୍

ହୋଭ(ଇଂଲଣ୍ଡ): ଅଷ୍ଟ୍ରେଲିଆ ଟେଷ୍ଟ କ୍ରିକେଟ ଦଳର ଭେଟେରାନ ତଥା ଅଭିଜ୍ଞ ବ୍ୟାଟର ଷ୍ଟିଭ ସ୍ମିଥ୍ କହିଛନ୍ତି ଯେ ଇଂଲଣ୍ଡ ମାଟିରେ ସମ୍ମାନ ଜନକ ଆଶେସ ଟେଷ୍ଟ ସିରିଜ ପାଇଁ ସବୁଠାରୁ ବଡ ଲକ୍ଷ୍ୟ ରହିଛି। କାରଣ ଏହା ହୁଏତ ମୋ ପାଇଁ ଶେଷ ଓଭରସିଜ ଆଶେସ ସିରିଜ ହୋଇ ପାରେ ବୋଲି ଅନୁମାନ କରୁଛି। ତେଣୁ ଚଳିତ ବର୍ଷ ଇଂଲଣ୍ଡ ମାଟିରେ ଆଶେସ ସିରିଜ ଜିତିବାକୁ ନିଶ୍ଚିତ ଉଦ୍ୟମ କରିବି। ଚଳିତ ବର୍ଷ ଭାରତରେ ଆଇପିଏଲ ଖେଳିବା ପାଇଁ ସୁଯୋଗ ପାଇ ନ ଥିବା ସ୍ମିଥ୍ ବର୍ତ୍ତମାନ ଇଂଲଣ୍ଡରେ କାଉଣ୍ଟି କ୍ରିକେଟ ଖେଳୁଛନ୍ତି। ଆସନ୍ତା ଜୁନ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ଲଣ୍ଡନର ଓଭାଲ ଗ୍ରାଉଣ୍ଡରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବା ପାଇଁ ଥିବା ବେଳେ ଏଥିରେ ନିଜ ଦଳକୁ ବିଜୟୀ କରାଇବା ପାଇଁ ମଧ୍ୟ ସ୍ମିଥ୍ ଲକ୍ଷ୍ୟ ରଖିଛନ୍ତି। ତେବେ ଇଂଲଣ୍ଡ ବିପକ୍ଷ ଆଶେସ ସିରିଜ ବିଜୟକୁ ସେ ସବୁଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କାରଣ ଅଷ୍ଟ୍ରେଲିଆ ୨୦୦୧ରୁ ଇଂଲଣ୍ଡ ମାଟିରେ ଏହି ସିରିଜ ଜିତି ପାରି ନାହିଁ। ସ୍ମିଥ କହିଛନ୍ତି ଯେ ୨୦୧୯ ଆଶେସ ସିରିଜରେ ଆମେ ବିଜୟ ନିକଟବର୍ତ୍ତୀ ହୋଇଥିଲୁ। ମାତ୍ର ଅଳ୍ପକେ ଏହି ସୁଯୋଗରୁ ବଞ୍ଚିତ ହେବା ସହ ସିରିଜ ଡ୍ର ରହିଥିଲା। ଏହି ସିରିଜର ଏଜବାଷ୍ଟନ ଟେଷ୍ଟରେ ଦୁଇ ଶତକ ଅର୍ଜନ କରି ମୁଁ ଆତ୍ମତୃପ୍ତି ପାଇ ଥିଲେ ହେଁ ଦଳକୁ ସିରିଜ ବିଜୟୀ ସୁଯୋଗ ମିଳି ପାରି ନ ଥିଲା। ତେବେ ଚଳିତ ବର୍ଷ ପୁଣି ଆଉ ଏପକ ସୁଯୋଗ ମିଳିଛି। ଏହା ହେବ ମୋର ଚତୁର୍ଥ ଇଂଲଣ୍ଡ ଗସ୍ତ। ବର୍ତ୍ତମାନ ମୁଁ ୩୪ ବର୍ଷ ବୟସରେ ପଦର୍ପଣ କରିବାକୁ ଯାଉଛି। ତେଣୁ ଭବିଷ୍ୟତରେ ପୁଣି ଆଉ କେବେ ଇଂଲଣ୍ଡ ମାଟିରେ ଆଶେସ ସିରିଜ ଖେଳିବା ମଉକା ମିଳିବା କଷ୍ଟକର ହୋଇ ପାରେ। ତେଣୁ ଚଳିତ ବର୍ଷର ଆଶେସ ସିରିଜ ମୋ ପାଇଁ ନିଶ୍ଚିତ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଇଂଲଣ୍ଡ ମାଟିରେ ସ୍ମିଥ୍‌ଙ୍କର ଭଲ ଟେଷ୍ଟ ରେକର୍ଡ ରହିଛି। ମ୍ୟାଚ ପିଛା ୬୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରି ଥିବା ବେଳେ ବର୍ତ୍ତମାନ ଭଲ ଫର୍ମରେ ଅଛନ୍ତି। ସୂଚନା ଯୋଗ୍ୟ ଯେ ବେନ ଷ୍ଟୋକ୍ସ ଇଂଲଣ୍ଡ ଦଳର ନୂଆ ଅଧିନାୟକ ଓ ବ୍ରେଣ୍ଡେନ ମ୍ୟାକ୍ୟୁଲମ ନୂଆ ମୁଖ୍ୟକୋଚ ନିଯୁକ୍ତ ହେବା ପରେ ଟେଷ୍ଟ କ୍ରିକେଟରେ ସଫଳତା ଜାରି ରଖିଛନ୍ତି। ଷ୍ଟୋକ୍ସଙ୍କ ନେତୃତ୍ୱରେ ଇଂଲଣ୍ଡ ୧୨ ଟେଷ୍ଟ ଖେଳି ୧୦ ବିଜୟ ହାସଲ କରିଛି। ଅଷ୍ଟ୍ରେଲିଆ ଠାରୁ ଇଂଲଣ୍ଡ ୨୦୨୧-୨୦୨୨ ଆଶେସ ସିରିଜରେ ୦-୪ରେ ହାରି ଯାଇ ଥିବାରୁ ଚଳିତ ବର୍ଷର ଆଶେସ ସିରିଜରେ ସେହି ପରାଜୟର ପ୍ରତିଶୋଧ ନେବା ଅପେକ୍ଷାରେ ରହିଛି। ତେଣୁ ଇଂଲଣ୍ଡ ମାଟିରେ ଅଷ୍ଟ୍ରେଲିଆ ନିଶ୍ଚିତ କଡା ଚାଲେଞ୍ଜର ସମ୍ମୁଖୀନ ହେବ।

## ଆଇପିଏଲ୍‌ର ସଫଳ ୫ ଖେଳାଳି ଜାତୀୟ ସିନିୟର ଟିମ୍‌ରେ ସ୍ଥାନ ପାଇବା ସମ୍ଭାବନା

ନୂଆଦିଲ୍ଲୀ: ଚଳିତ ବର୍ଷର ଆଇପିଏଲରେ ସଫଳ ପ୍ରଦର୍ଶନ କରି ଚାଲିଥିବା ଭାରତର ୫ ଖେଳାଳିଙ୍କ ଉପରେ ନଜର ରଖିଛନ୍ତି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଚୟନକର୍ତ୍ତା। ସେହି ଖେଳାଳିମାନେ ହେଲେ ଯଶଭି ଜୟସ୍ୱାଲ, ତିଳକ ବର୍ମା, ସୁୟାଶ ଶର୍ମା, ରିଙ୍କୁ ସିଂ, ମୟଙ୍କ ମାର୍କଣ୍ଡେ। କାରଣ ଚଳିତ ବର୍ଷ ଭାରତରେ ଦିନିକିଆ କ୍ରିକେଟ ବିଶ୍ୱକପ ଓ ଆସନ୍ତା ବର୍ଷ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଟି-୨୦ ବିଶ୍ୱକପ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ତେଣୁ ଆଇପିଏଲର ସଫଳ ଖେଳାଳିଙ୍କୁ ନେଇ ସୀମିତ ଓଭର ବିଶ୍ୱକପ ପାଇଁ ନୂଆ ଦଳ ଗଠନ ପରିକଳ୍ପନା କରିବା ଯୋଜନା ରଖିଛି ବିସିସିଆଇ। ଚଳିତ ଆଇପିଏଲରେ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଥିବା ଓପନର ଯଶଭି ଜୟସ୍ୱାଲ ବର୍ତ୍ତମାନ ୯ ମ୍ୟାଚ ଖେଳି ୪୨୮ ରନ କରିଛନ୍ତି। ଉତ୍ତର ପ୍ରଦେଶରେ ଜନ୍ମିତ ଜୟସ୍ୱାଲ ମୁମ୍ବାଇ ଆସିବା ପରେ ପିଲାଦିନେ ଗୁପଚୁପ ବିକ୍ରି କରି ଗୁଜରାଣ ମେଣ୍ଟାଉଥିବା ବେଳେ ବର୍ତ୍ତମାନ ଜଣେ ସଫଳ


ଯଶଭି ଜୟସ୍ୱାଲ


ମୟଙ୍କ ମାର୍କଣ୍ଡେ


ତିଳକ ବର୍ମା


ସୁୟାଶ ଶର୍ମା



ରିଙ୍କୁ ସିଂ

କ୍ରିକେଟର ଭାବେ ନିଜକୁ ପ୍ରତିଷ୍ଠା କରି ପାରିଛନ୍ତି। ଚଳିତ ଆଇପିଏଲରେ ସେ ୧ ଶତକ ଓ ୩ ଅର୍ଦ୍ଧଶତକ ସହିତ ୧୫୯.୭୦ ଷ୍ଟ୍ରାଇକ ରେଟରେ ୪୨୮ ରନ ସହିତ ଦ୍ୱିତୀୟ ସର୍ବାଧିକ ରନ ସଂଗ୍ରହକାରୀ ହୋଇ ପାରିଛନ୍ତି। ଗତ ୩୦ ତାରିଖ ଦିନ ୱାଙ୍ଖଡେ ଷ୍ଟାଡିୟମରେ ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚରେ ସେ ୮ ଛକା ଓ ୧୬ ଚୌକା ସହାୟତାରେ ୧୨୪ ରନ କରି ଆଇପିଏଲରେ ପ୍ରଥମ ଶତକ ହାସଲ କରିଛନ୍ତି। ଏହି ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୨୧୨ ରନ କରିଥିଲେ ହେଁ ମୁମ୍ବାଇ ଠାରୁ ହାରି ଯାଇଥିଲା। ତେବେ ଜୟସ୍ୱାଲ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳୁଥିବା ତିଳକ ବର୍ମା ୮ ମ୍ୟାଚ ଖେଳି ସଂଗ୍ରହ କରିଛନ୍ତି ୨୪୮ ରନ। ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ୪୬ ବଲରୁ ସଂଗ୍ରହ କରିଥିବା ଅପରାଜିତ ୮୪ ରନ ଚର୍ଚ୍ଚାର ବିଷୟ ହୋଇଥିଲା। କୋଲକାତା ନାଇଟ ରାଇଡର୍ସ ପାଇଁ ଖେଳୁଥିବା ଯୁବ ସ୍ପିନ ବୋଲର ୭ ମ୍ୟାଚ ଖେଳି ୯ ୱିକେଟ ଦଖଲ କରି ନିଜ ବୋଲିଂ ଦକ୍ଷତାର ପରିଚୟ ଦେଇଛନ୍ତି। ବାଙ୍ଗାଲୋର ବିପକ୍ଷ ମ୍ୟାଚରେ ସେ ୩୦ ରନ ଦେଇ ୩ ୱିକେଟ ଅକ୍ତିଆର କରିଥିଲେ। ସେହିପରି କୋଲକାତା ଦଳର ଅନ୍ୟତମ ବ୍ୟାଟର ରିଙ୍କୁ ସିଂ ଗୁରାଟ ଟାଇଟନ୍ସ ବିପକ୍ଷ ମ୍ୟାଚର ଶେଷ ଓଭରରେ କ୍ରମାଗତ ୫ ବଲରେ ଛକା ମାରି ଏକ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ଅନ୍ୟ ସମସ୍ତ ମ୍ୟାଚରେ ମଧ୍ୟ ତାଙ୍କର ପ୍ରଦର୍ଶନ ପ୍ରଶଂସନୀୟ ହୋଇ ପାରିଛି। ବର୍ତ୍ତମାନ ସେ ୯ ମ୍ୟାଚ ଖେଳି ୨୭୦ ରନ ସଂଗ୍ରହ କରିଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ବୋଲର ମୟଙ୍କ ମାର୍କଣ୍ଡେ ମଧ୍ୟ ଚଳିତ ଆଇପିଏଲରେ ଚର୍ଚ୍ଚା ପରିସରକୁ ଆସିଛନ୍ତି। ସେ କେବଳ ୬ ମ୍ୟାଚ ଖେଳି ୧୦ ୱିକେଟ ଅକ୍ତିଆର କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି।



ଆଜିକାଲି ପିଠି ଯନ୍ତ୍ରଣା କେବଳ ବୟସ୍କ ଲୋକଙ୍କ ଠାରେ ନୁହେଁ ବରଂ ଯୁବାବସ୍ଥାରେ ମଧ୍ୟ ଦେଖିବାକୁ ମିଳୁଛି। ଆମ ଜୀବନରେ ପିଠି ଯନ୍ତ୍ରଣା ହେବାର ପ୍ରାୟ ୮୪ ପ୍ରତିଶତ ସମ୍ଭାବନା ଅଛି। ଅନେକେ ପିଠି ଯନ୍ତ୍ରଣାକୁ ଜୀବନଶୈଳୀର ଏକ ଅଂଶ ବୋଲି ଭାବି ଏହାକୁ ଅଣଦେଖା କରନ୍ତି। ଅଧିକ ସମୟ ଧରି ବସି ରହିବା ହେଉ ବା ଖାଦ୍ୟପେୟରେ ଅନିୟମିତତା, ପରିବର୍ତ୍ତିତ ଜୀବନଶୈଳୀ ତଥା ଶୋଇବାରେ ଅସାବଧାନତା ଯୋଗୁଁ ଅନେକ ଲୋକ ପିଠିରେ ଯନ୍ତ୍ରଣା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାଏ। ପିଠି ଯନ୍ତ୍ରଣାରୁ ଉପଶମ ପାଇବା ପାଇଁ କେତେକ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିଥାନ୍ତି । ଏଥିରୁ ମୁକ୍ତି ପାଇବା ଲାଗି କେହି କେହି ନାନା ପ୍ରକାର ପେନକିଲର୍‌ର ବ୍ୟବହାର କରିଥାନ୍ତି । ତେବେ ଆଜି ଆମେ ଆପଣଙ୍କୁ କିଛି ଘରୋଇ ଉପାୟରେ ଏହି ସମସ୍ୟାକୁ ଦୂର କରିବାର ଉପାୟ ବତେଇବୁ । ଆସନ୍ତୁ, ଜାଣିବା ସେସବୁ ବିଷୟରେ । ଯନ୍ତ୍ରଣା ହେଉଥିବା ସ୍ଥାନରେ ସୈନ୍ଧବ ଲବଣକୁ ଏକ କନାପୁଡ଼ିଆରେ ବାନ୍ଧି ଉଷୁମ କରି ସେକ ଦେଲେ କିଛି ସମୟ ମଧ୍ୟରେ ଏଥିରୁ ମୁକ୍ତି ମିଳିଥାଏ। ସେହିପରି ଉଷୁମ ପାଣି ସେକ ଏବଂ ବରଫ ଲଗାଇଲେ ମଧ୍ୟ ସୁଫଳ ମିଳିଥାଏ । ଯନ୍ତ୍ରଣା ହେଉଥିବା ସ୍ଥାନରେ ରସୁଣ ଫୁଟା ଉଷୁମ ତେଲ ମାଲିସ କଲେ କିଛି ସମୟ ମଧ୍ୟରେ ଆରାମ ଲାଗିଥାଏ । ପ୍ରତିଦିନ କିଛି ସମୟ ବ୍ୟାୟାମ କଲେ ଏଭଳି ସମସ୍ୟା ହୋଇନଥାଏ ବୋଲି ଚିକିତ୍ସକମାନେ ପରାମର୍ଶ ଦେଉଥାନ୍ତି ।

# ୨୫୦ କୋଟିକୁ ଟପିଲା 'ପୋନିୟିନ୍ ସେଲଭାନ୍-୨'

ନିର୍ଦ୍ଦେଶକ ମଣି ରତ୍ନମ୍‌ଙ୍କ ଐତିହାସିକ ଫିଲ୍ମ 'ପୋନିୟିନ୍ ସେଲଭାନ୍-୨' ଦର୍ଶକଙ୍କ ମନ ଜିଣିବାରେ ଲାଗିଛି । ଚଳଚ୍ଚିତ୍ରଟି ରିଲିଜ୍ ହେବା ଦିନଠୁ ବକ୍ସ ଅଫିସରେ ରାଜ୍ କରୁଥିବା ଜଣାପଡିଛି । ଆୟ ମଧ୍ୟ ସେମିତି ବଢିବାରେ ଲାଗିଛି । ଏହି ଫିଲ୍ମ କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ପ୍ରଶଂସା ସାଉଁଟୁଛି । 'ପୋନିୟିନ୍ ସେଲଭାନ୍-୨' ପଞ୍ଚମ ଦିନରେ ଅର୍ଥାତ୍ ମେ' ୨ ତାରିଖ ମଙ୍ଗଳବାର ଦିନ ଭାରତୀୟ ବକ୍ସ ଅଫିସରେ ୧୧ କୋଟି ଟଙ୍କାର ବ୍ୟବସାୟ କରିଛି । ଏଥିସହ ଫିଲ୍ମର ମୋଟ ଆୟ ବର୍ତ୍ତମାନ ୧୧୪.୭୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ, ନିର୍ମାତାମାନେ ଚଳିତ ସପ୍ତାହ ଶେଷ ସୁଦ୍ଧା ଫିଲ୍ମଟି ୨୦୦ କୋଟିକୁ ଅତିକ୍ରମ କରିବ ବୋଲି ସମ୍ପୂର୍ଣ୍ଣ ଆଶା ରଖିଛନ୍ତି। ଫିଲ୍ମ ପଠାନ ପରେ 'ପୋନିୟିନ୍ ସେଲଭାନ୍-୨'ର ଦର୍ଶକଙ୍କ ମନମୋହିବା ସହ ଆୟ ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଛି । ଟ୍ରେଡ୍ ରିପୋର୍ଟ ଅନୁଯାୟୀ, ଏହି ଫିଲ୍ମ ଦେଶରେ ୧୧୦ କୋଟିରୁ ଅଧିକ ରୋଜଗାର କରିସାରିଥିବା ବେଳେ ପଞ୍ଚମ ଦିନରେ ଫିଲ୍ମଟି ସାରା ବିଶ୍ୱରେ ୨୫୦ କୋଟି ଅତିକ୍ରମ କରିସାରିଲାଣି । ଏପରି ସ୍ଥିତିରେ 'ପୋନିୟିନ୍ ସେଲଭାନ୍-୨' ଆଗାମୀ ଦିନରେ ଅନେକ ରେକର୍ଡ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ସୂଚନାଥାଉ ଯେ, ଫିଲ୍ମ ନିର୍ମାତା ମଣି ରତ୍ନମ୍ ଏହି ଫିଲ୍ମର ପ୍ରଥମ ଏବଂ ଦ୍ୱିତୀୟ ଭାଗର ନିର୍ଦ୍ଦେଶନା ଦେଇଛନ୍ତି । ଏହି ଫିଲ୍ମଟି ଅରୁଲମୋଜି ବର୍ମନ ଏବଂ ଚୋଳ ସାମ୍ରାଜ୍ୟର ସର୍ବଶ୍ରେଷ୍ଠ ଶାସକ ରାଜା ଚୋଳ ହେବାର ଯାତ୍ରାକୁ ନେଇ ନିର୍ମିତ ହୋଇଛି । ଏହି ଫିଲ୍ମର କାହାଣୀ କାଲ୍କିଙ୍କ ଉପନ୍ୟାସର କାହାଣୀକୁ ନେଇ ପ୍ରସ୍ତୁତ କରାଯାଇଛି । ଏହି ଫିଲ୍ମରେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ, ବିକ୍ରମଙ୍କ ସମେତ ତ୍ରିଶା, କାର୍ତ୍ତି ଏବଂ ଜୟମ ରବି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ।





# ରାଘବଙ୍କ ନାଁରେ ଇଡିର ଚାର୍ଜସିଟ୍ ପରିଣୀତିଙ୍କ ମନଦୁଃଖ

ନିଜର ବିବାହକୁ ନେଇ ଏବେ ଚର୍ଚ୍ଚାରେ ରହିଛନ୍ତି ବଲିଉଡ ଅଭିନେତ୍ରୀ ପରିଣୀତି ଚୋପ୍ରା। ଗତ କିଛିଦିନ ହେଲାଣି ପରିଣୀତିଙ୍କ ବିବାହ ଆମ୍ ଆଦମୀ ପାର୍ଟି ସାଂସଦ ରାଘବ ଚଢ଼ାଙ୍କ ସହ ହେବ ବୋଲି କୁହାଯାଉଛି। ଦୁହେଁ ସାଙ୍ଗ ହୋଇ ଅନେକ ସ୍ଥାନରେ ନଜର ଆସିବା ପରେ ଏହି ଚର୍ଚ୍ଚା ଜୋର ଧରିଥିଲା। ଏମିତି କି ଆଗାମୀ ୧୩ ତାରିଖରେ ଦୁହେଁ ନିର୍ବନ୍ଧ କରିବେ ବୋଲି କୁହାଯାଉଥିଲା। ହେଲେ ଆଜି ଇଡି ନିଜ ସପ୍ଲିମେଣ୍ଟାରୀ ଚାର୍ଜସିଟ୍‌ରେ ରାଘବ ଚଢ଼ାଙ୍କ ନାଁ ସାମିଲ କରିବା ପରେ ପରିଣୀତିଙ୍କ ମୁହଁ ଫିକା ପଡ଼ିଯାଇଥିବା ଦେଖାଯାଇଛି। ରାଘବ ଚଢ଼ାଙ୍କ ନାଁ ଇଡିର ସପ୍ଲିମେଣ୍ଟାରୀ ଚାର୍ଜସିଟରେ ଆସିବା ସହ ଇଡି ତାଙ୍କୁ ପଚରାଉଚରା କରିବ ବୋଲି ଜଣାପଡ଼ିଛି । ମାତ୍ର ସନ୍ତୋଷଜନକ ବିଷୟ ହେଉଛି ଯେ ତାଙ୍କୁ ଚାର୍ଜସିଟରେ ଅଭିଯୁକ୍ତ ଭାବେ ନାମିତ କରାଯାଇ ନାହିଁ। ତେବେ ଭାଇରାଲ ହେଉଥିବା ଭିଡିଓରେ ଦେଖାଯାଇଛି ଯେ, ପରିଣୀତି ତାଙ୍କ କାର୍‌ରୁ ବାହାରିବା ପରେ ତାଙ୍କୁ ବିବାହ ବିଷୟରେ ପଚରାଯାଉଛି। ଏହାର କୌଣସି ଉତ୍ତର ନଦେଇ ସେ ଆଗକୁ ମୁହଁ ଫୁଲାଇ ଚାଲିଯାଉଛନ୍ତ। ପ୍ରତିଥର ବିବାହ ସମ୍ପର୍କିତ ପ୍ରଶ୍ନରେ ତାଙ୍କର ଲାଜୁଆ ହସମିଶା ମୁହଁ ଦେଖିବାକୁ ମିଳୁଥିବାବେଳେ ପରିଣୀତିଙ୍କ ଏଭଳି ପ୍ରତିକ୍ରିୟା ଦେଖି ଇଡିର ଚାର୍ଜସିଟ ପାଇଁ ତାଙ୍କ ମନଦୁଃଖ ଥିବା ଅନେକେ କହୁଛନ୍ତି ।

# ଚର୍ମରୋଗର ବାହକ ମୋବାଇଲ୍

ସକାଳୁ ଉଠିବା ଠାରୁ ଆରମ୍ଭ କରି ରାତ୍ରୀ ଭୋଜନ ପର୍ଯ୍ୟନ୍ତ ଛୋଟ ପିଲାଟିଏ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ମୋବାଇଲ୍ ଫୋନ୍ ବ୍ୟବହାର କରିଥାନ୍ତି। କିନ୍ତୁ ବାସ୍ତବରେ ଏହା ଯେ କେତେ କ୍ଷତିକାରକ ସେକଥା କେହି ଭାବି ନଥାନ୍ତି । ଏକ ଅନୁସନ୍ଧାନରୁ ଜଣାପଡିଛି, ଜନଗହଳିପୂର୍ଣ୍ଣ ଶୌଚାଳୟ କିମ୍ବା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟର ବ୍ୟବହାର ଠାରୁ ଅଧିକ ଘାତକ ହେଉଛି ଆପଣଙ୍କ ମୋବାଇଲ୍ ଫୋନ୍ । ଏହାକୁ ଆପଣ ଯେତେଥର ସ୍ପର୍ଶ କରନ୍ତି ସେତେ ଅଧିକ ଜୀବାଣୁ ସଂଗ୍ରହ କରନ୍ତି। ଟିକ୍‌ଟକ୍ ପ୍ଲାଟଫର୍ମରେ ଡାକ୍ତର ମମିନା ନାମରେ ପ୍ରସିଦ୍ଧ ଚର୍ମରୋଗ ବିଶେଷଜ୍ଞ ଡକ୍ଟର ମମିନା ତୁରେଗାନୋ ପ୍ରକାଶ କରିଛନ୍ତି ଯେ ମୋବାଇଲ୍ ଫୋନ୍ ବ୍ୟବହାର କରିବା ଦ୍ୱାରା ଚର୍ମରେ କ୍ଷତି ହୋଇପାରେ। ଭିଡିଓ କ୍ଲିପଗୁଡିକ ମଧ୍ୟରୁ ଗୋଟିଏରେ ମମିନା ତାଙ୍କ ଆକାଉଣ୍ଟ ଜରିଆରେ ବୁଝାଇଥିଲେ ଯେ, ଏହା ଆପଣଙ୍କ ଶରୀରର ଚର୍ମ ଉପରେ କିଭଳି ପ୍ରଭାବ ପକାଏ । ଟିକଟକରେ ପ୍ରାୟ ଏକ ଲକ୍ଷ ଅଧିକ ଲୋକ ତାଙ୍କୁ ଅନୁସରଣ କରନ୍ତି। ସେ ଏହି ପ୍ଲାଟଫର୍ମରେ ସୂଚନା ଦେଇ କହିଛନ୍ତି ଯେ ମୋବାଇଲ୍ ଫୋନ୍ ସବୁବେଳେ ଜୀବାଣୁରେ ଆଚ୍ଛାଦିତ ହୋଇରହିଥାଏ । ବେଳେବେଳେ ଏହା ସର୍ବସାଧାରଣ ବାଥରୁମ(ପବ୍ଲିକ ଟଏଲେଟ) ଅପେକ୍ଷା ଅଧିକ ପ୍ରଦୂଷିତ ହୋଇଥାଏ ବୋଲି କହିଛନ୍ତି । ସେ ଦର୍ଶାଇଛନ୍ତି ଯେ ଫୋନର ଦୈନନ୍ଦିନ ବ୍ୟବହାର ଏବଂ କଥାବାର୍ତ୍ତା ସମୟରେ ଏହାକୁ ମୁହଁ ପାଖରେ ରଖିବା ଦ୍ୱାରା ଚର୍ମକୁ ଜୀବାଣୁ ସ୍ଥାନାନ୍ତର ହୋଇପାରେ ଏବଂ ଚର୍ମ ସମସ୍ୟା ଭଳି ସମସ୍ୟା ମଧ୍ୟ ଦେଖାଦେଇପାରେ। ତେଣୁ ସେ ଫୋନକୁ ଲଗାତାର ସଫା କରିବା ଏବଂ ଓଦା କାପଡ଼ାକୁ ସାବୁନ ପାଣିରେ ବୁଡ଼ାଇ ପୋଛିବା କିମ୍ବା ଆଲକୋହଲ ଦ୍ୱାରା ପୋଛିବା ଆବଶ୍ୟକ ଏହା ଦ୍ୱାରା ୭୦ ପ୍ରତିଶତରୁ ଅଧିକ ଜୀବାଣୁ ନଷ୍ଟ ହେବେ ବୋଲି ଡାକ୍ତର ମମିନା ପରାମର୍ଶ ଦେଇଛନ୍ତି।





# ପ୍ରଶଂସକଙ୍କୁ ଠେଲିଦେଲେ କିଙ୍ଗ ଖାନ୍

ଚଳଚ୍ଚିତ୍ର 'ପଠାନ' ବ୍ଲକବଷ୍ଟର ପ୍ରମାଣିତ ହେବା ପରଠାରୁ ବଲିଉଡ ଅଭିନେତା ଶାହାରୁଖ ଖାନ ସୋସିଆଲ ମିଡିଆରେ ରାଜ୍ କରୁଛନ୍ତି । ଏହି ସଫଳତା ପାଇବା ପାଇଁ ଅଭିନେତାଙ୍କୁ ଖୁବ୍ କଠିନ୍ ପରିଶ୍ରମ କରିବାକୁ ପଡିଥିଲା । ଦେଶ ବିଦେଶରେ ଜଣେ ସୁପରିଚିତ କଳାକାର ହୋଇଥିବାରୁ ଶାହାରୁଖ ଖାନଙ୍କ ଫ୍ୟାନ୍‌ଙ୍କ ସଂଖ୍ୟା ଖୁବ ଅଧିକ । ନିକଟରେ ଶାହାରୁଖ ଖାନ୍‌ଙ୍କ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ତାଙ୍କର ଜଣେ ପ୍ରଶଂସକ ସେଲ୍‌ଫି ନେବାକୁ ଚେଷ୍ଟା କରୁଛନ୍ତି କିନ୍ତୁ କିଙ୍ଗ୍ ଖାନ ଉକ୍ତ ବ୍ୟକ୍ତି ଜଣଙ୍କ ହାତ ଠେଲି ହଟାଉଥିବାର ଦେଖିବାକୁ ମିଳୁଛି । ଶାହରୁଖଙ୍କ ଏହି ଭିଡିଓଟି ଏବେ ଭାଇରାଲ୍ ହେବାରେ ଲାଗିଛି । ଯାହାକୁ ନେଇ ପ୍ରଶଂସକ ଖୁବ୍ କ୍ଷୁବ୍ଧ ହୋଇଛନ୍ତି । ସୋସିଆଲ ମିଡିଆରେ ଅଭିନେତାଙ୍କୁ ଟ୍ରୋଲର ଶିକାର ହେବା ପାଇଁ ମଧ୍ୟ ପଡୁଛି । ଘଟଣାଟି ହେଉଛି ଶାହାରୁଖ ଖାନଙ୍କୁ ମୁମ୍ବାଇ ବିମାନବନ୍ଦରରେ ଦେଖି ତାଙ୍କ ଫ୍ୟାନ୍‌ମାନେ ତାଙ୍କୁ ଚାରିପଟୁ ତାଙ୍କୁ ଘେରି ଯାଇଥିଲେ । ସେଠାରେ ଉପସ୍ଥିତ ଥିବା ତାଙ୍କର ଜଣେ ପ୍ରଶଂସକ ପ୍ରିୟ ଷ୍ଟାରଙ୍କ ସହ ଫଟୋ ଉଠାଇବାକୁ ଚେଷ୍ଟା କରିବା ମାତ୍ରକେ ଶାହାରୁଖ ତାଙ୍କ ଉପରେ ରାଗି ଯାଇଥିଲେ ଏବଂ ଫ୍ୟାନ୍ ଜଣକଙ୍କ ହାତକୁ ଠେଲି ହଟାଉଥିବାର ନଜର ଆସିଥିଲେ । ଶାହାରୁଖ ଖାନଙ୍କ ଏହି କାର୍ଯ୍ୟ ଉପରେ ଫ୍ୟାନ୍ସ ଏବେ ଖୁବ ରାଗି ଯାଇଛନ୍ତି । ଏପରିକି ଏହି ଭିଡିଓ ଉପରେ ଲୋକମାନେ ତୀବ୍ର ମନ୍ତବ୍ୟ ଦେଉଛନ୍ତି।

# ମସ୍ତିଷ୍କକୁ ସୁସ୍ଥ ରଖନ୍ତୁ

ମଣିଷର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହେଉଛି ମସ୍ତିଷ୍କ । ସୁସ୍ଥ ମସ୍ତିଷ୍କ ସେମାନଙ୍କ ପାଖରେ ଥାଏ ଯେଉଁମାନେ ସ୍ୱାସ୍ଥ୍ୟ ଉପଯୋଗୀ ଆହାର ବା ଖାଦ୍ୟ ଗ୍ରହଣ କରିଥାନ୍ତି । ଆମର ମସ୍ତିଷ୍କ କ୍ରମାଗତ ଭାବରେ ସକ୍ରିୟ ରହିଥାଏ। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁ ସମୟରେ କାମ କରିଥାଏ । ତେଣୁ ଏହାକୁ ସୁସ୍ଥ ରଖିବା ଉପରେ ଧ୍ୟାନ ଦେବା ଜରୁରୀ। ଆଜିକାଲି ବହୁତ ଲୋକ ସୁନ୍ଦର ଦେଖାଯିବା ପାଇଁ ଚେଷ୍ଟା କରନ୍ତି । ସୁନ୍ଦର ଚେହେରା ସହ ମସ୍ତିଷ୍କକୁ ସୁସ୍ଥ ରଖିବା ମଧ୍ୟ ଉଚିତ୍ । ଆଜିକାଲିର ବ୍ୟସ୍ତମୟ ଜୀବନଶୈଳୀ ସମସ୍ତଙ୍କୁ ଏତେମାତ୍ରାରେ ପ୍ରଭାବିତ କରୁଛି ଯେ, ନିଜର ଯତ୍ନ ନିଜକୁ ନେବାକୁ ମଧ୍ୟ ସମୟ ରହୁନି । କର୍ମକ୍ଷେତ୍ରର ଚାପ ହେଉକି ପାରିବାରିକ ଚାପ, ଏସବୁ ଭିତରେ ବି ଆମକୁ ନିଜ ପାଇଁ କିଛି ସମୟ ବାହାର କରିବା ଦରକାର। ଖାଦ୍ୟପେୟ ଗ୍ରହଣ ପାଇଁ ମଧ୍ୟ ସମୟର ଅଭାବ ପରିଲକ୍ଷିତ ହେଉଛି । ଯାହାକିଛି ଟିକେ ହେଉ ଖାଇଦେଲେ ଚଳିଯାଉଛି, ମାତ୍ର ଏସବୁ ସ୍ୱାସ୍ଥ୍ୟପକ୍ଷେ କେତେ ହିତକର ବା ଅହିତକର ସେବୁର ଚିନ୍ତା ପାଇଁ ସମୟ ନାହିଁ । ଯାହାଫଳରେ ଅନେକ କିଛି ଖାଦ୍ୟପେୟ ଯାହା ଶରୀର ପାଇଁ ଜରୁରୀ ସେସବୁକୁ ଆମେ ଭୁଲିଯାଉଛୁ । ଏସବୁ ଦ୍ୱାରା ବେଶି ପ୍ରଭାବିତ ହୋଇଥାଏ ମସ୍ତିଷ୍କ । ଏଥିପାଇ ଆମକୁ ଖାଦ୍ୟପେୟ ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ । ଜାଣନ୍ତୁ ଜାଣିବା ସୁସ୍ଥ ମସ୍ତିଷ୍କ ପାଇଁ କେଉଁ କେଉଁ ଖାଦ୍ୟର ଆବଶ୍ୟକତା ରହିଛି ।

ପ୍ରତିଦିନ ଅକ୍ରୁଟ୍ ବା ଅଖରୋଟ ଖାଇଲେ ମସ୍ତିଷ୍କର ଶକ୍ତି ୧୯ ଭାଗ ବଢିଯାଏ । ଏହା ମସ୍ତିଷ୍କକୁ ସତେଜ କରିଥାଏ । ଚା'ରୁ ଆମକୁ ପୋଲୋକନେଲ୍ ମିଳିଥାଏ ଯାହା ମସ୍ତିଷ୍କକୁ ସନ୍ତୁଳନ ରଖିବାରେ ସାହାଯ୍ୟ କରିଥାଏ । ଏହା ମସ୍ତିଷ୍କକୁ ଶାନ୍ତ ରଖିବା ସହ ଭାବିବା ପାଇଁ ସାହାଯ୍ୟ କରିଥାଏ । ବର୍ତ୍ତମାନ ବିଭିନ୍ନ ପ୍ରକାରର ଚା' ପ୍ରସ୍ତୁତ କରାଯାଉଛି। ତାହାକୁ ବ୍ୟବହାର କରାଯାଇ ପାରେ । ମାଛ ଖାଇବା ମସ୍ତିଷ୍କ ପାଇଁ ଅତି ଦରକାରୀ । ଏଥିରେ ମସ୍ତିଷ୍କ ଆହୁରି ଫ୍ରେଶ ହୋଇଥାଏ । ଏଥିରେ ଓମେଗା ୩ ଫ୍ୟାଟି ଏସିଡ୍ ରହିଥାଏ । ଯାହା ମସ୍ତିଷ୍କ ଓ ଆଖିର ବିକାଶରେ ଲାଭ ଦାୟକ ସାବ୍ୟସ୍ତ ହୋଇଥାଏ । ପାଳଙ୍ଗ ଶାଗ, ଏଥିରେ ମ୍ୟାଗ୍ନେସିୟମ ଅଧିକ ରହିଥାଏ । ଏହାଦ୍ୱାରା ମସ୍ତିଷ୍କରୁ ନେଇ ସମ୍ପୂର୍ଣ୍ଣ ଶରୀରରେ ରକ୍ତ ସଂଚାଳନ ହୋଇଥାଏ । ସେହିପରି ସୁସ୍ଥ ମସ୍ତିଷ୍କ ଲାଗି ଅଲିଭ ତେଲର ମଧ୍ୟ ବ୍ୟବହାର କରାଯାଇପାରିବ । ଏହା ମସ୍ତିଷ୍କର ଶକ୍ତିକୁ ଦ୍ୱିଗୁଣିତ କରିଥାଏ ।

ପ୍ରତିଦିନ ଖାଦ୍ୟରେ ଦହିକୁ ସାମିଲ କରିବା ଉଚିତ୍ । ଏଥିରେ ଓମିନ ଏସିଡ ଥାଏ, ଯାହା ମାନସିକ ଅବସାଦ ଦୂର କରିଥାଏ ।

ଟମାଟୋ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି । ଏହା ମସ୍ତିଷ୍କର କୋଶିକାଗୁଡ଼ିକର ସମ୍ପୂର୍ଣ୍ଣ ଯତ୍ନ ନେଇଥାଏ ଏବଂ ଏହାକୁ ନଷ୍ଟ ହେବାକୁ ଦେଇନଥାଏ । ସେହିପରି ପାଚିଲା କଦଳୀରେ ମ୍ୟାଗ୍ନେସିୟମ୍ ଅଧିକ ପରିମାଣରେ ରହିଥିବାରୁ ଏହା ମସ୍ତିଷ୍କକୁ ସକ୍ରିୟ ରଖିବା ସହ ସ୍ମରଣଶକ୍ତିକୁ ବୃଦ୍ଧି କରିଥାଏ ।





Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik

# ରାଜ୍ୟ ଖବର



ନନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ଗତ ୮ ଦିନ ତଳେ ନନ୍ଦାହାଣ୍ଡି ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ବ୍ଲକର ଜଗନ୍ନାଥପୁର ଗ୍ରାମ ପଂଚାୟତର ପୋଲୁଗୁଡାକୁ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ପୋଲୁଗୁଡା ଗ୍ରାମର ଦିନ ମଜୁରିଆ ତ୍ରିନାଥ ଜାନିଙ୍କ ସମସ୍ୟା ଉପରେ ଜାଣିବାକୁ ପାଇଥିଲେ। ସ୍ତ୍ରୀ ବିମଳା ଜାନିଙ୍କ ଅକାଳ ବିୟୋଗ ପରେ ତ୍ରିନାଥ ଜାନି ବହୁ କଷ୍ଟରେ ନିଜର ଛୋଟ ଛୋଟ ୪ ଶିଶୁ ପୁତ୍ରଙ୍କୁ ଲାଳନପାଳନ କରୁଥିବା ଓ ସେମାନଙ୍କ ଦେଖାରେଖା କରୁଥିବା ଯୋଗୁଁ ତ୍ରିନାଥ କୁଲି ମଜୁରୀକୁ ବି ଯାଇ ପାରୁନଥିବା ଯୋଗୁଁ ପରିବାର ବହୁତ ଦୁଃଖ କଷ୍ଟରେ ବଞ୍ଚୁଥିବା ନେଇ ବିଡ଼ିଓ ମହାଶୟ ଜାଣିବାକୁ ପାଇଲେ। ନିଜର ଚେଷ୍ଟାରେ ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ବୁଧବାର ଦିନ ପୋଲୁଗୁଡା ଅଙ୍ଗନବାଡ଼ି କର୍ମୀ ଜୟନ୍ତୀ ଜାନି ଜରିଆରେ ତ୍ରିନାଥ ଜାନିଙ୍କ ବଡ଼ ଭାଉଜ ମାଗୁଣି ଜାନି ଓ ୪ ଜଣ ଶିଶୁ ପୁତ୍ରଙ୍କୁ ନବରଙ୍ଗପୁର ଜିଲ୍ଲା ଶିଶୁ ମଙ୍ଗଳ କମିଟି ଠାରେ ହାଜର କରାଇଥିଲେ। ଜିଲ୍ଲା ଶିଶୁମଙ୍ଗଳ କମିଟି ଅଧକ୍ଷା ଅଜାନ୍ତା ଶୁଭଦର୍ଶିନୀ, ସଦସ୍ୟ ସନ୍ତୋଷ ଷଡଙ୍ଗୀ ଓ ରବୀନ୍ଦ୍ର ପଧାନ, ସଦସ୍ୟା ଅନିତା ହୋତା ଓ ବିଜୟଲକ୍ଷ୍ମୀ ସାହୁ ଉପସ୍ଥିତ ଶିଶୁ, ତାଙ୍କ ବଡ ମାଆ ଓ ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କ ସହ ବିସ୍ତୃତ ଆଲୋଚନା କରି ୪ ଶିଶୁ ମଧ୍ୟରୁ ୨ଜଣ ବଡ଼ ଶିଶୁଙ୍କୁ ସିନ୍ଧିଗୁଡା ସ୍ଥିତ ଉତ୍କଳ ବାଳାଶ୍ରମ ରେ ଥଇଥାନ ନିମନ୍ତେ ନିଷ୍ପତ୍ତି ନେଇ ଆଦେଶ ଜାରି କରିଛନ୍ତି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସ୍ୱେଚ୍ଛାସେବୀ ସମରେନ୍ଦ୍ର ପରିଡା ଓ ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତ୍ତା ସନ୍ତୋଷ ଜେନା ମଧ ଆଜିର ନିଷ୍ପତ୍ତି ଗ୍ରହଣ ସମୟରେ ଉପସ୍ଥିତ ଥିଲେ।ଅନ୍ୟ ଦୁଇ ଶିଶୁ ପୁତ୍ରମାନଙ୍କୁ ମଧ ଆଗାମୀ ଦିନରେ ଉଚିତ ଥଇଥାନ କରାଯିବ ବୋଲି ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷା ଅଜାନ୍ତା ଶୁଭଦର୍ଶିନୀ ନିଜର ମତ ରଖିଛନ୍ତି।

## ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ତଥ୍ୟଭିତ୍ତିକ ଗବେଷଣାକୁ ଆଗେଇନେବା ପାଇଁ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟ (ୟୁସିଟି) ମଧ୍ୟରେ ବୁଧବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ତଥ୍ୟର ନିର୍ଭରଯୋଗ୍ୟତା ଏବଂ ସଂରକ୍ଷଣ ବୃଦ୍ଧି କ୍ଷେତ୍ରରେ ଚିକାଗୋ ବିଶ୍ୱବିଦ୍ୟାଳୟ ଟ୍ରଷ୍ଟ ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଏହାଦ୍ୱାରା ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଶକ୍ତି, ପରିବେଶ, କୃଷି, ରାଜସ୍ୱ, ଜଳସେଚନ ଏବଂ ପରିମଳ କ୍ଷେତ୍ରରେ ପ୍ରମାଣଭିତ୍ତିକ ଗବେଷଣାକୁ ଅଧିକ ସୁଦୃଢ଼ କରାଯାଇପାରିବ । ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ଅବସରରେ କହିଥିଲେ ଯେ, ଡିପିଆଇସି (ଡାଟା, ପଲିସି, ଆଣ୍ଡ ଇନୋଭେସନ ସେଣ୍ଟର) ପ୍ରତିଷ୍ଠା ବିଭିନ୍ନ କ୍ଷେତ୍ରରେ ରାଜ୍ୟର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାର ପ୍ରମାଣ । ସମଗ୍ର ବିଶ୍ୱର ପଣ୍ଡିତମାନେ ଓଡ଼ିଶାରେ ଗବେଷଣା କରି ସେମାନଙ୍କ ଅନୁସନ୍ଧାନକୁ ସମଗ୍ର ବିଶ୍ୱ ନିକଟରେ ପହଞ୍ଚାଉଥିବାରୁ ସେ ସନ୍ତୋଷ ବ୍ୟକ୍ତ କରିବା ସହ ପ୍ରମାଣ ଓ ତଥ୍ୟଭିତ୍ତିକ ନୀତି ରାଜ୍ୟପାଇଁ ଯଥେଷ୍ଟ ଲାଭଦାୟକ ହେବ ବୋଲି ଉଲ୍ଲେଖ କରିଥିଲେ । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ କୁମାର ମିଶ୍ର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ତଥ୍ୟଭିତ୍ତିକ ସ୍ୱଚ୍ଛତା, ସମୀକ୍ଷା ଏବଂ ଅନୁସନ୍ଧାନର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଅଭିନବ ଚିନ୍ତାଧାରାର ପରୀକ୍ଷଣ ପାଇଁ ତଥ୍ୟ ବ୍ୟବହାର କରିବାରେ ଓଡ଼ିଶା ସବୁବେଳେ ଆଗରେ ରହିଛି । ୫ ବର୍ଷ ପୂର୍ବେ ଆମେ ଓଡ଼ିଶା ସରକାରଙ୍କ ସହ ମିଶି ଶିକ୍ଷଗୁଡ଼ିକ ପାଇଁ ଏକପ୍ରକାର ତଥ୍ୟଭିତ୍ତିକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ କରିଥିଲୁ । ତେଣୁ ଏହା ଆମ ପାଇଁ ଏକପ୍ରକାର ସ୍ୱଦେଶ ପ୍ରତ୍ୟାବର୍ତ୍ତନ ଏବଂ ତଥ୍ୟ ଓ ପ୍ରମାଣଭିତ୍ତିକ ନୀତି ନିର୍ଦ୍ଧାରଣକୁ ଆଗକୁ ବଢ଼ାଇବା ଦିଗରେ ଓଡ଼ିଶା ସରକାରଙ୍କ ସହ ମିଳିତଭାବେ କାର୍ଯ୍ୟ କରିବାକୁ ଆମେ ଉତ୍ସାହିତ ବୋଲି ଚିକାଗୋ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପ୍ରଫେସର ତଥା ଶକ୍ତି ନୀତି ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ମାଇକେଲ ଗ୍ରୀନଷ୍ଟୋନ୍ କହିଥିଲେ । ଭୁବନେଶ୍ୱରସ୍ଥିତ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ)ରେ ହୋଇଥିବା ଏହି ଚୁକ୍ତିନାମା ସ୍ୱାକ୍ଷର ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ମାନସ ରଞ୍ଜନ ପଣ୍ଡାଙ୍କ, ଅତିରିକ୍ତ ଶାସନ ସଚିବ ତଥା ଓକାକ ସିଇଓ ମନୋଜ ପଟ୍ଟନାୟକ, ଜେନେରାଲ ମ୍ୟାନେଜର, ଓକାକ୍, ମଧୁମିତା ରଥ, ପ୍ରଶାସନିକ ଅଧିକାରୀ ପ୍ରବୋଧ ରାଉତ, ଅନୁ ଶାସନ ସଚିବ ବିନୋଦ ସାହୁ ତଥା ଚିକାଗୋ ବିଶ୍ୱବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଜାତୀୟ ରାଜପଥରୁ କଟକ ରେଳଷ୍ଟେସନ ପୂର୍ବପଟ ଗେଟ୍‌କୁ ରାସ୍ତା ନିର୍ମାଣ ଆରମ୍ଭ

କଟକ(ଭାସ୍କର ନ୍ୟୁଜ୍): ପ୍ରଶାସନର ତତ୍ପରତା ଯୋଗୁ ବିଗତ ଦିନରୁ ଚାଲି ଆସିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି । ଯାହାଫଳରେ ଜାତୀୟ ରାଜପଥରୁ କଟକ ରେଳଷ୍ଟେସନ ପୂର୍ବ ପଟରେ ଥିବା ଗେଟ୍ କୁ ଯାତାୟତ ଓ ପରିବହନ ସୁଗମ ହୋଇପାରିଛି । ଏତଦବ୍ୟତୀତ ଗଣ୍ଡରପୁର, ଜଗତପୁର, ଶିଖରପୁର, କଟକସଦର, ସାଲେପୁର, ନିଶ୍ଚିନ୍ତକୋଇଲି, ମାହାଙ୍ଗା ଅଞ୍ଚଳର ଲୋକମାନେ ଯାନିଯାତ୍ରା ସମୟରେ ମଧ ଏହି ରାସ୍ତାରେ ନିର୍ଦ୍ଵନ୍ଦରେ ଯାତାୟତ କରିପାରିବେ । ଏଥିସହ ପୂର୍ବ ଗେଟ୍ଠାରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ମଧ ଆରମ୍ଭ ହୋଇଛି । ଆଗାମୀ ଏକ ମାସ ସମୟ ଅବଧି ମଧ୍ୟରେ ଏହି କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି, ଯାହାଫଳରେ କଟକ ବହିରାଗତ ରେଳ ଯାତ୍ରୀମାନେ ସିଧାସଳଖ ଷ୍ଟେସନ ମଧକୁ ପ୍ରବେଶ କରିପାରିବେ । କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା ପୂର୍ବକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଡ଼ଃ. ଭବାନୀ ଶଙ୍କର ଚୟନୀ ଉପରୋକ୍ତ ବିଷୟ ପ୍ରକାଶ କରିଛନ୍ତି । ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ସର୍ବସାଧାରଣ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ ଦିଗରେ ପ୍ରଶାସନ ଗୁରୁତ୍ୱାରୋପ କରିଆସୁଛି ଓ ସଂପୃକ୍ତ ଅଞ୍ଚଳର ଲୋକମାନଙ୍କ ସହଯୋଗରେ ଜମି ଅଧିଗ୍ରହଣ ପ୍ରକ୍ରିୟା ଅଧିକ ତ୍ୱରାନ୍ୱିତ ହେଉଥିବା ପରିଲକ୍ଷିତ ହେଉଛି ବୋଲି ଜିଲ୍ଲାପାଳ ଡ଼ଃ.ଚୟନୀ ମତବ୍ୟକ୍ତ କରିଛନ୍ତି ।

## ବାରବାଟୀ-କଟକ ନିର୍ବାଚନ ମାମଲା
## ରିଟର୍ଣ୍ଣି ଅଫିସରଙ୍କ ସାକ୍ଷ୍ୟଗ୍ରହଣ

କଟକ(ଭାସ୍କର ନ୍ୟୁଜ୍): ବାରବାଟୀ-କଟକ ନିର୍ବାଚନ ମାମଲାରେ ତତ୍କାଳୀନ ରିଟର୍ଣ୍ଣି ଅଫିସର୍ ସୁକାନ୍ତ କୁମାର ପ୍ରଧାନ ହାଇକୋର୍ଟର ବିଚାରପତି ସଙ୍ଗମ ସାହୁଙ୍କ ଇଜିଲାସରେ ହାଜର ହୋଇଥିଲେ । ତାଙ୍କର ଆଜି ସାକ୍ଷ୍ୟଗ୍ରହଣ ହୋଇଥିବାବେଳେ ଗୁରୁବାର ଦିନ ପରବର୍ତ୍ତୀ ସାକ୍ଷ୍ୟଗ୍ରହଣ ହେବ । ସୁକାନ୍ତ କୁମାର ପ୍ରଧାନ ବର୍ତ୍ତମାନ ହେଉଛନ୍ତି ବାଣିଜ୍ୟ ଓ ଜଳ ପରିବହନ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ । ତେବେ ନିର୍ବାଚନ ସମୟରେ ସେ ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣି ଅଫିସର୍ ଥିଲେ । ଏହି ମାମଲାରେ ତାଙ୍କର ସାକ୍ଷ୍ୟଗ୍ରହଣ ନିମନ୍ତେ ଦେବାଶୀଷ ସାମନ୍ତରାୟ ହାଇକୋର୍ଟରେ ଆବେଦନ କରିଥିଲେ । ଅଦାଲତ ଏହି ମାମଲାରେ ଏପ୍ରିଲ୍ ୧୮ରେ ଅନୁମତି ଦେବା ସହ ତାଙ୍କୁ ନୋଟିସ୍ ଜାରି କରିଥିଲେ। ପୂର୍ବତନ ବିଧାୟକ ଦେବଶୀଷ ସାମନ୍ତରାୟଙ୍କ ପକ୍ଷରୁ ସାକ୍ଷ୍ୟ ପ୍ରଦାନ କରୁଥିବା ଦୀପଙ୍କର ଆଚାର୍ଯ୍ୟଙ୍କ ଇତି ମଧ୍ୟରେ ଜେରା ଶେଷ ହୋଇଛି । ବାରବାଟୀ-କଟକ ବିଧାନସଭା ନିର୍ବାଚନୀ ମଣ୍ଡଳୀର ବିଜୟୀ ପ୍ରାର୍ଥୀ ତଥା କଂଗ୍ରେସ ବିଧାୟକ ମହମ୍ମଦ୍ ମୋକିମ୍‌ଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବାକୁ ହାଇକୋର୍ଟରେ ପରାଜିତ ପ୍ରାର୍ଥୀ ଦେବାଶିଷ ସାମ'ରାୟଙ୍କ ପକ୍ଷରୁ ମାମଲା ରୁଜୁ କରାଯାଇଛି । ବିଧାୟକ ଶ୍ରୀ ମୋକିମ୍ ତାଙ୍କ ସତ୍ୟପାଠରେ ଅନେକ ତଥ୍ୟ ଲୁଚାଇଥିବା ଶ୍ରୀ ସାମନ୍ତରାୟ ଅଭିଯୋଗ କରଛନ୍ତି । ମୋକିମ୍‌ଙ୍କ ନାମରେ ଥିବା ଅପରାଧିକ ମାମଲା ଏବଂ ତାଙ୍କର ସମ୍ପତି ସମ୍ପର୍କରେ ସେ ରିଟର୍ଣ୍ଣି ଅଫିସରଙ୍କ ନିକଟରେ ମିଥ୍ୟା ଓ ଅସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିଥିବାରୁ ତାଙ୍କ ନିର୍ବାଚନକୁ ଖାରଜ କରାଯାଉ ବୋଲି ଦେବାଶୀଷ ପ୍ରାର୍ଥନା କରିଛନ୍ତି । ମୋକିମ୍‌ଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଓ ତରଣୀକାନ୍ତ ବିଶ୍ୱାଳ ପରିଚାଳନା କରୁଛନ୍ତି ।

## ମା ଝାଞ୍ଜିରୀମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ଶକ୍ତି ଯଜ୍ଞ

କଟକ(ଭାସ୍କର ନ୍ୟୁଜ୍): ରାଜରାଜେଶ୍ୱରୀ ମା ଝାଞ୍ଜିରୀମଙ୍ଗଳାଙ୍କ ପୀଠରେ ୫ ଦିନ ବ୍ୟାପୀ ବିଶ୍ୱଶାନ୍ତି ଶକ୍ତି ଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ଜଳଯାତ୍ରା, ସୂର୍ଯ୍ୟପୂଜା, ମଣ୍ଡଳ ସ୍ଥାପନ, ରୁଦ୍ର ଯଜ୍ଞ, ହନୁମାନ ଜୟନ୍ତୀ, ନୃସିଂହ ଯଜ୍ଞ, ବିଷ୍ଣୁ ଯଜ୍ଞ, ଗଣେଷ ଯଜ୍ଞ ଆଦି ଆୟୋଜିତ ହେଉଅଛି । ଆସନ୍ତା ଶୁକ୍ରବାର ଦିନ ମାଙ୍କ ପୀଠରେ ପୂର୍ଣ୍ଣାହୁତି ଯଜ୍ଞ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

## 'ସ୍ୱଚ୍ଛତାର ବିରଳ ରାଜନେତା ତ୍ରିଲୋଚନ କାନୁନଗୋ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): 'ତ୍ରିଲୋଚନ କାନୁନଗୋ ରାଜ୍ୟସ୍ତରୀୟ ସ୍ମୃତି କମିଟି' ତରଫରୁ ଭୁବନେଶ୍ୱର ଜୟଦେବ ଭବନଠାରେ ତ୍ରିଲୋଚନ କାନୁନଗୋଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡ଼ିଶାର ସମସ୍ତ ରାଜନୈତିକ ଦଳ, ବୁଦ୍ଧିଜୀବୀ, ସାମ୍ବାଦିକ, ଜନପ୍ରତିନିଧି ତଥା ସକଳସ୍ତରର ଜନସାଧାରଣ ଯୋଗଦେଇ ଏହି ଲୋକପ୍ରିୟ ନେତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସ ଏଥିରେ ସଭାପତିତ୍ୱ କରିଥିଲେ। ତ୍ରିଲୋଚନ କାନୁନଗୋ ଗଣତାନ୍ତ୍ରିକ ବିଚାର, ମୂଲ୍ୟବୋଧ ଏବଂ ସାଧୁତା ଆଧାରରେ ଛାତ୍ର ଜୀବନରୁ ରେଭେନ୍ସା ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି, ପରବର୍ତ୍ତୀ ସମୟରେ ବିଧାୟକ, ସାଂସଦ, କଟକ ମ୍ୟୁନିସିପାଲିଟିର ଅଧ୍ୟକ୍ଷ, ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଆଦି ଦାୟିତ୍ୱକୁ ସ୍ୱଚ୍ଛତାର ସହିତ ନିର୍ବାହ କରିଥିଲେ। ସାଧୁତା, ସ୍ୱଚ୍ଛତା, ଜନବାଦୀ ବିଚାର ଏବଂ ମୂଲ୍ୟବୋଧ ତାଙ୍କ ରାଜନୈତିକ ଜୀବନର ମୂଳ ପୁଞ୍ଜି ଥିଲା। ଜଣେ ସଙ୍କୋଚ, ସତ୍ୟନିଷ୍ଠ ଓ ସ୍ପଷ୍ଟବାଦୀ ରାଜନେତା ଭାବେ ତ୍ରିଲୋଚନ କାନୁନଗୋ ଓଡ଼ିଶା ରାଜନୀତିରେ ଜଣେ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ବୋଲି ସ୍ମୃତିଚାରଣ କରି ସର୍ବଦଳୀୟ ସ୍ମୃତିସଭାରେ ବକ୍ତାମାନେ ମତପ୍ରକାଶ କରିଥିଲେ। ଏହି ସ୍ମୃତିସଭାରେ ବିଏମ୍‌ସି ମେୟର ସୁଲୋଚନା ଦାସ, ଶ୍ରୀକାନ୍ତ ଜେନା, ସୁରେଶ କୁମାର ରାଉତରାୟ, ପ୍ରଫୁଲ୍ଲ ସାମଲ, ପ୍ରଫୁଲ୍ଲ ସାମନ୍ତରା, ଶଶୀଭୂଷଣ ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ଡାକ୍ତର ଦାମୋଦର ରାଉତ, ରାଧାକାନ୍ତ ସେଠି, ପୃଥ୍ୱୀରାଜ ହରିଚନ୍ଦନ, ଅଭୟ ସାହୁ, ସୁରେଶ ପାଣିଗ୍ରାହୀ, ଯୁଧିଷ୍ଠିର ମହାପାତ୍ର, ଜ୍ୟୋତି ରଞ୍ଜନ ମହାପାତ୍ର, ରବି ବେହେରା, ଯତିଶ ମହାନ୍ତି, ପ୍ରମିଳା, ଶେକ ଅବଦୁଲ ୱାଲି, ଗଣେଶ୍ୱର ବେହେରା, ଯଜ୍ଞେଶ୍ୱର ବାବୁ, ଉମାବଲ୍ଲଭ ରଥ, ମୀର ଅହମ୍ମଦ ଅଲ୍ଲୀ, ଭୃଗୁ ବକ୍ସିପାତ୍ର, ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ନୀଳମଣି ସବ୍ଧୁ, ସଞ୍ଜୀବ ହୋତା, ଅଧାପକ ବିଶ୍ୱରଞ୍ଜନ, ଡଃ ଅରୁଣ କୁମାର ନାୟକ, ପ୍ରଭାସ ସାମନ୍ତରାୟ, କେଦାର ମିଶ୍ର, ସତ୍ୟଜିତ ମିଶ୍ର, ପ୍ରଭୁ କଲ୍ୟାଣ ମହାପାତ୍ର, ସୁଦର୍ଶନ ଦାସ, ମହେନ୍ଦ୍ର ପରିଡ଼ା, ରାମକୃଷ୍ଣ ପଣ୍ଡା, ଶିବାନନ୍ଦ ରାୟ, ପ୍ରଶାନ୍ତ ଶତପଥୀ, ଅମିୟ ପାଣ୍ଡବ, କୃଷ୍ଣଚନ୍ଦ୍ର ନାୟକ, ମାନସ ପଟ୍ଟନାୟକଙ୍କ ସମେତ ଅନେକ ରାଜନେତା, ବୁଦ୍ଧିଜୀବୀ ଏବଂ ତ୍ରିଲୋଚନ ପ୍ରେମୀ ଯୋଗ ଦେଇଥିଲେ।

## ନିରାଶ୍ରୟ ସେବାଶ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ନିଆରା ବିବାହ ଉତ୍ସବ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ଆଜି ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ପଂଚାୟତ ବେଲପଡ଼ା ଗ୍ରାମର ଜଣେ ଗରିବ ପରିବାରର ଝିଅ ଚାରିଛକ ଅଂଚଳର ନିରାଶ୍ରୟ ସେବାଶ୍ରମ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉଦ୍ୟମରେ ନିଆରା ଢ଼ଙ୍ଗରେ ବିବାହ ହୋଇପାରିଛନ୍ତି । ସୂଚନା ଅନୁଯାୟୀ, ନୟାହାଟ ନିକଟସ୍ଥ ପିଣ୍ଡୋଲ ଗ୍ରାମର ପ୍ରକାଶ ଚନ୍ଦ୍ର ମହାପାତ୍ରଙ୍କ ପୁଅ ଖବରଦାତା ମୃତ୍ୟୁଞ୍ଜୟ ମହାପାତ୍ର (ପପୁ)ଙ୍କ ସହିତ ଏହି ବିବାହ ସଂପନ୍ନ ହୋଇଛି । ବିଶେଷକରି ଏହି ଅନୁଷ୍ଠାନର ଏହିଭଳି କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ବେଶ୍ ପ୍ରଶଂସା କରିଛନ୍ତି । ଏଭଳି ଏକ ନିଆରା ବିବାହ ଖବର ଶୁଣି ଚାରିଛକ ଥାନାଧିକାରୀ ମମତା ବିଶ୍ୱାଳ ବିବାହ ଉତ୍ସବ ସ୍ଥଳରେ ପହଂଚି ବରକନ୍ୟାଙ୍କୁ ଆର୍ଶୀବାଦ କରିବା ସହ ଏପରି କାର୍ଯ୍ୟକୁ ପ୍ରଶଂସା ମଧ କରିଥିଲେ । ଏହି ବିବାହ ଉତ୍ସବରେ ନିରାଶ୍ରୟ ସେବାଶ୍ରମର ସଭାପତି ମାନସ ରଂଜନ ପାଢ଼ୀ, ସଂପାଦକ ସୁବାଷ ଚନ୍ଦ୍ର ସାହୁ, ଚାରିଛକ ପ୍ରେସ୍ କ୍ଲବ୍‌ର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡ଼ଃ ସନ୍ତୋଷ କୁମାର ମିତ୍ର, ଆଇଆରଏସ୍ ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, କାହ୍ନୁ ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି ବିବାହ କାର୍ଯ୍ୟରେ ସହଯୋଗ କରିବା ସହ ନବ ବିବାହିତ ଦମ୍ପତିଙ୍କୁ ଆର୍ଶୀବାଦ କରିଥିଲେ । କନ୍ୟା ପିତା ଭାବେ ନିରାଶ୍ରୟ ସେବାଶ୍ରମର ସଭାପତି ମାନସ ରଂଜନ ପାଢ଼ୀ ବିବାହ କରି କନ୍ୟାଦାନ କରିଥିଲେ ।

## ମହିଳା ସଂଗଠନ ପ୍ରୟାସ ତରଫରୁ ଶ୍ରମିକ ଦିବସ ପାଳିତ




କଟକ(ଭାସ୍କର ନ୍ୟୁଜ୍): ଆନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ସେବା ଓ ଆତ୍ମନିର୍ଭରଶୀଳ ମହିଳା ସଂଗଠନ 'ପ୍ରୟାସ' ଆନୁକୂଲ୍ୟରେ ସିଡିଏ ସେକ୍ଟର-୬ ସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ସଭାନେତ୍ରୀ ଶୁଭାକାଂକ୍ଷୀ ନନ୍ଦଙ୍କ ନେତୃତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ଦିନରାତିକୁ ଏକ କରି ନିଜର ଶ୍ରମ ଦାନକରି ସମାଜରେ ଆମକୁ ବଞ୍ଚିବାର ରାହା ଦେଖାଉଥିବା ସେହି ଶ୍ରମିକ ଭାଇ ଭଉଣୀ ମାନଙ୍କୁ ସମ୍ମାନିତ କରି ତାଙ୍କ ମୁଖରେ ଛୋଟିଆ ହସଟିଏ ଫୁଟାଇବା ଅନୁଷ୍ଠାନର ପ୍ରୟାସ । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଜଜ୍ ବୈସମୀୟାନ୍ କର, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଭାସ୍କର ଚନ୍ଦ୍ର ସାହୁ, ମୁଖ୍ୟବକ୍ତା ବିଶିଷ୍ଟ ସମାଜସେବୀ ଲେଖକ ତଥା ଭାଷାତତ୍ୱବିତ୍ ବାଳକୃଷ୍ଣ ବେହେରା, ବିଶିଷ୍ଟ ଅତିଥି ସିଡିଏ ସେକ୍ଟର -୬ ରାମମନ୍ଦିରର ସଂପାଦକ ଅକ୍ଷୟ କୁମାର ଆଚାର୍ଯ୍ୟ ବରେନୀୟ ଅତିଥି ରୂପେ ରାମମନ୍ଦିର ସଭାପତି ଦୟାନିଧି ଲେଙ୍କା ଯୋଗଦାନ କରି ଆମର ଶ୍ରମିକ ଭାଇ ଭଉଣୀ ମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ଆଗାମୀ ଦିନରେ ସେମାନଙ୍କ ଭବିଷ୍ୟତ ପାଇଁ ସ୍ୱର ଉତ୍ତୋଳନ କରିବା ପାଇଁ ଦିଗଦର୍ଶନ ଦେଇଥିଲେ । ଉପସଭାପତି ଲୋପାମୁଦ୍ରା ସାହୁ, ସଂପାଦିକା ସୁଧା ଘଡାଇ ସ୍ୱାଗତ ଭାଷଣ ତଥା ଅତିଥି ମାନଙ୍କର ପରିଚୟ ପ୍ରଦାନ କରି ମଞ୍ଚ ପରିଚାଳନା ଦାୟିତ୍ୱ ମଧ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କୁନି କୁନି ପିଲାମାନଙ୍କର ନୃତ୍ୟ ଚିତ୍ତାକର୍ଷକ ହୋଇଥିଲା। 'ପ୍ରୟାସ' ମହିଳା ସଂଗଠନର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହି ଅନ୍ୟମାନଙ୍କୁ ଉତ୍ସାହିତ କରିବା ସହିତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କୁ ମିଳିବ ଜେମା-ସାମନ୍ତ ସୃଜନୀ ପୁରସ୍କାର

କଟକ(ଭାସ୍କର ନ୍ୟୁଜ୍): ଶତାୟୁ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାସଂପନ୍ନ ଜେମା-ସାମନ୍ତ ସୃଜନୀ ପୁରସ୍କାର ଚଳିତ ବର୍ଷ ଲାଭ କରିବେ ବିଶିଷ୍ଟ ଲୋକପ୍ରିୟ ବିଜ୍ଞାନ ଲେଖକ ତଥା ଶିଶୁସାହିତ୍ୟ ସ୍ରଷ୍ଟା ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ । ମଇ ୭ ତାରିଖ ରବିବାର ସଂଧ୍ୟାରେ ଉତ୍କଳ ସାହିତ୍ୟ ସମାଜର ପ୍ରତିଷ୍ଠା ଦିବସରେ ଏହି ପୁରସ୍କାର ବାବଦରେ ସ୍ରଷ୍ଟାଙ୍କୁ ନଗଦ ୫୦ହଜାର ଟଙ୍କା, ତାମ୍ରପତ୍ର, ଅନୁଷ୍ଠାନର ପ୍ରତୀକ-ଚିହ୍ନ ଓ ଉପଢୌକନ ପ୍ରଦାନ କରାଯିବ। ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅନୁଷ୍ଠାନର କାର୍ଯ୍ୟ ନିର୍ବାହିକା ସମିତି ବୈଠକରେ ବିଚାରକମାନଙ୍କ ସୁପାରିଶକୁ ଗ୍ରହଣ କରି ଡାକ୍ତର ସ୍ୱାଇଁଙ୍କୁ ଏହି ପୁରସ୍କାର ପ୍ରଦାନ ପାଇଁ ସ୍ଥିର କରାଯାଇଥିଲା। ପୂର୍ବରୁ ଏହି ପୁରସ୍କାର ଦେବ୍ରାଜ ଲେଙ୍କା, ଡକ୍ଟର ଅର୍ଚ୍ଚନା ନାୟକ, ଡକ୍ଟର ପଦ୍ମଜ ପାଲ, ଡକ୍ଟର ସୁଲୋଚନା ଦାସ ଓ ପ୍ରଫେସର ବିଜୟ କୁମାର ଶତପଥୀ ଲାଭ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ମହାନ୍ ସ୍ରଷ୍ଟା ମନୋଜ ଦାସ ଏବଂ ଜେମା-ସାମନ୍ତ ପରିବାରଙ୍କ ଉଦ୍ୟମ କ୍ରମେ ଏହି ପୁରସ୍କାର ୨୦୧୮ ମସିହାରେ ପ୍ରଣୟନ ହୋଇଥିଲା। ପ୍ରତିଷ୍ଠା ଦିବସରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ସମ୍ମାନ ଡାକ୍ତର ନିରଞ୍ଜନ ତ୍ରିପାଠୀ, ଚିତରଞ୍ଜନ ରଣସିଂହ ଓ ଡକ୍ଟର ନିତ୍ୟାନନ୍ଦ ନାୟକ ଲାଭ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଅନୁଷ୍ଠାନ ପ୍ରତିଷ୍ଠା ଦିବସର ଅନୁଷ୍ଠାନର ବିଭିନ୍ନ ଶାଖାରେ ମଧ ପାଳନ କରାଯିବ ବୋଲି ଅନୁଷ୍ଠାନର ସାଧାରଣ ସଂପାଦକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସଂପାଦକ ଡକ୍ଟର ସୁନାମଣି ରାଉତ ଜଣାଇଛନ୍ତି।

## 'ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଚିହ୍ନଟ କରିବ ଫୁସଫୁସ ରୋଗ'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଚିହ୍ନଟ କରିବ ଫୁସଫୁସ୍ ସମ୍ବନ୍ଧୀୟ ବିଭିନ୍ନ ରୋଗ। ନିକଟରେ କିମ୍ସ-ଭୁବନେଶ୍ୱରର ଶିଶୁରୋଗ ବିଶେଷଜ୍ଞ ଡା. ନିର୍ମଳ କୁମାର ମହାକୁଡ଼ ଓ ଦେଶର ଅନ୍ୟ ପ୍ରମୁଖ ଅନୁଷ୍ଠାନର ବିଶେଷଜ୍ଞଙ୍କ ଦ୍ୱାରା ମିଳିତ ଗବେଷଣାରେ ଏହା ଦାବି କରାଯାଇଛି। ଏହି ଗବେଷଣାରେ ବାୟୋସାଇନ୍ସ ଓ ବାୟୋମେଡ଼ିକାଲ ଇଞ୍ଜିନିୟରିଂ ଆସୋସିଏଟ୍ ପ୍ରଫେସର ହେମଚନ୍ଦ୍ର ଝା, ଆଇଆଇଟି ଇନ୍ଦୋର ଗଣିତ ବିଭାଗ ଆସୋସିଏଟ୍ ପ୍ରଫେସର ଏମ୍ ତନବିର ଓ କୋଇଥ୍ରାମ୍ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ଡା. ସୁଚିତ୍ରା ପ୍ରମୁଖ ସାମିଲ ଅଛନ୍ତି। ନିକଟରେ ଏ ସମ୍ପର୍କରେ ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ଖବର ଅନୁସାରେ 'ଏଆଇ' ଦ୍ୱାରା ଫୁସଫୁସର ସିଟି-ସ୍କାନ୍ ରିପୋର୍ଟ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବାୟୋକେମିକାଲ୍ ପାରାମିଟରଗୁଡିକୁ ଭଲଭାବେ ବିଶ୍ଳେଷଣ କରିହେବ ବୋଲି ଦର୍ଶାଯାଇଛି। ଏହି ଅନୁସନ୍ଧାନରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସର ଅଧକ୍ଷ ଡା. ଅମ୍ବିକା ପ୍ରସାଦ ମହାନ୍ତିଙ୍କ ସମେତ ଡା. ଅମୃତ ମହାପାତ୍ର, ଡା. ପ୍ରୀତିନନ୍ଦା ପରିଡ଼ା ଏବଂ ଉପାଧ୍ୟକ୍ଷ ପ୍ରଫେସର ଶୁଭ୍ରାଂଶୁ ପାତ୍ରଙ୍କ ଅବଦାନ ରହିଥିବା ବେଳେ ଆଇଆଇଟି ଇନ୍ଦୋରର ଡା. ଝା ଏବଂ ଡା. ତନବିର ଓ କିଟ୍ ସ୍କୁଲ ଅଫ୍ ବାୟୋଟେକ୍ନୋଲୋଜିର ନମ୍ରତା ମିଶ୍ର, କାର୍ତ୍ତିକ ମୁଦୁଲି, ବିକାଶ ସାହୁ, ସେଲଭ୍ କୁମାର ଏଲାଙ୍ଗୋଭାନ୍ ପ୍ରମୁଖ ସହଯୋଗ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିମ୍ସ ଡାକ୍ତର ଏବଂ ଅନ୍ୟ ସହଯୋଗୀ ଡାକ୍ତରମାନଙ୍କୁ ସେମାନଙ୍କର ଅନୁସନ୍ଧାନ କାର୍ଯ୍ୟ ପାଇଁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଅଧିକରୁ ଅଧିକ ଅଭିନବ କାର୍ଯ୍ୟ କରିବାକୁ ଉତ୍ସାହିତ କରିଛନ୍ତି।

## 'ହୋମିଓପାଥି ସନ୍ଦର୍ଭରେ ହେବ ଉଚ୍ଚତର ଗବେଷଣା'

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହୋମିଓପାଥି ଏବଂ ଆଧୁନିକ ଔଷଧର ଯୁଗୋପଯୋଗୀ ସମ୍ମିଶ୍ରଣ ଏବଂ ଏହି ସନ୍ଦର୍ଭରେ ଉଚ୍ଚତର ଗବେଷଣା ନିମନ୍ତେ ଏମ୍ସ ଭୁବନେଶ୍ୱର ଏବଂ କେନ୍ଦ୍ରୀୟ ହୋମିଓପାଥି ଗବେଷଣା ପରିଷଦ(ସିସିଆରଏଚ୍) ମଧ୍ୟରେ ଗତକାଲି ବୁଝାମଣାପତ୍ର(ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି କ୍ଷେତ୍ରରେ ଉଚ୍ଚତର ଏବଂ ବ୍ୟାପକ ଗବେଷଣାର ପଥ ଉନ୍ମୁକ୍ତ କରିବାର ଯଥେଷ୍ଟ ଆଶା ରହିଛି। ଏପରିକି ହୋମିଓପାଥିର ଉପଯୁକ୍ତ ଉପଯୋଗ ସ୍ୱାସ୍ଥ୍ୟ ସେବାରେ ଆଧୁନିକ ଔଷଧର ଅତ୍ୟଧିକ ବ୍ୟବହାରକୁ ହ୍ରାସ କରିବା ନେଇ ବିଶ୍ୱାସ ଜନ୍ମିଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟକରୁଥିବା ସ୍ୱୟଂଶାସିତ ପ୍ରତିଷ୍ଠାନ ସିସିଆରଏଚ୍ ଏବଂ ଏମ୍ସ ଭୁବନେଶ୍ୱର ମିଳିତ ଭାବେ ଏମ୍ସରେ ଏକୀକୃତ ଚିକିତ୍ସା ବିଭାଗ ପ୍ରତିଷ୍ଠାର ପ୍ରକ୍ରିୟା ଆରମ୍ଭ ହୋଇଛି। ହୋମିଓପାଥିର ବୈଜ୍ଞାନିକ ପ୍ରାମାଣିକତା, ଅନୁସନ୍ଧାନ ଏବଂ ଆଧୁନିକ ଚିକିତ୍ସା ପଦ୍ଧତିରେ ଏହି ପ୍ରାଚୀନ ଔଷଧୀର ପ୍ରୟୋଗ ନେଇ ଏହି ବୁଝାମଣାରେ ବିଶେଷ ବ୍ୟବସ୍ଥା ରହିଥିବା ସୂଚନା ପ୍ରଦାନ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ହୋମିଓପାଥି ଚିକିତ୍ସା ନିମନ୍ତେ ପ୍ରମାଣଭିତ୍ତିକ ବ୍ୟବସ୍ଥିତ ଚିକିତ୍ସା ପଦ୍ଧତି ସୃଷ୍ଟି, ବିଭିନ୍ନ ରୋଗ ଉପଶମ କ୍ଷେତ୍ରରେ ଏହାର ପ୍ରୟୋଗଭିତ୍ତିକ କାର୍ଯ୍ୟଧାରା ସମ୍ପର୍କରେ ମଧ ଦୁଇ ଜାତୀୟ ଅନୁଷ୍ଠାନ ଗବେଷଣା କରିବେ ବୋଲି ପ୍ରକାଶ କରିଛନ୍ତି ଡ. ବିଶ୍ୱାସ। ଏମ୍ସ ଭୁବନେଶ୍ୱର ଭଳି ଜନାଦୃତ ଜାତୀୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ସହିତ ହୋମିଓପାଥି ସମ୍ପର୍କରେ ଅଧିକ ଗବେଷଣା ନିମନ୍ତେ ହୋଇଥିବା ବୁଝାମଣାକୁ ନେଇ ଖୁସିବ୍ୟକ୍ତ କରିଛନ୍ତି ସିସିଆରଏଚ୍‌ର ମହାନିର୍ଦ୍ଦେଶକ (ଡିଜି) ଡ. ସୁଭାଷ କୌଶିକ। ଦୁଇ ଅନୁଷ୍ଠାନର ମୁଖ୍ୟଙ୍କ ମଧ୍ୟରେ ହୋଇଥିବା ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ଅବସରରେ ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିନ୍(ଗବେଷଣା) ଡ. ସତ୍ୟଜିତ ମିଶ୍ର, ବରିଷ୍ଠ ମେଡିକାଲ୍ ଅଫିସର (ଆୟୁଷ ବିଭାଗ) ଡ. ପ୍ରଶାନ୍ତ କୁମାର ସାହୁ, ଡ. ଶୁଭାଷୀଶ ସରକାର, ଡ. ଆସିଫ ସର୍ଦ୍ଦାର, ଡ. ଅଜିତ କୁମାର ପ୍ରଧାନ, ସନ୍ତୋଷ କୁମାର ସାହୁଙ୍କ ସମେତ ସିସିଆରଏଚ୍ ରୁ ଡ. ଦେବଦତ୍ତ ନାୟକ, ଡ. ଉମାକାନ୍ତ ପୃଷ୍ଟି, ଡ. କରନ୍‌ପ୍ରୀତ ନହର ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରାଣୀ ଚିକିତ୍ସକଙ୍କ କୌଣସି ଛୁଟି ଏବଂ ଗଣଛୁଟି ଆବେଦନ ଗ୍ରହଣ ନକରିବା ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା କ୍ୟାଡରର ଭେଟେରିନାରୀ ଅଧିକାରୀମାନେ ଚଳିତ ମଇ ମାସ ୧ ତାରିଖରୁ ସରକାରୀ କାର୍ଯ୍ୟରେ ଡିଜିଟାଲ ବୟକଟ୍ କରୁଥିବା ଏବଂ ସମୂହ ଛୁଟି ଓ ସମୂହ ଇସ୍ତଫା ପ୍ରଦାନର ଯୋଜନା କରୁଥିବା ବିଭାଗର ଦୃଷ୍ଟିକୁ ଆସିଛି। ଏହି ପରିପ୍ରେକ୍ଷୀରେ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ସମସ୍ତ ଜିଲ୍ଲାପାଳମାନଙ୍କୁ ପତ୍ର ଲେଖି ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟକ୍ରମ ଉପରେ ଦୃଷ୍ଟି ରଖିବା ପାଇଁ ଅନୁରୋଧ କରିଛନ୍ତି । ଏଥି ସହିତ ପ୍ରମୁଖ ଶାସନ ସଚିବ ପରିସ୍ଥିତି ସଂପର୍କରେ ପ୍ରତିଦିନ ଜିଲ୍ଲାପାଳଙ୍କୁ ଅବଗତ କରାଇବା ପାଇଁ ସଂପୃକ୍ତ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସକମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଅନ୍ୟ ଏକ ପତ୍ରରେ ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଡ. ୟେଦୁଲ୍ଲା ବିଜୟ ନିର୍ଦ୍ଦେଶାଳୟ ଅଧୀନସ୍ଥ ସମସ୍ତ କାର୍ଯ୍ୟାଳୟର ମୁଖ୍ୟମାନଙ୍କୁ ନିର୍ଦ୍ଦେଶାଳୟର ବିନା ଅନୁମତିରେ ସଦର ମୁଖ୍ୟାଳୟ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ସେମାନଙ୍କ ଅଧୀନରେ କାର୍ଯ୍ୟରତ ଓଡ଼ିଶା ପ୍ରାଣୀ ଚିକିତ୍ସାସେବା କ୍ୟାଡର କର୍ମଚାରୀମାନଙ୍କର କୌଣସି ଛୁଟି ଏବଂ ଗଣଛୁଟି ଆବେଦନ ଗ୍ରହଣ ନକରିବା ପାଇଁ କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରାଣୀଚିକିତ୍ସା ସେବା କ୍ୟାଡର ଅଧିକାରୀଙ୍କୁ ଜନସାଧାରଣଙ୍କ ଶାନ୍ତି ଓ ସ୍ୱାର୍ଥ ବ୍ୟାହାତ ହେଉଥିବା କୌଣସି ଆନ୍ଦୋଳନ, ବିକ୍ଷୋଭ, ଶୋଭାଯାତ୍ରାରେ ସାମିଲ ନହେବା ପାଇଁ କଡା ଚେତାବନୀ ଦିଆଯାଇଛି । ଏଥି ସହିତ କୌଣସି ଡିଜିଟାଲ୍ ସରକାରୀ କାର୍ଯ୍ୟରୁ କର୍ମଚାରୀମାନେ ଦୂରେଇ ରହିବା '୫-ଟି' ଉପକ୍ରମର ବିରୁଦ୍ଧାଚରଣ କରୁଥିବାରୁ ଏଥିରୁ ବିରତ ରହିବା ପାଇଁ ନିର୍ଦ୍ଦେଶକ ଅଧିକାରୀମାନଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ଏ ଦିଗରେ କୌଣସି ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିର୍ଦ୍ଦେଶକ ଅବଗତ କରାଇଛନ୍ତି ।

## ଖ୍ରୀଷ୍ଟ କଲେଜ ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

କଟକ(ଭାସ୍କର ନ୍ୟୁଜ୍): ଖ୍ରୀଷ୍ଟକଲେଜ ପକ୍ଷରୁ ପଥଚାରୀମାନଙ୍କ ଅଂଶୁଘାତ ନିବାରଣ ପାଇଁ ଏକ ଜଳ ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କଲେଜ ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର ଓ ଅଧକ୍ଷା ମଧୁମିତା ପାତ୍ର ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖ୍ରୀଷ୍ଟକଲେଜର ଶିକ୍ଷକ ସଂଘ, ମୋ କଲେଜ ଅଭିଯାନ, ଏନ୍‌ଏସ୍‌ଏସ୍, ୟୁଥ୍ ରେଡ୍‌କ୍ରସ୍, ଏନ୍‌ସିସି ଓ ଯୁବସଂସ୍କାର ଶାଖାର କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା ସମିତି ସଂପାଦକ ବିକାଶ ଚନ୍ଦ୍ର ରାଉତ, ସଦସ୍ୟ ସୌମେନ୍ଦ୍ର ଦାସ, ଉପାଧକ୍ଷା ଡଃ କ୍ଷଣପ୍ରଭା ନନ୍ଦ, ଡଃ ଯୋଗଶଙ୍କର ମହାପ୍ରଶସ୍ତ, ଡଃ ପ୍ରଶାନ୍ତି କୁମାର ମହାନ୍ତି, ଅଧାପକ ଶୋଭନ ପଣ୍ଡା, ଅଧାପକ ଅଶୋକ କୁମାର ସାହୁ, ଡଃ ସାରଦା ପ୍ରସାଦ କର, ଡଃ ସ୍ୱାତୀ ମହାନ୍ତି, ଡଃ ଜ୍ଞାନେଶ୍ୱର ରଥ ପ୍ରମୁଖ ଯୋଗଦେଇଥିଲେ।

## ନିମ୍ନମାନର ଚେକ୍‌ଡେମ୍ ନିର୍ମାଣ କାର୍ଯ୍ୟ ଅଭିଯୋଗ
# ନିର୍ମାଣ ସ୍ଥାନକୁ ଆସୁନାହାନ୍ତି ବିଭାଗୀୟ ଅଧିକାରୀ



ସଇଁନ୍ତଲା, (ଭାସ୍କର ନ୍ୟୁଜ୍): ଚାଷ ଜମିରେ ଜଳ ଯୋଗାଇବା ଓ ଖରା ଦିନେ କନ୍ଧକେଲ ଗାଁ ର ଚାଷି ଓ ସାଧାରଣ ଲୋକେ କିପରି ଭାବେ ଜଳ ର ଅସୁବିଧା ନ ହେବେ ତାହା ନେଇ ରାଜ୍ୟ ସରକାର ୪୧ ଲକ୍ଷ ଟଙ୍କା ବିନିଯୋଗ କରି କନ୍ଧକେଲ ଗାଁ ପଞ୍ଚାୟତ ବାବା ମଠ ଜୋର ନିକଟରେ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଦ୍ୱାରା ଏକ ଚେକ ଡେମ ନିର୍ମାଣ କରିବା ପାଇଁ ଯୋଜନା କରିଥିବା ବେଳେ ଉକ୍ତ ଡେମ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ଟିଟିଲାଗଡ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ଦ୍ୱାରା ଟେଣ୍ଡର ପାଇଁ ଆହ୍ୱାନ କରାଯାଇଥିଲା। ଏଥିରେ ବଲାଙ୍ଗୀର ର ଜଣେ ଠିକାଦାର କୁ ଏହି ପ୍ରକଳ୍ପ କାମ କରିବା ପାଇଁ କ୍ଷୁଦ୍ର ଜଳ ସେଚନ ପ୍ରକଳ୍ପ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ସମ୍ପୃକ୍ତ ଠିକାଦାର ଓ ଉକ୍ତ ବିଭାଗ ର ଅଧିକାରି ମାନେ ବହୁତ କମ ଦିନରେ ତରବର ହେଇ କାମ ସାରିବା ପାଇଁ ବ୍ୟବସ୍ଥା କରୁଥିବା ବେଳେ କାମଟି ନିମ୍ନ ମାନର ହେଉଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଲୋକେ। କାମ ଆରମ୍ଭ ରୁ ୧୬ ଏମଏମ ଲୁହା ଛଡ ଯାଗାରେ ୧୨ ଏମଏମ ଓ ୧୨ ଏମଏମ ଯାଗାରେ ୮ ଏମଏମ ଛଡ ବ୍ୟବହାର ହେଉଥିବା ବେଳେ ଏସଟିମେଟ ରେ କିଛି ନିର୍ଦ୍ଦିଷ୍ଟ କମ୍ପାନୀ ର ସିମେଣ୍ଟ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ ଥିଲେ ସୁଦ୍ଧା ନିମ୍ନ ମାନର ସିମେଣ୍ଟ ବ୍ୟବହାର ସାଙ୍ଗ କୁ ନିର୍ମାଣ ହେଉଥିବା ଚେକ ଡେମ ରେ ଭଲ ଭାବେ ପାଣି ନ ଦେବାରୁ ଡେମ ଟି ଫାଟି ବସିଲାଣି। ଅନ୍ୟ ପଟେ ସମ୍ପୃକ୍ତ ଠିକାଦାର ଜଣକ ଡେମ ନିର୍ମାଣ କାମ ରେ ନଦୀ ବାଲି ବଦଳରେ ପାଖ ଜୋରରୁ ଚୋରାଚାଲାଣ ଭାବେ ଜୋର ବାଲି ବ୍ୟବହାର କରୁଛନ୍ତି ଯାହାକୁ ସ୍ଥାନୀୟ ଲୋକେ ସ୍ଥାନୀୟ ତହସିଲଦାରଙ୍କ ନଜର ରେ ଆଣିଥିଲେ ପରେ ତହସିଲଦାର ମୁନସାଫିଲ କେରକେଟା ଉକ୍ତ ସ୍ଥାନକୁ ଜାଇ ଘଟଣା ର ତଦାରଖ କରିବା ପାଇଁ ଉକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ମଧ ଦେଇଥିଲେ। ନିମ୍ନମାନର କାମ ନେଇ ସମ୍ପୃକ୍ତ ଠିକାଦାର ଜଣକଙ୍କୁ ସ୍ଥାନୀୟ ଲୋକେ ଘେରାଉ ମଧ କରିଥିଲେ ଘେରାଉ ପରେ ଠିକାଦାର ଜଣକ ଭଲ ଭାବେ କାମ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରତିଶୃତି ଦେଇଥିଲେ ହେଲେ ପରେ ଠିକାଦାର ଜଣକ ଡେମ ନିର୍ମାଣ କାମଟି ନିମ୍ନ ମାନ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଯୋଗାଯୋଗ କରିବା ରୁ ଧାରାଛୁଆ ଦେଉନଥିବା କହିଛନ୍ତି ସ୍ଥାନୀୟ ଲୋକେ। ଅନ୍ୟପଟେ ଜଳ ସମ୍ପଦ ମନ୍ତ୍ରୀ ଚଳିତ ବର୍ଷ ୬୧୯ ଟି ଚେକ ଡେମ ନିର୍ମାଣ ସହ ଭୂତଳ ଜଳ ପାଇପ ଲାଇନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଲକ୍ଷ ରଖାଯାଉଥିବା ବେଳେ ଖୁଦ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ ଙ୍କ ଅଞ୍ଚଳ ରେ ଏହିପରି ନିମ୍ନ ମାନର ଚେକ ଡେମ ହୋଇଥିବା ଆଲୋଚନାର ବିଷୟ ପାଲଟିଛି। ଅନ୍ୟପଟେ ଡେମ ନିର୍ମାଣ ହେଉଥିବା ରାସ୍ତା ଆଖପାଖ ରେ କନ୍ଧକେଲ ଗାଁ ପଞ୍ଚାୟତ ଦ୍ୱାରା ମନରେଗା ଯୋଜନାରେ ପାନି ସଂଚୟ ପାଇଁ ଗାତ ଖୋଲା ହୋଇଥିଲା ହେଲେ ଠିକାଦାର ଜଣକ ସେ ରାସ୍ତା ରେ ଜେସିବି ଗାଡ଼ି ବ୍ୟବହାର କରିବା ଦ୍ୱାରା ଗାତ ଗୁଡ଼ିକ ପୋତି ହୋଇଗଲାଣି ଯାହାକି ବିଭାଗୀୟ ଯନ୍ତ୍ରୀ ମନରେଗା ଶ୍ରମିକ ମାନଙ୍କ ପାରିଶ୍ରମିକ ପାଇଁ ବିଲ କଲା ବେଳେ କେତୋଟି ଗାତ ଖୋଲାହୋଇଥିଲା, ଲମ୍ବ ଓ ଉଷାର କେତେ ଥିଲା ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ ଯା ଫଳରେ ମନରେଗା ଶ୍ରମିକ ମାନଙ୍କ ମଧ୍ୟରେ ଆସୋନ୍ତୋଷ ଦେଖାଦେଇଛି ଓ ମନରେଗା ଶ୍ରମିକ ମାନେ ଉକ୍ତ କାମରେ ସଠିକ ପାଉଣା ପାଇ ପାରିବେ କି ନାହି ତାହା କୁ ନେଇ ଶ୍ରମିକ ମାନଙ୍କ ମନରେ ପ୍ରଶ୍ନ ସୃଷ୍ଟି କରିଛି। ଲକ୍ଷ ଲକ୍ଷ ଟଙ୍କା ର ଚେକ ଡେମ ନିର୍ମାଣ ରେ ଦୁର୍ନିତି ହେଉଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି କେବେ ପଡ଼ିବ ଓ ସଂପୃକ୍ତ ଠିକାଦାର ବିରୋଧ ରେ କେବେ କାର୍ଯ୍ୟାନୁଷ୍ଠାନ ହେବ ତାହା ଦେଖିବା କୁ ବାକି ରହିଲା।ଏନେଇ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବା ରୁ ଯୋଗାଯୋଗ ହୋଇନଥିଲା ପରେ ଟିଟିଲାଗଡ ଉପଜିଲ୍ଲାପାଳ ଦୟାମୟ ପାଢ଼ୀ କୁ ପଚାରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।